
# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଜାନୁଆରୀ ୩/୨୦୨୬ (୧୨ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 3/2026 Page 12 ₹ 7.00 | SAMBALPUR

୫୨ଶ ଭାଗ ୪୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 41 ମୂଲ୍ୟ₹୭/-

## ୨୪ ଗୁଣା ବଢ଼ିଲା ପାରିଶ୍ରମିକ

ସପୋର୍ଟିଂ ଅଭିନେତ୍ରୀରୁ ନାୟିକା ସାଜିଥିବା ତୃପ୍ତି ଡିମ୍ରୀଙ୍କ ପାରିଶ୍ରମିକ ଏବେ ୨୪ ଗୁଣ ବଢ଼ିଛି। 'ସ୍ପିରିଟ୍' ଫିଲ୍ମ ପାଇଁ ସେ ୪ରୁ ୬ କୋଟି ଟଙ୍କା ପାଇବେ।

୦୮

୧୨

## ମାରିଜନେ ମହିଳା ହକି ମୁଖ୍ୟ କୋଚ୍

ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି ନେଦରଲାଣ୍ଡ୍ସର ଜୋର୍ଡ ମାରିଜନେ।





ପୁରୀରେ ଶୁକ୍ରବାର ସକାଳେ ସିରିଜ ଦୁର୍ଘଟଣାରେ ନାବାଳକଙ୍କ ମୃତ୍ୟୁକୁ ନେଇ ଉତ୍ତ୍ୟକ୍ତଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଟାୟାର ଜାଳିବା ସହ ୩ ଘଣ୍ଟା ଧରି ରାସ୍ତା ଅବରୋଧ କରିଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି) (ରିପୋର୍ଟ: ପୃଷ୍ଠା-୩)

# ଇରାନ୍‌ରେ ଖାମନେଇ ବିରୋଧୀ ବିକ୍ଷୋଭ: ୭ ମୃତ

ହମାସ ସମର୍ଥନରେ ବାହାରି ଗତବର୍ଷ ଜୁନ୍‌ରେ ଇସ୍ରାଏଲ ସହ ୧୨ ଦିନ ଯୁଦ୍ଧ କରିଥିବା ଇରାନ୍ ଏବେ ନିଜ ଦେଶରେ ଗୃହଯୁଦ୍ଧ ଭଳି ସ୍ଥିତିକୁ ସାମ୍ନା କରିଛି। ଦରଦାମ ବୃଦ୍ଧି, ଆମେରିକୀୟ ଡଲାର ତୁଳନାରେ ରିଆଲର ଅବମୂଲ୍ୟାୟନ, ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ବିରୋଧ କରି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଆର୍ଥିକ କଟକଣା ଲଗାଇବା ଓ ଗଲା ଡିସେମ୍ବରରେ ମୁଦ୍ରାସ୍ଫୀତି ୪୨.୫%ରେ ପହଞ୍ଚିଥିବା ବେଳେ ତେହରାନ୍ ଅର୍ଥନୀତି ସ୍ଥାଣୁ ପାଲଟିଥିବାରୁ ନାଗରିକମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଇରାନ୍‌ର ସୁପ୍ରିମ ଲିଡର ଆୟାତୋଲା ଅଲି ଖାମନେଇଙ୍କୁ ହଟାଇବା ପାଇଁ ବିକ୍ଷୋଭ ଜୋରଦାର ହୋଇଛି। ପୋଲିସ ଗୁଳିରେ ଇତିମଧ୍ୟରେ ୭ ଜଣ ପ୍ରତିବାଦକାରୀଙ୍କ ମୃତ୍ୟୁ ଘଟିଲାଣି। ବିକ୍ଷୋଭକାରୀଙ୍କୁ ଗୁଳି କଲେ ଆମେରିକା ହସ୍ତକ୍ଷେପ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେବା ପରେ ଭୂରାଜନୈତିକ ସ୍ଥିତି ଭିନ୍ନ ମୋଡ଼ ନେଉଛି।

### ଆନ୍ଦୋଳନକାରୀଙ୍କୁ ଗୁଳି କଲେ ହସ୍ତକ୍ଷେପ କରିବୁ: ଟ୍ରମ୍ପ



ଡୋନାଲ୍ଡ ଟ୍ରମ୍ପ



ଆୟାତୋଲା ଅଲି ଖାମନେଇ

**ତେହରାନ/ୱାଶିଂଟନ,୨।୧**

ଇରାନ୍‌ରେ ଦରଦାମ୍ ବୃଦ୍ଧି ସାଙ୍ଗକୁ ସ୍ଥାନୀୟ ମୁଦ୍ରା ରିଆଲର ଅବମୂଲ୍ୟାୟନ ଯୋଗୁ ଦେଶରେ ଗୁରୁତର ସଙ୍କଟ ସୃଷ୍ଟି ହୋଇଛି। ଏଥିରେ ବ୍ୟଥିତ ଦେଶବାସୀ ଇରାନ ସୁପ୍ରିମ ଲିଡର ଆୟାତୋଲା ଅଲି ଖାମନେଇଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ଇସ୍‌ଲାମିକ୍ ରିପବ୍ଲିକ୍‌ର ଗ୍ରାମାଞ୍ଚଳ ପ୍ରଦେଶରେ ସୁରକ୍ଷା କର୍ମୀ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ହୋଇଛି। ଖାମନେଇଙ୍କ ନେତୃତ୍ୱାଧୀନ ଇରାନର ଇସ୍‌ଲାମୀୟ ଶାସନ ବିରୋଧରେ ବିକ୍ଷୋଭକୁ ଦମନ କରିବା ପାଇଁ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବାରୁ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବା ବିଶ୍ୱାସ କରାଯାଉଛି। ତେହରାନ୍‌ରେ ଇରାନ କର୍ତ୍ତୃପକ୍ଷ ଗୁରୁବାର ରାତିରେ ୩୦ ଜଣଙ୍କୁ ଆଇନ ଶୃଙ୍ଖଳା ବ୍ୟାହତ କରିବା ଅଭିଯୋଗରେ ଗିରଫ କରିଛନ୍ତି। ମୁଲ୍ଲା ଇରାନ ଛାଡ଼ନ୍ତୁ ବୋଲି ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା କେତେକ ଭିଡିଓରେ ☞ପୃଷ୍ଠା-୪

# ୧୦ରୁ ଟେଷ୍ଟିଂ ସେଣ୍ଟର, ଆର୍‌ଟିଓରେ ମିଳିବ ଗ୍ରୀନ୍ ଷ୍ଟିକର

**ଭୁବନେଶ୍ୱର,୨।୧(ସୁନିତ୍ ମିଶ୍ର)**

ରାଜ୍ୟରେ ବର୍ତ୍ତମାନ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି)କୁ ନେଇ ସାଧାରଣ ଲୋକମାନଙ୍କ ଭିତରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଛି। ଯେଉଁମାନେ ବୈଧ ପିୟୁସିସି ପାଇସାରିଛନ୍ତି, ସେମାନଙ୍କୁ ଗ୍ରୀନ୍ ଷ୍ଟିକର ଲଗାଇବା ପାଇଁ ସରକାର ନୂଆ କରି 'ଗ୍ରୀନ୍ ଷ୍ଟିକର' ବ୍ୟବସ୍ଥା କରିଛନ୍ତି। ତେବେ ଗ୍ରୀନ୍ ଷ୍ଟିକର କେବେ ଏବଂ କେଉଁଠାରେ ମିଳିବ ତାକୁ ନେଇ ଏକ ପ୍ରକାର ଦ୍ୱନ୍ଦ୍ୱ ରହିଥିଲା। ନିକଟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ☞ପୃଷ୍ଠା-୪


DSPL - 454

ଓଡ଼ିଶା ଶାସନ

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଆମ ରାଜ୍ୟରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଆୟୋଜିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ଡିସେମ୍ବର ମାସ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇଥିବା ଏହି ମେଳା ଜାନୁଆରୀ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଚାଲିବ । ରାଜ୍ୟର ଗୋପାଳକ, ପ୍ରାଣିପାଳକ, ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀମାନେ ପ୍ରାଣିପାଳନ ଓ ମତ୍ସ୍ୟଚାଷ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବ୍ୟବହାର ଜରିଆରେ ସେମାନଙ୍କର ଆୟବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ମେଳା ଆୟୋଜିତ ହେଉଛି । ଏହି ମେଳା ମାଧ୍ୟମରେ ରାଜ୍ୟର ତୃଣମୂଳ ସ୍ତରରେ ଥିବା ପ୍ରାଣିପାଳକ ଓ ମତ୍ସ୍ୟଚାଷୀ ବିଭିନ୍ନ ସରକାରୀ ଯୋଜନାର ସୁଫଳ ବିଷୟରେ ସଚେତନ ହୋଇପାରିବେ ।

ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଏହି ମେଳା ଦୁଇଦିନବ୍ୟାପୀ ଆୟୋଜିତ ହେଉଛି । ଆପଣମାନେ ଜିଲ୍ଲାସ୍ତରୀୟ ମେଳାରେ ସାମିଲ ହୁଅନ୍ତୁ । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଭଳି ଅନେକ ନୂତନ ଯୋଜନା ଆମ ସରକାର ଆପଣଙ୍କ ହିତ ପାଇଁ ଆରମ୍ଭ କରିଛନ୍ତି । ସେ ବିଷୟରେ ଜାଣି ନିଜ ରୋଜଗାରରେ ଉନ୍ନତି ଆଣିବା ସହ ରାଜ୍ୟର ବିକାଶରେ ସହାୟକ ହେବା ପାଇଁ ଏ କ୍ଷେତ୍ରରେ କାମ କରୁଥିବା ସମସ୍ତ ଭାଇଭଉଣୀ ମାନଙ୍କୁ ମୋର ଅନୁରୋଧ ।

ଏହି ଅବସରରେ ମୁଁ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ମୋହନ ଚରଣ ମାଝୀ

OIPR-06014/13/0080/2526


# ଶିକ୍ଷିତ ଲୋକେ ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ସାମିଲ ହେବା ବିପଜ୍ଜନକ: ରାଜନାଥ

**ଉଦୟପୁର,୨।୧(ପି.ଟି.)**

ଉଚ୍ଚଶିକ୍ଷିତ ଲୋକେ ବହୁସଂଖ୍ୟାରେ ସମାଜବିରୋଧୀ ଏବଂ ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ସାମିଲ ହେବା ଏକ ବିପଜ୍ଜନକ ଧାରା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶୁକ୍ରବାର କହିଛନ୍ତି। ସେମାନଙ୍କ ପାଇଁ ଦେଶରେ ହ୍ୱାଇଟ୍ କଲାର ଆତଙ୍କବାଦ ମୁଣ୍ଡ ଟେକିଛି। ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ କାରବୋମା ବିସ୍ଫୋରଣ ଘଟଣାରେ ଡାକ୍ତରମାନେ ସମ୍ପୃକ୍ତ ଥିଲେ। ଉଚ୍ଚଶିକ୍ଷିତମାନେ ସମାଜ ଏବଂ ଦେଶ ବିରୋଧରେ କାର୍ଯ୍ୟ କରୁଥିବା ରାଜନାଥ ରାଜସ୍ଥାନର ଉଦୟପୁରସ୍ଥିତ ଭୁପାଲ ନୋବେଲ୍ସ ୟୁନିଭର୍ସିଟିର ୧୦୪ତମ ପ୍ରତିଷ୍ଠା ଦିବସ ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି। ଯେଉଁମାନେ ପ୍ରେସ୍କ୍ରିପ୍‌ଶନ ଉପରେ ଆର୍‌ଏକ୍ସ ଲେଖିଥାନ୍ତି, ଏବେ ସେମାନଙ୍କ ହାତରେ ଆର୍‌ଡିଏକ୍ସ। ତେଣୁ ଜ୍ଞାନ ସହିତ ମୂଲ୍ୟବୋଧ ଏବଂ ଚରିତ୍ରର ଆବଶ୍ୟକତା ☞ପୃଷ୍ଠା-୪

# ଆଜି ଦେଖାଯିବ ବର୍ଷର ପ୍ରଥମ ସୁପରମୁନ୍

**ଭୁବନେଶ୍ୱର,୨।୧(ସୁଚିସ୍ମିତା ସାହୁ)**

ପ୍ରତ୍ୟେକ ବର୍ଷ ଆକାଶରେ ୨ରୁ ୪ଥର ସୁପରମୁନ୍ ବା ସବୁଠୁ ବଡ଼ ଓ ଉଜ୍ଜ୍ୱଳ ଚନ୍ଦ୍ର ଦେଖିବାର ସୁଯୋଗ ମିଳିଥାଏ। ୨୦୨୬ ଆରମ୍ଭରୁ ଅର୍ଥାତ ଶନିବାର ପୌଷ ପୂର୍ଣ୍ଣମୀରେ ଚଳିତବର୍ଷର ପ୍ରଥମ ସୁପରମୁନ ଦୃଶ୍ୟମାନ ହେବ। ଏହି ପୂର୍ଣ୍ଣମୀ ସମୟରେ ଚନ୍ଦ୍ର ପୃଥିବୀର ପ୍ରାୟ ୩ ଲକ୍ଷ ୬୨ ହଜାର କି.ମି. ନିକଟରେ ରହିବ। ସାଧାରଣ ଦିନର ପୂର୍ଣ୍ଣ ଚନ୍ଦ୍ରଠାରୁ ପ୍ରାୟ ୧୪% ବଡ ସହ ୩୦% ଉଜ୍ଜ୍ୱଳ ଦେଖାଯିବ। ସେହିପରି ଦ୍ୱିତୀୟ ସୁପରମୁନ ନଭେମ୍ବର ୨୪ ଏବଂ ଶେଷ ସୁପରମୁନ ଡିସେମ୍ବର ୨୩ରେ ଦେଖିବାକୁ ମିଳିବ। ସେହିଭଳି ୨୦୨୬ ମସିହାରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଚାପର ପରୀକ୍ଷା




# ଓଡ଼ିଶାରେ କଷ୍ଟ, ଛତିଶଗଡ଼ରେ ସହଜ

**ଖରିଫ ଧାନ କିଣା**

**ଛତିଶଗଡ଼ରେ ପ୍ୟାକ୍ସ, ଓଡ଼ିଶାରେ କିଣୁଛି ଯୋଗାଣ ବିଭାଗ**

ଭବାନୀପାଟଣା,୨।୧(ଉତ୍ତମ କୁମାର ଦାଶ)

ପୂର୍ବରୁ ଜାନୁୟାରୀ ମାସରେ ରାଜ୍ୟରେ ଖରିଫ ଧାନ କିଣା ଶେଷ ହେଉଥିବାବେଳେ ଏଥର କିନ୍ତୁ ଅଧ ପ୍ରତିଶତ ସରିନାହିଁ। ଯାହାକୁ ନେଇ ସମଗ୍ର ରାଜ୍ୟରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ଧାନ କିଣା ଓଡ଼ିଶାରେ କଷ୍ଟ ହେଉଥିବାବେଳେ ପଡୋଶୀ ଛତିଶଗଡ଼ରେ କିନ୍ତୁ ସହଜ ଦେଖିବାକୁ ମିଳିଛି। ଉଭୟ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟରେ ବର୍ତ୍ତମାନ ଖରିଫ ଧାନ କିଣା ପ୍ରକ୍ରିୟା ଚାଲୁଥିବା ବେଳେ ଓଡ଼ିଶା ତୁଳନାରେ ଛତିଶଗଡ଼ରେ ଚାଷୀଙ୍କୁ ମିଳୁଛି ବଡ ଆସ୍ୱସ୍ତି। ଏହାର ଉଦାହରଣ ଭାବେ ଆମେ ଛତିଶଗଡ ରାଜ୍ୟ ଗରିଆବନ୍ଧ ଜିଲା ଦେଭୋଗ ଧାନ ମଣ୍ଡିର ଦୃଶ୍ୟକୁ ନେଇପାରିବା। ଏହି ମଣ୍ଡିରେ ପ୍ୟାକ୍ସ ଜରିଆରେ ରାଜ୍ୟ ସରକାର ଧାନ କିଣୁଛନ୍ତି। ଓଡ଼ିଶା ତୁଳନାରେ ଏଠାକାର ବ୍ୟବସ୍ଥା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ଏଠାରେ ନିଜ ଧାନ ବିକ୍ରି ଟୋକନ ନ ପାଇଥିବା ଜଣେ ଚାଷୀ ଧାନ ବିକିବାକୁ ଆସିଲେ ମଣ୍ଡିରେ ତାଙ୍କ ନାମ ଏଣ୍ଟ୍ରି ହୋଇଥାଏ। ପରେ ତାଙ୍କ ଫଟୋ ଉଠାଯିବା ସହ ଧାନର ମାନ ନିର୍ଣ୍ଣୟ କରାଯାଇ ଧାନ କିଣାଯାଇଥାଏ। ଏଠାରେ ଚାଷୀଙ୍କୁ ମାତ୍ର ଏକଘଣ୍ଟା ଅପେକ୍ଷା କରିବାକୁ ପଡିଥାଏ। ଧାନ ବିକିସାରି ଘରକୁ ଯିବାର ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଆସିଥାଏ। ସବୁଠାରୁ ବଡ କଥା ହେଲା ଏଠି ବିନା କୌଣସି କଟ୍‌ନୀରେ ଧାନ ଉଠେ। ସେଠାକାର ମଣ୍ଡିରେ ନିୟୋଜିତ ପ୍ୟାକ୍ସ ଚାଷୀଙ୍କ ଧାନ କିଣି ମଣ୍ଡି ଗୋଦାମରେ ଗଚ୍ଛିତ କରି ରଖିଥାଏ ଓ ପର୍ଯ୍ୟାୟକ୍ରମେ ତାକୁ ମିଲକୁ ଡେଲିଭରି ଦେଇଥାଏ। ଛତିଶଗଡକୁ ଲାଗିଛି ଓଡିଶାର କଳାହାଣ୍ଡି, ନୂଆପଡା, ନବରଙ୍ଗପୁର ଭଳି ଜିଲା। ମଣ୍ଡି ଚାଲିଲେ ଛତିଶଗଡ ରାଜ୍ୟର ଧାନ ଦଲାଲଙ୍କ ଆଖି ସବୁବେଳେ ଓଡିଶା ଉପରେ ପଡିଥାଏ। କାରଣ ସେମାନେ ଜାଣନ୍ତି ଓଡ଼ିଶା ଚାଷୀମାନେ ଧାନ ବିକ୍ରି ସମୟରେ ମଣ୍ଡିରେ କିଭଳି ଅସୁବିଧାର ସମ୍ମୁଖୀନ ହୁଅନ୍ତି। ସେଥିପାଇଁ ସେମାନେ ପହଞ୍ଚିଯାଇଥାନ୍ତି ଏହିସବୁ ଜିଲାର ଧାନ ଖଳାରେ। ଆଉ ଚାଷୀମାନଙ୍କ ସହ ମୁଲଚାଲ କରି ଅଣ୍ଡର ରେଟରେ ଧାନ କିଣି ଆଣନ୍ତି। ବିଭିନ୍ନ ସମୟରେ ଏହିସବୁ ଦଲାଲମାନେ ଧରା ମଧ୍ୟ ପଡନ୍ତି। ଆଉ ଧରା ପଡିଲେ ଧାନ ଗାଡି ଜବତ ହେବା ସହ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଥାଏ। ଯେଉଁମାନେ ଖସିଯାଆନ୍ତି ସେମାନେ ସହଜରେ ଓଡିଶା ଧାନକୁ ନିଜ ଲୋକ ନାରେ ଛତିଶଗଡ ଧାନ ମଣ୍ଡିରେ ବିକ୍ରି କରିଥାନ୍ତି। ଛତିଶଗଡରେ ସରକାର ଏକର ପ୍ରତି ୨୧ କୁଇଣ୍ଟାଲ ଧାନ ବିକ୍ରି ଟୋକନ ମିଳୁଥିବା ବେଳେ ସେଠାରେ ଏକର ପିଛା ୧୫ କୁଇଣ୍ଟାଲ ଧାନ ଅମଳ ହୁଏ। ସେଥିପାଇଁ ଦଲାଲମାନଙ୍କୁ ତାହା ବେଶ ସୁହାଇଥାଏ ଏବଂ ସହଜରେ ସେମାନେ ସେହି ଧାନକୁ ବିକିବାରେ ସମର୍ଥ ହୁଅନ୍ତି। ଓଡିଶାର ଚାଷୀମାନେ ମଣ୍ଡି ଝିଂଝଟରୁ ମୁକ୍ତି ପାଇବା ପାଇଁ କମ ଦରରେ ଛତିଶଗଡ ଦଲାଲକୁ ଧାନ ଟେକି ଦେବା ପାଇଁ କୁଣ୍ଠାବୋଧ କରନ୍ତି ନାହିଁ। ଯାହାର ଫାଇଦା ଛତିଶଗଡ ପାଉଥିବା ବେଳେ ଓଡିଶା କିନ୍ତୁ କ୍ଷତି ସହେ। ଉଭୟ ଓଡିଶା ଓ ଛତିଶଗଡରେ ବର୍ତ୍ତମାନ ଭାଜପା ସରକାର ଥିବାବେଳେ ଏହି ଦୁଇ ରାଜ୍ୟରେ ଧାନ କିଣା ନୀତି ସମ୍ପୂର୍ଣ୍ଣ ଭିନ୍ନ। ଓଡିଶାରେ ଧାନ ମଣ୍ଡିକୁ ଗଲେ ଜଣେ ଚାଷୀ ମିଲର୍ସ ଦ୍ୱାରା ଶୋଷଣର ଶୀକାର ହେବା ସହ ନିଜ କଷ୍ଟ ଉପାର୍ଜିତ ଧାନ ବିକିବା ପାଇଁ ଦୀର୍ଘ ଦିନ ଅପେକ୍ଷା କରିବାକୁ ପଡେ। ସେହିପରି ବସ୍ତା ବାବଦକୁ ଏକ କିଲୋ ଓ ଧାନ କୁଇଣ୍ଟାଲ ପିଛା ୫ରୁ ୭ କିଲୋ କଟ୍‌ନୀର ଶିକାର ହୁଏ।


ଛତିଶଗଡ଼ ରାଜ୍ୟ ଦେଭୋଗର ଏକ ମଣ୍ଡିର ଦୃଶ୍ୟ।


ଡୋକରୀଚଞ୍ଚରା ଭୈରବଧାରଠାରେ ପର୍ଯ୍ୟଟକଙ୍କ ଭିଡ଼।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋକସରା,୨।୧ (ଦୁଷ୍ମନ୍ତ କୁମାର ପାଟଯୋଷୀ): କଳାହାଣ୍ଡି ଜିଲା କୋକସରା ଥାନା ଜୟନ୍ତପୁର ପଞ୍ଚାୟତ ରଏନଗୁଡା ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଲୁକାପଡା ଗ୍ରାମର ପଦ୍ମନ ମାଝୀ(୨୩)। ସୂଚନା ଅନୁସାରେ, ୪ ମାସ ତଳେ ପଦ୍ମନ କାମ କରିବାକୁ ଗୋଆ ଯାଇଥିଲେ। ସେଠାରୁ ସେ ଗତ ୩୧ ତାରିଖ ରାତିରେ ଦେଭୋଗ ଥାନା କେନ୍ଦୁପାଟି ଗ୍ରାମର ଶୋଭାଲାଲ ମାଝୀଙ୍କ ସହ କୋକସରା ଥାନା ଜୟନ୍ତପୁର ପଞ୍ଚାୟତ ରଏନଗୁଡା ଗାଁର ସମ୍ପର୍କୀୟ ଘରକୁ ଆସିଥିଲେ। ହେଲେ ଗୁରୁବାର ରାତିରେ ସେ ଘରୁ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତାପାଇ ନ ଥିଲେ। ଏପରିସ୍ଥଳେ ଶୁକ୍ରବାର ସକାଳେ ଗାଁ ନିକଟ ଏକ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ପରିବାର ଲୋକଙ୍କଠାରୁ ଖବର ପାଇ କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ମୃତଦେହ ଜବତ କରିଥିଲା। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପର୍ଯ୍ୟଟନ ସ୍ଥଳୀରେ ସଚେତନତା କାର୍ଯ୍ୟକ୍ରମ



ଷ୍ଟିଲ ଟ୍ରେ, ଗ୍ଲାସ ବ୍ୟବହାର କରିବାକୁ ସଚେତନ କରୁଛନ୍ତି ଅଧିକାରୀ।

ନୂଆପଡ଼ା,୨।୧ (ମକାରୁ ବେମାଲ)

ନୂଆପଡ଼ା ଜିଲା ଆଇନସେବା ପ୍ରାଧିକରଣ ଓ ବନ ବିଭାଗ ମିଳିତ ଆନୁକୂଲ୍ୟରେ ଏକକ ବ୍ୟବହାର ପ୍ଲାଷ୍ଟିକମୁକ୍ତ ଜିଲା ଗଠନ ନେଇ ସଫେଇ କାର୍ଯ୍ୟ ସହ ବାଲ୍ୟ ବିବାହମୁକ୍ତ ଭାରତ ଓ ନିଶାମୁକ୍ତ ଭାରତ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ଖଡିଆଳ ଯୋଗୀମଠ ଓ ରିଷିପୀଠ ପର୍ଯ୍ୟଟନ ସ୍ଥଳୀରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣ, ବନ ବିଭାଗ, ଖଡିଆଳ ଏନ୍‌ଏସି, ଖଡିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ଯୋଗୀମଠଠାରେ ଅନୁଷ୍ଠିତ ସଚେତନତା ସଭାରେ ପ୍ରାଧିକରଣ ସଚିବ ନବନୀତା ଦାଶ ଯୋଗଦେଇ ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ଜିଲା ଗଠନରେ ସହାୟକ ହେବା ସହିତ ଭାରତକୁ ବାଲ୍ୟବିବାହ ଓ ନିଶାମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ପ୍ଲାଷ୍ଟିକ ତିଆରି ଖଲି, ଦନା, ଗ୍ଲାସ ଇତ୍ୟାଦି ବ୍ୟବହାର କରିବା ଦ୍ୱାରା ପରିବେଶ ଦୂଷିତ ହେଉଛି। ଏହା ପରିବର୍ତ୍ତେ ଷ୍ଟିଲ ଟ୍ରେ ଓ ଗ୍ଲାସ ବ୍ୟବହାର କରିବାକୁ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ସଭାରେ ତାଲୁକ ଆଇନ ସେବା କମିଟି ବରିଷ୍ଠ ଦେୱାନୀ ବିଚାରପତି ଖରିଆର ଇଶା ପତି, ଡିଏଫ୍‌ଓ ଖଡିଆଳ ଅଜିଜ ଖାନ, ଏନ୍‌ଏସି ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ରିଷଙ୍ଗ ପଞ୍ଚାୟତ ପିଇଓ କମଳିନୀ ବାଗ, ଖରିଆର ଓକିଲ ସଂଘ ସଭାପତି ପ୍ରତାପ କିଶୋର ଜଗତ, ସଚିବ ସଙ୍କର୍ଷଣ ପଣ୍ଡା, ୟାର ସଂଗଠନ ପ୍ରତିଷ୍ଠାତା ମହେନ୍ଦ୍ର ଯୋଶୀ, ମିରର୍ ସଂଗଠନ ପ୍ରତିଷ୍ଠାତା କାର୍ତ୍ତିକ ବାଗ, ମହିଳା ଡିଗ୍ରୀ କଲେଜ ଅଧ୍ୟାପକ ତଥା ପ୍ରାଧିକରଣର ଅଧିକାର ମିତ୍ର ଘନଶ୍ୟାମ ଶଗରିଆ, ପବିତ୍ର ଡୋଙ୍ଗରାଜ, ପ୍ରତିଭା ପାଣିଗ୍ରାହୀ, ତପସ୍ୱିନୀ ରଣା ପ୍ରମୁଖ ଯୋଗଦେଇଥିଲେ।

## ଅଙ୍ଗଦାନ ପାଇଁ ଶପଥ ନେଲେ ଖବରଦାତା

ଭବାନୀପାଟଣା/ଥୁଆମୂଳ ରାମପୁର,୨।୧ (ଉତ୍ତମ କୁମାର ଦାଶ/ଦୁର୍ଗା କୀର୍ତ୍ତି): ମୃତ୍ୟୁ ପରେ ପରାର୍ଥେ ନିଜକୁ ଉତ୍ସର୍ଗ କରିବା ଭଳି ମାନବିକତାର ନିଦର୍ଶନ ଦେଖାଇଛନ୍ତି କଳାହାଣ୍ଡି ଜିଲା ଥୁଆମୂଳ ରାମପୁରର ଯୁବ ଖବରଦାତା କୀର୍ତ୍ତି ଚନ୍ଦ୍ର ଦୁର୍ଗା (ଦୁର୍ଗା କୀର୍ତ୍ତି)। ସ୍ୱର୍ଗତ ଧବଳେଶ୍ୱର ଦୁର୍ଗାଙ୍କ କନିଷ୍ଠ ପୁତ୍ର ତଥା ତାଳବନ୍ଧ ପଡ଼ାର ବାସିନ୍ଦା ହେଉଛନ୍ତି କୀର୍ତ୍ତି। ସେ ନିଜ ମୃତ୍ୟୁ ପରେ ଶରୀରର ମୂଲ୍ୟବାନ ଅଙ୍ଗ ଦାନ କରିବା ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଥିବା ସଂସ୍ଥା ନିକଟରେ ଶପଥ ଗ୍ରହଣ କରିଛନ୍ତି। ଗତ ୫ ବର୍ଷରୁ ଅଧିକ ସମୟ ଧରି ବିଭିନ୍ନ ସାମାଜିକ ଗଣମାଧ୍ୟମ ସହ ଦୈନିକ ଖବରକାଗଜ 'ଧରିତ୍ରୀ'ରେ ଜଡ଼ିତ ରହି ଅସହାୟ ଓ ନିଷ୍ପେସିତଙ୍କ ସ୍ୱର ସାଜିଛନ୍ତି। ଏ ସମ୍ପର୍କରେ କୀର୍ତ୍ତି ଥୁଆମୂଳ ରାମପୁର ଥାନାରେ ଲିଖିତ ଆବେଦନ କରି ପୋଲିସ ପ୍ରଶାସନକୁ ଅବଗତ କରାଇଛନ୍ତି। କୌଣସି ଅଘଟଣ କ୍ଷେତ୍ରରେ ତାଙ୍କର ଯକୃତ, ବୃକକ୍, ହୃଦୟ, ଫୁସ୍‌ଫୁସ୍, ଅଗ୍ନାଶୟ ସମେତ ଚକ୍ଷୁ ଓ ପ୍ରମୁଖ ଟିସୁଗୁଡ଼ିକୁ ସରକାରୀ ପ୍ରକ୍ରିୟା ମାଧ୍ୟମରେ ସଂଗ୍ରହ କରାଯାଇ ଅନ୍ୟର ଜୀବନ ରକ୍ଷା ପାଇଁ ବିନିଯୋଗ କରିବାକୁ ସେ ଅନୁମତି ପ୍ରଦାନ କରିଛନ୍ତି। 'ଜୀବନ ପରେ ବି ବଞ୍ଚିବାର ସୁଯୋଗ' ନାରାକୁ ସାର୍ଥକ କରିଥିବା ଏହି ଯୁବ ଖବରଦାତାଙ୍କ ପଦକ୍ଷେପକୁ କଳାହାଣ୍ଡି ଜିଲାରେ ପ୍ରଶଂସା କରାଯାଉଛି।

## ନୂଆବର୍ଷରେ ପର୍ଯ୍ୟଟନସ୍ଥଳୀ ଚଳଚଞ୍ଚଳ

କୋକସରା,୨।୧ (ଦୁଷ୍ମନ୍ତ କୁମାର ପାଟଯୋଷୀ)

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର ହେଉଛି କଳାହାଣ୍ଡି। ଏଠାରେ ପାହାଡ, ଜଙ୍ଗଲ, ନଦୀ, ଝରଣା ସହ ପ୍ରକୃତି ଏକା ସାଙ୍ଗରେ ଦୃଶ୍ୟମାନ ହୁଏ। ଏଭଳି ସ୍ଥାନରେ ନୂଆ ବର୍ଷରେ ଭୋଜି କରିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଏଥିଲାଗି ଚଳଚଞ୍ଚଳ ହୋଇଉଠିଥିଲା କୋକସରା ବ୍ଲକ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରା, ଆମପାଣିର 'କରକ' ଜଳପ୍ରପାତ ଓ ଡୁଡୁକାଠେଙ୍ଗା ପଞ୍ଚାୟତ ମୁରୁନାପଦର ନିକଟରେ ଥିବା ବେହେରା ଡ୍ୟାମ। ଗୁରୁବାର ନୂଆବର୍ଷ ଅବସରରେ ବହୁ ସଂଖ୍ୟାରେ ପିକ୍‌ନିକ୍ ପାର୍ଟିକୁ ଦେଖିବାକୁ ମିଳିଥିଲା। ପର୍ଯ୍ୟଟନସ୍ଥଳୀ ଡୋକରୀ ଚଞ୍ଚରାଠାରେ ପିକନିକ ପାଇଁ ଆସିଥିବା ପର୍ଯ୍ୟଟକମାନେ ନାଚଗୀତ କରିବା ସହ ସେଲ୍‌ଫି ଉଠାଇ ମଜା ନେଇଥିଲେ। ସେହିପରି ବେହେରା ଡ୍ୟାମଠାରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ଆମପାଣି 'କରକ' ଜଳ ପ୍ରପାତ ଉପରୁ ଝରିପଡୁଥିବା ଜଳଧାର ଶୀତୁଆ 'ସକାଳ'ର ସୁନେଲି କିରଣରେ ବିଭୋର ହୋଇ ପିକନିକର ମଜା ଉଠାଇଛନ୍ତି ପର୍ଯ୍ୟଟକ। ଏହିସବୁ ସ୍ଥାନରେ ପଡ଼ୋଶୀ ରାଜ୍ୟ ଛତିଶଗଡ଼, ମଧ୍ୟପ୍ରଦେଶ ଓ ପଡୋଶୀ ଜିଲା ନବରଙ୍ଗପୁର, କୋରାପୁଟ ଓ ନୂଆପଡ଼ା ଆଦି ସ୍ଥାନରୁ ପିକନିକ ପାଇଁ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ବ୍ଲକର ଗୋଡମୁଣ୍ଡା ସ୍ଥିତ ଅଠର୍‌ନଳା, କନ୍ଦାଗଡ ନିକଟରେ ଥିବା ମୋଡୋସିଲ ଭଳି ଅନେକ ସ୍ଥାନରେ ମଧ୍ୟ ପିକନିକ ପାର୍ଟିର ଭିଡ଼ ଦେଖିବାକୁ ମିଳିଥିଲା।

## କଳାହାଣ୍ଡି ଉତ୍ସବ ଉପଲକ୍ଷେ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ


ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟନ କରାଯାଉଛି।

ଲାଞ୍ଜିଗଡ଼,୨।୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ କଳାହାଣ୍ଡି ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା କରାଯାଉ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଓ ବିଶ୍ୱନାଥପୁର ବ୍ୟାଡ୍‌ମିଣ୍ଟନ ଆସୋସିଏସନ ମିଳିତ ଉଦ୍ୟମରେ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ପ୍ରଦିପ ଘଡେଇ ମୁଖ୍ୟ ଅତିଥି ଓ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ସମାଜିକ କର୍ମୀ ହରିଶଙ୍କର ପାତ୍ର, ପୂର୍ବତନ ଉପାଧ୍ୟକ୍ଷ ଜଗଦୀଶ ବେନିଆ, ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଙ୍କଜ ବଳିଆର ସିଂ, ବିଶ୍ୱନାଥପୁର ସମିତି ସଭ୍ୟ ଅଜିତ ପ୍ରଧାନୀ, ରମେଶ କୁମାର ତୁଳ, ତରୁଣ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଖେଳକୁ ଅଫିସିଆଲ ରେଫରି କିଶୋର କୁମାର ଘଡେଇ ପରିଚାଳନା କରିଥିବା ବେଳେ ଲାଞ୍ଜିଗଡ଼ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ସଭାପତି ଧବଳେଶ୍ୱର ଠେଲାଙ୍କ ନେତୃତ୍ୱରେ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଚଢ଼ା ଦରରେ ବିଦେଶୀ ମଦ ବିକ୍ରି ଅଭିଯୋଗ

ନୂଆପଡ଼ା/କୋମନା,୨।୧ (ମକାରୁ ବେମାଲ/ମହେଶ ବାଗ)

ଇଂରାଜୀ ନବବର୍ଷକୁ ସ୍ୱାଗତ ଜଣାଇ ଚାରିଆଡେ ଉତ୍ସାହର ମାହୋଲ ଦେଖାଦେଇଥିଲା। ଏହାର ସୁଯୋଗ ନେଇ କୋମନାଠାରେ ଥିବା ବିଦେଶୀ ମଦ ଦୋକାନ ଚଢାଦରରେ ବିକ୍ରୟ କରୁଥିବା ଅଭିଯୋଗ ହୋଇଛି। ନୂତନ ବର୍ଷ ପାଳନ ଓ ଭୋଜିଭାତର ଆସର ଜମାଇବା ପାଇଁ ବିଦେଶୀ ମଦର ଚାହିଦା ଅଧିକ ରହିଥିଲା । ବିଦେଶୀ ମଦ ଦୋକାନ ଠାରେ ଗ୍ରାହକଙ୍କ ଭିଡର ଫାଇଦା ଉଠାଇ ଦୋକାନୀମାନେ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦରରେ ବିକ୍ରୟ କରିଛନ୍ତି । ବୋତଲ ପିଛା ୨୦ରୁ ୩୦ ଟଙ୍କା ଅଧିକ ନିଆଯାଉଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି। ଗ୍ରାହକ ଦୋକାନୀଙ୍କୁ ବିଲ ମାଗିବାରୁ ମନା କରି ଦେଉଥିଲେ। ବର୍ତ୍ତମାନ ଭିଡ ରହିଛି, ପରେ ଆସି ବିଲ ନେଇଯିବ ବୋଲି କୁହାଯାଉଥିଲା। କିଛି ଗ୍ରାହକ ପରେ ଯାଇ ବିଲ ମାଗିବାରୁ ବିଭିନ୍ନ ଆଳ ଦେଖାଇ ତଡି ଦେଇଥିବା ଜଣେ ଗ୍ରାହକ ପ୍ରକାଶ କରିଛନ୍ତି । ଏଥିପ୍ରତି ଅବକାରୀ ଓ ପୋଲିସ ପ୍ରଶାସନ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଧର୍ମେଶ ଡ୍ୟାନ୍ସ ଏକାଡେମୀର ପୁଣି ଏକ ସଫଳତା

ଖଡ଼ିଆଳ,୨।୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ସହରର ଲାଲ ସାହେବ ପଡ଼ାରେ ଥିବା ଧର୍ମେଶ ଡ୍ୟାନ୍ସ ଏକାଡେମୀ ପୁଣି ଏକ ସଫଳତା ହାସଲ କରିଛି। ଦୁର୍ଗ ରାୟପୁରରେ ଆୟୋଜିତ ନାଟ୍ୟ ନର୍ତ୍ତନ ଡ୍ୟାନ୍ସ ଫେଷ୍ଟିଭାଲରେ ଏକାଡେମୀର ଛାତ୍ର ଭୂମରାଜ ସାହୁ, ବୀରେନ୍ଦ୍ର କୁରେ, ଦୀପତେଶ ହେର୍ଣ୍ଡା, ବିଭୁ ସାହୁ ଓ ମୟଙ୍କ ବାଗ ପ୍ରମୁଖ ଉଚ୍ଚକୋଟିର ଡ୍ୟାନ୍ସ ପ୍ରଦର୍ଶନ କରି ଜୁନିଅର ଗ୍ରୁପ ଫୋକ ଡ୍ୟାନ୍ସରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ଏକାଡେମୀର ସହାୟକ ଶିକ୍ଷକ ପବିତ୍ର କୈବର୍ତ୍ତଙ୍କୁ ଗୁରୁ ଆଚାର୍ଯ୍ୟ ସମ୍ମାନ ଓ ନିର୍ଦ୍ଦେଶକ ଧର୍ମେଶ ମେହେରଙ୍କୁ ଗୁରୁ ଆଚାର୍ଯ୍ୟ ଶ୍ରେଷ୍ଠ ସମ୍ମାନରେ ସମ୍ମାନିତ କରାଯାଇଛି। ଏକାଡେମୀର ଛାତ୍ର କେବଳ ଡ୍ୟାନ୍ସରେ ସଫଳତା ଅର୍ଜନ କରିଛନ୍ତି ତା' ନୁହଁ, କରାଟେ, ଯୋଗରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଚାଲିଛନ୍ତି।


ସମ୍ମାନିତ ଛାତ୍ରମାନଙ୍କ ସହ ଏକାଡେମୀ ନିର୍ଦ୍ଦେଶକ।

## ନୂଆପଡ଼ା କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାୟୀ କୋଠାକୁ ସ୍ଥାନାନ୍ତର

ନୂଆପଡ଼ା,୨।୧ (ମକାରୁ ବେମାଲ)

ନୂଆପଡ଼ା ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା କେନ୍ଦ୍ରୀୟ ବିଦ୍ୟାଳୟ ଶୁକ୍ରବାର ନୂତନ ସ୍ଥାୟୀ କୋଠାକୁ ସ୍ଥାନାନ୍ତର ହୋଇଛି। ୨୦୧୧ଠାରୁ ନୂଆପଡ଼ାଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ ହୋଇଛି। ହେଲେ ନିଜସ୍ୱ କୋଠା ନ ଥିବାରୁ ଅସ୍ଥାୟୀ କୋଠାରେ ପାଠପଢା ଚାଲିଥିଲା। ୨୦୨୩ରେ ବିଦ୍ୟାଳୟର ନୂତନ କୋଠା ନିର୍ମାଣ ପାଇଁ ପ୍ରାୟ ୨୩ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ନୂଆପଡା ସଦର ବ୍ଲକ ଡୁମେରପାଣି ପଞ୍ଚାୟତ ସିଲଦାଠାରେ କୋଠା ନିର୍ମାଣ ପାଇଁ ପୂର୍ବ ସରକାର ପ୍ରାୟ ୯ ଏକର ଜମି ଯୋଗାଇ ଦେଇଥିଲେ। ସେହି ସ୍ଥାନରେ ୩ ମହଲା ବିଶିଷ୍ଟ କୋଠା ନିର୍ମାଣ ହୋଇଛି । ସେଠାରେ ସମ୍ପ୍ରତି ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପାଠ୍ୟକ୍ରମ ସହ ଖେଳ ପଡିଆ, ରଙ୍ଗମଞ୍ଚ, ଷ୍ଟାଫ କ୍ୱାର୍ଟର୍ସ ଆଦି ବ୍ୟବସ୍ଥା ହୋଇଛି। ନୂତନ କୋଠା ଉଦ୍‌ଘାଟନ ହୋଇ ନ ଥିଲେ ମଧ୍ୟ ଜିଲାପାଳ ମଧୁସୂଦନ ଦାଶଙ୍କ ଆଗ୍ରହ କ୍ରମେ ଆଜିଠାରୁ ନୂତନ କୋଠାରେ ପାଠପଢା ଆରମ୍ଭ ହୋଇଛି । ଖୋଦ ଜିଲାପାଳ ବିଦ୍ୟାଳୟ ପରିଦର୍ଶନରେ ଯାଇ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ସହ ଭାବ ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ନୂତନ ରଙ୍ଗମଞ୍ଚରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲାପାଳଙ୍କୁ ବିଦ୍ୟାଳୟ ଅଧ୍ୟକ୍ଷ ମାନସ ରଞ୍ଜନ ତ୍ରିପାଠୀ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ସ୍ୱାଗତ ଜଣାଇଥିଲେ। କୋଠା ଉଦ୍‌ଘାଟନ ହୋଇ ନ ଥିଲେ ମଧ୍ୟ ସ୍ଥାନାନ୍ତର କରିଦେଇଛୁ। ଅନ୍ୟ ସବୁ କାମ ସମ୍ପୂର୍ଣ୍ଣ ହୋଇଗଲେ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରାଯିବ ବୋଲି ଅଧ୍ୟକ୍ଷ ତ୍ରିପାଠୀ ପ୍ରକାଶ କରିଛନ୍ତି ।



କାର୍ଯ୍ୟକ୍ରମରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

## ଅନୁପସ୍ଥିତ ଥିବା ୨ ଅଧିକାରୀଙ୍କ ଦରମା ବନ୍ଦ ସୁପାରିସ

**ଗୋଲାମୁଣ୍ଡା ପଞ୍ଚାୟତ ସମିତି ବୈଠକ**

ଗୋଲାମୁଣ୍ଡା,୨।୧(ବଟକୃଷ୍ଣ ପଣ୍ଡା)

ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଶୁକ୍ରବାର ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ତ୍ରିପୁର ମହାନନ୍ଦ ମୁଖ୍ୟଅତିଥି, ତହସିଲଦାର ଚନ୍ଦନ କୁମାର ନାୟକ, ଜିଲା ପରିଷଦ ସଭ୍ୟା ହେମାଙ୍ଗିନି ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଆଇନଶୃଙ୍ଖଳା, ପାନୀୟ ଜଳ, ଉଦ୍ୟାନ କୃଷି, ବିଦ୍ୟୁତ୍, ଗମନାଗମନ ଉପରେ ଆଲୋଚନା କରାଯାଇ ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଶେଷ କରି ଅବକାରୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ବନ୍ଧୀୟ ଅନେକ ଅଭିଯୋଗ ଆସିଥିଲା। ଏହି ଅଭିଯୋଗ ସମ୍ବନ୍ଧରେ ଉତ୍ତର ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା। ଏହାକୁ ନେଇ ହଟ୍ଟଗୋଳ ପରିସ୍ଥିତି ଉପୁଜିଥିଲା। ସମ୍ପୃକ୍ତ ବିଭାଗର ୨ ଅଧିକାରୀଙ୍କ ଦରମା ବନ୍ଦ ନେଇ ବୈଠକରେ ଉପସ୍ଥିତ ଥିବା ସମସ୍ତ ଜନ ପ୍ରତିନିଧି ବ୍ଲକ ଅଧ୍ୟକ୍ଷଙ୍କଠାରେ ଦାବି କରିଥିଲେ। ଅଧ୍ୟକ୍ଷ ମହାନନ୍ଦ ଗୃହରେ ସୁପାରିସ ହୋଇଥିବା ଦାବିଗୁଡିକୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସାଙ୍ଗକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ମାଧ୍ୟମରେ ଜଣାଇଥିବା ପ୍ରକାଶ କରିଥିଲେ। ବୈଠକରେ ଏବିଡ଼ିଓ ବିଜୟ କୁମାର ନାଏକ, ସହକାରୀ ଯନ୍ତ୍ରୀ ସ୍ମୃତି ରଞ୍ଜନ ସେଠୀ, ଚିତ୍ତ ରଞ୍ଜନ ଜେନା, କନିଷ୍ଠ ଯନ୍ତ୍ରୀ ନିକୁଞ୍ଜ ନାଏକ, ରେଙ୍ଗୋ ନାଏକ, ଏଏଫ୍‌ଓ ବନ୍ଦନା ରାଣୀ ପଣ୍ଡାଙ୍କ ସମେତ ୨୮ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ଅତିଥିବୃନ୍ଦ।



ଶ୍ରୀକୃଷ୍ଣ, ବଳରାମଙ୍କୁ ପାଇ ମଥୁରାବାସୀ ଉଲ୍ଲସିତ।



ଶ୍ରୀକୃଷ୍ଣ, ବଳରାମଙ୍କ ମଥୁରା ପରିକ୍ରମା ଦେଖିବାକୁ ଭିଡ଼।



ହାତୀ ପିଠିରେ ବସି କଂସ ମହାରାଜ କଂସ ଦରବାରକୁ ଯାଉଛନ୍ତି।



ବେନିଭାଇଙ୍କ ଆଗମନରେ ମଥୁରାରେ ଆଧାତ୍ମିକ ପରିବେଶ।



ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ କଂସ ମହାରାଜ ସମ୍ବର୍ଦ୍ଧିତ କରୁଛନ୍ତି।

# ମାର୍ଚ୍ଚ ଶେଷସୁଦ୍ଧା ସମସ୍ତ ଚାଷୀଙ୍କ ଧାନ କିଣାଯିବ

**ମଥୁରାନଗରୀ,୨।୧(ପ୍ରେମାନନ୍ଦ ଖମାରୀ)**

କିଛି ଲୋକ ଚାଷୀଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବାକୁ ଚେଷ୍ଟା କରୁଛନ୍ତି। ଚାଷୀମାନଙ୍କୁ ଭାରାକ୍ରାନ୍ତ କରିବାକୁ ପ୍ରୟାସ ଚଳାଇଛନ୍ତି। ମାତ୍ର ଏହି ସରକାର କୌଣସି ଧମକକୁ ଡରେ ନାହିଁ ଏବଂ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ଚାଷୀଙ୍କ କଷ୍ଟୋପାର୍ଜିତ ଧାନ କିଣିବା ପାଇଁ ବଦ୍ଧ ପରିକର ବୋଲି ଶୁକ୍ରବାର ଧନୁଯାତ୍ରା ମହୋତ୍ସବର ଦଶମ ଦିବସରେ କଂସ ଦରବାରରେ ରାଜ ଅତିଥିଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଉପ ମୁଖ୍ୟମନ୍ତ୍ରୀଙ୍କ ଏହି କଥାରେ ଉତ୍ଫୁଲ୍ଲିତ ହୋଇ କଂସ ମହାରାଜ ତାଙ୍କୁ ସମ୍ମାନିତ କରିଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଅନ୍ୟତମ ଅତିଥିଭାବେ ଯୋଗଦେଇ ରାଜ୍ୟରେ ଚାଲିଥିବା ବିକାଶଧାରା ଉପରେ ଆଲୋକପାତ କରିଥିଲେ। ଅନ୍ୟଦିନ ଭଳି ମଥୁରାଧିପତି କଂସ ମହାରାଜ ରାଜମହଲରୁ ଦିଗ୍‌ବିଜୟରେ ବାହାରିଥିଲେ। ଅପରପକ୍ଷେ ମଥୁରାକୁ ଆସିଥିବା ବେନିଭାଇ କୃଷ୍ଣ, ବଳରାମଙ୍କ ସହିତ ସୁଦାମା, ମାଳୀଙ୍କ ସାକ୍ଷାତ ହୋଇଥିଲା। ସେହିପରି କାଳୀ ମନ୍ଦିରରେ କୁବୁଜା ଉଦ୍ଧାର ଦୃଶ୍ୟାଭିନୟ ଚିତ୍ତାକର୍ଷକ ହୋଇଥିଲା। ରାଜ ଦରବାର ଏବଂ ରଙ୍ଗମହଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ବରଗଡ଼ ଧନୁଯାତ୍ରା: କିଛି କଥା, କିଛି ବ୍ୟଥା

**ମଥୁରାନଗରୀ,୨।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଧନୁଯାତ୍ରା ମହୋତ୍ସବରେ ବରଗଡ଼ ସହର ମଥୁରାନଗରୀ ପାଲଟିଥାଏ। ଏଠାରେ କଂସ ରାଜୁତି ଚାଲିଥାଏ ଏବଂ ଅନ୍ୟାୟ, ଅତ୍ୟାଚାର ବଢ଼ି ଚାଲିଥାଏ। ଏହା ପୌରାଣିକ କଥାବସ୍ତୁ ହେଲେ ମଧ୍ୟ ବାସ୍ତବରେ ଗତ ୨ବର୍ଷ ହେଲା ଧନୁଯାତ୍ରା ମହୋତ୍ସବରେ ଏହା ପରିଲକ୍ଷିତ ହୋଇଛି। ଗତବର୍ଷରୁ ଧନୁଯାତ୍ରା ସାଜସଜ୍ଜାର ଗରିମା ବୃଦ୍ଧି ପାଇଛି, ଏହାକୁ କେହି ବି ଅସ୍ୱୀକାର କରିପାରିବେନି। ହେଲେ ଅନ୍ୟକ୍ଷେତ୍ରରେ ଧନୁଯାତ୍ରା ଫିକା ପଡ଼ି ଯାଇଛି। ବାସ୍ତବରେ ମଥୁରାନଗରୀ ପାଲଟିଥିବା ବରଗଡ଼ ସହର ଦ୍ୱାପର ଯୁଗକୁ ଫେରି ଯାଇଛି। ଗତଥର ଧନୁଯାତ୍ରା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମଥୁରାନଗରୀକୁ ଯେଉଁଦିନ ଆସିଥିଲେ, ସେହିଦିନ ଜଣେ ଯୁବତୀ ନିଖୋଜ ହୋଇଯାଇଥିଲେ ଏବଂ ୨ଦିନ ପରେ ସଂକଟାପନ୍ନ ଅବସ୍ଥାରେ ତାଙ୍କ ପତ୍ତା ମିଳିଥିଲା। ଅନୁରୂପଭାବେ ମୁଖ୍ୟମନ୍ତ୍ରୀ ଗତ ୩ଦିନତଳେ ମଥୁରାନଗରୀକୁ ଆସିଥିଲେ, ଆଉ ସେହିଦିନ ହିଁ ମଥୁରାନଗରୀ ମିନାବଜାର(ଜର୍ଜ ହାଇସ୍କୁଲ ପଡ଼ିଆ)ରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ଚାଲିଥିବା ରକ୍ତଦାନ ଶିବିରରେ ନିୟୋଜିତ ଜଣେ ମହିଳା ସ୍ୱେଚ୍ଛାସେବୀଙ୍କ ପ୍ରତି ଅନ୍ୟଜଣେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ତେବେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଉତ୍ତମ ମଧ୍ୟମ ଦେଇ ଯେତେବେଳେ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ମିନାବଜାର ପୋଲିସ ଆଉଟପୋଷ୍ଟକୁ ପହଞ୍ଚିଥିଲେ ସେତେବେଳେ ଭାରପ୍ରାପ୍ତ ପୋଲିସ ଅଧିକାରୀଙ୍କ ବ୍ୟବହାର ତ ଦୂରର କଥା, ବରଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ଦେଖାଇଥିବା ବ୍ୟବହାରକୁ ନେଇ ଏବେ ସବୁଠି ଜୋର୍ ଚର୍ଚ୍ଚା। ତେବେ ଏହା ନୂଆଁ ନ ଥିଲା। ଗତଥର ଧନୁଯାତ୍ରା ମହୋତ୍ସବ ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ଯେଉଁଦିନ ରାଜ ଦରବାରରେ ରାଜ ଅତିଥିଭାବେ ଯୋଗଦେଇଥିଲେ, ସେହିଦିନ ହିଁ ଜଣେ ଅବିବାହିତ ଯୁବତୀ ନିଖୋଜ ହୋଇଥିଲେ

## ଅସୁରକ୍ଷିତ ମହିଳା ସ୍ୱେଚ୍ଛାସେବୀ

ଏବଂ ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ସହର ଉପକଣ୍ଠ ଏକ ଗ୍ରାମ୍ୟ ଜଙ୍ଗଲରୁ ଉଦ୍ଧାର କରାଯାଇଥିଲା।

ପ୍ରଚାର, ପ୍ରସାର କମିଟିର ବଡ଼ ତ୍ରୁଟି ଧନୁଯାତ୍ରା ମହୋତ୍ସବରେ ପ୍ରତିବର୍ଷ ଏକ ସ୍ମରଣିକା ପ୍ରକାଶିତ ହୋଇଥାଏ। ମହୋତ୍ସବର ପ୍ରଚାର, ପ୍ରସାର କମିଟି ଏହାର ଦାୟିତ୍ୱ ନିର୍ବାହ କରିଥାଏ। ତେବେ ଗତବର୍ଷରେ ପ୍ରକାଶିତ ସ୍ମରଣିକାରେ ଅନେକ ତ୍ରୁଟି ପଦାକୁ ଆସିଥିଲା ଏବଂ ତାହା ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ଏଥର ସେଭଳି ଭାଷାଗତ ତ୍ରୁଟି ସାମ୍ନାକୁ ଆସି ନ ଥିଲେ ମଧ୍ୟ ସ୍ମରଣିକାରେ ଯେଉଁ ତ୍ରୁଟି ରହିଛି, ତାହା ସମସ୍ତଙ୍କୁ ଚକିତ କରି ପକାଇଛି। ସ୍ମରଣିକାରେ ଧନୁଯାତ୍ରା ପ୍ରଚାର ପ୍ରସାର କମିଟିରେ ରହିଥିବା କର୍ମକର୍ତ୍ତା ଏବଂ ସଭ୍ୟଙ୍କ ନାମ ଉଲ୍ଲିଖିତ ରହିଛି। କିଛିଜଣଙ୍କ ନାମ ସ୍ୱତନ୍ତ୍ରଭାବେ ଅର୍ଥାତ୍ ବୋଲ୍ଡ ଅକ୍ଷରରେ ମଧ୍ୟ ସ୍ମରଣିକାରେ ସ୍ଥାନିତ ହୋଇଛି। ହେଲେ ଧନୁଯାତ୍ରା ପ୍ରଚାର ପ୍ରସାର ବିଭାଗର ରଙ୍ଗୋଲିଠାରୁ ଆରମ୍ଭ କରି ଚିତ୍ରକଳା, ସାଂସ୍କୃତିକ ଶୋଭାଯାତ୍ରା ଏବଂ ଖବରଦାତାଙ୍କ ପାଇଁ ଆୟୋଜିତ ରାତ୍ରିଭୋଜନରେ ଅଗ୍ରଣୀ ଭୂମିକା ନିର୍ବାହ କରୁଥିବା ବଦ୍ରିପ୍ରସାଦ ସାହୁ ପ୍ରଚାର ପ୍ରସାର କମିଟିରେ ଦୀର୍ଘଦିନରୁ ଏବେ ସୁଦ୍ଧା ରହି ଆସିଥିଲେ ସୁଦ୍ଧା ସ୍ମରଣିକାରେ ତାଙ୍କ ନାମକୁ ବାଦ୍ ଦିଆଗଲା, ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିନ୍ତୁ ଧନୁଯାତ୍ରା ମହୋତ୍ସବ ପ୍ରଚାର ପ୍ରସାର କମିଟିର ଆବାହକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସେହି ତ୍ରୁଟି ତାଙ୍କ ଅଜ୍ଞାତରେ ହୋଇଥିବା କହିଥିବାବେଳେ ପ୍ରଚାର, ପ୍ରସାର କମିଟିରେ ବଦ୍ରିପ୍ରସାଦଙ୍କ ଭୂମିକାକୁ ସେ ଅନ୍ୟମାନଙ୍କଠାରୁ ଅଧିକ ପ୍ରଶଂସା କରିଛନ୍ତି ଏବଂ ସେଭଳି ତ୍ରୁଟି ସଂଶୋଧନ ପାଇଁ ପଦକ୍ଷେପ ନେବେ ବୋଲି କହିଛନ୍ତି।

ରେକର୍ଡ ରଚିଲା କଂସ ଅଭିନୟରେ ଟ୍ରୋଲ୍ ବରଗଡ଼ ଧନୁଯାତ୍ରା ମହୋତ୍ସବ ବିଶ୍ୱପ୍ରସିଦ୍ଧଭାବେ ଖ୍ୟାତି ଅର୍ଜନ କରିଛି। ଅନ୍ୟବର୍ଷ ଭଳି ଏଥର ମଧ୍ୟ ମଥୁରାନଗରୀ, ଗୋପପୁରକୁ ବିଦେଶୀ ପର୍ଯ୍ୟଟକମାନେ ଆସିଛନ୍ତି। କିନ୍ତୁ ତାହା ଦୃଷ୍ଟି ଆଢୁଆଳେ ରହି ଯାଇଛି। ଅନ୍ୟପଟେ ବରଗଡ଼ ଧନୁଯାତ୍ରା ମହୋତ୍ସବ କଂସ ଅଭିନୟ ଏଥର ରେକର୍ଡ ରଚିଛି। ସାମାଜିକ ଗଣମାଧ୍ୟମ ହେଉ କିମ୍ବା ଅନ୍ୟ ଗଣମାଧ୍ୟମ ହେଉ, ଧନୁଯାତ୍ରାର ପ୍ରଚାର ପ୍ରସାର ନେଇ କଂସଙ୍କ ସମେତ ଅନ୍ୟ ଦୃଶ୍ୟାବଳୀର ଦୃଶ୍ୟାଭିନୟ ପ୍ରଚାର କରୁଛନ୍ତି। ହେଲେ ଏଥର ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଂସ ଅଭିନୟକୁ ଦର୍ଶକମାନେ ଯେଭଳି ଟ୍ରୋଲ କରୁଛନ୍ତି, ତାହା ଆଗରୁ କେବେ ଦେଖିବାକୁ ମିଳି ନ ଥିଲା। ଏହି ଦୃଷ୍ଟିରୁ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ କୁହାଯାଉଥିବା ବରଗଡ଼ ଧନୁଯାତ୍ରା ମହୋତ୍ସବ ଅନ୍ୟକ୍ଷେତ୍ରରେ ନ ହେଲେ ମଧ୍ୟ ଏଥର କଂସ ଅଭିନୟ ଟ୍ରୋଲରେ ରେକର୍ଡ ରଚିଲା ବୋଲି ଚା ଖଟିଠାରୁ ଆରମ୍ଭ କରି ସର୍ବତ୍ର ଚର୍ଚ୍ଚା ଚାଲିଛି।

# ନବମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ, ମହିମା ବାଲ୍ୟଲୀଳା

**ପାଇକମାଳ, ୨।୧(ବଡ଼ ଶତପଥୀ)**

ପାଇକମାଳ ବ୍ଲକ ନବମ ବିଶ୍ୱଶାନ୍ତି ବ୍ରହ୍ମ ଯଜ୍ଞ ଓ ମହିମା ବାଲ୍ୟଲୀଳାର ବାର୍ଷିକ ମହାସମାରୋହ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଦିନ ଓ ରାତି ସାରା ଭକ୍ତି, ଶ୍ରଦ୍ଧା ଓ ଆଧାତ୍ମିକ ବାତାବରଣ ସହିତ ସମ୍ପନ୍ନ ହୋଇଯାଇଛି। ସ୍ଥାନୀୟ ବ୍ଲକ ଅନ୍ତର୍ଗତ ପଲସାନୀ, ବୁକୁରାମୁଣ୍ଡା ଓ ମହୁଲପାଲି ଗ୍ରାମ ସଂଯୋଗସ୍ଥଳୀ ବଜାର ଛକ ନିକଟରେ ଅବସ୍ଥିତ ପବିତ୍ର ମହିମା ଗାଦି ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ମହିମା ଧର୍ମର ଆତ୍ମିକ କେନ୍ଦ୍ର ଭାବେ ପରିଚିତ ମହିମା ଗାଦି ସତ୍ୟ, ଅହିଂସା, ସମତା, ତ୍ୟାଗ ଓ ବ୍ରହ୍ମଜ୍ଞାନର ମହାନ ପ୍ରତୀକ ଭାବରେ ସାରା ଅଞ୍ଚଳରେ ପରିଚିତ। ଏଠାରେ ସ୍ଥାପିତ ପବିତ୍ର ବ୍ରହ୍ମଧୂନୀକୁ ମହିମା ଧର୍ମାନୁୟାୟୀମାନେ ଅପାର ଭକ୍ତି ଓ ଅତୁଟ ଶ୍ରଦ୍ଧା ସହିତ ପୂଜା କରିଆସୁଛନ୍ତି । ଭବ୍ୟ କଳସ ଯାତ୍ରା ସହ ଉତ୍ସବର ଶୁଭାରମ୍ଭ ବୁଧବାର ଦ୍ୱାଦଶୀ ତିଥିରେ ସକାଳ ୮ଟା ସମୟରେ ମହାସମାରୋହର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଏକ ଭବ୍ୟ କଳସ ଯାତ୍ରା ଗ୍ରାମ ପରିକ୍ରମା କରି ମହିମା ଗାଦି ପ୍ରାଙ୍ଗଣରେ ପହଞ୍ଚିଥିଲା। ଦିବା ୧୨ଟା ସମୟରେ ପବିତ୍ର ବ୍ରହ୍ମଧୂନୀ ସ୍ଥାପନ, ଅଖଣ୍ଡ ବ୍ରହ୍ମବତୀ ପ୍ରଜ୍ୱଳନ ଓ ଆଠ ଭଜନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ବିଶ୍ୱଶାନ୍ତି, ସାମାଜିକ ସମନ୍ୱୟ ଓ ମାନବ କଲ୍ୟାଣ ଉଦ୍ଦେଶ୍ୟରେ ବ୍ରହ୍ମଧୂନୀରେ ଘୃତାହୁତୀ ଦିଆଯାଇଥିଲା। ଏହି ଯଜ୍ଞ କାର୍ଯ୍ୟକ୍ରମ ମାଧ୍ୟମରେ ମାନବ ସମାଜରେ ସତ୍ୟ, ଶାନ୍ତି ଓ ଅହିଂସାର ସନ୍ଦେଶ ପ୍ରଚାରିତ ହୋଇଥିଲା। ପ୍ରବଚନ ଓ କୀର୍ତ୍ତନରେ ଆଧାତ୍ମିକ ଜାଗରଣ ଗୁରୁବାର ତ୍ରୟୋଦଶୀ ତିଥିରେ ସକାଳ ଓ ରାତ୍ରରେ ପ୍ରବଚନ, ପାରାୟଣ ଓ କୀର୍ତ୍ତନ ଧାରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ସନ୍ତମହାତ୍ମାମାନେ ମହିମା ଧର୍ମର ମୂଳ ଆଦର୍ଶ, ଆତ୍ମଶୁଦ୍ଧି, ସଂଯମ, ସରଳତା ଓ ଭ୍ରାତୃଭାବର ସନ୍ଦେଶ ଦେଇ ଭକ୍ତମାନଙ୍କୁ ଆତ୍ମିକ ମାର୍ଗରେ ଅଗ୍ରସର ହେବାକୁ ପ୍ରେରଣା ଦେଇଥିଲେ। ମହିମା ବାଲ୍ୟଲୀଳା ସମ୍ବନ୍ଧୀୟ ଆଲୋଚନା ଓ କଥାମୃତ ଶ୍ରୋତାମାନଙ୍କୁ ଭାବବିହ୍ୱଳ କରିଥିଲା। ହଜାର ହଜାର ଭକ୍ତଙ୍କ ସମାଗମ ଦୁଇଦିନିଆ ଏହି ମହାସମାରୋହରେ ବରଗଡ଼ ଜିଲା ସହିତ ପାର୍ଶ୍ୱସ୍ଥ ଜିଲାଗୁଡ଼ିକୁ ନେଇ ହଜାର ହଜାର ଭକ୍ତଙ୍କ ସମାଗମ ଦେଖାଯାଇଥିଲା । ମହାସମାରୋହର ଶେଷ ପର୍ବରେ ପ୍ରାୟ ୩୦ ହଜାରରୁ ଅଧିକ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମହିମା ଗାଦିକୁ କେନ୍ଦ୍ର କରି ଆୟୋଜିତ ଏହି ନବମ ବିଶ୍ୱଶାନ୍ତି ବ୍ରହ୍ମ ଯଜ୍ଞ ଓ ମହିମା ବାଲ୍ୟଲୀଳା ମହାସମାରୋହ ଅଞ୍ଚଳରେ ଆଧାତ୍ମିକ ଚେତନା, ସାମ୍ପ୍ରଦାୟିକ ସମନ୍ୱୟ ଓ ଶାନ୍ତିର ସନ୍ଦେଶ ପ୍ରସାର କରି ସଫଳତାର ସହିତ ସମ୍ପନ୍ନ ହୋଇଛି। ଏହି ମହାସମାରୋହ ଭବିଷ୍ୟତ ପୀଢ଼ିକୁ ମହିମା ଧର୍ମର ମହାନ ଆଦର୍ଶ ସହ ପରିଚିତ କରାଇବାରେ ଏକ ଦୃଢ଼ ପଦକ୍ଷେପ ବୋଲି ଭକ୍ତମାନେ ମତ ପ୍ରକାଶ କରିଛନ୍ତି।

## ବିଜେଡି ସଙ୍ଗଠକ ତ୍ରିଲୋଚନ ସାହୁଙ୍କ ପରଲୋକ

**ହରଭଙ୍ଗା,୨।୧(ନରେନ୍ଦ୍ର କୁମାର ସାହୁ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତରଙ୍ଗ ଗ୍ରାମପଞ୍ଚାୟତ ବାଇସିପଡା ଗ୍ରାମର ବିଜେଡି ସଙ୍ଗଠକ ତ୍ରିଲୋଚନ ସାହୁ (ତିଲ ଭାଇ)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଅପରାହ୍ନରେ ପରଲୋକ ହୋଇଛି। ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ବର୍ଷେ ହେଲା ସେ ଯକୃତଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ମେଳାପୀ ଓ ଦୃଢ଼ ସଙ୍ଗଠକ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ଦୁଇ ପୁଅ, ବୋହୂ, ଝିଅ ଜ୍ୱାଇଁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବିୟୋଗରେ ପୂର୍ବତନ ବାଚସ୍ପତି ତଥା ବିଜେଡି ଜିଲା ସଭାପତି ପ୍ରଦୀପ କୁମାର ଅମାତ, ଜିଲା ସାମାଜିକ ଗଣମାଧ୍ୟମ ସଂଯୋଜକ ଅବକାଶ ସାହୁ, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କୁମାର ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କୋକସରା,୨।୧ (ଦୁଷ୍ମନ୍ତ କୁମାର ପାଢ଼ୀଯୋଷୀ)** କଳାହାଣ୍ଡି ଜିଲା କୋକସରା ଥାନା ଜୟନ୍ତପୁର ପଞ୍ଚାୟତ ରଏନଗୁଡା ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଲୁକାପଡା ଗ୍ରାମର ପଦ୍ମନ ମାଝୀ(୨୩)।

## ନବନିଯୁକ୍ତ ସରକାରୀ ଓକିଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଅତାବିରା,୨।୧: (ଯୁଧିଷ୍ଠିର ମହାପାତ୍ର)**

ଅତାବିରା ଗ୍ରାମ୍ୟ ନ୍ୟାୟାଳୟରେ ସରକାରୀ ଓକିଲ (ଏପିପି) ଭାବେ ନିଯୁକ୍ତ ଅତାବିରା ଓକିଲ ସଂଘ ସଂପାଦକ ହିତେନ୍ଦ୍ରୀୟ ପ୍ରଧାନଙ୍କୁ ଅତାବିରା ଓକିଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବାର ସଭାପତି ନିରୋଜ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଉପସଭାପତି ତ୍ରିପୁରାରୀ ଚାନ୍ଦ, ବୀରେନ୍ଦ୍ର ବାଙ୍କା, ରାଜା ପାଣ୍ଡେ, ବିକାଶ ମିଶ୍ର, ଉନ୍ନି ନାୟାର, ରୋହିତ ମହାପାତ୍ର, ସମୀର ଦାଶ, ବଲ୍ଲଭ ଭୋଇ, ଜଗନ୍ନାଥ ରାଓ, ଋଷି ବଘାର, ଧନପତି ବାଦୀ, ବୀରେନ୍ଦ୍ର ତ୍ରିପାଠୀ, ଅମୂଲ୍ୟ ତାଣ୍ଡି ପ୍ରମୁଖ ଓକିଲ ସମ୍ବର୍ଦ୍ଧନା ଜ୍ଞାପନ ଜଣାଇଥିଲେ।

# ୧୦ରୁ ସର୍ବଭାରତୀୟ ବୋଡାସମ୍ବର କ୍ରିକେଟ କପ୍

**ପଦ୍ମପୁର,୨।୧(ପ୍ରଦୀପ୍ତ ଦାଶ)**

୩୦ତମ ସର୍ବଭାରତୀୟ ବୋଡାସମ୍ବର କ୍ରିକେଟ କପ୍ ଆସନ୍ତା ୧୦ ତାରିଖରୁ ଆରମ୍ଭ ହୋଇ ୧୮ ଜାନୁଆରୀଯାଏ ଅନୁଷ୍ଠିତ ହେବ। ଏଥିରେ ୧୦ ଗୋଟି ଦଳ ଅଂଶ ଗ୍ରହଣ କରିବେ। ବିଜେତା ଦଳକୁ ୧ ଲକ୍ଷ ଟଙ୍କା ଏବଂ ଉପବିଜେତା ଦଳକୁ ୬୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ସୁନୀଲ କୁମାର ସାହୁ, ଉପସଭାପତି ଅବଦୁର ରେହମାନ, ସମ୍ପାଦକ ଭରତ ପଣ୍ଡା, ସହ ସମ୍ପାଦକ ସରଜୁ ପଟ୍ଟନାୟକ, କୋଷାଧ୍ୟକ୍ଷ ବିଜୟ କୁମାର ଦାଶ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ।



ଖବରଦାତା ସମ୍ମିଳନୀରେ ବୋଡାସମ୍ବର କ୍ରିକେଟ କର୍ମକର୍ତ୍ତା।

# ବୌଦ୍ଧ ମହୋତ୍ସବ ଉଦ୍‌ଘାଟିତ

- ପଲ୍ଲିଶ୍ରୀ ମେଳା, ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ଆରମ୍ଭ
- କାର୍ଯ୍ୟକ୍ରମରେ ସାମିଲ ହେଲେନି କନ୍ଧମାଳ ବିଧାୟକ

**ବୌଦ୍ଧ,୨।୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ୩୨ ବର୍ଷରେ ପଦାର୍ପଣ କରିଛି। ଜିଲାର ୩୨ ତମ ସ୍ୱନକ୍ଷତ୍ର ଅବସରରେ କଚେରି ଖେଳ ପଡିଆଠାରେ ମହାନ ସାଂସ୍କୃତିକ ଉତ୍ସବ ସଂସ୍କୃତି ଓ ପରମ୍ପରାର ବାର୍ତ୍ତା ନେଇ ଶୁକ୍ରବାର ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲାର କନ୍ଧମାଳ, ହରଭଙ୍ଗା ଓ ବୌଦ୍ଧ ବ୍ଲକରୁ ମଶାଲ ଅଣାଯାଇ ବୌଦ୍ଧର ଗୌରବମୟ ଇତିହାସର ମୂକସାକ୍ଷୀ ରାଜବାଟୀ ନିକଟସ୍ଥ ଭୂମିସ୍ପର୍ଶ ମୁଦ୍ରାରେ ଥିବା ବୁଦ୍ଧ ପ୍ରତିମା ନିକଟରେ ପୂଜାର୍ଚ୍ଚନା ପରେ ମଶାଲ ଲଗାଇ ଏହି ସାଂସ୍କୃତିକ ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଭଗବାନ ବୁଦ୍ଧଙ୍କ ନିକଟରେ ପୂଜାର୍ଚ୍ଚନା ପରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଜିଲାପାଳ ବିଭୂତି ଭୂଷଣ ନାୟକ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, କନ୍ଧମାଳ ବ୍ଲକ ଅଧ୍ୟକ୍ଷା ସୁସ୍ମିତା ସେନାପତି, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ସାଂସ୍କୃତିକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ କଚେରି ପଡିଆଠାରେ ଆୟୋଜିତ ମହୋତ୍ସବକୁ ମୁଖ୍ୟ ଅତିଥି ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସରକାରୀ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ଦିବସର ପ୍ରଥମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାର କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ଚଳିତ ଥର ମହୋତ୍ସବରେ ୨୪୫ଟି ଷ୍ଟଲ ଖୋଲାଯାଇଛି। ସେଥିମଧ୍ୟରେ ୯୨ ଷ୍ଟଲରେ ଏସ୍‌ଏଚ୍‌ଜି ମହିଳାଙ୍କ ପ୍ରସ୍ତୁତ ସାମଗ୍ରୀ ରହିଥିବାବେଳେ ୩୨ଟି ଖାଦ୍ୟ ଷ୍ଟଲ, ୨୮ଟି ବିଭିନ୍ନ ବିଭାଗୀୟ ଷ୍ଟଲ, ୫୦ଟି ବୟନିକା, ୨୩ଟି ବ୍ୟବସାୟୀ ଓ ୫ଟି ସେବା ପାଇଁ ଷ୍ଟଲ ରହିଛି। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କ ସମେତ ଜିଲାର ବୁଦ୍ଧିଜୀବୀ, କଳାକାର, ସାମାଜିକ ସଙ୍ଗଠନ, ବରିଷ୍ଠ ଭାଜପା ନେତା ସାମିଲ ହୋଇ ନ ଥିବା ଦେଖିବାକୁ ମିଳିଛି ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# କବାଟ ଭାଙ୍ଗି ଚାଉଳ ଖାଇଲା ଦନ୍ତା


କୁତ୍ରା,୨।୧ (ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ପଞ୍ଚାୟତ ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ କୁଲସରଠାରେ ଗୁରୁବାର ମଧ ରାତିରେ ଏକ ଦନ୍ତା ପଶିଆସି ଉପଦ୍ରବ କରିଛି । ବିଦ୍ୟାଳୟର ପାଚେରି ଭାଙ୍ଗି ଭିତରକୁ ପଶିଥିଲା। ପରେ ବିଦ୍ୟାଳୟର ଶ୍ରେଣୀ ଗୃହ କବାଟ ଭାଙ୍ଗିଥିଲା। ସେଠି କିଛି ନ ପାଇ ପରେ ଚାଉଳ ରଖାଯାଉଥିବା ଗୋଦାମ ଗୃହର କବାଟ ଭାଙ୍ଗି ୩ ବସ୍ତା ଚାଉଳ ଖାଇ ଦଳି ମକଚି ନଷ୍ଟ କରିଦେଇଛି। ଏହା ସହିତ ବଗିଚାରେ ଥିବା କଦଳୀ ଗଛ ଓ ଫଳିଥିବା କଦଳୀ ଖାଇ ଦଳି ମକଚି ନଷ୍ଟ କରିଦେଇଛି। ସକାଳୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏହି ଦୃଶ୍ୟ ଦେଖି ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି । ତେବେ କ୍ଷୟକ୍ଷତି ଆକଳନ କରି ପ୍ରଦାନ ପାଇଁ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଦାବି କରିଛନ୍ତି ।


ହାତୀ ଭାଙ୍ଗିଥିବା ସ୍କୁଲ ପାଚେରି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋକସରା,୨।୧ (ଦୁଷ୍ମନ୍ତ କୁମାର ପାଟଯୋଷୀ): କଳାହାଣ୍ଡି ଜିଲା କୋକସରା ଥାନା ଜୟନ୍ତପୁର ପଞ୍ଚାୟତ ରଏନଗୁଡା ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଲୁକାପଡା ଗ୍ରାମର ପଦ୍ମନ ମାଝୀ(୨୩)। ସୂଚନା ଅନୁସାରେ, ୪ ମାସ ତଳେ ପଦ୍ମନ କାମ କରିବାକୁ ଗୋଆ ଯାଇଥିଲେ। ସେଠାରୁ ସେ ଗତ ୩୧ ତାରିଖ ରାତିରେ ଦେଭୋଗ ଥାନା କେନ୍ଦୁପାଟି ଗ୍ରାମର ଶୋଭାଲାଲ ମାଝୀଙ୍କ ସହ କୋକସରା ଥାନା ଜୟନ୍ତପୁର ପଞ୍ଚାୟତ ରଏନଗୁଡା ଗାଁର ସମ୍ପର୍କୀୟ ଘରକୁ ଆସିଥିଲେ। ହେଲେ ଗୁରୁବାର ରାତିରେ ସେ ଘରୁ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ପତ୍ତାପାଇ ନ ଥିଲେ। ଏପରିସ୍ଥଳେ ଶୁକ୍ରବାର ସକାଳେ ଗାଁ ନିକଟ ଏକ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ପରିବାର ଲୋକଙ୍କଠାରୁ ଖବର ପାଇ କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ମୃତଦେହ ଜବତ କରିଥିଲା।


ଡୋକରୀଚଞ୍ଚରା ଭୈରବଧାରଠାରେ ପର୍ଯ୍ୟଟକଙ୍କ ଭିଡ଼।

## ଆଶ୍ରମ ଅନ୍ତେବାସୀଙ୍କ ସହ ନୂଆବର୍ଷ ପାଳିଲେ ପୂର୍ବତନ ବିଧାୟକ

କୁଆଁରମୁଣ୍ଡା,୨।୧ (ମହେନ୍ଦ୍ର କୁମାର ସାହୁ)

ବେଦବ୍ୟାସ ସ୍ଥିତ ବନବାସୀ ଗୁରୁକୁଳ ବୈଦିକ ଆଶ୍ରମରେ ଶୁକ୍ରବାର ନୂଆବର୍ଷ ଏକ ନିଆରା ଢଙ୍ଗରେ ପାଳିଛନ୍ତି ବୀରମିତ୍ରପୁରର ପୂର୍ବତନ ବିଧାୟକ ଶଙ୍କର ଓରାମ। ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ସହ ଗୁରୁକୁଳ ଆଶ୍ରମର ଅନ୍ତେବାସୀମାନଙ୍କୁ ନେଇ ଜନ ମଙ୍ଗଳ ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ପରିଷଦର ସଭାପତି ଭବାନୀ ପ୍ରସାଦ ପଣ୍ଡା, ସାଧାରଣ ସମ୍ପାଦକ ଅର୍ଜ୍ଜୁନ ଓରାମ, ସସ୍ମିତା ଦିବେଦୀ, ଅଜିତ ତ୍ରିପାଠୀ, ଦିଲ୍ଲୀପ କୁମାର ପତି ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ଓରାମ ୨ଶହରୁ ଊର୍ଦ୍ଧ୍ୱ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ବିଧାୟକଙ୍କ ସହ ସାମାଜିକକର୍ମୀ ରାଜୁ ତିୱାରୀ ଉପସ୍ଥିତ ରହି ଅନ୍ତେବାସୀଙ୍କୁ ଉତ୍ସାହିତ କରିଥିଲେ।


ଆଶ୍ରମ ଅନ୍ତେବାସୀଙ୍କ ସହ ପୂର୍ବତନ ବିଧାୟକ ଓ ଅନ୍ୟମାନେ।

## ପ୍ଲାଷ୍ଟିକ ମୁକ୍ତ ପିକ୍‌ନିକ୍ ସ୍ଥଳ ସଚେତନତା ପ୍ରଚାର

ସୁନ୍ଦରଗଡ,୨।୧ (ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ ବନ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଆମ ବଣଭୋଜି ସ୍ଥଳ କରିବା ଆମେ ନିର୍ମଳ ତଥା ପ୍ଲାଷ୍ଟିକ ମୁକ୍ତ ପିକନିକ ସ୍ପଟ ଅଭିଯାନ ଆରମ୍ଭ ହୋଇଛି। ବନବିଭାଗ ଅଧିକାରୀ ଏବଂ ସୁନ୍ଦରଗଡ ପବ୍ଲିକ ସ୍କୁଲ ଛାତ୍ରୀମାନେ ଏହି ଅଭିଯାନରେ ସାମିଲ ହୋଇଥିଲେ। ସ୍ଥାନୀୟ ଶଙ୍କର ମେମୋରିଆଲ ପାରିଜାତ ପାର୍କକୁ ଯାଇ ଛାତ୍ରୀଛାତ୍ର,ବନ ବିଭାଗ ଅଧିକାରୀ ଓ କର୍ମଚାରୀ ମିଳିତଭାବେ ପାର୍କ ଭିତରେ ପଡିଥିବା ପ୍ଲାଷ୍ଟିକ ସବୁ ସଫା କରିଥିଲେ। ଥରେ ମାତ୍ର ବ୍ୟବହାର ହୋଇଥିବା ପ୍ଲାଷ୍ଟିକକୁ ଆଉଥରେ ବ୍ୟବହାର ନ କରିବା ପାଇଁ ପିଲାମାନେ ଶପଥ ନେବା ସହିତ ପାର୍କକୁ ବୁଲିବାକୁ ଆସି ଥିବା ଅନ୍ୟମାନଙ୍କୁ ମଧ ସଚେତନ କରିଥିଲେ। ଏହାପରେ ବିଦ୍ୟାଳୟର ଇକୋ କ୍ଲବର ଶିକ୍ଷକ ଅଶୋକ କୁମାର ପରିଡାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ପାରିଜାତ ପାର୍କଠାରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ପରିକ୍ରମା କରିଥିଲେ। ଏହାକୁ ସୁନ୍ଦରଗଡ ବନବିଭାଗର ସହକାରୀ ବନ ସଂରକ୍ଷକ (ଆଇଏଫଏସ) ଉଦ୍ୟାନ ସୁବୁଦ୍ଧି ପତାକା ଦେଖାଇ ଶୁଭାରମ୍ଭ କରି ଶୋଭାଯାତ୍ରାରେ ପିଲାଙ୍କ ସହ ସାମିଲ ହୋଇ ସଚେତନ କରିଥିଲେ। ବନାଞ୍ଚଳ ଅଧିକାରୀ ଉମାଶଙ୍କର ନାୟକ, ବନପାଳ ମନୋଜ କୁମାର ନାୟକ, ବାସୁଦେବ ସାହୁ, ବନରକ୍ଷୀ ବାବୁଲି ସାହୁଙ୍କ ସମେତ ବନବିଭାଗ ସ୍କ୍ୱାର୍ଡ ଉପସ୍ଥିତ ଥିଲେ। ବିଦ୍ୟାଳୟର ସୂର୍ଯ୍ୟକାନ୍ତି ନାୟକ, ବିଶ୍ୱ ଶଙ୍କର ନାୟକଙ୍କ ସମେତ ୮୦ ଜଣ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଏହି ସଚେତନତା କାର୍ଯ୍ୟକ୍ରମ ଚାଲିବ ବୋଲି ସହକାରୀ ବନ ସଂରକ୍ଷକ ସୁବୁଦ୍ଧି ପ୍ରକାଶ କରିଛନ୍ତି।



ଶଙ୍କର୍ଷଣ ମେମୋରିଆଲ ପାରିଜାତ ପାର୍କରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସୁନ୍ଦରଗଡ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର , ବନ ବିଭାଗ ଅଧିକାରୀ ଓ କର୍ମଚାରୀ।

## ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

ବନ୍ଧମୁଣ୍ଡା,୨।୧ (ସୁବ୍ରତ ଦେ)

ରାଉରକେଲାର ପୂର୍ବତନ ବିଧାୟକ ଦିଲୀପ ରାୟ ଶୁକ୍ରବାର ବନ୍ଧମୁଣ୍ଡାର ଡିଜେଲ କଲୋନି ଅନ୍ତର୍ଗତ ମୁଖୀ ବସ୍ତିରେ ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୱାର୍ଡ ନଂ.୨୩ରେ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ଏହି କେନ୍ଦ୍ର। ଏହି ଅବସରରେ ରାୟ କହିଥିଲେ, ଅଙ୍ଗନୱାଡି କେନ୍ଦ୍ର ଶିଶୁଙ୍କ ପୋଷଣ, ଶିକ୍ଷା ଓ ମାତୃ ଶିଶୁ ସ୍ୱାସ୍ଥ୍ୟ ପାଇଁ ଏକ ମଜଭୁତ ଆଧାର ହୋଇଥାଏ। ସରକାରଙ୍କ ପ୍ରାଥମିକତା ହେଉଛି ଯେ ମୌଳିକ ସୁବିଧା ସମାଜର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚୁ ଏବଂ ଶିଶୁମାନେ ଭଲ ଭବିଷ୍ୟତ ପାଇଁ ଦୃଢ଼ ଭିତ୍ତିଭୂମି ଗଢ଼ିପାରନ୍ତୁ। ପରେ ରାୟ ବନ୍ଧମୁଣ୍ଡା ସି-ସେକ୍ଟରସ୍ଥିତ ରେଲୱେ ପେନ୍ସନର ଆସୋସିଏଶନ କାର୍ଯ୍ୟାଳୟକୁ ଯାଇ ସେଠାରେ ଉପସ୍ଥିତ ସଦସ୍ୟଙ୍କୁ ନୂଆ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ଓ ପ୍ରସ୍ତାବ ଉପରେ ସଦସ୍ୟମାନେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜିତ ନାୟକ, ହରି ରାଉତରାୟ, ଅମିତାଭ ଶାମଳ, ମାଣିକ ଚୌଧୁରୀ, ବି. ୱାର୍ଦେଶ୍ୱର ରାଓ, ରଞ୍ଜନ ସିଂହ, ଆଇ. ରାଜା ରମେଶ, ସନ୍ତୋଷ ରାୟ, ନିରଞ୍ଜନ ସାରଙ୍ଗୀ, ଅମରେଶ ପ୍ରଧାନ, ଲୋକନାଥ ପାତ୍ର, ସନ୍ତୋଷ ନାୟକ, ଗୁରୁ ମୁଖୀ, ମହାବୀର ମୁଖୀ, ଅରୁଣ ମୁଖୀ, ଶଙ୍କର ମୁଖୀ, ସାବିତ୍ରୀ ମୁଖୀ, ଲଳିତା ମୁଖୀଙ୍କ ସହିତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ସୁନ୍ଦରଗଡ଼ ଜିଲାର ଜନ୍ମଦିନ ପାଳିତ

ରାଉରକେଲା,୨।୧ (ଦିନେଶ ମିଶ୍ର)

ରାଉରକେଲା କଳିଙ୍ଗ ସଂସଦ ପକ୍ଷରୁ ବିଶ୍ରା ଛକ ସ୍ଥିତ ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତି ତଳେ ଶୁକ୍ରବାର ସୁନ୍ଦରଗଡ଼ ଜିଲାର ଜନ୍ମଦିନ ଉତ୍ସବ ପାଳନ କରାଯାଇଛି। ସଂସଦର ଅଧ୍ୟକ୍ଷ ଗିରିଜା ଶଙ୍କର ଦ୍ୱିବେଦୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ସହରର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ। ଜ୍ୟୋତିର୍ମୟ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ସଞ୍ଜୀବ କୁମାର ନାୟକ, ଜିତେନ୍ଦ୍ର ପ୍ରସାଦ, ଅକ୍ଷୟ ଚୌଧୁରୀ, ଅଶୋକ ପଣ୍ଡା, ସୂର୍ଯ୍ୟ ଚୌଧୁରୀ, ଦାଶରଥି ବିଶ୍ୱାଳ, ଦିନେଶ ପ୍ରସାଦ, କୁମାର ସାହୁ, ଗୌତମ ଭଗତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୀନା ନାୟକ, ପ୍ରତିଭା ପ୍ରିୟଦର୍ଶିନୀ, ହେମଲତା ପ୍ରସାଦ, ମାନିନୀ ଜେନା, ନିରୁପମା, ଗୋପାଳ ଜେନା, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ଆନନ୍ଦ କୁମାର ସୁନା ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

## ବସ୍ତି ସୁରକ୍ଷା ସମିତିର ସେବା ସମ୍ମାନ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୨।୧ (ସଙ୍ଗୀତା ଜେନା)

ରାଉରକେଲା ବସ୍ତି ସୁରକ୍ଷା ସମିତି ପକ୍ଷରୁ ଗୁରୁବାର ବରିଷ୍ଠ ନାଗରିକ ତଥା ଅସହାୟମାନଙ୍କ ପାଇଁ ଏକ ସେବା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ଶିଳ୍ପାଞ୍ଚଳ କମ୍ୟୁନିଟି ସେଣ୍ଟର ପଡିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନଗର ବିଜେଡି ସଭାପତି ଗଗନ ପଣ୍ଡା, ସମାଜସେବୀ ପୁଷ୍ପା ଲେଙ୍କା, ମହିଳା ବିଜେଡି ସଭାପତି ଜ୍ୟୋତ୍ସ୍ନା ନାୟକ, ଜୋନାଲ ଇନ୍‌ଚାର୍ଜ ସୁଧାଂଶୁ ସାମଲ, ବରିଷ୍ଠ ନେତା ନବୀନ ହୋତା, ଦିଲୀପ ସାମଲ, ସଞ୍ଜୟ ସାମଲ, ଯୁବନେତା ରାହୁଲ ମହାନ୍ତି, ସମାଜସେବୀ ଏମ୍‌ଡି ଇସ୍ରାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିଳ୍ପାଞ୍ଚଳ ଉନ୍ନତିରେ ଯୋଗଦାନ ଥିବା ଅନାଥ ରାଉତ, ସହଦେବ ସାମଲ, ଅକ୍ଷୟ ଧଳ, ନୃସିଂହ ସାହୁ, ସୁଶାନ୍ତ ଖୁଣ୍ଟିଆ, ଚିତ୍ତରଞ୍ଜନ ମହାନ୍ତି, ଅନିରୁଦ୍ଧ ବେହେରା, ଅଭିରାମ ଦାସ, ଚତୁର୍ଭୁଜ ସାମଲ, ପ୍ରମୋଦ ଦାସ, ସାଦିକ ଅଲ୍ଲୀ, ଏମଡ଼ି ମଞ୍ଜୁର, ଏମ୍‌ଡି ସଲାଉଦ୍ଦିନ, ସିଦ୍ଧେଶ୍ୱର ମଲ୍ଲିକ, ପ୍ରଫୁଲ୍ଲ ବାରିକ, ଗାନ୍ଧୀ ପଣ୍ଡା, ଇଂ. ପ୍ରଦୀପ ଘୋଷ, ଅଭୟ ଭୋଳ, ଭାଗିରଥି ମହଲା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶିଳ୍ପାଞ୍ଚଳର ୨୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ତଥା ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସମିତିର କର୍ମକର୍ତ୍ତା ଜିତେନ୍ଦ୍ର ଦାସ, ଅନିଲ ସାହୁ, ସନ୍ତୋଷ ଶର୍ମା, ବୁଲୁ ଦାସ, ପ୍ରତାପ ସାହୁ, ଦିଲ୍ଲୀପ ଜେନା, ବାବୁ ବିଶ୍ୱାଳ, ପ୍ରମୁଖ ସହଯୋଗ କରିଥିଲେ। କୈଳାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆ ବର୍ଷ: ଇନ୍ଦିରା ଗାନ୍ଧୀ ପାର୍କରେ ଭିଡ଼

ରାଉରକେଲା,୨।୧ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଅଧୀନ ରାଉରକେଲା ଇନ୍ଦିରା ଗାନ୍ଧୀ ପାର୍କରେ ଇଂରାଜୀ ନବବର୍ଷ ୨୦୨୬ ପାଳନ ପାଇଁ ବହୁସଂଖ୍ୟକ ପର୍ଯ୍ୟଟକଙ୍କ ସମାଗମ ହେଉଛି। ଗତ ୧ତାରିଖରେ ପ୍ରାୟ ୧୦ହଜାର ପର୍ଯ୍ୟଟକ ଏହି ପାର୍କକୁ ଆସିଥିବା ବେଳେ ମୋଟ ଆୟ ୪,୯୪,୭୦୦ ଟଙ୍କା ଥିଲା। ପାର୍କର ଯତ୍ନ ନେଉଥିବା ଆର୍‌ଏସ୍‌ପିର ସହର ଇଞ୍ଜିନିୟରିଂ-ଉଦ୍ୟାନ କୃଷି ବିଭାଗ ପିଲାଙ୍କୁ ବନ୍ୟଜନ୍ତୁ ସୁରକ୍ଷା ଏବଂ ପରିବେଶର ମହତ୍ୱ ବିଷୟରେ ଶିକ୍ଷାଦେବା ବ୍ୟତୀତ ଜୈବ ବିବିଧତାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବାକୁ ସମସ୍ତ ପ୍ରୟାସ କରିଆସୁଛି। ସୂଚନାଯୋଗ୍ୟ, ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ପ୍ରାଣୀ ଉଦ୍ୟାନ ଇନ୍ଦିରା ଗାନ୍ଧୀ ପାର୍କ ପ୍ରାଣୀ ଉଦ୍ୟାନରେ ୨୨୪ ପଶୁପକ୍ଷୀ ବାସ କରନ୍ତି। ସଫଳ ପ୍ରଜନନ କାର୍ଯ୍ୟକ୍ରମ ପାଇଁ ଜଣାଶୁଣା ଏହି ପ୍ରାଣୀ ଉଦ୍ୟାନ ଏହାର ଜୈବ ବିବିଧତାକୁ ସମୃଦ୍ଧ କରିବା ଏବଂ ପରିଦର୍ଶକମାନଙ୍କ ପାଇଁ ନୂତନ ଆକର୍ଷଣ ଯୋଗାଇବା ସକାଶେ ପ୍ରାଣି ବିନିମୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥାଏ। ସେହିପରି ନୂତନ ବର୍ଷରେ ଇସ୍ପାତ ନେହେରୁ ପାର୍କରେ ମଧ ବିପୁଳ ଜନସମାଗମ ହୋଇଥିଲା।


ଇନ୍ଦିରା ଗାନ୍ଧୀ ପାର୍କରେ ପରିଦର୍ଶକଙ୍କ ଭିଡ଼ ଲାଗିଛି।

## ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବନ୍ଧମୁଣ୍ଡା,୨।୧ (ସୁବ୍ରତ ଦେ)

ବନ୍ଧମୁଣ୍ଡା ସି- ସେକ୍ଟରସ୍ଥିତ ୧୦ ନଂ. ଖେଳ ପଡ଼ିଆରେ ଷ୍ଟାର୍ ବଏଜ କ୍ଲବ ଦ୍ୱାରା ଆୟୋଜିତ ୩ ଦିନିଆ ଦ୍ୱିତୀୟ ଷ୍ଟାର୍ ଚ୍ୟାଲେଞ୍ଜ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଅଞ୍ଚଳର ମୋଟ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବିହାର ପୋଲିସ ମନୋହରପୁର ଓ ସିଟି ଫାଇଟର୍ ରାଉରକେଲା ମଧ୍ୟରେ ହୋଇଥିଲା। ଏହି ରୋମାଞ୍ଚକ ମୁକାବିଲାରେ ବିହାର ପୋଲିସ ଦଳ ୨୦ ଗୋଲରେ ଜିତ୍ ହାସିଲ କରିଛି। ଏହି ଅବସରରେ ରାଉରକେଲାର ପୂର୍ବତନ ବିଧାୟକ ଦିଲୀପ ରାୟ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ଫାଇନାଲ ମୁକାବିଲା ଆସନ୍ତା ୪ତାରିଖରେ ଖେଳାଯିବ। ଟୁର୍ନାମେଣ୍ଟର ସଫଳ ଆୟୋଜନରେ ଆୟୋଜକ ସମିତିର ଅଧ୍ୟକ୍ଷ ରିତେଶ ପ୍ରସାଦଙ୍କ ସହ ସୂର୍ଯ୍ୟ କୁମାର, ଅଭିଷେକ ସିଂହ, ରାହୁଲ କୁମାର, ମୋନୁ କୁମାର, ବଣ୍ଟି, ଆକାଶ କୁମାର, ଆଦିତ୍ୟ କୁମାର, କୁନ୍ଦନ ସହିତ ଅନ୍ୟାନ୍ୟ ସଦସ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।


ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ରାଉରକେଲା ଦଳକୁ ୨୦ ସ୍ୱର୍ଣ୍ଣ ପଦକ

### ସର୍ବଭାରତୀୟ କରାଟେକା ଚାମ୍ପିୟନଶିପ୍

ରାଉରକେଲା,୨।୧ (ଦିନେଶ ମିଶ୍ର)

ସୁକୋକାଇ କରାଟେକା ୟୁନିୟନ ଇଣ୍ଡିଆ ଓ ଉତ୍କଳ କରାଟେକା ସ୍କୁଲର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେକା ସ୍କୁଲଠାରେ ୧୫ତମ ସର୍ବଭାରତୀୟ କରାଟେକା ଚାମ୍ପିୟନ୍‌ଶିପ୍ ଉଦ୍‌ଯାପିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଗୁଜୁରାଟରୁ ୬ ବର୍ଷରୁ ଆରମ୍ଭ କରି ସିନିୟର ବର୍ଗରେ ୧୨ଶହରୁ ଊର୍ଦ୍ଧ୍ୱ କରାଟେକା ଅଂଶଗ୍ରହଣ କରିଥିଲେ। ସୁକୋକାଇ କରାଟେ ୟୁନିୟନ ଇଣ୍ଡିଆର ମୁଖ୍ୟ ହାଂଶୀ ଡକ୍ଟର ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚାମ୍ପିୟନଶିପ୍‌ରେ କରାଟେକା ଇଣ୍ଡିଆ ଅର୍ଗାନାଇଜେଶନ(କିଓ)ର ସଭାପତି ହାଂଶୀ ଭାରତ ଶର୍ମା ମୁଖ୍ୟ ଅତିଥି, ଓଡିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତି, ରାଜ୍ୟ କରାଟେ ସଂଘର ବରିଷ୍ଠ ସଦସ୍ୟ ପ୍ରକାଶ ପଟ୍ଟନାୟକ, କାଳୀପ୍ରସାଦ ନନ୍ଦ, ସଞ୍ଜୟ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ଚାମ୍ପିୟନଶିପ୍‌ରେ ରାଉରକେଲା ଉତ୍କଳ କରାଟେ ସ୍କୁଲରୁ ୫୦ ଜଣିଆ କରାଟେକା ଦଳ ଅଂଶଗ୍ରହଣ କରି ୨୦ଟି ସ୍ୱର୍ଣ୍ଣ ସମେତ ୬୧ଟି ପଦକ ହାସଲ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ପଦକପ୍ରାପ୍ତ ଏସୀୟ କୋଚ୍ ରାଜୀବ କୁମାର ସିଂ ୭ମ ଡାନ ବ୍ଲାକବ୍ଲେଡଙ୍କ ନେତୃତ୍ୱରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦଳରେ ଟେନସା ଶାଖାର ପ୍ରଶିକ୍ଷକ ରଞ୍ଜନ ପାତ୍ର, ଅଭିଷେକ ପଟ୍ଟନାୟକ, ସୂର୍ଯ୍ୟପ୍ରକାଶ ଘଡେଇ ଓ ପୁଲକ ପାଢୀ କୋଚ୍ ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ଏସୀୟ କୋଚ୍ ରାଜୀବ ସିଂ ଶ୍ରେଷ୍ଠ ଅଫିସିଆଲ ପୁରସ୍କାର ଗ୍ରହଣ କରିଥିଲେ।



ପଦକ ହାସଲ କରିଥିବା କରାଟେକା।

## ସଂକ୍ଷେପରେ

### ମିଥିଳା ଗ୍ଲୋବାଲ ଆୱାର୍ଡରେ ସମ୍ମାନିତ ହେଲେ ରୂପାଲି ପଣ୍ଡା



କୁଚିଣ୍ଡା,୨।୧(ବିରଞ୍ଚି ଦର୍ଡ୍ଡା)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ଛାତ୍ରୀ ରୂପାଲି ପଣ୍ଡା ସମାଜସେବା କାର୍ଯ୍ୟ ଓ ବହୁମୁଖୀ ପ୍ରତିଭା ପାଇଁ ସେ ମିଥିଳା ଗ୍ଲୋବାଲ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି। ବିହାର ରାଜ୍ୟର ମିଥିଳା ଆୟାଚୀ ନଗର ଯୁବା ଫାଉଣ୍ଡେସନ ଦ୍ୱାରା ନଭେମ୍ବର ୨୭ ଓ ଡିସେମ୍ବର ୨୮ରେ ଆୟୋଜିତ ମିଥିଳା ଗ୍ଲୋବାଲ ଆୱାର୍ଡ ସମାରୋହରେ ତାଙ୍କୁ ଏହି ଗାରିମାମୟ ପୁରସ୍କାର ପ୍ରଦାନ କରାଯାଇଛି। ସମାଜସେବାରେ ସେ ନିଷ୍ଠାର ସହ କାର୍ଯ୍ୟ କରିଥିବାରୁ ତାଙ୍କୁ ଏଭଳି ସମ୍ମାନ ମିଳିବା ଅଞ୍ଚଳ ପାଇଁ ଗର୍ବର ବିଷୟ ହୋଇଛି। ସୂଚନାଯୋଗ୍ୟ ଯେ,ଏହି ୨ଦିନିଆ ଜାତୀୟସ୍ତରୀୟ ସମାରୋହରେ ଦେଶର ୧୫ଟି ରାଜ୍ୟରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ। ଓଡ଼ିଶାକୁ ପ୍ରତିନିଧିତ୍ୱ କରି ସମ୍ବଲପୁର ଜିଲାର କୁଚିଣ୍ଡା କଲେଜ ଯୁକ୍ତ ୩ ଛାତ୍ରୀ ରୂପାଲି ପଣ୍ଡା ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ସେ ଜଣେ ଛାତ୍ରୀ ଭାବେ ଦୀର୍ଘଦିନ ଧରି ସମାଜସେବା, ମହିଳା ସଶକ୍ତିକରଣ, ଯୁବ ସଚେତନତା ଓ ସମାଜର ଉନ୍ନତି କ୍ଷେତ୍ରରେ ନିରନ୍ତର କାର୍ଯ୍ୟକରି ଆସୁଥିଲେ। ଏହି ସମ୍ମାନ ପାଇବା ପରେ ରୂପାଲି କୁଚିଣ୍ଡା କଲେଜ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ତଥା ଅଧ୍ୟାପିକା ବେଲମତୀ କୁମୁରାଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି। କୁମୁରାଙ୍କ ମାର୍ଗଦର୍ଶନ ସହ ତାଙ୍କ ମାଆ,ବାପାଙ୍କ ନିରନ୍ତର ପ୍ରେରଣା ଓ ସହଯୋଗ ଯୋଗୁ ସେ ଏହି ସମ୍ମାନର ଅଧିକାରୀ ହୋଇଥିବା କହିଛନ୍ତି।

# ବନ୍ଦେ ମାତରଂ ଦେଶର ପ୍ରଥମ ବୈପ୍ଳବିକ ସ୍ଲୋଗାନ

- ବନ୍ଦେ ମାତରଂ ଉପରେ ଜୋନ୍‌ସ୍ତରୀୟ କର୍ମଶାଳା
- ଯୋଗ ଦେଲେ ୭ ଜିଲାର ଶିକ୍ଷୟିତ୍ରୀ ଓ ଶିକ୍ଷକ
- ବନ୍ଦେ ମାତରଂ ୧୫୦ ବର୍ଷ ପୂର୍ତ୍ତି ପାଳିତ

ସମ୍ବଲପୁର,୨।୧(ପ୍ରମୋଦ ବହିଦାର)

ବନ୍ଦେ ମାତରଂ ଜାତୀୟ ଗୀତ କେବଳ ଏକ ଜାତୀୟତା ଭାବ ଭିତ୍ତିକ ଗୀତ ନୁହେଁ ଏହା ଦେଶର ପ୍ରଥମ ବୈପ୍ଳବିକ ସ୍ଲୋଗାନ। ଏହା ଦେଶ ମାତୃକାର ବନ୍ଦନା ବୋଲି କହିଛନ୍ତି ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଶୋକ କୁମାର ଭୋଇ। ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ ଜାତୀୟ ଗୀତ 'ବନ୍ଦେ ମାତରଂ'ର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆୟୋଜିତ ଏକ ଜୋନ୍‌ସ୍ତରୀୟ କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ଭୋଇ ଏହା କହିଛନ୍ତି। ସମ୍ବଲପୁର ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳର ସଫଳତା କାମନା କରି ଆଗାମୀ ଦିନରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏକ ଭାରତ ଶ୍ରେଷ୍ଠ ଭାରତ ଲକ୍ଷ୍ୟ ପୂରଣ ଦିଗରେ ସର୍ବାଙ୍ଗୀନ ବିକାଶ ପାଇଁ ସାମୂହିକ ପ୍ରୟାସ ଜାରି ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ସମ୍ବଲପୁର ସହିତ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ସୋନପୁର, ଦେଓଗଡ଼ ଆଦି ୭ଟି ଜିଲାର ବିଭିନ୍ନ ବିଦ୍ୟାଳୟ ଓ କନିଷ୍ଠ କଲେଜର ବହୁ ସଂଖ୍ୟାରେ ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା, ଅଧ୍ୟାପକମାନେ ଯୋଗ ଦେଇଥିଲେ।



ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ କର୍ମଶାଳାରେ ମଞ୍ଚାସୀନ ଅତିଥି।

କର୍ମଶାଳାରେ ନୟାଗଡ଼ର ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ପଣ୍ଡିତ ରଜନୀକାନ୍ତ ମହାପାତ୍ର, ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଜାମିନୀକାନ୍ତ ମିଶ୍ର, ବେହଲା ବାଦକ ଏବଂ ଚିତ୍ରଶିଳ୍ପୀ ତଥା ବଲାଙ୍ଗୀର କଳା ମହାବିଦ୍ୟାଳୟ ଅଧକ୍ଷ ଦିଲୀପ କୁମାର ସିଂଦେଓ, ଝାରସୁଗୁଡ଼ାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓଡ଼ିଶା ଓ ପଶ୍ଚିମବଙ୍ଗ ସମ୍ମିଳିତ କ୍ଷେତ୍ରୀୟ ସେବା ପ୍ରମୁଖ ଦୀପକ କୁମାର ରାଉତ, ସଂସ୍କାର ଭାରତୀ ଅଖିଳ ଭାରତୀୟ ଲୋକ ଓ ଜନଜାତି କଳା ବିଭାଗ ସଂଯୋଜକ ନିରଞ୍ଜନ ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ଅମୃତ ଲାଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ସର୍ବପ୍ରଥମେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ବେହେରା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅତିଥିମାନେ 'ବନ୍ଦେ ମାତରଂ'ର ଐତିହାସିକ ପ୍ରସଙ୍ଗ ଓ ଜାତୀୟ ଚେତନାରେ ଏହାର ଭୂମିକା ଉପରେ ବିଭିନ୍ନ ଢଙ୍ଗରେ ଆଲୋକପାତ କରିଥିଲେ। ଆର୍‌ଏସ୍‌ଏସ୍ କ୍ଷେତ୍ରୀୟ ସଂଯୋଜକ ଦୀପକ କୁମାର ରାଉତ ଜାତୀୟ ଗୀତ 'ବନ୍ଦେ ମାତରଂ'ର ପ୍ରଶିକ୍ଷଣ ପାଇଁ ରହିଥିବା ଯୋଜନା ଉପରେ ଆଲୋଚନା କରିଥିଲେ। ସେହିପରି ସଂସ୍କାର ଭାରତୀ ଲୋକ ଓ ଜନଜାତି କଳା ବିଭାଗ ଅଖିଳ ଭାରତୀୟ ସଂଯୋଜକ ନିରଞ୍ଜନ ପଣ୍ଡା 'ବନ୍ଦେ ମାତରଂ' ଗାନର ଶୈଳି ଉପରେ ପ୍ରଶିକ୍ଷଣ ଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଶ୍ରାଦ୍ଧ ବାର୍ଷିକୀରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ସମ୍ବଲପୁର,୨।୧(ବି.ଶଙ୍କର)

ପଶ୍ଚିମ ଓଡ଼ିଶାର ଗାନ୍ଧୀ ଭାବେ ପରିଚିତ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୪୨ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଶୁକ୍ରବାର ସକାଳ ୮ଟା ୩୦ରେ ସମ୍ବଲପୁର ସହର ମନ୍ଦଲିଆ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଦଳମତ ନିର୍ବିଶେଷରେ ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପାର୍ପଣ ପୂର୍ବକ ସ୍ୱର୍ଗତ ଗୁରୁଙ୍କର ତ୍ୟାଗପୂତ ଜୀବନ ଓ ଆଦର୍ଶର ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଉପସଭାପତି ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ସମ୍ପାଦକ ହେମନ୍ତ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ କାର୍ତ୍ତିକ ପ୍ରସାଦ ବହିଦାର, ସଂସ୍କୃତି ଗବେଷକ ଡ.ଶ୍ୟାମ ସୁନ୍ଦର ଧର, ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟର ଅତିଥି ଅଧ୍ୟାପିକା ଡ. ସଙ୍ଗୀତା ନାଏକ ପୁରୋହିତ, କବି ଗଦାଧର ନିଆଲ, ଅଖିଳ ଭାରତୀୟ କାୟସ୍ଥ ମହାସଭା ଚିତ୍ରଗୁପ୍ତ ସେବା ଟ୍ରଷ୍ଟର ବରିଷ୍ଠ ଉପାଧ୍ୟକ୍ଷ ରତ୍ନଭୂଷଣ ପୃଷେଠ, ସରୋଜ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଡ.ବଂଶୀଧର କର, ଦେବାଶିଷ ସାହୁ, ସାମାଜିକ କର୍ମୀ ରାଜେନ୍ଦ୍ର ଶତନାମୀ, ସୁନୀଲ ସାଗର, ରବିନାରାୟଣ ମିଶ୍ର, ଶରତ ଚନ୍ଦ୍ର ମିଶ୍ର, ଅଧ୍ୟାପିକା ସଙ୍ଗୀତା ପୁରୋହିତ, ସୋନାଲିସା ପୁରୋହିତ, ଜୟନ୍ତୀ ବାଗ, ଅକ୍ଷୟ କୁମାର ଦାଶ, ଆନନ୍ଦ ଚନ୍ଦ୍ର ପତି, ଅଶୋକ କୁମାର ଚାନ୍ଦ, ରାମେଶ୍ୱର ପୁରୋହିତ, ଶ୍ରୀକାନ୍ତ ପାଣ୍ଡେ, ଭୁଷଣ ମେହେର ପ୍ରମୁଖ ଯୋଗଦେଇ ମନ୍ଦଲିଆ ସ୍ଥିତ ନୃସିଂହ ଗୁରୁ ପ୍ରମୋଦ ଉଦ୍ୟାନରେ ଥିବା ସ୍ୱର୍ଗତ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜୟଗାନ କରିଥିଲେ।

# ଆଇଆଇଏମ୍‌ରେ ବିକଶିତ ଭାରତ ଯୁବ ନେତୃତ୍ୱ ଆହ୍ୱାନ କାର୍ଯ୍ୟକ୍ରମ



ଆଇଆଇଏମ୍‌ରେ ଅନୁଷ୍ଠିତ ବିକଶିତ ଭାରତ ଯୁବ ନେତୃତ୍ୱ ଆହ୍ୱାନ ଶୀର୍ଷକ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଯୁବ ପ୍ରତିନିଧି।

ସମ୍ବଲପୁର,୨।୧(ପ୍ରମୋଦ ବହିଦାର)

### ଏଆଇର ଗୁରୁତ୍ୱ ଓ ପ୍ରୟୋଗ ଜଟିଳ ସମସ୍ୟାର ସମାଧାନ ମାର୍ଗ

ଏଆଇର ଗୁରୁତ୍ୱ ଓ ପ୍ରୟୋଗ ସମ୍ପର୍କରେ ଯୁବବର୍ଗଙ୍କ ଗଭୀର ଜ୍ଞାନ ଯେକୌଣସି ସମସ୍ୟାର ପ୍ରଭାବଶାଳୀ ସମାଧାନର ବାଟ ଫିଟିବାର ସମ୍ଭାବନା ସୃଷ୍ଟି ହୋଇଥାଏ ବୋଲି କହିଛନ୍ତି ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ। ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଆୟୋଜିତ 'ବିକଶିତ ଭାରତ ପାଇଁ ଓଡ଼ିଶାରେ ଯୁବବର୍ଗ ସଶକ୍ତୀକରଣ' ବିଷୟବସ୍ତୁ ଉପରେ ଆଧାରିତ ବିକଶିତ ଭାରତ ଯୁବ ନେତୃତ୍ୱ ଆହ୍ୱାନ ଶୀର୍ଷକ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଏହି ମର୍ମରେ ସେ ଏଆଇ ଆଧାରିତ ନବସୃଜନ ବିଶ୍ୱସ୍ତରୀୟ ଆହ୍ୱାନ ସମେତ ଭାରତରେ ସମ୍ବଲପୁର ଭଳି ଛୋଟ ସହରଠାରୁ ଆରମ୍ଭ କରି ମେଟ୍ରୋପଲିଟାନ ସହର ପର୍ଯ୍ୟନ୍ତ ସମସ୍ତ ସମସ୍ୟାର ସମାଧାନର ମାର୍ଗ ବୋଲି କହିଥିଲେ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଆଇଆଇଏମ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟର ସଫଳ ରୂପାୟନରେ ଯୁବ ନେତୃତ୍ୱର ସହଭାଗୀତାଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବିଶେଷ କରି ରାଷ୍ଟ୍ରଗଠନରେ ପ୍ରତ୍ୟକ୍ଷ ଭାବେ ଯୋଡ଼ି ହେବାରେ ଯୁବବର୍ଗଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେଥିମଧ୍ୟରେ ବିକଶିତ ଭାରତର ଦୀର୍ଘକାଳୀନ ଲକ୍ଷ୍ୟ ସହିତ ସମନ୍ୱିତ ଯୁବ ନେତୃତ୍ୱ, ନବସୃଜନ, ପ୍ରଶାସନ, ଅନ୍ତର୍ଭୁକ୍ତୀକରଣ ବିକାଶ ତଥା ଆଞ୍ଚଳିକ ସ୍ୱତନ୍ତ୍ର ଅଭିବୃଦ୍ଧି ରଣନୀତି ଉପରେ ଆଲୋଚନା ପାଇଁ ଏହି କାର୍ଯ୍ୟକ୍ରମ ଜରିଆରେ ଏକ ମଞ୍ଚ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଏକ ରାଉଣ୍ଡ ଟେବୁଲ ଆଲୋଚନାରେ ସମ୍ବଲପୁର ମାଇଁ ଭାରତ ଅନୁଷ୍ଠାନ ଓ ଆଦିବାସୀ ସଙ୍ଗଠନର ପ୍ରାୟ ୨୦ ଜଣ ଯୁବ ପ୍ରତିନିଧି ଭାଗ ନେଇଥିଲେ। ସେମାନେ ପ୍ରମୁଖ ଆହ୍ୱାନ, ଉଦୀୟମାନ ସୁଯୋଗ ଓ ଅଭିନବ ସମାଧାନ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ପ୍ରୋଜେକ୍ଟ ପଏଣ୍ଟ ଅଧ୍ୟକ୍ଷ ଓ ପ୍ରତିଷ୍ଠାତା ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ(ଏନ୍‌ୱାଇକେଏସ୍)ର ପୂର୍ବତନ ନିର୍ଦ୍ଦେଶକ ସତ୍ୟପ୍ରକାଶ ପଟ୍ଟନାୟକ, ଓଡ଼ିଶା ସରକାରଙ୍କ ବିଶେଷ ସଚିବ ନିହାର ରଞ୍ଜନ ଦାଶ ଏବଂ ଜାତିସଂଘ ବିକାଶ କାର୍ଯ୍ୟକ୍ରମର ଓଡ଼ିଶା ମୁଖ୍ୟ ଅଭା ମିଶ୍ର ଯୋଗ ଦେଇଥିଲେ। ଏଥିରେ ପ୍ରୋଜେକ୍ଟ ପଏଣ୍ଟ ଓଡ଼ିଶା ଅଧ୍ୟକ୍ଷ ଓ ପ୍ରତିଷ୍ଠାତା ଡ. ସାମନ୍ତରାୟ ତୃଣମୂଳ ଓ ଆଦିବାସୀ ସମୁଦାୟ ସମେତ ପ୍ରତିଟି ଅଞ୍ଚଳର ଯୁବବର୍ଗଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ଦ୍ୱାରା ବିକଶିତ ଭାରତ ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ସେହିପରି କେନ୍ଦ୍ର ଯୁବ ବ୍ୟାପର ଓ କ୍ରୀଡ଼ା ମନ୍ତ୍ରଣାଳୟର ନିର୍ଦ୍ଦେଶକ ପଟ୍ଟନାୟକ କହିଲେ ଯେ, ମାଇଁ ଭାରତ ଯୁବବର୍ଗଙ୍କୁ ପରିବର୍ତ୍ତନକାରୀ ଦୃଷ୍ଟିରେ ଦେଖୁଛି। ତେଣୁ ଏକ ପ୍ରତିକ୍ରିୟାଶୀଳ ପ୍ରଶାସନ ପାଇଁ ଯୁବ ଆଧାରିତ ଆଲୋଚନା ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ଦାଶ ନିଜ ବକ୍ତବ୍ୟରେ ନୂତନ ଶିକ୍ଷା ଦୃଷ୍ଟିକୋଣ ବିଭାଗୀୟ ସୀମା ଓ ପୂର୍ବଧାରଣାକୁ ଅତିକ୍ରମ କରି, ସୃଜନାତ୍ମକ ଅଭିବ୍ୟକ୍ତିରୁ ଆରମ୍ଭ କରି ସମ୍ବିଧାନୀୟ ବୁଝାମଣା ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁର ଆକାଂକ୍ଷାକୁ ପୋଷଣ କରିବାକୁ ଗୁରୁତ୍ୱ ଦେଇଥିଲେ। ଏଥିରେ ବିଶିଷ୍ଟ ନୀତି ନିର୍ମାତା, ଶିକ୍ଷାବିତ୍, ଯୁବ ନେତୃତ୍ୱ ଓ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗଦେଇ ଭାରତର ଭବିଷ୍ୟତ ବିକାଶର ସଫଳ ରୂପାୟନରେ ଯୁବବର୍ଗଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ।

## ଜିଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ ପ୍ରସ୍ତୁତି ବୈଠକ

ଦେବଗଡ଼,୨।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାରେ ଆସନ୍ତା ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ କରାଯିବ। ଏଥିପାଇଁ ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ଆୟୋଜିତ ବୈଠକରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକ ରେ ଜିଲ୍ଲାରେ ଜାନୁଆରୀ ୬ ରୁ ଜାନୁଆରୀ ୧୩ ତାରିଖ ମଧ୍ୟରେ ପାଳନ କରାଯିବ। ଏଥି ପାଇଁ ଚାଷୀ ମାନଙ୍କର ଜଳ ସେଚନ ଓ ସୁବିଧା ନିମନ୍ତେ ଜଳ ର ସଂରକ୍ଷଣ ଏବଂ ଉତ୍ତମ ପରିଚାଳନା ଆବଶ୍ୟକ ରହିଛି। ଏହି ଉପଲକ୍ଷେ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା, ରଚନା, ଜଣା-ଅଜଣା ଓ ଚିତ୍ରାଙ୍କନ ପ୍ରତିଯୋଗୀତା କରାଯିବ। ବିଭାଜନରେ ଆସନ୍ତା ୬ ତାରିଖ ଓ ଜିଲାସ୍ତରରେ ୧୩ ତାରିଖରେ ଜିଲାପରିଷଦ ସମ୍ମିଳନୀ କକ୍ଷଠାରେ ପାଣିପଞ୍ଚାୟତ ପକ୍ଷ ପାଳନ କରାଯିବ।

# ଅଧ୍ୟାପିକା ବେଲମତୀ କୁମୁରାଙ୍କୁ ଓଡ଼ିଆ ଗୌରବ ସମ୍ମାନ



ଅଧ୍ୟାପିକା ବେଲମତୀ କୁମୁରାଙ୍କୁ ଓଡ଼ିଆ ସମ୍ମାନ ପ୍ରଦାନ କରାଯାଉଛି।

କୁଚିଣ୍ଡା,୨।୧(ବିରଞ୍ଚି ଦର୍ଡ୍ଡା)

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ବେଲମତୀ କୁମୁରାଙ୍କୁ 'ଓଡ଼ିଆ ଗୌରବ ସମ୍ମାନ--୨୦୨୫'ରେ ସମ୍ମାନିତ କରାଯାଇଛି। ଏଥିଯୋଗୁ କୁଚିଣ୍ଡା ମହାବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି। ଜାତୀୟ ସେବା ଯୋଜନା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗଞ୍ଜାମ କଳା ପରିଷଦ ପକ୍ଷରୁ ଗତ ୨୯ରେ ୱାର୍ଲ୍ଡ ଚେରିଟି ଫାଉଣ୍ଡେସନ ୱେଲଫେୟାର ପକ୍ଷରୁ ବ୍ରହ୍ମପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା କୁମୁରାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ ଅଧ୍ୟାପିକା କୁମୁରାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। ସେ ଜାତୀୟସେବା ଯୋଜନା ମାଧ୍ୟମରେ ମହାବିଦ୍ୟାଳୟ ସ୍ତରରେ ପରିବେଶ, ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ରକ୍ତଦାନ, ନାରୀ ସୁରକ୍ଷା,ବୃକ୍ଷ ରୋପଣ, ଟ୍ରାଫିକ ସଚେତନତା, ଦୁର୍ନୀତି ଓ ନିଶା ନିବାରଣ ଆଦି କାର୍ଯ୍ୟକ୍ରମ କରି ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରି ଆସୁଛନ୍ତି। ଏହାଛଡା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣକୁ ବିକଶିତ କରିବା, ସମାଜ ଓ ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭୂମିକା ସମେତ ସମାଜସେବା ମାଧ୍ୟମରେ ବ୍ୟକ୍ତିତ୍ୱର କିଭଳି ବିକାଶ ହେବ ସେନେଇ କୁମୁରାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଅନ୍ୟପକ୍ଷରେ ସେ ଜଣେ ଛାତ୍ରବତ୍ସଳ ଏବଂ ତାଙ୍କର ଶିକ୍ଷାଦାନ ପ୍ରଣାଳୀ ଉଚ୍ଚକୋଟିର ହୋଇଥିବାରୁ ଅଧ୍ୟାପିକା ଭାବେ କୁଚିଣ୍ଡା ଅଞ୍ଚଳରେ ବେଶ ଖ୍ୟାତି ରହିଛି। ୨୦୨୪ ଗଣତନ୍ତ୍ର ଦିବସ ପରେଡରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ସହ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଉପରାଷ୍ଟ୍ରପତି, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀଙ୍କ ପକ୍ଷରୁ ସେମାନଙ୍କ ବାସଭବନକୁ ଆମନ୍ତ୍ରିତ ହୋଇ ସେମାନଙ୍କ ସହ ବାର୍ତ୍ତାଳାପ କରି କୁଚିଣ୍ଡା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଅଧ୍ୟାପିକା କୁମୁରାଙ୍କ ତତ୍ତ୍ୱାବଧାନରେ କୁଚିଣ୍ଡା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ୧୮ ଜଣ ସ୍ୱେଚ୍ଛାସେବୀ ରାଜ୍ୟ ଏବଂ ଜାତୀୟ ସ୍ତରୀୟ ଶିବିରରେ ଯୋଗଦେବାର ସୁଯୋଗ ପାଇ ପାରିଛନ୍ତି। ତେଣୁ ତାଙ୍କର ଏଭଳି ପ୍ରୟାସ ଓ ସଫଳତା ପାଇଁ କୁଚିଣ୍ଡା ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଟ୍ରେନ୍‌ର ଚଳାଚଳ ବାତିଲ ଓ ଗତିପଥ ପରିବର୍ତ୍ତନ

### ସମ୍ବଲପୁର ରେଳ ମଣ୍ଡଳରେ ଆଧୁନିକୀକରଣ କାର୍ଯ୍ୟ

ସମ୍ବଲପୁର,୨।୧(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳ ଅଧିନ ସମ୍ବଲପୁର-ସରଲା ରେଳ ଲାଇନ୍‌ରେ ସୁରକ୍ଷା ଜନିତ ଆଧୁନିକୀକରଣ କାର୍ଯ୍ୟ ପାଇଁ କେତେକ ଟ୍ରେନ୍‌କୁ ବାତିଲ କରାଯାଇଥିବାବେଳେ ଅନ୍ୟ କେତେକ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଥିବା ସୂଚନା ମିଳିଛି। ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରାୟ ୪ଯୋଡ଼ା ଟ୍ରେନ୍ ଚଳାଚଳ ବାତିଲ ହୋଇଛି। ସେଥିମଧ୍ୟରେ ଟିଟିଲାଗଡ଼-ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର ଟ୍ରେନ୍ ଉଭୟ ଦିଗରୁ ଜାନୁଆରୀ ୪ରୁ ୬ତାରିଖ ପର୍ଯ୍ୟନ୍ତ, ଟିଟିଲାଗଡ଼-ରାୟପୁର-ଟିଟିଲାଗଡ଼ ପାସେଞ୍ଜର ଟ୍ରେନ୍ ଉଭୟ ଦିଗରୁ ଜାନୁଆରୀ ୩ରୁ ୬ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ। ସେହିପରି ଗତିପଥ ପରିବର୍ତ୍ତନ ହୋଇଥିବା ଟ୍ରେନ୍ ଗୁଡ଼ିକ ମଧ୍ୟରେ ରାଉରକେଲା-ପୁରୀ-ରାଉରକେଲା ଏକ୍ସପ୍ରେସ ଟ୍ରେନ୍ ଉଭୟ ଦିଗରୁ ଜାନୁଆରୀ ୪ରୁ ୬ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜଙ୍କସନକୁ ନ ଯାଇ ସରଲା-ସମ୍ବଲପୁର ସିଟି ଷ୍ଟେସନ ରୁଟ୍ ଦେଇ ଚଳାଚଳ କରିବ। ସେହିପରି ଜାନୁଆରୀ ୬ ତାରିଖରେ ସପ୍ତାହରେ ତ୍ରିଦିବସୀୟ ବିଶାଖାପାଟଣା-ଅମୃତସର ଏକ୍ସପ୍ରେସକୁ ମଧ୍ୟ ସମ୍ବଲପୁର ଜଙ୍କସନ୍‌କୁ ନ ଯାଇ ସରଲା-ସମ୍ବଲପୁର ସିଟି ରୁଟ୍ ଦେଇ ଚଳାଚଳ କରିବ ବୋଲି ସୂଚନା ଦିଆଯାଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ପଡ଼ିଆବାହାଲ,୨।୧(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଖଲିଆପାଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ



ପୂଜାରୀ(୮୯)ଙ୍କ ଶୁକ୍ରବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପୂଜାରୀ ଧର୍ମପରାୟଣ ଏବଂ ଛାତ୍ର ବତ୍ସଳ ମେଳାପୀ ସ୍ୱଭାବର ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ୨ପୁଅ, ବୋହୁ ଝିଅମାନେ ଏବଂ ନାତିନାତୁଣୀ ଉପସ୍ଥିତ ଥିଲେ। ବାହାମ ସ୍ଥିତ ଶ୍ମଶାନଘାଟରେ ବଡ଼ ପୁଅ ଅଶୋକ କୁମାର ମୁଖାଗ୍ନି ଦେଇ ଶେଷ କୃତ୍ୟ ସମାପନ କରିଥିଲେ ।

# ଗୋପପୁରରେ ଆନ୍ତଃଜିଲା କବି ସମ୍ମିଳନୀ, କଳାକାର ସମାବେଶ

### ସୁବର୍ଣ୍ଣପାଲି ଧନୁଯାତ୍ରା

ଜମନକିରା,୨।୧(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପାଲି ଆଞ୍ଚଳିକ ଧନୁଯାତ୍ରା ତୃତୀୟ ଦିବସରେ ଗୋପପୁର ମଣ୍ଡପରେ ଶୁକ୍ରବାର କଳାହାଣ୍ଡି, ହୀରାକୁଦ, ଦେବଗଡ଼, ଜମନକିରା ଓ କୁଚିଣ୍ଡା ଅଞ୍ଚଳରୁ ଅନେକ କବି ଆସି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଏହା ଦ୍ୱାରା ନନ୍ଦ ରାଜା ଓ ସଭାସଦ ତଥା ଗୋପପୁରବାସୀ ମୁଗ୍ଧ ହୋଇଛନ୍ତି। ଠିକ୍ ସେହିପରି ବିଭିନ୍ନ ଅଞ୍ଚଳର କଳାକାରମାନେ ସମବେତ ହୋଇ ସେମାନଙ୍କର ନାଚଗୀତ ଓ ସଂଳାପ ପରିବେଷଣ କରି ଗୋପପୁରବାସୀଙ୍କୁ ମନୋରଞ୍ଜନର ଖୋରାକ ଦେଇପାରିଛନ୍ତି। ଏହି ଉତ୍ସବରେ ଜମନକିରା ବ୍ଲକର ପୂର୍ବତନ ବିଡିଓ ମୂରଲୀଧର ନାଏକ ମୁଖ୍ୟଅତିଥି ଓ ବିଶିଷ୍ଟ ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ନନ୍ଦ ରାଜାଙ୍କ ଏହି ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହା ପରେ କବି ସୁବାସ ନାୟକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠରେ ଡ. ଦିଲ୍ଲୀପ ପାଣି, ହୃଦାନନ୍ଦ ଶର୍ମା, ପ୍ରମୋଦ କୁମାର ନାୟକ, ମୁରଲୀଧର ସେଟ, ବନମାଳୀ ନମଦେଓ, ବସନ୍ତ ଚୌଧୁରୀ, ଧନୁଞ୍ଜୟ ମାଝୀ, ସୁନ୍ଦରମଣି ପାଣିଗ୍ରାହୀ, ଅନ୍ନପୂର୍ଣ୍ଣା ମହାକୁଲ, ଶେଷଦେବ ପଟେଲ, ସୁଶିଳ କୁମାର ମହକୁଲ, ଟିକେଶ୍ୱର୍ ପଟେଲ, ସରୋଜ ମେହେର ପ୍ରମୁଖ ସ୍ୱରଚିତ ଭକ୍ତିମୂଳକ କବିତା ପାଠ କରି ଗୋପପୁରବାସୀଙ୍କ ମନମୋହି ନେଇଥିଲେ। ଏହା ପରେ ନର୍ତ୍ତକୀଗଣ ନୃତ୍ୟଗୀତ ପରିବେଷଣ କରିଥିଲେ।

# ଲୋକ ମହୋତ୍ସବର ଚିତ୍ରକଳା କର୍ମଶାଳା

### ଚିତ୍ରଶିଳ୍ପୀଙ୍କ ତୂଳୀରେ ଜୀବନ୍ତ ହେଲା ଚିତ୍ରକଳା

ସମ୍ବଲପୁର,୨।୧(ବି.ଶଙ୍କର)

କଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ସମ୍ବଲପୁର ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଚଳିତ ମାସ ୪ ରୁ ୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପିଏଚଡି ପଡିଆଠାରେ ସମ୍ବଲପୁର ଲୋକ ମହୋତ୍ସବ ଅନୁଷ୍ଠିତ ହେବ । ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ସମ୍ବଲପୁର ଲୋକ ମହୋତ୍ସବ-୨୦୨୬ ପ୍ରଦର୍ଶନୀ ଉପସମିତି ପକ୍ଷରୁ ଚିତ୍ରକଳା କର୍ମଶାଳା ହୋଇଥିଲା। ସ୍ଥାନୀୟ ସମଲେଇ ମନ୍ଦିର ନିକଟ ରିଭର ଭ୍ୟୁ ପଏଣ୍ଟଠାରେ ଆୟୋଜିତ କର୍ମଶାଳାରେ ଜିଲାର ବିଭିନ୍ନ ଅଞ୍ଚଳରୁ ବରିଷ୍ଠ ଚିତ୍ରଶିଳ୍ପୀମାନେ ସାମିଲ ହୋଇଥିଲେ। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଏବଂ



ସମ୍ବଲପୁର ସମଲେଇ ମନ୍ଦିର ନିକଟ ରିଭର ଭ୍ୟୁ ପଏଣ୍ଟଠାରେ ଆୟୋଜିତ କର୍ମଶାଳାରେ ଜିଲାର ବିଭିନ୍ନ ଅଞ୍ଚଳରୁ ସାମିଲ ହୋଇଥିବା ଚିତ୍ରଶିଳ୍ପୀ।

ନୋଡାଲ ଅଧିକାରୀ ତଥା ମହାନଗର ନିଗମ କମିଶନର ରେହାନ ଖତ୍ରି ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଉଦ୍‌ଘାଟନ କରି ଚିତ୍ରଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଆମ ସମ୍ବଲପୁର ସଂସ୍କୃତିକୁ ନେଇ ଚିତ୍ରଶିଳ୍ପୀମାନେ ନିଜର ରଙ୍ଗତୂଳିରେ ଚିତ୍ର ଅଙ୍କନ କରିଥିଲେ। ପ୍ରକୃତରେ ସପ୍ତରଙ୍ଗର ମିଶ୍ରଣ ଓ ସୂକ୍ଷ୍ମ ତୂଳୀର ସ୍ପର୍ଶରେ ଚିତ୍ରଗୁଡିକ ଜୀବନ୍ତ ଭଳି ଝଲସି ଉଠିଥିଲା। ଆବାହକ କୁଲଦୀପ ବର୍ମା, ସହ ଆବାହକ ରୋଚିଶ ଦେ ଓ ଶ୍ରୀମନ୍ତ ସାହୁଙ୍କ ତତ୍ତ୍ୱାବଧାନରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ମୋଟ ୩୦ଜଣ ଚିତ୍ରଶିଳ୍ପୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ଦୀପକ କୁମାର ପଣ୍ଡା, ଉପଦେଷ୍ଟା ସମିତି ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା ଓ ସୂର୍ଯ୍ୟ ପାଣିଗ୍ରାହୀ ଏବଂ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ଏସ୍‌ଏମସି ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଚିତ୍ରକରଙ୍କୁ ଉତ୍ସାହିତ କରିଥିଲେ। ଚିତ୍ରଶିଳ୍ପୀମାନେ ପେନସିଲ, ୱାଟର କଲର, ଆକ୍ରେଲିକ, ପେଷ୍ଟାଲ ପ୍ରଭୃତିରେ ଚିତ୍ର ଆଙ୍କିଥିଲେ। ଏହି ସମସ୍ତ ଚିତ୍ରକୁ ମହୋତ୍ସବର ପ୍ରଦର୍ଶନୀ ମେଳାରେ ସ୍ଥାନିତ କରାଯିବ। ଏହି କର୍ମଶାଳାରେ ବୃନ୍ଦାବନ ମହାରଣା, ସଂଯୁକ୍ତା କୁଲ୍ଲୁ, ବନ୍ଦନା ପଣ୍ଡା, ସଞ୍ଜୟ ସାହୁ, ଅନୁରେଖା ଜେନା, ଦେବାଶିଷ ପ୍ରଧାନ, ସ୍ୱରୂପ ସାହୁ, ସୁରଜିତ ରାଉତ, ସନ୍ତୋଷ ପଟ୍ଟନାୟକ, ସୁବ୍ରତ ବେହେରା, ମହେଶ ତାଣ୍ଡି, ମନୋଜ ଚୌଧୁରୀ, ବି. ଅଞ୍ଜଳି ରାଓ, ମୋନାଲିସା ଭଗତ ଓ ନମିତା ବଡ଼ପଣ୍ଡା ପ୍ରମୁଖ ଚିତ୍ରଶିଳ୍ପୀ ସାମିଲ ହୋଇଥିଲେ।




# ସଡ଼କ ଦୁର୍ଘଟଣା: ଅକାଳରେ ଚାଲିଗଲା ୫ ଜୀବନ

**ବାରିପଦା/ରାଇରଙ୍ଗପୁର/ବଡ଼ଗାଁ,୨।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ମାନସ ମହାନ୍ତି/ଅଶୋକ ଷଡ଼ଙ୍ଗୀ)**

ରାଜ୍ୟରେ ସଡ଼କ ସୁରକ୍ଷା ସଚେତନତା ମାସ ଚାଲିଥିବା ବେଳେ ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାରେ ଦୁଇଟି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନଙ୍କ ବୟସ ୨୪ରୁ ୨୮ବର୍ଷ ମଧ୍ୟରେ। ବର୍ଷ ଆରମ୍ଭରୁ ସେମାନଙ୍କ ଏଭଳି ଅକାଳ ମୃତ୍ୟୁରେ ପରିବାର ଓ ସମ୍ପର୍କୀୟମାନେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଭାଲୁବସା ନିକଟସ୍ଥ ରାଣୀବନ୍ଧ ଅଞ୍ଚଳ ୨୨୦ନଂ. ଜାତୀୟ ରାଜପଥରେ ଶୁକ୍ରବାର ଯାତ୍ରୀବାହୀ ବସ୍ ଧକ୍କାରେ ୩ ସାଙ୍ଗଙ୍କ ଜୀବନ ଯାଇଛି। ମୃତକମାନେ ହେଲେ ଟିରିଂ ଥାନା ଅଧୀନ ବଡ଼ଡାଲିମା ଅଞ୍ଚଳ ରତନସାହି ଗ୍ରାମର ବିକାଶ ବେହେରା(୨୬), ଝାଡ଼ଖଣ୍ଡ ରାଜ୍ୟ ଷଢ଼େଇକଳା ଥାନା ଅଧୀନ ଆଦିତ୍ୟପୁର ଅଞ୍ଚଳର ପ୍ରବୀର ଦେବବର୍ମା(୨୬) ଓ ତ୍ରିପୁରା ରାଜ୍ୟ ସିପାହିଜୋଲା ଜିଲା ବିଶାଳଗଡ଼ ଥାନା ଅଞ୍ଚଳର ବିକାଶ ଦେବବର୍ମା(୨୮)। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବିକାଶ ତାଙ୍କ ଦୁଇ ସାଙ୍ଗଙ୍କ ସହ ଅପରାହ୍ନ ୧ଟା୩୦ ସମୟରେ ବାଇକ୍ ଯୋଗେ ଆସୁଥିବାବେଳେ ରାଇରଙ୍ଗପୁରରୁ ଯଶୀପୁର ଯାଉଥିବା ଶ୍ରୀଦୁର୍ଗା ବସ୍ ରାଣୀବନ୍ଧ ନିକଟରେ ସେମାନଙ୍କୁ ଧକ୍କା ଦେଇଥିଲା। ବସ୍‌ଟି ବାଇକ୍ ସମେତ ଆରୋହୀଙ୍କ ଉପରେ ମାଡ଼ିଯାଇ କିଛି ଦୂର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଘଟଣାସ୍ଥଳରେ ୩ ରାଜ୍ୟର ତିନି ସାଙ୍ଗଙ୍କ ମୃତ୍ୟୁ ଘଟିଥିଲା। ଏନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ.୧/୨୬) ରୁଜୁ ହୋଇଥିବା ଥାନା ଅଧିକାରିଣୀ ସରସ୍ୱତୀ ଟୁଡୁ ସୂଚନା ଦେଇଛନ୍ତି।

ସେହିପରି ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ନିକଟରେ ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାହାଜବାହାଲ ଗ୍ରାମର ଆଶିଷ ଗୁଡ଼ିଆ (୨୪) ଓ ବିରଙ୍ଗାପଡ଼ାର ଅରବିନ୍ଦ କିରୋ (୨୮)। ଦୁର୍ଘଟଣାରେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅଞ୍ଜନା ଗୁଡ଼ିଆ, ରୂପା ଟପ୍ପୋ, ପ୍ରବୀଣ କେରେକେଟା। ବଡ଼ଗାଁ ଥାନା ଆଇଆଇସି ମହେନ୍ଦ୍ର ସାହୁ, ଏଏସ୍‌ଆଇ ବିଜୟ କୁମାର କର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ବଡ଼ଗାଁ ଥାନାରେ ଏକ ମାମଲା ନଂ.୨/୨୬ ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗୁରୁତର ଆହତଙ୍କୁ ବଡ଼ଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ

**ଭୁବନେଶ୍ୱର,୨।୧(ସୁଚିସ୍ମିତା ସାହୁ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପ୍ରାକ୍ଟିକାଲ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ବିଭାଗରେ ୨ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ପ୍ରାକ୍ଟିକାଲ ପରୀକ୍ଷା ଦେଉଛନ୍ତି। ବିଜ୍ଞାନ ବିଭାଗରେ ସର୍ବାଧିକ ୧ଲକ୍ଷରୁ ଅଧିକ ଓ କଳା ବିଭାଗରେ ପ୍ରାୟ ୮୦ ହଜାର ପରୀକ୍ଷାର୍ଥୀ ରହିଛନ୍ତି। ଜାନୁଆରୀ ୧୫ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ପରୀକ୍ଷାର ୧୫ ମିନିଟ୍ ପୂର୍ବରୁ ପରୀକ୍ଷାର୍ଥୀ କେନ୍ଦ୍ରରେ ପହଞ୍ଚିବେ। ପରୀକ୍ଷାର୍ଥୀମାନେ ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ ପର୍ଯ୍ୟନ୍ତ ପ୍ରବେଶ ପାଇଁ ସୁଯୋଗ ମିଳିବ। ଯଦି କୌଣସି ସମସ୍ୟା ଦେଖାଦିଏ ତେବେ ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କୁହାଯାଇଛି। ସିସିଟିଭି ନଜର ଭିତରେ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହେଉଛି। କେବଳ ପରୀକ୍ଷା ନୁହେଁ, ମୂଲ୍ୟାୟନ, ମାର୍କ ଫଏଲ୍‌ରେ ମାର୍କ ଚଢ଼ାଇବା, ଉତ୍ତରଖାତା ସଂଗ୍ରହ, ପରୀକ୍ଷକଙ୍କ ରିପୋର୍ଟ, ଉତ୍ତରଖାତା ପ୍ୟାକେଟ ସିଲ୍ ପରି ବିଭିନ୍ନ କାର୍ଯ୍ୟକ୍ରମ ସିସିଟିଭି ନଜରରେ ରହିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁକ୍ତ୨ ପ୍ରାକ୍ଟିକାଲ, ଇଣ୍ଟରନାଲ ମାର୍କ ସାମ୍ସରେ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨।୧(ସୁଚିସ୍ମିତା ସାହୁ)**

ଯୁକ୍ତ ୨ର ଇଣ୍ଟରନାଲ ଆସେସ୍‌ମେଣ୍ଟ, ପ୍ରୋଜେକ୍ଟ ଏବଂ ପ୍ରାକ୍ଟିକାଲ ପରୀକ୍ଷା ମାର୍କ ସାମ୍ସ ପୋର୍ଟାଲରେ ଅପ୍‌ଲୋଡ୍ କରିବାକୁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ଏବଂ ପ୍ରଧାନ ଶିକ୍ଷକଙ୍କୁ ଶୁକ୍ରବାର ସିଏଚ୍‌ଏସ୍‌ଇର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଚିଠି କରିଛନ୍ତି।

ପରିଷଦର ସୂଚନା ଅନୁସାରେ, ଇଣ୍ଟରନାଲ ଆସେସ୍‌ମେଣ୍ଟ ଓ ପ୍ରୋଜେକ୍ଟ ମୂଲ୍ୟାଙ୍କନ ପରୀକ୍ଷା ୩୧ ଡିସେମ୍ବର ୨୦୨୫ରେ ଶେଷ ହୋଇଥିବା ବେଳେ ପ୍ରାକ୍ଟିକାଲ ପରୀକ୍ଷା ଜାନୁଆରୀ ୧୫ ମଧ୍ୟରେ ସରିବ। ଏହି ସମସ୍ତ ପରୀକ୍ଷାର ମାର୍କ ଜାନୁଆରୀ ୫ରୁ ୨୫ ତାରିଖ ଭିତରେ ଅପ୍‌ଲୋଡ୍ ପାଇଁ ଲିଙ୍କ ଉପଲବ୍ଧ ରହିବ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ମାର୍କ୍ସ ଅପଲୋଡ୍ କରିବାକୁ ପରିଷଦ ସମସ୍ତ ପ୍ରଧାନଶିକ୍ଷକ, କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅନୁରୋଧ କରିଛନ୍ତି। ଏକକାଳୀନ ସମସ୍ତ ଛାତ୍ରୀଛାତ୍ରଙ୍କ ଇଣ୍ଟରନାଲ, ପ୍ରୋଜେକ୍ଟ ଏବଂ ପ୍ରାକ୍ଟିକାଲ ପରୀକ୍ଷାର ରେଜଲ୍ଟ ଅପଲୋଡ୍ କରିବା ଆବଶ୍ୟକ। ନ ହେଲେ ତ୍ରୁଟି ହେବାର ସମ୍ଭାବନା ରହିଛି ବୋଲି ପରିଷଦପକ୍ଷରୁ ସୂଚାଇ ଦିଆଯାଇଛି।

# ୨୦ ବର୍ଷର ରେକର୍ଡକୁ ପଛରେ ପକାଇଛି ଭିଜିଲାନ୍ସ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୧(ସୁନିତ୍ ମିଶ୍ର)**



- ୨୦୨୫ରେ ୪୫୫ କେସ୍‌ରୁ ୧୭୩ ଫଇସଲା
- ୯ ମାସରେ ଭିଜିଲାନ୍ସକୁ ୧୨୫ କେସ୍‌ର ତଦନ୍ତ ନିର୍ଦ୍ଦେଶ

ଓଡ଼ିଶା ଭିଜିଲାନ୍ସ ଗତ ୨୦ ବର୍ଷର ଇତିହାସକୁ ପଛରେ ପକାଇ ଏକ ଉଦାହରଣ ସୃଷ୍ଟି କରିଛି। ସରକାରଙ୍କ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଯୋଗୁ ରାଜ୍ୟରେ ଭିଜିଲାନ୍ସ ବିଭାଗ ସକ୍ରିୟ ଭାବେ କାର୍ଯ୍ୟକରି ଦୁର୍ନୀତିଖୋର୍‌ଙ୍କୁ ଧରିବାରେ ସଫଳ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନଠାରେ ଭିଜିଲାନ୍ସ ବିଭାଗର ଏକ ସମୀକ୍ଷା ବୈଠକରୁ ଏହା ସ୍ପଷ୍ଟ ହୋଇଛି। ବୈଠକର ଆଲୋଚନା ଅନୁଯାୟୀ, ୨୦୨୫ ଏପ୍ରିଲରୁ ଡିସେମ୍ବର ୩୧ ମଧ୍ୟରେ ରାଜ୍ୟ ସରକାର ଭିଜିଲାନ୍ସକୁ ୧୨୫ କେସ୍‌ର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଯାହାକି ଏକ ରେକର୍ଡ। ପୂର୍ବରୁ ଏହି ୯ ମାସ ଅବଧି ମଧ୍ୟରେ ରାଜ୍ୟ ସରକାର କେବେହେଲେ ଏତେ ସଂଖ୍ୟକ କେସ୍ ତଦନ୍ତ କରିବା ପାଇଁ ଦେଇନାହାନ୍ତି। ୨୦୨୫ରେ ସମୁଦାୟ ୪୮୮ କେସ୍‌ର ଫଇସଲା ହୋଇଥିବାବେଳେ ସେଥିମଧ୍ୟରୁ ସର୍ବାଧିକ ୧୭୩ଟି ଆୟ ବହିର୍ଭୂତ ସମ୍ପତ୍ତିଜନିତ ମାମଲାର ଫଇସଲା ସରିଛି। ଏହା ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏକ ସର୍ବକାଳୀନ ରେକର୍ଡ ବୋଲି ଜଣାପଡ଼ିଛି।

ଦୁର୍ନୀତି ବିରୋଧରେ ଆକ୍ରମଣ ମୋଡ୍‌ରେ ସରକାର କାର୍ଯ୍ୟ କରୁଥିବାରୁ ଓଡ଼ିଶା ସାରା ଭାରତରେ ପ୍ରଶଂସିତ ହେଉଛି। ରାଜ୍ୟ ଭିଜିଲାନ୍ସ ଏକାଡେମୀ ଏହାର ପ୍ରଶିକ୍ଷଣ ପ୍ରକ୍ରିୟାରେ ବ୍ୟାପକ ଉନ୍ନତି ଆଣିଛି। ଭିତ୍ତିଭୂମିର ଉନ୍ନତି ଓ ଗୁଣାତ୍ମକ ପ୍ରଶିକ୍ଷଣ ପାଇଁ ରାଜ୍ୟ ଭିଜିଲାନ୍ସ ଏକାଡେମୀକୁ ଆଇଏସ୍‌ଓ ୯୦୦୧:୨୦୧୫ ସାର୍ଟିଫିକେଟ୍ ମିଳିଛି। ଏହି ସାର୍ଟିଫିକେଟ୍ ଏକାଡେମୀକୁ ଆସନ୍ତା ୩ ବର୍ଷ ପାଇଁ ମିଳିଛି। ଉକ୍ତ ସାର୍ଟିଫିକେଟ୍ ପାଇଁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ଏକାଡେମୀ ଓ ରାଜ୍ୟ ଭିଜିଲାନ୍ସ ବିଭାଗର ଉଚ୍ଚ ପ୍ରଶଂସା କରିଛନ୍ତି। ୨୦୨୫ରେ ସମୁଦାୟ ୪୮୭ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରି ଆୟ ବହିର୍ଭୂତ ସମ୍ପତ୍ତି, ଲାଞ୍ଚ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସରକାରୀ କର୍ମଚାରୀଙ୍କ ୧,୧୯୯ଟି ଦୁର୍ନୀତିଗ୍ରସ୍ତ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରିଦିଆଯାଇଛି। ୧୫୩ଟି ବିଲ୍‌ଡିଂ, ୧୮.୩ କିଗ୍ରା ସୁନା, ୪୧୭ ପ୍ଲଟ, ୧୨ଟି ଫାର୍ମ ହାଉସ୍ ଜବତ କରାଯାଇଛି। ଏଥିସହିତ ୩୬.୬୯ କୋଟି ଟଙ୍କା ଜମାରାଶି ଏବଂ ୮.୮ କୋଟି ଗଚ୍ଛିତ ନଗଦ ଟଙ୍କା ମଧ୍ୟ ଜବତ ହୋଇଛି।

ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ଓଡ଼ିଶାକୁ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ କରିବା ପାଇଁ ସମୟ ଆସିଯାଇଛି। ଏକ ଏପରି ଉଦାହରଣ ସୃଷ୍ଟି କରିବା, ଯାହାଫଳରେ ସରକାରୀ କର୍ମଚାରୀମାନେ ଦୁର୍ନୀତିର ରାସ୍ତାରୁ ନିବୃତ୍ତ ରହିବେ। ଭିଜିଲାନ୍ସ ବିଭାଗ ତା'ର ଅଭିଯାନ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଭିଜିଲାନ୍ସ ବିଭାଗର ବିଭିନ୍ନ ଆବଶ୍ୟକତା, ଯେପରି ଦକ୍ଷତା ବୃଦ୍ଧି, ନିଯୁକ୍ତି ଏବଂ ପଦବୀ ପୂରଣ ସମ୍ପର୍କରେ ଆଲୋଚନା ହୋଇଛି। ଏ ବିଷୟରେ ତର୍ଜମା କରାଯାଇ ଖୁବ୍‌ଶୀଘ୍ର ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଭିଜିଲାନ୍ସ ବିଭାଗ ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଭିଜିଲାନ୍ସ ଅସିତ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ: ଦୁର୍ଘଟଣାରେ ଶିଶୁମୃତ୍ୟୁ ନେଇ ଡ଼ମ୍ବଲକାଣ୍ଡ

## ୪ ଲକ୍ଷ ଟଙ୍କା ଅନୁକମ୍ପାରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ପୁରୀ,୨।୧(ଅଜିତ୍ କୁମାର ମହାନ୍ତି)**

ବଡ଼ଦାଣ୍ଡର ବଳଗଣ୍ଡି ଛକରେ ଶୁକ୍ରବାର ସିରିଜ୍ ଦୁର୍ଘଟଣା ଘଟିଛି। ବୋଲେରୋ ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ବୋଲେରୋଟି ପ୍ରଥମେ ସାଇକେଲ ଆରୋହୀଙ୍କୁ ଧକ୍କା ଦେବାପରେ ସ୍କୁଟିକୁ ଧକ୍କା ଦେଇଥିଲା। ସ୍କୁଟିକୁ ସାଲବେଗ ଛକରୁ ବଳଗଣ୍ଡି ଛକ ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା ବୋଲେରୋ। ଫଳରେ ସ୍କୁଟିରେ ଥିବା ନାବାଳକ ନାତିର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ନାବାଳକ ଓ ଜେଜେ ଗୁରୁତର ହୋଇଛନ୍ତି। ମୃତ ନାବାଳକ ଜଣକ ଟାଉନ୍‌ଥାନା ଅନ୍ତର୍ଗତ କୁମୁଟି ସାହିର ନିରଞ୍ଜନ ଦେଙ୍କ ପୁଅ ଶ୍ରେୟାଂଶ ଦେ (୫), ଗୁରୁତର ହେଲେ ମୃତ ଶିଶୁର ଜେଜେ ନୀଳକଣ୍ଠ ଦେ (୬୨), ଅନ୍ୟଜଣେ ନାବାଳକ ରାଜା ସାହୁ (୧୨) ଓ ସାଇକେଲ ଆରୋହୀ ବଳଗଣ୍ଡି ଅଞ୍ଚଳର ନବକିଶୋର ମହାରଣା (୭୦)। ପରିବାରକୁ ନ୍ୟାୟ ଦାବିରେ ମୃତଦେହକୁ ରୋଡ୍ ଉପରେ ରଖି ପ୍ରାୟ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଲୋକମାନେ ମେଡିକାଲ ଛକ ମୁଖ୍ୟରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାସ୍ଥଳରେ ଏସ୍‌ପି, ତହସିଲଦାର ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ସହ ପୀଡ଼ିତ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବ ବୋଲି ଆଶ୍ୱାସନା ଦେବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନାଯୋଗ୍ୟ, ନୀଳକଣ୍ଠ ଦେ ତାଙ୍କ ନାତି ଶ୍ରେୟାଂଶ ଓ ଅନ୍ୟ ଜଣେ ସମ୍ପର୍କୀୟ ନାବାଳକ ରାଜାକୁ ଶୁକ୍ରବାର ସ୍କୁଟିରେ ନେଇ ଜଳଖିଆ ଆଣିବା ପାଇଁ ଯାଇଥିଲେ। ଜଳଖିଆ ଖାଇ ଫେରୁଥିବା ବେଳେ ମେଡିକାଲ ଛକରୁ ଶ୍ରୀମନ୍ଦିର ଆଡ଼କୁ ଯାଉଥିବା (ଓଡି-୨୨-ଏସି-୩୦୪୮) ନମ୍ବର ବିଶିଷ୍ଟ ବୋଲେରୋ ପଛପଟୁ ଧକ୍କା ଦେଇଥିଲା। ଫଳରେ ନୀଳକଣ୍ଠ ତଳେ ପଡ଼ିଯାଇଥିଲେ ଏବଂ ବୋଲେରୋ ସ୍କୁଟି ସହ ପିଲାଙ୍କୁ ଟାଣି ନେଇଥିଲା। ବୋଲେରୋ ଡ୍ରାଇଭର୍ ଘଟଣାସ୍ଥଳରୁ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପରୀକ୍ଷା କରି ଡାକ୍ତର ଶ୍ରେୟାଂଶକୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟମାନଙ୍କ ଚିକିତ୍ସା ଜାରି ରହିଛି। ନାବାଳକର ମୃତ୍ୟୁକୁ ନେଇ ମେଡିକାଲ୍‌ରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବରପାଇ କୁମ୍ଭାରପଡ଼ା ପୋଲିସ ସହ ଟ୍ରାଫିକ୍ ଥାନା ଓ ଅନ୍ୟ ଥାନାର ଅଧିକାରୀମାନେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା କରିବା ସହ ଦୁର୍ଘଟଣା ଘଟାଇଥିବା ବୋଲେରୋ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲେ। ଡ୍ରାଇଭର ଜଣକ ନିଶା ସେବନ କରି ଗାଡ଼ି ଚଳାଉଥିଲେ ବୋଲି ଅଭିଯୋଗ ହୋଇଛି। ମୃତ ଶିଶୁକୁ ଉପଯୁକ୍ତ ନ୍ୟାୟ ଦାବିକରି ମୃତଦେହ ଆମ୍ବୁଲାନ୍ସରେ ରଖି ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକ ପୁରୀର ପ୍ରମୁଖ ପ୍ରବେଶ ପଥ ମେଡିକାଲ ଛକରେ ରାସ୍ତାରୋକୋ କରିଥିଲେ। ଏସ୍‌ପି ଓ ବରିଷ୍ଠ ଅଧିକାରୀମାନେ ଅନେକ ସମୟ ଧରି ବୁଝାଶୁଝା କରିବା ସହ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଘଟଣାକୁ ନେଇ ଦୁଃଖପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କା ପ୍ରଦାନ ପାଇଁ ଘୋଷଣା କରିଥିଲେ। ସେହିପରି ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ମୃତ ନାବାଳକ ପରିବାରକୁ ପ୍ରଦାନ କରାଯାଇଥିଲା।

# ହାତୀ ଆକ୍ରମଣରେ ଜଣେ ଗୁରୁତର

**ବଣ୍ଟାଁରପାଳ,୨।୧(ସୁବାସ ସାହୁ)**


ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଅଶୋକ ବିଶ୍ୱାଳ।

ଅନୁଗୋଳ ଜିଲା ବଣ୍ଟାଁରପାଳ ଥାନା ତୁଳସୀପାଳ ଗ୍ରାମରେ ଶୁକ୍ରବାର ହାତୀ ଆକ୍ରମଣରେ ଗୋପବନ୍ଧୁ ନଗର ସାହିର ଅଶୋକ କୁମାର ବିଶ୍ୱାଳ (୪୮) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଶୋକ ଭୋର୍ ସମୟରେ ସାଇକେଲରେ ଷେଣ୍ଢପଥର ଠାରେ ଥିବା ଚା ଦୋକାନକୁ ଯାଉଥିଲେ। ଅତ୍ୟଧିକ କୁହୁଡ଼ି ଥିବାରୁ ହାତୀ ଆସୁଥିବା ଜାଣିପାରି ନ ଥିଲେ। ଫଳରେ ହାତୀ ଅଶୋକଙ୍କୁ ଶୁଣ୍ଢରେ ଟେକି ଦୂରକୁ ଫିଙ୍ଗି ଦେଇଥିଲା। ସେ ଗୁରୁତର ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡିଥିବା ଦେଖି ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ତାଙ୍କ ପରିବାର ଓ ବନ ବିଭାଗକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ବନ କର୍ମଚାରୀ ଓ ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅଶୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

# ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଲାଗି ଗଜମିତ୍ର ଗୁରୁତର

**ବନ୍ତଲା,୨।୧(ସୁଶିତ ସାହୁ)**


ଚିକିତ୍ସାଧୀନ ଗଜମିତ୍ର ଦିଲୀପ ଗୋଛାୟତ।

ଅନୁଗୋଳ ଜିଲା ବନ୍ତଲା ବନାଞ୍ଚଳ କଞ୍ଚା ସେକ୍ସନ ହମାମୀରା ଗାଁ ସୀମାନ୍ତ ଅଞ୍ଚଳରେ ଗୁରୁବାର ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଲାଗି ଗଜମିତ୍ର ବସଲା ଆଦିଆଘାଇର ଦିଲୀପ କୁମାର ଗୋଛାୟତ (୪୮) ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବନ୍ତଲା ବନ ବିଭାଗ ପାଟ୍ରୋଲିଂ ଟିମ୍ ହମାମୀରା-ହିନ୍ଦୋଳ ସୀମାନ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀମାନେ ପକାଇଥିବା ବିଦ୍ୟୁତ୍ ଫାଶରେ ଲାଗି ଗଜମିତ୍ର ଦିଲୀପ ଗୁରୁତର ହୋଇଥିଲେ। ସହଯୋଗୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବନ ବିଭାଗ ଗାଡ଼ିରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମସ୍‌କୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଗଜମିତ୍ରଙ୍କୁ ସମସ୍ତ ଅତ୍ୟାଧୁନିକ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ରେଞ୍ଜର ପ୍ରସନ୍ନ କୁମାର ସାହୁ କହିଛନ୍ତି।

# ଫରେଷ୍ଟରଙ୍କୁ ବାନ୍ଧିଲା ଭିଜିଲାନ୍ସ

## ୫୫ ଲକ୍ଷ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ

**ଭବାନୀପାଟଣା,୨।୧ (ଉତ୍ତମ କୁମାର ଦାଶ)**


ଗିରଫ ଫରେଷ୍ଟର

୫୫ଲକ୍ଷ ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଶୁକ୍ରବାର କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଥୁଆମୂଳ ରାମପୁର ରେଞ୍ଜ୍‌ର ପୂର୍ବତନ ଫରେଷ୍ଟର ଜୟ କୁମାର ଜୁଆଡ଼ଙ୍କୁ ଭିଜିଲାନ୍ସ ଗିରଫ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଥୁଆମୂଳ ରାମପୁର ରେଞ୍ଜ୍‌ର ପୋଖରିଗୁଡ଼ା ନଣ୍ଡା ପାହାଡ଼ରେ ୫୦ ହେକ୍ଟର, ଉପରଝାପିରେ ୫୦ ହେକ୍ଟର ଓ କୁମଜୋରରେ ୩୦ ହେକ୍ଟର ଜମିରେ ହୋଇଥିବା ବୃକ୍ଷରୋପଣ ସ୍ଥାନରେ ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟ (କାମ୍ପା ଏବଂ ସିଏ/ସିପିଏ ଯୋଜନା)ରେ ମିଥ୍ୟା ମଷ୍ଟରରୋଲ ଓ ଜବ୍‌କାର୍ଡ ପ୍ରସ୍ତୁତ କରି ଜୁଆଡ ୫୫ ଲକ୍ଷ ୪ ହଜାର ୬୦୭ ଟଙ୍କା ଆତ୍ମସାତ୍ କରିଥିବା ଜଣାପଡିଛି। ସେହିପରି ସ୍ଥାନୀୟ ଅଞ୍ଚଳର ୩୧ଜଣ ହିତାଧିକାରୀଙ୍କ ନାମରେ ମିଥ୍ୟା ଆକାଉଣ୍ଟ ଖୋଲି ସରକାରୀ ଅର୍ଥ ବାଟମାରଣା ନୀତି ଆପଣାଇଥିଲେ। ଏହାକୁ ନେଇ ବିଭାଗ ପକ୍ଷରୁ ତାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଅଣାଯାଇଥିଲା। ତେବେ ଏହା ପୂର୍ବରୁ ଭିଜିଲାନ୍ସ ତଦନ୍ତ କରି ଘଟଣାର ସତ୍ୟତା ସାମ୍ନାକୁ ଆଣିଥିଲା। ଫରେଷ୍ଟର ଜୁଆଡ଼ ବର୍ତ୍ତମାନ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ରେଞ୍ଜର ମୂଷାନାଳ ସେକ୍ସନରେ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ଦାୟିତ୍ୱରେ ଥିବାବେଳେ ଶୁକ୍ରବାର ଭିଜିଲାନ୍ସ ଟିମ୍ ତାଙ୍କୁ ସେକ୍ସନ ଅଫିସରୁ ଉଠାଇ ଆଣିଥିଲା। ଭବାନୀପାଟଣାସ୍ଥିତ କାର୍ଯ୍ୟାଳୟରେ ବିଭାଗ ପକ୍ଷରୁ ତାଙ୍କୁ ଅଧିକ ପଚରା ଉଚରା କରାଯାଉଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ଆଇନ୍ଦ ପ୍ରକାଶ କରିଛନ୍ତି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୧୫ତମ ରାଜ୍ୟ ଓଡ଼ିଆ ସ୍ୱାଭିମାନ ସମ୍ମିଳନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକୀ ସମାରୋହ, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମହାନଗର ନିଗମ ସରକାରୀ ଉଚ୍ଚ ବିଦ୍ୟାଳୟ, ବରମୁଣ୍ଡାର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବରମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱାଦଶତମ କଳିଙ୍ଗ ଲିଟେରାରି ଫେଷ୍ଟିଭାଲ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଲିଲି, ମେଫେୟାର ଲାଗୁନ୍, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍-୮, ଭୁବନେଶ୍ୱରର ୪୩ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର,ୟୁନିଟ୍-୮, ସମୟ:ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧର୍ମବିହାରର ଏକତ୍ରିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ଧର୍ମବିହାର, ଖଣ୍ଡଗିରି, ସମୟ: ଅପରାହ୍ନ ୪ଟା।
- ରଂଗମ୍ ନାଟ୍ୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ ନାଟକ 'ଦ୍ରୋହ' ପରିବେଷଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୫।

## କଟକ

- ଆର୍ଯ୍ୟ ସମାଜ ତରଫରୁ ୩ ଦିନିଆ ବିଶଶାନ୍ତି ମହାଯଜ୍ଞ, ସ୍ଥାନ: ରାମେଶ୍ୱର ଦେବଙ୍କ ପୀଠ ନୂଆପାଟଣା, ତିଗିରିଆ, ସମୟ: ସକାଳ ୯ଟା।

## ବାଲେଶ୍ୱର

- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା-୨୦୨୬, ସ୍ଥାନ: ସିଂଲା, ବାଲେଶ୍ୱର, ସମୟ: ସକାଳ ୯ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଇଣ୍ଡିଆ ଗୋପନାରାୟଣ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି (ଡିପିଏଲ୍), ସ୍ଥାନ: ଦରଖୋଲି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- ଭୋଗରାଇ ଉତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଥାନା ଛକ ହେଲିପ୍ୟାଡ୍ ପଡ଼ିଆ, ଭୋଗରାଇ, ସମୟ: ଅପରାହ୍ନ ୫ଟା।
- ଉତ୍ସବ ଉତ୍ତର ଓଡ଼ିଶା ସପ୍ତମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଭଦ୍ରକ ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟେଶନ ବଜାର ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ସଦ୍‌ଭାବନା ସମିତି ଆନୁକୂଲ୍ୟରେ ମାସିକ ସନ୍ଥ ଦିବସ ପାଳନ,ସ୍ଥାନ: ଗୋପବନ୍ଧୁ ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ବିଇଡିଏ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ, ସ୍ଥାନ: ବିଇଡିଏ ସମ୍ମିଳନୀ କକ୍ଷ ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି ଶାଖା,ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ଭଜନ ସମାରୋହ ଓ ପ୍ରବଚନ ମହାଯଜ୍ଞ ଉଦ୍‌ଯାପନ, ସ୍ଥାନ: ବୁଗୁଡ଼ା କଲତୁଲି ମାନସ ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

## ଢେଙ୍କାନାଳ

- ଦୌଡ଼କୁଦ ପ୍ରତିଯୋଗିତା, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ଢେଙ୍କାନାଳ, ସମୟ: ସକାଳ ୯ଟା।

## ଅନୁଗୋଳ

- ଜାତୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଅନୁଗୋଳ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ଉପଲକ୍ଷେ ହାଫ୍ ମାରାଥନ ପ୍ରତିଯୋଗିତା, ସ୍ଥାନ: ହନୁମାନ ମନ୍ଦିର ଛକ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୬ଟା।
- ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କଖାରୁଣୀ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠା ଦିବସ, ସ୍ଥାନ: ସିଦ୍ଧ ମହାପୁରୁଷ ମଠ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଜିଲା କଂଗ୍ରେସର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କ ଜୟନ୍ତୀ ଦିବସ ପାଳନ, ସ୍ଥାନ: କଂଗ୍ରେସ ଭବନ, କଜଳା, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ବାବା ସଙ୍କଟମୋଚନଙ୍କ ବାର୍ଷିକ ମହାଯଜ୍ଞ, ସ୍ଥାନ: ବୀରସ୍ୱତୀ, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।
- ବାଦିପାଲା ମହୋତ୍ସବ, ସ୍ଥାନ: ମା' ବୁଢ଼ୀ ଜାଗୁଳାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ସ୍ମୃତି ସଭା, ସ୍ଥାନ: ଯାଜପୁର ରୋଡ୍ ବ୍ୟାସଦେବ ଟାଉନ୍ ହଲ୍, ସମୟ: ଅପରାହ୍ନ ୩ଟା।
- ଧର୍ମଶାଳା ମହୋତ୍ସବ ଦଶମ ସନ୍ଧ୍ୟାରେ ସୋନା ମହାପାତ୍ରଙ୍କ ବଲିଉଡ ନାଇଟ୍ କାର୍ଯ୍ୟକ୍ରମ, ସ୍ଥାନ, ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଘୋଡଲାଗି ପର୍ବର ଉଦ୍‌ଯାପନ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡଲାଗି ପର୍ବର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର,ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଶ୍ରୀରାମଚରିତ ମାନସର ଉଦ୍‌ଯାପନ ଦିବସରେ ନବାହ୍ନ ପରାୟଣ ଓ ପ୍ରବଚନ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ଶ୍ରୀନୀଳମାଧବଙ୍କ ଦେବାଭିଷେକ, ସୁନାବେଶ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ନୀଳମାଧବ ପୂଜକ ସମାଜ ପକ୍ଷରୁ ଭଜନ ସମାରୋହ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଜିସିଡି ହାଇସ୍କୁଲ ପଡ଼ିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ପାପଡ଼ାହାଣ୍ଡି ଭବ୍ୟ ଶହୀଦ ମିନାର ନିର୍ମାଣ ପାଇଁ ସ୍ଥାନ ନିରୂପଣ ନେଇ ପଲ୍ଲୀ ସଭା, ସ୍ଥାନ: ପାପଡ଼ାହାଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପୁଷ ପୁନି ଉଦ୍‌ଘାଟନ ଉତ୍ସବ, ସ୍ଥାନ: ନବରଙ୍ଗପୁର ପୋଲିସ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ପୌଷପୂର୍ଣ୍ଣିମା ଉପଲକ୍ଷେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ଦମୟନ୍ତୀ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ପୁରୁଣା ତହସିଲ ପଡ଼ିଆ, କୋଟପାଡ଼, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ପିଠାପଣା ପ୍ରତିଯୋଗିତା, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ଅପରାହ୍ନ ୩ଟା।
- ଲୋକ ମହୋତ୍ସବ -୨୦୨୬ ସଂଯୋଜନା କମିଟିର ଅନ୍ତିମ ପ୍ରସ୍ତୁତି ବୈଠକ, ସ୍ଥାନ: ଅଇଠାପାଲି ସ୍ଥିତ ବିର୍ସା ମଇଦାନ ସ୍ଥିତ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟିର କୃଷ୍ଣବରଣ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପୁଷପୁନି ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଯୋଗୀସର୍ଡା, ଲୋଇସିଂହା ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସରସ୍ୱତୀ ପୁତ୍ର ଭାଗୀରଥି ନେପାକଙ୍କ ୨୦ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ଶାନ୍ତିପଡ଼ା, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।
- ନାଟ୍ୟକ୍ରାନ୍ତିର ବାର୍ଷିକ ଉତ୍ସବ ସମାରୋହ, ସ୍ଥାନ: ବଲାଙ୍ଗୀର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।
- ଲୋଇସିଂହା ପୌଷପୂର୍ଣ୍ଣିମା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଲୋଇସିଂହା ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ବିଜୁ ପଟ୍ଟନାୟକ ଛକ, ସମୟ: ସକାଳ ୯ଟା।
- ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଅଭିରାମପାଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ନୃତ୍ୟ ମହୋତ୍ସବ ଶୃଙ୍ଗାର-୨୦୨୬ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଅଖିଳ ଭାରତୀୟ ସାହିତ୍ୟ ସଂସଦର ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଫ୍ରେଣ୍ଡସ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ବିଶ୍ୱବିଦ୍ୟାଳୟ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: କଚେରି ଖେଳ ପଡିଆ ବୌଦ୍ଧ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲିସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରୀନିବାସ ଗୃହ ଉଦ୍‌ଘାଟନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁର ପଏଁରୀ ତିହାର-୨୦୨୬ର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଜିଲା ସଂସ୍କୃତି ପରିଷଦ ନୂଆପଡ଼ା ପକ୍ଷରୁ ମାସିକ ପଠନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପାଠାଗାର ନୂଆପଡ଼ା, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗୁରୁଚାନ୍ଦ୍ରୀ ଯୋଗରୁ ମନ ପ୍ରଫୁଲ୍ଲ ରହିବ। ନୂଆ ଯୋଜନାର ଶୁଭାରମ୍ଭ କରିପାରନ୍ତି। ବ୍ୟବସାୟିକ ସଫଳତା ମିଳିବ। ଆତ୍ମୀୟଙ୍କ ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତି ସୃଷ୍ଟି ହେବ। ବ୍ୟବସାୟିକ ସଫଳତା ପାଇବେ, ଆନୁଷ୍ଠାନିକ କାମରେ ନିୟୋଜିତ ହୋଇପାରନ୍ତି।

**ବୃଷ** ପାରିବାରିକ କ୍ଷେତ୍ର ସମସ୍ୟାବହୁଳ ରହିବ। ଅଟକି ରହିଥିବା କାମଟିକୁ ପୁନଃ ଆରମ୍ଭ କରିପାରନ୍ତି। ବ୍ୟବସାୟ ଭଲରେ ଚାଲିବ, ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ଦେଖାଦେବ। ବୁଧଙ୍କ ଯୋଗୁ ସାମ୍ବାଦିକତାରୁ ଗୌରବାନ୍ୱିତ ହେବେ। ଶେୟାର ବଜାରରୁ ଆଶାଜନକ ଫଳ ପାଇବେ। ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ଧନାଧିପ ରାଶିରେ ଆର୍ଥିକ ଅଭିବୃଦ୍ଧି ଘଟିବ। କେତୁ ପ୍ରଭାବରେ ଭୁଲ୍ ବୁଝାମଣାରୁ ପାରିବାରିକ କଳହ ଉପୁଜିବ। ସହକର୍ମୀ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷ ସମୟରେ ନାସ୍ତିବାଣୀ ଶୁଣାଇବେ। ସାହିତ୍ୟକୃତି ଏବଂ ସଙ୍ଗୀତ ଆସରରେ ଯୋଗଦେଇ ପ୍ରଶଂସିତ ହେବେ। ସଙ୍ଗଠନ, ଭ୍ରମଣ ଏବଂ ସଭାସମିତିରେ ଉନ୍ନତ ମାନର ଫଳ ପାଇବେ।

**କର୍କଟ** କର୍ମାଧିପତି ଷଷ୍ଠଭାବରେ ଥିବା ଯୋଗୁ ନୂତନ କର୍ମସଂସ୍ଥାନର ସମ୍ଭାବନା ରହିଛି। ଚନ୍ଦ୍ରଙ୍କ ପ୍ରଭାବରେ ଭାବପ୍ରବଣତାଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଉଚ୍ଚଶିକ୍ଷା, ଇଣ୍ଟରଭ୍ୟୁ, ସନ୍ତାନଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ସୁଫଳ ପାଇବେ। ବାକ୍ ଅସଂଯମତା ଯୋଗୁ ସହକର୍ମୀଙ୍କ ସହ ସୁସମ୍ପର୍କ ବ୍ୟାହତ ଆଶଙ୍କା ରହିଛି।

**ସିଂହ** ଚତୁର୍ଥଭାବରେ ରାଜଯୋଗ ସ୍ୱରୂପ କର୍ମକ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। ପାରିବାରିକ କ୍ଷେତ୍ର ଭଲ ରହିବ। ଗୃହାରମ୍ଭ କିମ୍ବା ଯାନ୍ତ୍ରିକ ଜିନିଷ କିଣିବାର ସୁଯୋଗ ଲାଭ କରିବେ। ଶୁକ୍ରଙ୍କ ପ୍ରଭାବରୁ ଭୋଗବିଳାସ ପ୍ରତି ଆଗ୍ରହୀ ହୋଇପାରନ୍ତି। ଚାକ୍ଷୁଷ ପ୍ରମାଣ ବିହୀନ ଅଭିଯୋଗ ସକାଶେ ଅନ୍ତରଙ୍ଗ ବନ୍ଧୁଟି ଉପରେ ସନ୍ଦେହ ଘନୀଭୂତ ହୋଇପାରେ।

**କନ୍ୟା** କେନ୍ଦ୍ରସ୍ଥ ରାଜଯୋଗ ପ୍ରଭାବରୁ କାର୍ଯ୍ୟସିଦ୍ଧି ଘଟିବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ। ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ସରକାରୀ ସହାୟତା ମିଳିପାରେ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ ଓ କାରିଗରି କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ ପରିସ୍ଥିତି ଖରାପ ରହିଥିବା କାରଣରୁ ମନ ସ୍ଥିର ରହିବ ନାହିଁ।

**ତୁଳା** ଭାଗ୍ୟସ୍ଥାନକୁ ଏକାଧିକଗ୍ରହ ଅବଲୋକନ କରୁଥିବାରୁ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ, ସଭାସମିତିରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ। ଯାତ୍ରା ସମୟରେ ଅସୁବିଧା ଭୋଗିପାରନ୍ତି । ଶାରୀରିକ ଅସୁସ୍ଥତା କାରଣରୁ କେତେକ କାମ ଖୋଲନ୍ତା ଅବସ୍ଥାରେ ଅଟକି ରହିଯିବାର ଆଶଙ୍କା ରହିଛି।

**ବିଛା** ପରସ୍ପର ସମ୍ବନ୍ଧାନ୍ୱିତ ସାତୋଟି ଗ୍ରହଜନିତ ଆଜି ସବୁ ଦିଗରୁ ଶୁଭଫଳ ପାଇବେ। ଯାହା ଇଚ୍ଛା କରିବେ ତାହା ପାଇବେ ଏବଂ ନିଜ ପରିବେଶରେ ନିଜର ପ୍ରାଧାନ୍ୟ ବୃଦ୍ଧି ପାଇବ। ସ୍ୱାଧୀନ ମନୋବୃତ୍ତି ବାଧାପ୍ରାପ୍ତ ହେବାରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ଅଫିସିଆଲି କାମରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ଧନୁ** ଏକାଧିକ ରାଶିରେ ଅବସ୍ଥାନ କରି ମାନସିକସ୍ଥିତିକୁ ବିଭ୍ରାନ୍ତ କରାଇପାରନ୍ତି। ଦୂର ବନ୍ଧୁଙ୍କ ଦର୍ଶନରେ ମନ ଖୁସି ରହିବ। ସମ୍ପର୍କୀୟଙ୍କ ପ୍ରତାରଣାପୂର୍ଣ୍ଣ କଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସଫଳତା ପାଇବେ। ସଭାସମିତି, ଅଧ୍ୟୟନ ଓ ଅଧ୍ୟାପନା, କର୍ମାରମ୍ଭ, ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ।

**ମକର** ଧନସ୍ଥାନରେ ରାହୁଙ୍କ ଯୋଗୁ ଅପବ୍ୟୟ ହେତୁ ମନସ୍ତାପ କରିପାରନ୍ତି। ଅଭିଳାଷ ପୂରଣ ନ ହେବାରୁ ଅସ୍ଥିରତା ଓ ଅନିଦ୍ରା ରହିପାରନ୍ତି। ବନ୍ଧୁଙ୍କ ଅନୁପସ୍ଥିତି, ଆଳସ୍ୟ ଓ ଅବହେଳାଜନିତ ପରିବାରରେ ମନାନ୍ତର ସୃଷ୍ଟି ହେବ। ଆରମ୍ଭ କରିବାକୁ ମନସ୍ଥ କରିଥିବା କାମଟି ଆଦୌ ଅଟକିବ ନାହିଁ। ବନ୍ଧୁମିଳନଜନିତ ଖୁସି ଅନୁଭବ କରିପାରନ୍ତି।

**କୁମ୍ଭ** ଶୁଭଗ୍ରହ ପ୍ରଭାବରୁ ଉନ୍ନତ ଚିନ୍ତାଯୁକ୍ତ ହେବେ, କିନ୍ତୁ ରାହୁଙ୍କ କୁପ୍ରଭାବ ତାହା କାର୍ଯ୍ୟକାରୀ କରିବାକୁ ଦେବନାହିଁ। ପ୍ରତିଯୋଗିତାରେ ସଫଳ ହେବେ। ମାଲିମକଦ୍ଦମାର ସପକ୍ଷରେ ଯିବାର ସମ୍ଭାବନା ରହିଛି। ଦୈହିକ ସ୍ୱାସ୍ଥ୍ୟ ସମସ୍ୟା ଆପଣଙ୍କୁ ବିଚଳିତ କରିପାରେ। ବ୍ୟୟସଂକୋଚ କରି ଆର୍ଥିକ ସ୍ଥିତିକୁ ନିୟନ୍ତ୍ରଣ କରିପାରନ୍ତି।

**ମୀନ** ଗ୍ରହ ପ୍ରଭାବରୁ ଆଜିର ଦୈନିକଚର୍ଯ୍ୟା ଶୃଙ୍ଖଳିତ ରହିବ। କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ମନ୍ଦ ହେବନି। ବନ୍ଧୁଙ୍କ ଆଦର, ଅଭ୍ୟର୍ଥନା ଲାଭ କରି ଖୁସି ରହିବେ। ସହକର୍ମୀଙ୍କ ଅଭିସନ୍ଧିମୂଳକ କାର୍ଯ୍ୟ ପ୍ରତି ସଜାଗ ରହିବା ଭଲ। ରପ୍ତାନି ବାଣିଜ୍ୟ, ପ୍ଲଟିଂ କାରବାର, ଧାତୁ ଅଳଙ୍କାର, କୁଟୀରଶିଳ୍ପ ବ୍ୟବସାୟୀମାନଙ୍କ ପାଇଁ ଦିନଟି ଅନୁକୂଳ।

ଆଜି ଜାନୁୟାରୀ ୩ ତାରିଖ, ପୌଷ ପୂର୍ଣ୍ଣିମା, ଶନିବାର, ଦେବାଭିଷେକ, ପୌଷ ବନ୍ଦାପନା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁନାବେଶ, ପୁରୀ ଗୋବର୍ଦ୍ଧନ ପୀଠାଧିଶ ଶଙ୍କରାଚାର୍ଯ୍ୟଙ୍କ ମହୋଦଧି ଆଳତି, ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରା ଶେଷ, ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ପ୍ରତିପଦାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭।୫୨ ଗତେ ଘ.୦୯।୦୮ ମଧ୍ୟେ, ଘ.୧୨।୧୨ ଗତେ ଘ.୦୧।୧୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୦୯।୦୮ ଗତେ ଘ.୧୦।୨୯ ମଧ୍ୟେ ରାହୁକାଳ।

# ଆହୁରି ୫ଦିନ ଘନ କୁହୁଡି

**ଭୁବନେଶ୍ୱର,୨।୧(ବନ୍ଦନା ସେଠୀ)**

ଘନ କୁହୁଡି ବଳୟରେ ଅସ୍ତବ୍ୟସ୍ତ ଜୀବନ। ଫଳରେ ଦୃଶ୍ୟମାନ କ୍ଷମତା ହ୍ରାସ ପାଇବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ତେବେ ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ଯୋଗୁ ଶୀତର ମାତ୍ରା କିଛି ପରିମାଣରେ ହ୍ରାସ ପାଇଥିଲେ ହେଁ କୁହୁଡି ପାଇଁ ଖରାର ପ୍ରକୋପ କମ୍ ରହୁଛି। ଆସନ୍ତା ୨ଦିନ ମଧ୍ୟରେ ୨ରୁ ୩ଡିଗ୍ରୀ ରାତି ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହାପରେ ପୁନର୍ବାର ରାତି ତାପମାତ୍ରା ୨ରୁ ୪ଡିଗ୍ରୀ ଖସିବ ଏବଂ ଥଣ୍ଡା ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଘନ କୁହୁଡି ନେଇ ଉଭୟ ଅରେଞ୍ଜ ଓ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାର କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର ଜିଲାକୁ ଅତି ଘନକୁହୁଡି ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଥିବାବେଳେ ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼, କନ୍ଧମାଳ, ଗଞ୍ଜାମ ଏବଂ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ରବିବାର ଯାଜପୁର, କଟକ, କେନ୍ଦ୍ରାପଡ଼ା, ପୁରୀ ଓ ଜଗତ୍‌ସିଂହପୁରକୁ ଅରେଞ୍ଜ ୱାର୍ନିଂ ଏବଂ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ଦାରିଙ୍ଗିବାଡିରେ ୭ଡିଗ୍ରୀ, ଫୁଲବାଣୀ ୭.୫ ଡିଗ୍ରୀ, କୋରାପୁଟ ୮.୧ ଡିଗ୍ରୀ, ଅନୁଗୋଳ ୮.୯ ଡିଗ୍ରୀ, ରାଉରକେଲା ୯.୬ ଡିଗ୍ରୀ, ଝାରସୁଗୁଡା ଏବଂ ବୌଦ୍ଧରେ ୯.୮ ଡିଗ୍ରୀ ରହିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଇଲାଣି ନାରଦ ଋଷି**
**କଳି ଧୋଡ଼କିକି କାଖରେ ଜାକି ।**

ଦେବର୍ଷି ନାରଦ କଳହ ଲଗାଇବାରେ ସିଦ୍ଧହସ୍ତ ବୋଲି ଆମେ ପୁରାଣରୁ ଜାଣିବାକୁ ପାଇଥାଉ। ଅଭ୍ୟାସଗତ କଳହପ୍ରିୟ ଲୋକଙ୍କୁ ଲକ୍ଷ୍ୟ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅତି ନିଉଛୁଣା ଅନ୍ଧାର ରାତି**
**ଅତି ନିଉଛୁଣା ଗୋଲାମ ଜାତି ।**

ଆଲୋକ ବିନା ଅନ୍ଧାର ରାତିରେ ଜଣକୁ ଆଗକୁ ବଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ସେହିପରି ଅଧୀନତା ସ୍ୱୀକାର କରି ପର ଘରେ ମୁଣ୍ଡ ବିକିଥିବା ଲୋକ ଅଧିକାଂଶ ସମୟରେ ବାର ହୀନସ୍ତା ହୋଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଇରାନ୍‌ରେ ଖାମନେଇ ...

ବିକ୍ଷୋଭକାରୀ ସ୍ଲୋଗାନ ଦେଉଥିବା ଶୁଣାଯାଇଛି। ମୁଲ୍ଲା ଥିବା ପର୍ଯ୍ୟନ୍ତ ଇରାନ ମୁକ୍ତ ହୋଇପାରିବ ନାହିଁ ବୋଲି ସେମାନେ କହିଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର ଇରାନକୁ ଚେତାବନୀ ଦେଇ କହିଛନ୍ତି, ବିକ୍ଷୋଭକାରୀଙ୍କ ବିରୋଧରେ ବଳ ପ୍ରୟୋଗ କରାଗଲେ ଆମେରିକା ଅସ୍ତ୍ରଶସ୍ତ୍ର ସହ ପ୍ରସ୍ତୁତ ରହିଛି। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚଳାଇଥିବା ବିକ୍ଷୋଭକାରୀଙ୍କୁ ଗୁଳିକରି ହତ୍ୟା କରାଗଲେ ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ଲାଗି ଆମେରିକା ହସ୍ତକ୍ଷେପ କରିବ ବୋଲି ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଛନ୍ତି। ୩ ବର୍ଷ ମଧ୍ୟରେ ଇରାନ୍‌ରେ ଏହାକୁ ସବୁଠୁ ବଡ଼ ଆନ୍ଦୋଳନ ବୋଲି କୁହାଯାଉଛି। ବିଭିନ୍ନ ପ୍ରଦେଶକୁ ଆନ୍ଦୋଳନ ବ୍ୟାପିବା ସହ ଏହା ହିଂସାର ରୂପ ନେବା ପରେ ଟ୍ରମ୍ପ୍ ଏଭଳି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଇରାନ ନେତା ଏହାର ଜବାବ ଦେଇଛନ୍ତି। ସୁପ୍ରିମ ଲିଡର ଖାମନେଇଙ୍କ ବରିଷ୍ଠ ଉପଦେଷ୍ଟା ଅଲି ଲାରିଜାନି କହିଛନ୍ତି, ଇରାନୀୟଙ୍କ ବିକ୍ଷୋଭରେ ଆମେରିକାର ହସ୍ତକ୍ଷେପ ସମଗ୍ର ଅଞ୍ଚଳରେ ଅରାଜକତା ସୃଷ୍ଟି କରିବ। ଇରାନର ଜାତୀୟ ସୁରକ୍ଷା ଏକ ଲକ୍ଷ୍ମଣରେଖା। ଏହା ଦୁଃସାହସିକ ଟୁଇଟ୍‌ର ବିଷୟ ନୁହେଁ ବୋଲି ଲାରିଜାନି କହିଛନ୍ତି।

ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ବିରୋଧ କରି ପାଶ୍ଚାତ୍ୟ ଦେଶଗୁଡ଼ିକ ଏହା ଉପରେ ଆର୍ଥିକ କଟକଣା ଲଗାଇଛନ୍ତି। ଫଳରେ ତେହରାନ୍‌ର ଉଭୟ ଆମଦାନୀ ଓ ରପ୍ତାନି ପ୍ରଭାବିତ ହୋଇଛି ଏବଂ ଦେଶର ଅର୍ଥନୀତି ୪୦% କ୍ଷତିଗ୍ରସ୍ତ ହୋଇଛି। ଶର୍ଟଡାଉନ୍ ଯୋଗୁ ବାଣିଜ୍ୟିକ କାରବାର ବାଧାପ୍ରାପ୍ତ ହୋଇଥିବାବେଳେ ସାଧାରଣ ଲୋକେ ନିଜ ଦେଶରେ ଉତ୍ପାଦିତ ସାମଗ୍ରୀ ମଧ୍ୟ କିଣିପାରୁ ନାହାନ୍ତି। ଦୋକାନ ବଜାର, ୟୁନିଭର୍ସିଟିଗୁଡ଼ିକୁ ବନ୍ଦ କରାଯାଇଛି। ଡିସେମ୍ବରରେ ମୁଦ୍ରାସ୍ଫୀତି ୪୨.୫%ରେ ପହଞ୍ଚିଥିବାବେଳେ ଡଲାର ତୁଳନାରେ ରିଆଲର ମୂଲ୍ୟ ଏହାର ପ୍ରାୟ ଅଧା ହ୍ରାସ ପାଇଛି। ସୂଚନାଯୋଗ୍ୟ, ୨୦୨୨ରେ ଇରାନ ନିୟମ ବିରୋଧରେ ଯାଇ ମହସା ଅମିନି ହିଜାବ ନ ପିନ୍ଧିବାରୁ ତାଙ୍କୁ ଗିରଫ କରାଯାଇ ହାଜତରେ ରଖାଯାଇଥିଲା। ସେଠାରେ ଅମିନିଙ୍କ ମୃତ୍ୟୁକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ହୋଇଥିଲା। ଏହାର ୩ ବର୍ଷ ପରେ ବର୍ତ୍ତମାନ ଦରଦାମ୍ ବୃଦ୍ଧିକୁ ନେଇ କ୍ଷୁବ୍ଧ ଦେଶବାସୀ ରାସ୍ତାକୁ ଓହ୍ଲାଇଛନ୍ତି।

## ଆଜି ଦେଖାଯିବ..

ପୃଥିବୀଠାରୁ ଦୂରରେ ଥିବାବେଳେ ପୂର୍ଣ୍ଣମୀ ପଡୁଥିବାରୁ ମେ ୧, ମେ ୩୧ ଏବଂ ଜୁନ୍ ୨୯ରେ 'ମାଇକ୍ରୋମୁନ୍' ବା ଛୋଟ ଚନ୍ଦ୍ର ଦେଖାଯିବ ବୋଲି ଜନ ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଗୁଡିକ ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ। ସୁପରମୁନ ଏକ ସାଧାରଣ ମହାଜାଗତିକ ଘଟଣା ଓ ଏହାର କୌଣସି ପ୍ରଭାବ ପୃଥିବୀ ତଥା ଆମ ଉପରେ ପଡେନାହିଁ। ତେବେ ଆକାଶ ମେଘ ତଥା କୁହୁଡି ମୁକ୍ତ ରହିଲେ ଶନିବାର ସୁପରମୁନ୍‌କୁ ସୂର୍ଯ୍ୟାସ୍ତ ପରଠାରୁ ସାରାରାତି ଓଡିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ ବୋଲି ସେ କହିଛନ୍ତି। ସୁପରମୁନ୍ ଶବ୍ଦଟି ପ୍ରଥମେ ଆମେରିକାର ଜ୍ୟୋତିଷ ରିଚାର୍ଡ ନଲ ୧୯୭୯ ମସିହାରେ ପ୍ରଚଳନ କରିଥିଲେ। ଧୀରେ ଧୀରେ ସୁପରମୁନ୍ ଶବ୍ଦଟି ଖୁବ୍ ଲୋକପ୍ରିୟ ହୋଇ ଏବେ ବହୁଳ ଭାବରେ ବ୍ୟବହାର ହେଉଛି। ଚନ୍ଦ୍ର ପୃଥିବୀ ଚାରିପଟେ ପ୍ରାୟ ୨୭.୫ ଦିନରେ ଥରେ ଏକ ଅଣ୍ଡା କୃତି ପଥରେ ବୁଲିଥାଏ। ସବୁଠାରୁ ନିକଟରେ ଥିଲାବେଳ ଚନ୍ଦ୍ର ଆମଠାରୁ ପ୍ରାୟ ୩.୫୬ ଲକ୍ଷ କିଲୋମିଟର ଦୂରରେ ରହିଥାଏ ଏବଂ ଧୀରେ ଧୀରେ ୪.୦୬ ଲକ୍ଷ କିଲୋମିଟର ଦୂରକୁ ଚାଲିଯାଇଥାଏ। ଜ୍ୟୋତିଷ ରିଚାର୍ଡ ନଲଙ୍କ ପରିଭାଷାରେ ଯଦି ଚନ୍ଦ୍ର ଆମଠାରୁ ୩.୬୩ ଲକ୍ଷ କିଲୋମିଟର ବା ତା'ଠାରୁ ନିକଟରେ ଥିବା ସମୟରେ ଏକ ପୂର୍ଣ୍ଣମୀ ପଡିଥାଏ ତା'ହେଲେ ସେହି ଚନ୍ଦ୍ରକୁ ସୁପରମୁନ କୁହାଯାଏ। କାରଣ ସେହି ସମୟରେ ତାହା ଆମକୁ ବଡ ଓ ଉଜ୍ଜ୍ୱଳ ଦେଖାଯାଏ।

## ୧୦ରୁ ଟେଷ୍ଟିଂ ସେଣ୍ଟର,...

ବିଭୂତିଭୂଷଣ ଜେନା ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ କହିଥିଲେ, ଗ୍ରୀନ୍ ଷ୍ଟିକର ବାଧ୍ୟତାମୂଳକ ନୁହେଁ, କିନ୍ତୁ ଏହା ଆର୍‌ଟିଓଗୁଡ଼ିକରେ ମିଳିବ। ଶୁକ୍ରବାର ଗ୍ରୀନ୍ ଷ୍ଟିକର ନେଇ ଏକ ନୂଆ ସୂଚନା ମିଳିଛି। ଆସନ୍ତା ୧୦ ତାରିଖରୁ ସବୁ ଆର୍‌ଟିଓ ଅଫିସ୍‌ରେ ଗ୍ରୀନ୍ ଷ୍ଟିକର ମିଳିବ ବୋଲି ପରିବହନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଯେଉଁମାନେ ବୈଧ ପ୍ରଦୂଷଣ ପ୍ରମାଣ ପତ୍ର ପାଇସାରିଛନ୍ତି, ସେମାନେ ଆସନ୍ତା ୧୦ରୁ ନିକଟସ୍ଥ ଆର୍‌ଟିଓ ଅଫିସ ଯାଇ ଗ୍ରୀନ୍ ଷ୍ଟିକର ପାଇପାରିବେ। ପରିବହନ ବିଭାଗ ଘୋଷଣା କରିଛି, କେବଳ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣ ପତ୍ର ରଖିଥିଲେ ହିଁ ଏହି ସବୁଜ ରଙ୍ଗର ପିୟୁସିସି ବୈଧତା ଷ୍ଟିକର ପାଇବେ।

ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଯେଉଁଯାନବାହନ ମାଲିକମାନେ ଗ୍ରୀନ୍ ଷ୍ଟିକର ନେବାକୁ ଚାହିଁବେ, ସେମାନେ ନିକଟସ୍ଥ ଆର୍‌ଟିଓ ଅଫିସ୍ ଗଲେ ସେଠାରେ ଖୋଲିଥିବା ସ୍ୱତନ୍ତ୍ର କାଉଣ୍ଟରରୁ ତାହା ପାଇଯିବେ। ଗ୍ରୀନ୍ ଷ୍ଟିକର ଦେବା ପୂର୍ବରୁ ଆର୍‌ଟିଓର ଅଧିକାରୀମାନେ ଯାନର ପ୍ରଦୂଷଣ ପ୍ରମାଣ ପତ୍ର, ପଞ୍ଜୀକରଣ ବିବରଣୀ ଏବଂ ବାହନ ଡାଟାବେସ୍‌ରେ ରହିଥିବା ରେକର୍ଡ ସବୁ ଯାଞ୍ଚ କରି ତାହା ପ୍ରଦାନ କରିବେ। ଏଥିପାଇଁ କୌଣସି ଶୁଳ୍କ ଲାଗିବ ନାହିଁ ବୋଲି କୁହାଯାଇଛି। ଏନେଇ ଅତିରିକ୍ତ ଏସ୍‌ଟିଏ କମିଶନର ଦୀପ୍ତି ରଞ୍ଜନ ପାତ୍ର କହିଛନ୍ତି, ବିନା ମୂଲ୍ୟରେ ଏହି ଷ୍ଟିକର ଲୋକମାନେ ପାଇବେ। ଆସନ୍ତା ୧୦ ତାରିଖଠାରୁ ଯେଉଁମାନେ ପଲ୍ୟୁଶନ୍ ଟେଷ୍ଟିଂ ସେଣ୍ଟର ଯିବେ, ସେଠାରୁ ଫର୍ମ ୫୯ ପାଇବେ। କେନ୍ଦ୍ର ସରକାରଙ୍କ ନିୟମାନୁଯାୟୀ ପଲ୍ୟୁଶନ୍ ଟେଷ୍ଟିଂ ହୋଇସାରିବା ପରେ ଫର୍ମ ୫୯ ନେବା ବାଧ୍ୟତାମୂଳକ। ଏହା ଛଡ଼ା ଯଦି ଗାଡ଼ି ମାଲିକମାନେ ଚାହିଁବେ, ଟେଷ୍ଟିଂ ସେଣ୍ଟରରୁ ମାଗଣାରେ ଗ୍ରୀନ୍ ଷ୍ଟିକର ନେଇପାରିବେ। ସେହି ଷ୍ଟିକରରେ ଉଲ୍ଲେଖ ରହିବ, କେଉଁ ତାରିଖରୁ କେଉଁ ସମୟ ପର୍ଯ୍ୟନ୍ତ ଗାଡ଼ିର ପ୍ରଦୂଷଣ ମୁକ୍ତ ପତ୍ରର ଅବଧି ରହିଛି।

## ଶିକ୍ଷିତ ଲୋକେ ...

ଉପରେ ପ୍ରତିରକ୍ଷା ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ଶିକ୍ଷାର ଉଦ୍ଦେଶ୍ୟ କେବଳ ପେସାଦାରୀ ସଫଳତା ନୁହେଁ ବରଂ ନୈତିକତା ଏବଂ ମାନବୀୟ ଚରିତ୍ରର ବିକାଶ କରିବା।

ସୂଚନାଯୋଗ୍ୟ, ନଭେମ୍ବର ୧୦ରେ ଲାଲକିଲ୍ଲା ନିକଟରେ ବିସ୍ଫୋରକ ଭର୍ତ୍ତି ଆଇ୨୦ କାର୍‌କୁ ବିସ୍ଫୋରଣ ଘଟାଇବାରୁ ୧୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ କାର୍‌କୁ ଡାକ୍ତର ଉମର-ଉନ୍ ନବୀ ଚଳାଉଥିଲେ। ଏହି ଆକ୍ରମଣ ପଛରେ ହ୍ୱାଇଟ୍ କଲାର ଆତଙ୍କବାଦ ମଡ୍ୟୁଲ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଥିଲା। ଉକ୍ତ ମାମଲାରେ ୩ ଜଣ ଡାକ୍ତର ମୁଜାମିଲ୍ ଗନାଇ, ଆଦିଲ୍ ରାଠେର ଏବଂ ଶାହିନା ସଇଦ ଓ ଅନ୍ୟମାନେ ଗିରଫ ହୋଇଥିଲେ। ରାଜନାଥ କହିଛନ୍ତି, ଜ୍ଞାନରୁ ଦକ୍ଷତା ବଢ଼ିଥାଏ, ଯାହା ସମୃଦ୍ଧି ଆଣିଥାଏ ଏବଂ ଧର୍ମ ଦିଗରେ ନେଇଯାଇଥାଏ। ଏହା ହିଁ ପ୍ରକୃତ ସୁଖ। ଯେଉଁ ଶିକ୍ଷାବ୍ୟବସ୍ଥା ଉକ୍ତ ଲକ୍ଷ୍ୟକୁ ପୂରଣ କରିପାରେ ନାହିଁ, ତାହା ବିନମ୍ରତା ପ୍ରଦାନ କରି ନ ଥାଏ। ଜ୍ଞାନ ସହ ଏହା ନ ଥିଲେ ଶିକ୍ଷା ଅସମ୍ପୂର୍ଣ୍ଣ ବୋଲି ରାଜନାଥ କହିଛନ୍ତି।

# ଚିତାଲୋ କଲେଜର ପୂର୍ବତନ ଅଧ୍ୟକ୍ଷ, ସଭାପତି ଗିରଫ

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଅର୍ଥ ଆତ୍ମସାତ୍ ମାମଲା

ଯାଜପୁର/ ଯାଜପୁର ଟାଉନ୍ ୨।୧(ହର୍ଷବର୍ଦ୍ଧନ ବେହେରା/ ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ଦଶରଥପୁର ବ୍ଲକ ଚିତାଲୋ ଡିଗ୍ରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଦ୍ୱୈତ ପ୍ରସାଦ ମଲ୍ଲିକ ଓ ପୂର୍ବତନ ସଭାପତି ବଦ୍ରିନାରାୟଣ ରାୟଙ୍କୁ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ଗିରଫ କରାଯାଇଛି। ବାଳିକା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ପାଇଁ ଆସିଥିବା ୩୨ ଲକ୍ଷ ୭ ହଜାର ୬୨୦ ସରକାରୀ ଅର୍ଥକୁ ଆତ୍ମସାତ କରିଥିବାରୁ ଭିଜିଲାନ୍ସ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ


ପୂର୍ବତନ ଅଧ୍ୟକ୍ଷ ଅଦ୍ୱୈତ ପ୍ରସାଦ ମଲ୍ଲିକ

କରାଯାଇଛି। ଏନେଇ କଟକ ଭିଜିଲାନ୍ସ ଥାନାରେ ନଂ. ୪୦/୩୧।୧୨।୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।


ପୂର୍ବତନ ସଭାପତି ବଦ୍ରିନାରାୟଣ ରାୟ

ରାଜ୍ୟ ଯୁବନୀତି ତଥା ଷ୍ଟେଟ୍ ୟୁଥ୍ ପଲିସି-୨୦୧୩ ନୀତି ଅନୁଯାୟୀ କଲେଜ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ପ୍ରଣିତ ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ତାଲିମ ପାଇଁ ୨୦୨୪-୨୫ ବର୍ଷରେ ରାଜ୍ୟର ୩୧୬ କଲେଜକୁ ଦିଆଯାଇଥିବା ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ ହୋଇପାରି ନ ଥିଲା। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟାରି ରମେଶ ଚନ୍ଦ୍ର ବେହେରା କଲେଜ ପ୍ରିନ୍ସିପାଲମାନଙ୍କୁ ଖର୍ଚ୍ଚ ହୋଇ ନ ଥିବା ସରକାରୀ ଅର୍ଥ ଫେରେଇଦେବାକୁ ୧୪।୮।୨୦୨୫ରେ ନିର୍ଦ୍ଦେଶ ଜାରି କରିଥିଲେ। କେତେକ କଲେଜ କର୍ତ୍ତୃପକ୍ଷ ୧୫।୪।୨୦୨୫ ସୁଦ୍ଧା ବିନିଯୋଗ ପ୍ରମାଣପତ୍ର(ୟୁସି) ଦାଖଲ କରିପାରି ନ ଥିଲେ। ଏନେଇ ଚିତାଲୋ କଲେଜରେ ହୋଇଥିବା ଅନିୟମିତତା ଉପରେ ଅଭିଯୋଗ ହେବା ପରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତରୁ ପ୍ରମାଣ ମିଳିବା ପରେ ପୂର୍ବତନ ଅଧ୍ୟକ୍ଷ ଓ ସଭାପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଶେୟାର ଟ୍ରେଡିଂ ଆଳରେ ୪୦ କୋଟି ଠକେଇ

# ପଶ୍ଚିମବଙ୍ଗରୁ ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨।୧(ସତ୍ୟଜିତ ରାଉତ)

ଶେୟାର ଟ୍ରେଡିଂ ଆଳରେ ୪୦ କୋଟି ଟଙ୍କା ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମୁଖ୍ୟ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ବାଙ୍କୁରା ଜିଲା ଅମ୍ରିତପୁରରେ ରହୁଥିବା ବିଷ୍ଣୁପୁରର ଅମିତ ମଣ୍ଡଳ। ତାଙ୍କଠାରୁ ଏକ ଲାପଟପ୍ ଜବତ କରାଯାଇଛି। ସେଥିରେ ନିବେଶକାରୀଙ୍କ ତାଲିକା ଓ ଜମା ଟଙ୍କା ସମ୍ବନ୍ଧୀୟ ତଥ୍ୟ ରହିଛି। ବୁଧବାର ଗିରଫ ପରେ ଅମିତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଶନିବାର କଟକସ୍ଥିତ ସ୍ୱତନ୍ତ୍ର ଇଓଡବ୍ଲ୍ୟୁ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅମିତଙ୍କ ସହଯୋଗୀଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ଉଦ୍ୟମ ଚଳାଇଛି।

ସୂଚନା ଅନୁଯାୟୀ, ଅମିତ ଓ ତାଙ୍କ ଏଜେଣ୍ଟମାନେ ସାଧାରଣ ଲୋକଙ୍କୁ ଶେୟାର ଟ୍ରେଡିଂ ଆଳରେ ଫସାଇଥିଲେ। ମାସିକ ୩.୫ ପ୍ରତିଶତରୁ ୭ ପ୍ରତିଶତ ରିଟର୍ନ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅମିତ ୨୦୨୦ରୁ ୨୦୨୪ ମଧ୍ୟରେ ଓଡ଼ିଶାର ୫୦୦ଜଣ ଏବଂ ପଶ୍ଚିମବଙ୍ଗର ୧୦୦ଜଣଙ୍କୁ ଫସାଇ ୧୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନେଇଯାଇଥିଲେ।

# ୨ ବାଘଛାଲ, ୪ ଶମ୍ବର ଶିଙ୍ଗ ଜବତ: ୬ ଗିରଫ

ନୂଆପଡ଼ା,୨।୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବନ ବିଭାଗ ଶୁକ୍ରବାର ପୃଥକ୍ ସ୍ଥାନରେ ଚଢାଉ କରି ୨ କଲରା ପତରିଆ ବାଘ ଛାଲ ଓ ୪ ଶମ୍ବର ଶିଙ୍ଗ ଜବତ କରି ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୂଆପଡା ସଦର ବ୍ଲକ ଆମାନାରା ପଞ୍ଚାୟତ ପାତାଲଘୁଟକୁରି ଗାଁର ମହେଶ ସାହୁ(୬୨), ଗଜାନନ ସାହୁ (୨୬) ଓ ବୋଡେନ ଥାନା ଶରଧାପୁର ଗାଁର ଦିନେଶ ମାଝି (୬୨), ସୁକୁରାମ ଚିନ୍ଦା(୪୫), ପୂର୍ଣ୍ଣଚନ୍ଦ୍ର ମାଝି(୪୬) ଓ ମଧୁସୂଦନ ମାଝି(୫୫)। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ବୋଲି ଖଡିଆଳ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏଫ୍ଓ ଅଜିଜ ଖାନ୍ ସୂଚନା ଦେଇଛନ୍ତି। ସୂଚନା ମୁତାବକ ଗୁରୁବାର ଖଡିଆଳ ବନ ବିଭାଗ କର୍ମଚାରୀ ବୋଡେନ ଶରଧାପୁର ଗାଁରେ କଲରା ପତରିଆ ବାଘଛାଲ ବିକ୍ରି ପାଇଁ ଡିଲ ଚାଲିଥିବା କୌଣସି ସୂତ୍ରରୁ ଖବର ପାଇ ଚଢାଉ କରିଥିଲେ। ସେହି ସମୟରେ ଗୋଟିଏ ବାଘ ଛାଲ ଓ ୨ ଶମ୍ବର ଶିଙ୍ଗ ଜବତ କରି ୪ ଜଣଙ୍କୁ ଗିରଫ କରିଥିଲେ। ହେଲେ ସମ୍ପୃକ୍ତ ୨ ଜଣ ଫେରାର ହୋଇଯାଇଥିଲେ।


ଗିରଫ ଅଭିଯୁକ୍ତ ଓ ଜବତ ବାଘ ଛାଲ, ସମ୍ବର ଶିଙ୍ଗ।

ଗିରଫ ଅଭିଯୁକ୍ତମାନଙ୍କୁ ଖଡିଆଳ ବନ ବିଭାଗ କାର୍ଯ୍ୟାଳୟକୁ ଆଣି ପଚରାଉଚରା ସମୟରେ ଅନ୍ୟ ଏକ ସ୍ଥାନରେ କଲରା ପତରିଆ ବାଘ ଛାଲ ଓ ଶମ୍ବର ଶିଙ୍ଗ ରଖିଥିବା ସୂଚନା ପାଇଥିଲେ। ଏହାପରେ କର୍ମଚାରୀମାନେ ନୂଆପଡା ସଦର ବ୍ଲକ ଆମାନାରା ପଞ୍ଚାୟତ ପାତାଲଘୁଟକୁରି ଗାଁରେ ଚଢାଉ କରି ମହେଶ ସାହୁଙ୍କ ଘରୁ ଗୋଟିଏ କଲରା ପତରିଆ ବାଘ ଛାଲ ଓ ୨ଟି ଶମ୍ବର ଶିଙ୍ଗ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲେ। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡିଏଫ୍ଓ ଖାନ୍ କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସିଏଫ୍ ପ୍ରଶନଜିତ ନାଏକ, ମହମ୍ମଦ ମୁସ୍ତାଫା ସାହିଲ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ବୃଦ୍ଧଙ୍କୁ ହତ୍ୟା ଘଟଣା, ୨ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ସିନ୍ଧବା ଗ୍ରାମର ସନିଆ ଗୌଡ଼(୮୫)ଙ୍କୁ ଗୁରୁବାର ସକାଳେ ଗାଁ ଦାଣ୍ଡରେ ହତ୍ୟା କରାଯାଇଥିଲା। ଏଥିରେ ସମ୍ପୃକ୍ତ ସିନ୍ଧବା ଗ୍ରାମର ଶିବଶଙ୍କର ଗୌଡ଼ ଓରଫ ଶିବା (୨୨) ଏବଂ ତାଙ୍କ ସମ୍ପର୍କୀୟ ଚିକୁନ ଗୌଡ଼(୨୫)ଙ୍କୁ ଶୁକ୍ରବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଥାନା ମାମଲା ନଂ.୧/୨୬ ଦଫା -୧୦୩(୧)/୩(୫) ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ କେ.ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

ସିନ୍ଧବା ଗ୍ରାମର ସନିଆଙ୍କ ନାତୁଣୀ(୧୬) ଗତ ମଙ୍ଗଳବାର ରାତି ପ୍ରାୟ ୯ ଟାରେ ତାଙ୍କ ଛେଳି ଗୁହାଳରେ କାମ କରୁଥିବା ବେଳେ ଶିବ ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଗୁରୁବାର ସକାଳେ ଘର ସାମ୍ନାରେ ସନିଆ, ତାଙ୍କ ପୁଅ ବିଚିତ୍ର ଗୌଡ଼ ଏବଂ ଗ୍ରାମର ଶତ୍ରୁଘ୍ନ ଗୌଡ଼ ଉକ୍ତ ଘଟଣା ସମ୍ପର୍କରେ କଥା ହେଉଥିଲେ। ପଡୋଶୀ ଶିବ ଏହା ଶୁଣିବା ପରେ ସମ୍ପର୍କୀୟ ଚିକୁନ ସହ ସେଠାରେ ପହଞ୍ଚି ସନିଆଙ୍କ ସହ ପ୍ରବଳ ଯୁକ୍ତିତର୍କ କରିଥିଲେ। ପ୍ରତିବାଦ କରିବାରୁ ଶିବ ସେଠାରେ ପଡ଼ିଥିବା ଠେସ କାଠରେ ସନିଆଙ୍କ ମୁଣ୍ଡକୁ ପିଟିଥିଲେ। ଚିକୁନ ମଧ୍ୟ ତାଙ୍କୁ ମୁଥ ମାରିଥିଲେ। ଏଥିରେ ଗୁରୁତର ସନିଆଙ୍କୁ ପରିବାର ଲୋକେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ସେଠାର ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସନିଆଙ୍କ ପୁଅ ବିଚିତ୍ର ଏତଲା ଦେବାପରେ ତଦନ୍ତକାରୀ ଅଧିକାରୀ ତଥା ଆଇଆଇସି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ରକ୍ତଭିଜା ମାଟି, ସନିଆଙ୍କ ଲୁଗା, ୨ ଅଭିଯୁକ୍ତଙ୍କ ପୋଷାକ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ କାଠଖଣ୍ଡ ଜବତ କରିଥିଲେ। ପରେ ଅଭିଯୁକ୍ତ ଦ୍ୱୟଙ୍କ ଘରେ ଚଢ଼ାଉ କରି ପୋଲିସ ସେମାନଙ୍କୁ ଧରି ଥାନାକୁ ଆଣିଥିଲା। ପଚରାଉଚରା ପରେ ଉଭୟେ ନିଜ ଦୋଷ ସ୍ୱୀକାର କରିଥିବା ଆଇଆଇସି କହିଛନ୍ତି। ଅପରପକ୍ଷରେ ପୀଡ଼ିତା ଶୁକ୍ରବାର ଥାନାରେ ପହଞ୍ଚି ଶିବଙ୍କ ବିରୋଧରେ ବଳାତ୍କାର ଅଭିଯୋଗ କରିଛନ୍ତି। ପୋଲିସ ନଂ.୨/୨୬ରେ ପୋକ୍‌ସୋ ଆଇନର ଧାରା - ୪ ଅନୁଯାୟୀ ମାମଲା ରୁଜୁ କରିଛି। ତଦନ୍ତକାରୀ ଅଧିକାରୀ ଟିକିଟି ଫାଣ୍ଡି ଏସ.ଆଇ. ଗୌତମ ସାହୁ ପୀଡିତାଙ୍କ ବୟାନ ରେକର୍ଡ କରିଛନ୍ତି। ଶନିବାର ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ସହ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯିବ ବୋଲି ଜଣାପଡିଛି।




## Business

# ୮ରୁ ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ



ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)

ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ୨୦୨୬ର ଚତୁର୍ଥ ସଂସ୍କରଣ ଜାନୁଆରୀ ୮ରୁ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଆରମ୍ଭ ହେବାକୁ ଯାଉଛି। ୧୧ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏକ୍ସପୋରେ ୨୫୦ ଜଣ ପ୍ରଦର୍ଶକ ଓ ପରିଦର୍ଶକ ଏକାଠି ହେବେ। ୧୦ରୁ ଅଧିକ ଦେଶର ୩୦୦ରୁ ଅଧିକ କମ୍ପାନୀ ଏଥିରେ ସାମିଲ ହେବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଥିବାବେଳେ ସମ୍ମାନିତ ଅତିଥିଭାବରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଶିଳ୍ପବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ରହିବେ। ଦ୍ୱିତୀୟ ଦିନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଖଣିକ୍ଷେତ୍ରରେ ସଫଳ ମହିଳାଙ୍କୁ ପୁରସ୍କାର ପ୍ରଦାନ କରିବେ। ତୃତୀୟଦିନରେ ଇସ୍ପାତ ଏବଂ ଖଣିମନ୍ତ୍ରୀ ବିଭୂତିଭୂଷଣ ଜେନା ଏବଂ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେବେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେବେ।

ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏକ୍ସପୋ ଓଡ଼ିଶାକୁ ଏସିଆର ଖଣିଜ କ୍ଷେତ୍ରର ଏକ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠା କରିବା ପାଇଁ ଉଦ୍ଦିଷ୍ଟ ବୋଲି ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନ୍ୱେଷୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ନାଲ୍‌କୋର ପୂର୍ବତନ ଅଧ୍ୟକ୍ଷ ଏବଂ ଏମ୍‌ଡି ତଥା ଏକ୍ସପୋ ଆୟୋଜନ କମିଟିର ଅଧ୍ୟକ୍ଷ ତପନ କୁମାର ଚାନ୍ଦ, ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ନମିତ ଗୁପ୍ତା ପ୍ରମୁଖ ବିସ୍ତୃତ ସୂଚନା ଦେଇଥିଲେ। ଏହି ଅବସରରେ ଲୁମିନସଇନଫୋର ପରିଚାଳନା ନିର୍ଦ୍ଦେଶକ ଜୟଶ୍ରୀ ମହାନ୍ତି, ରୋଟାରୀ କ୍ଲବର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ନର ଯଜ୍ଞାଶିଷ ମହାପାତ୍ର, ଆସ୍ତ୍ରା ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ, କୃପା ଚୌଧୁରୀ, ଲଘୁ ଉଦ୍ୟୋଗ ଭାରତୀର ଗୋପାଳ ଦାସ ଅଗ୍ରୱାଲ, ୱାଲେଟ୪ ୱେଲଥର ପରିଚାଳନା ନିର୍ଦ୍ଦେଶକ ତ୍ରିନାଥ ଲେଙ୍କା, ଅବିନାଶ ପଟ୍ଟନାୟକ, ଆୟୋଜକ କମିଟିର ଉପାଧ୍ୟକ୍ଷ ସୁଦର୍ଶନ ଶେଖର ମହାନ୍ତି, ଇକ୍ୟୁପେଜ ଇନଫ୍ରାକୋର ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ନାୟକ, କେସିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଏସଆର ସାମଲ, ଫ୍ୟୁଚରଏକ୍ସର ନିର୍ଦ୍ଦେଶକ ନିଧି ଶର୍ମା, ଫ୍ୟୁଚରଏକ୍ସର ପ୍ରୋଜେକ୍ଟ ନିର୍ଦ୍ଦେଶକ ସୌମୋ ରୟ ପ୍ରମୁଖ ଉପସ୍ଥିତ ଥିଲେ।

# ଲାପ୍ସଡ ପଲିସିର ପୁନରୁଦ୍ଧାର କରିବ ଏଲ୍ଆଇସି


ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି) ଲାପ୍ସଡ ହୋଇଥିବା ବ୍ୟକ୍ତିଗତ ପଲିସିଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ଏକ ବିଶେଷ ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନ ଅଧୀନରେ ନନ-ଲିଙ୍କ୍‌ଡ ଇନ୍‌ସ୍ୟୁରାନ୍ସ ଯୋଜନାଗୁଡ଼ିକ ପାଇଁ ଲେଟ ଫିସ୍ ଉପରେ ୩୦% ପର୍ଯ୍ୟନ୍ତ ଛାଡ଼ ପ୍ରଦାନ କରାଯାଉଛି, ଯାହାର ସର୍ବୋଚ୍ଚ ରାଶି ୫୦୦୦ ଟଙ୍କା ରହିଛି। ମୋଟ ଗ୍ରହଣୀୟ ପ୍ରିମିୟମ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେଲେ ସର୍ବୋଚ୍ଚ ୩୦୦୦ ଟଙ୍କା, ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ମଧ୍ୟରେ ହେଲେ ସର୍ବୋଚ୍ଚ ୪୦୦୦ ଟଙ୍କା ଏବଂ ୩ ଲକ୍ଷ ଟଙ୍କାରୁ ଅଧିକ ହେଲେ ସର୍ବୋଚ୍ଚ ୫୦୦୦ ଟଙ୍କା ଛାଡ଼ ମିଳିବ। ମାଇକ୍ରୋ ଇନ୍‌ସ୍ୟୁରାନ୍ସ ଯୋଜନାଗୁଡିକ ପାଇଁ ଲେଟ ଫିସ୍ ଶତପ୍ରତିଶତ ଛାଡ଼ କରାଯାଇଛି। ଏହି ବିଶେଷ ଅଭିଯାନ ଅଧୀନରେ ପ୍ରଥମ ଅନାଦେୟ ପ୍ରିମିୟମ ତାରିଖରୁ ୫ ବର୍ଷ ମଧ୍ୟରେ ପଲିସିଗୁଡିକୁ ପୁନରୁଦ୍ଧାର କରାଯାଇପାରିବ। ଏଥିପାଇଁ କିଛି ପଲିସି ସର୍ତ୍ତାବଳୀ ରହିଛି। ପ୍ରିମିୟମ ଦେବା ଅବଧି ମଧ୍ୟରେ ଲାପ୍ସଡ ହୋଇଥିବା ଏବଂ ପଲିସି ଅବଧି ସମ୍ପୂର୍ଣ୍ଣ ନ ହୋଇଥିବା ପଲିସିଗୁଡିକ ଏହି ଅଭିଯାନରେ ପୁନରୁଦ୍ଧାର ହୋଇପାରିବ। ଏହି ଅଭିଯାନ ସେହି ପଲିସିଧାରୀମାନଙ୍କ ଲାଭ ପାଇଁ ଆରମ୍ଭ କରାଯାଇଛି, ଯେଉଁମାନେ ଅପ୍ରୀତିକର ପରିସ୍ଥିତି ଯୋଗୁ ଠିକ୍ ସମୟରେ ପ୍ରିମିୟମ ଦେଇପାରି ନ ଥିଲେ। ପଲିସିକୁ ଚାଲୁ ରଖିବା ଦ୍ୱାରା ପୂରା ବୀମା ଲାଭ ମିଳିଥାଏ। ପୁରୁଣା ପଲିସିକୁ ପୁନରୁଦ୍ଧାର କରି ବୀମା କଭର ପୁନଃ ସ୍ଥାପନ କରିବା ଏଲଆଇସିର ଉଦ୍ଦେଶ୍ୟ ବୋଲି କୁହାଯାଇଛି।

# ଏପ୍ରିଲରେ ଭାରତ ଷ୍ଟିଲ୍ ୨୦୨୬ ସମ୍ମିଳନୀ

ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଏପ୍ରିଲ ୧୬ ଓ ୧୭ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ତଥା ପ୍ରଦର୍ଶନୀ ଭାରତ ଷ୍ଟିଲ ୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏକ ପ୍ରମୁଖ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଭାବରେ ପରିକଳ୍ପିତ ଭାରତ ଷ୍ଟିଲ ନୀତି ନିର୍ଦ୍ଧାରକ, ଶିଳ୍ପ ନେତା, ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀ, ନିବେଶକ ଏବଂ ଅନ୍ତର୍ଜାତୀୟ ଅଂଶୀଦାରମାନଙ୍କୁ ଭାରତ ଏବଂ ବିଶ୍ୱ ସ୍ତରରେ ଇସ୍ପାତ କ୍ଷେତ୍ରର ଭବିଷ୍ୟତ ଉପରେ ବିଚାର ବିମର୍ଶ କରିବା ପାଇଁ ଏକାଠି କରିବ। ଭାରତର ଇସ୍ପାତ ଦୃଷ୍ଟିକୋଣ, ନୀତି ନିର୍ଦ୍ଦେଶ ଏବଂ ନିବେଶ ସମ୍ଭାବନାକୁ ପ୍ରଦର୍ଶନ କରିବା, ଭାରତ ସରକାର ଏବଂ ବିଶ୍ୱସ୍ତରୀୟ ଇସ୍ପାତ-ପରିବେଶ ମଧ୍ୟରେ ଅର୍ଥପୂର୍ଣ୍ଣ ସମ୍ପର୍କକୁ ସୁଗମ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ ରହିଛି। ଭାରତ ସରକାରଙ୍କ ବରିଷ୍ଠ ନେତୃତ୍ୱ, ପ୍ରମୁଖ ମନ୍ତ୍ରଣାଳୟ, ରାଜ୍ୟ ସରକାର, ପ୍ରମୁଖ ଭାରତୀୟ ଏବଂ ଅନ୍ତର୍ଜାତୀୟ ଇସ୍ପାତ ଏବଂ ଖଣି-କମ୍ପାନୀଗୁଡ଼ିକର ସିଇଓ, ଆର୍ଥିକ ପ୍ରତିଷ୍ଠାନ, ବାଣିଜ୍ୟ ସଂସ୍ଥା ଏବଂ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କଠାରୁ ଉଚ୍ଚସ୍ତରୀୟ ଅଂଶଗ୍ରହଣ ଆଶା କରାଯାଉଛି।



ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ କର- ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। -ଶ୍ରୀଅରବିନ୍ଦ

-ଦେବାଭିଷେକ ପୂର୍ଣ୍ଣିମା, ମାଘ ବ୍ରତାରମ୍ଭ, ମହୋଦଧି ଆଳତି



# ଚାପର ପରୀକ୍ଷା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗତିକୁ ସ୍ଥିତି ଦେଇ ଗତି କରୁଥିବା ଭାରତ-ବାଂଲାଦେଶ ସମ୍ପର୍କକୁ ସୁଧାରିବା ଲାଗି ଚେଷ୍ଟା କରାଯାଉଛି। ଉଭୟ ପକ୍ଷର ସଂସ୍ଥା, ସୁରକ୍ଷା ଏଜେନ୍ସି ଏବଂ ଦାୟିତ୍ୱରେ ଥିବା ଅଭିଜ୍ଞ କୂଟନୀତିଜ୍ଞଙ୍କ ଯୋଗୁ ଅନେକ ବର୍ଷ ଧରି ଏହି ସମ୍ପର୍କ ରହିଆସିଥିଲା। ଏବେ ଉତ୍ତେଜନା ଏବଂ କଟୁ ସମାଲୋଚନା ବୃଦ୍ଧି ପାଉଥିବାବେଳେ ଏଭଳି ସ୍ଥିତିରେ ସେମାନଙ୍କ ଅଭିଜ୍ଞତା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହେଉଛି। ତେବେ ଭାରତରେ ଥିବା ଦକ୍ଷ ଓ ଦୃଢ଼ ବ୍ୟକ୍ତିମାନେ ବାଂଲାଦେଶକୁ ଭଲ ଭାବେ ବୁଝିପାରୁଛନ୍ତି। ଭାରତର ସଂସ୍ଥାଗତ ଅଭିଜ୍ଞତାର ଭଣ୍ଡାରରେ ଦେଖନ୍ତୁ। ପୂର୍ବତନ ଆର୍‌ଏଣ୍ଡଏଡବ୍ଲୁ(ର) ଅଧିକାରୀ ଅମିତାଭ ମାଥୁର, ଅମର ଭୂଷଣ, ରବି (ସିକେ) ସିହ୍ନା, ଶଶିଭୂଷଣ ସିଂହ, ଆଲୋକ ତିୱାରୀ, ଆର୍. କୁମାର ଏବଂ ଶଶିଭୂଷଣ ସିଂହ ତୋମାରଙ୍କ ଭଳି ଅନ୍ୟ ଅଧିକାରୀମାନେ ଅନେକ ଦଶନ୍ଧି ଧରି ଏକ ଦୃଢ଼ ନେଟ୍‌ୱର୍କ ଗଢ଼ି ଭୁଲ୍ ତଥ୍ୟର ମୁକାବିଲା, ସଙ୍କଟ ନିୟନ୍ତ୍ରଣ ଏବଂ ଗୁପ୍ତ ତଥା ପରୋକ୍ଷ ଯୋଗାଯୋଗ ପଦ୍ଧତି ସୃଷ୍ଟି କରିଛନ୍ତି। ଏମାନଙ୍କ ସହିତ ଭାରତର ରଣନୈତିକ କ୍ଷେତ୍ରରେ ଆଲୋକ ଜୋଷୀ, ଅଶୋକ ସିହ୍ନା ଏବଂ ବିବେକ ଜୋହରିଙ୍କ ଭଳି ବିଜ୍ଞ ବ୍ୟକ୍ତିଙ୍କୁ ଦେଖନ୍ତୁ। ଏପରିକି ଇଣ୍ଟେଲିଜେନ୍ସ ବ୍ୟୁରୋରେ ଥିବା ଅଧିକାରୀ ଶୀଲ ବର୍ଦ୍ଧନ ସିଂହ, ବଲବୀର ସିଂହ, ସୁରେନ୍ଦ୍ର ସିଂହ, ରମାକାନ୍ତ ଏବଂ ସୁମିତ୍ ବାଂଲାଦେଶର ଦୃଶ୍ୟମୂଳ୍ୟରର ବାସ୍ତବତାକୁ ଜାଣନ୍ତି। କୂଟନୈତିକ ସ୍ତରରେ ମଧ୍ୟ ପିନାକ ରଞ୍ଜନ ଚକ୍ରବର୍ତ୍ତୀଙ୍କ ପରି ବ୍ୟକ୍ତିମାନେ ବହୁ ଦିନ ଧରି ସତର୍କ କରିଆସିଛନ୍ତି ଯେ, ଆମ ବାଂଲାଦେଶ ନୀତି ଅଙ୍ଗୀକାର କିମ୍ବା ନିର୍ବାଚନୀ ପ୍ରତିଫଳନ ଦ୍ୱାରା ସକ୍ରିୟ ଭାବେ ପରିଚାଳିତ ହୋଇପାରିବ ନାହିଁ। ଢାକାରେ ବଢ଼ୁଥିବା ରାଜନୈତିକ ଅସ୍ଥିରତା ଏବଂ ଜାତୀୟତାବାଦୀ ଚାପ କୂଟନୀତିକୁ ଅଧିକ ପ୍ରତିକ୍ରିୟାଶୀଳ କରିଦେଇଛି। ସମ୍ପର୍କ ଭାଙ୍ଗି ପଡ଼ୁନାହିଁ; ବରଂ ଏହା ଚାପର ପରୀକ୍ଷା ହେଉଛି। ଏକ ସ୍ଥାୟୀ ସମ୍ପର୍କ ପାଇଁ ଅଭିଜ୍ଞ ଅଧିକାରୀମାନେ ମାର୍ଗଦର୍ଶନ କରିବା ଉଚିତ।

### ଘନିଷ୍ଠତାକୁ ପ୍ରାଧାନ୍ୟ

ଦିଲ୍ଲୀରେ ସମୟ କାଟ ଆଉ ନିଜ କ୍ୟାଡରକୁ ଫେରିଯାଅ ଏବଂ ଆପଣ ପୂର୍ବାପେକ୍ଷା କ୍ଷମତାର ଆହୁରି ନିକଟରେ ହୋଇପାରିବେ ବୋଲି ଭାରତୀୟ ଅମଲାତନ୍ତ୍ରରେ ଏକ କୌତୂହଳପ୍ରଦ ନିୟମ ଅଛି। ଗୁଜରାଟ ହେଉଛି ଏହାର ବଡ଼ ଉଦାହରଣ। କେନ୍ଦ୍ର ସରକାରରେ ବିଶେଷକରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଏହା ସହ ଜଡ଼ିତ ଥିବା ଯେକୌଣସି ମନ୍ତ୍ରଣାଳୟରେ କାର୍ଯ୍ୟ କରିଥିବା ଅଧିକାରୀମାନେ ରାଜ୍ୟର ସବୁଠାରୁ ପ୍ରଭାବଶାଳୀ ପଦବୀରେ ନିଯୁକ୍ତ ହେଉଛନ୍ତି। ଏକ ରାଜ୍ୟ ସରକାର ତାଙ୍କ ବ୍ୟବସ୍ଥାରେ ଜଣେ ପରିଚିତ ବ୍ୟକ୍ତିଙ୍କୁ ପସନ୍ଦ କରୁଛନ୍ତି। ବାସ୍ତବରେ, ଦିଲ୍ଲୀରୁ ଫେରିଥିବା ଅଧିକାରୀଙ୍କ ଗୁରୁତ୍ୱ ରହିଛି। ପିଏମ୍‌ଓ, ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଏବଂ ଜାତୀୟ ନୀତି ପ୍ରକ୍ରିୟାଗୁଡ଼ିକରେ ରହିବା କେନ୍ଦ୍ରମାନଙ୍କ ଦକ୍ଷତାର ପରିଚୟଦିଏ। ଯେକୌଣସି ସରକାର ସେହି ବିଶେଷଜ୍ଞଙ୍କୁ ଚାହିଁବା ସ୍ୱାଭାବିକ। ହେଲେ ସମସ୍ୟା ହେଉଛି ସମାନ ଭାବେ ଯୋଗ୍ୟ ଅଧିକାରୀଙ୍କୁ ପଛରେ ରଖି ଏଭଳି ବ୍ୟବସ୍ଥା କରାଯାଉଛି। ଏ କ୍ଷେତ୍ରରେ କେନ୍ଦ୍ର ସହ ସମ୍ପର୍କକୁ ଯୋଗ୍ୟତା ଭାବେ ଦେଖାଯାଏ। ଯେତେବେଳେ ଶାସନ ଏକ ବିଶ୍ୱସ୍ତତା ପରିବେଶକୁ ଆବରିନିଏ, ସେତେବେଳେ ସଂସ୍ଥାଗତ ସ୍ୱଚ୍ଛତା ପ୍ରଭାବିତ ହୁଏ। ଗୁଜରାଟ ଦକ୍ଷତା ଏବଂ ପ୍ରଶାସନିକ ଶୃଙ୍ଖଳାକୁ ନେଇ ଗର୍ବ କରେ। କିନ୍ତୁ ଦକ୍ଷତା କେବଳ ବିଶ୍ୱସ୍ତତା ଓ ସମ୍ପର୍କର ବିଷୟରେ ନୁହେଁ; ଏହା ବ୍ୟାପକ ପ୍ରତିଭା, ରାଜ୍ୟର ବାସ୍ତବ ସ୍ଥିତି ଉପରେ ଆଧାରିତ ଦକ୍ଷତାକୁ ସୂଚିତ କରେ। ଏହି ଧାରା ରାଜନୈତିକ ପରିଚାଳନାକୁ ସହଜ କରିପାରେ। କିନ୍ତୁ ଦେଖାଯାଏ ନିଯୁକ୍ତି ବେଳେ କାର୍ଯ୍ୟଦକ୍ଷତା ବଦଳରେ ଘନିଷ୍ଠତାକୁ ପ୍ରାଧାନ୍ୟ ଦିଆଯାଏ।

### ଅଧିକାରୀଙ୍କୁ ରିହାତି

ରାଜସ୍ଥାନ ହାଉସିଂ ବୋର୍ଡ (ଆର୍‌ଏଚ୍‌ବି) ଆର୍ଥିକ ଦୃଷ୍ଟିରୁ ଦୁର୍ବଳ, ନିମ୍ନ ତଥା ମଧ୍ୟମ ଆୟକାରୀ ବ୍ୟକ୍ତିମାନଙ୍କର ବାସଗୃହ ପାଇବା ସ୍ୱପ୍ନକୁ ସାକାର କରିବା ସକାଶେ ପ୍ରତିଷ୍ଠା କରାଯାଇଛି। ହେଲେ ବିଳାସପୂର୍ଣ୍ଣ ଫ୍ଲାଟ କ୍ରୟ କରୁଥିବା ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଅଧିକାରୀଙ୍କ ପାଇଁ ପ୍ରଶାସନିକ ଶୁଳ୍କ ହ୍ରାସ କରିବା ପାଇଁ ଏକ ନିୟାମକ କୌଶଳ ବ୍ୟବହାର କରାଯାଇଛି। ଏଥିରେ ପ୍ରତି ଫ୍ଲାଟରେ ବରିଷ୍ଠ ଅଧିକାରୀମାନେ ୮-୯ ଲକ୍ଷ ଟଙ୍କା ରିହାତି ପାଇଯାଉଛନ୍ତି। ଏହି ସମୟରେ, ଯେଉଁ ନାଗରିକମାନଙ୍କୁ ବୋର୍ଡ ସମର୍ଥନ କରିବା କଥା ଥିଲା, ସେମାନେ ଏପରି କୌଣସି ରିହାତି ପାଉନାହାନ୍ତି, ବରଂ ପୂରା ମୂଲ୍ୟ ଦେଇ ଫ୍ଲାଟ୍ କିଣୁଛନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗଙ୍କୁ ଲାଭ ଦେବା ଲାଗି ନୀତି କରାଯାଉଛି, ଯାହା ଏକ ନିଆରା ଦୃଷ୍ଟାନ୍ତ ଭଳି ମନେହେଉଛି। ପ୍ରାୟ ପାଞ୍ଚ ଦଶନ୍ଧି ପୂର୍ବେ ହାଉସିଂ ବୋର୍ଡ ଆଇନରେ ସ୍ୱଚ୍ଛତା ଏବଂ ନ୍ୟାୟକୁ ଆଧାର କରି ଜନସାଧାରଣଙ୍କ ଆବଶ୍ୟକତା ପୂରଣ କରୁଥିବା ଗୃହ ଯୋଜନାଗୁଡ଼ିକୁ ସହଜ କରିବା ସ୍ପଷ୍ଟ କରାଯାଇଥିଲା। କିନ୍ତୁ ଏଠାରେ ଦେଖୁଛୁ, ଏହି ସଂସ୍ଥା ଉଚ୍ଚବର୍ଗର ଲୋକଙ୍କୁ ସୁବିଧାରେ ଘର ଯୋଗାଇଦେଉଛି। ଏହା କେବଳ ଏକ କୌଶଳ ନୁହେଁ, ବରଂ ଏହା ଏକ ପୁରୁଣା ଧାରାର ସୂକ୍ଷ୍ମ ସୁଦୃଢ଼ୀକରଣ। କିନ୍ତୁ ତାହାକୁ ଶ୍ରମ ଦେଇ ଗଢ଼ିଥିବା ଲୋକଙ୍କୁ କୌଣସି ସୁବିଧା ଦେଉନାହିଁ। ଯଦି ଆମେ ସମସ୍ତଙ୍କ ପାଇଁ ଘର ମିଳିବା ବିଷୟକୁ ନେଇ ଗମ୍ଭୀର ଭାବେ ଚିନ୍ତା କରୁଛେ, ତେବେ ବାବୁ ପ୍ରୋତ୍ସାହନ ସାମାଜିକ ସମାନତା ସହିତ ସମନ୍ୱିତ ହେବା ଆବଶ୍ୟକ। ଅଧିକାରୀ ଶ୍ରେଣୀ ପାଇଁ ସୁବିଧା କରାଯିବା ଉଚିତ ନୁହେଁ। ଏବକାର ସ୍ଥିତିରେ, ଆର୍‌ଏଚ୍‌ବି ଏହାର ସାର୍ବଜନୀନ ସମର୍ଥନ ହରାଇଥିବା ପରି ମନେହେଉଛି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 4 | | | | | | | 9 |
| | | | | 8 | 9 | | | |
| 1 | | | | 2 | | | | |
| | 7 | | 2 | 9 | | 5 | | |
| | | | | | 1 | | | |
| 4 | 2 | | | 3 | | | | 8 |
| 8 | | | | | | | 2 | |
| | 5 | | | | | | 4 | |
| | 9 | | | 4 | | 7 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 8 | 4 | 9 | 3 | 1 | 6 | 5 |
| 9 | 5 | 6 | 8 | 1 | 7 | 2 | 4 | 3 |
| 1 | 3 | 4 | 2 | 6 | 5 | 9 | 7 | 8 |
| 7 | 2 | 3 | 1 | 5 | 8 | 4 | 9 | 6 |
| 5 | 4 | 1 | 6 | 3 | 9 | 8 | 2 | 7 |
| 8 | 6 | 9 | 7 | 4 | 2 | 3 | 5 | 1 |
| 6 | 8 | 2 | 3 | 7 | 4 | 5 | 1 | 9 |
| 4 | 1 | 5 | 9 | 8 | 6 | 7 | 3 | 2 |
| 3 | 9 | 7 | 5 | 2 | 1 | 6 | 8 | 4 |

ଗତକାଲିର ଉତ୍ତର

# ଡାଇଓଜିନୀଜଙ୍କ ଅନ୍ୱିଷ୍ଟ ମଣିଷ



ଡ. ବ୍ରଜମୋହନ ମିଶ୍ର

ସୁଦୂର ଅତୀତର (କାରଣ ଖ୍ରୀଷ୍ଟପୂର୍ବ) ଏଇ ବିସ୍ମୟକର ଅଥଚ ଆଧ୍ୟାତ୍ମିକ ଭାବସମ୍ପନ୍ନ ଅଲୌକିକ କ୍ରିୟା, ମାନବ ସଭ୍ୟତାର ଇତିହାସରେ ଏକ ମାଇଲ ଖୁଣ୍ଟ। ସୃଷ୍ଟିର ରାଜମୁକୁଟ ପୁଣି ସୃଷ୍ଟିର ସବୁଠାରୁ ମହାନ୍ ସୃଜନ ମଣିଷ ସମ୍ପର୍କରେ ମଣିଷର କୌତୂହଳ ପ୍ରତୁଳ। ବିବର୍ତ୍ତନରେ ମାଙ୍କଡ଼ରୁ ମଣିଷ ହୋଇଥିବା ଏଇ ସତ୍ତା ଏକାଧାରରେ ଆଧ୍ୟାତ୍ମିକ ଓ ପାଶବିକ, ସୁନ୍ଦର ଓ କୁତ୍ସିତ, ଆଲୋକିତ ଓ ଅନ୍ଧାରିତ, ଅମୃତର ସନ୍ତାନ ଅଥଚ ମୃତ୍ୟୁ କବଳିତ ଇତ୍ୟାଦି ବିଷମ ଯୁଗ୍ମତାସମ୍ପନ୍ନ। ଏଥିପାଇଁ 'ସବୁ ଉପରେ ମଣିଷ' ବୋଲି କେଡ଼େ ବହପ ଓ ବିଜ୍ଞତାରେ କୁହାଯାଇଥିବା ପହଳିପ୍ରତି ଅନେକ ସମୟରେ ବ୍ୟକ୍ତି ସନ୍ଦିଗ୍ଧ ହୋଇପଡ଼େ। ଯଦି ମଣିଷ, ସୃଷ୍ଟିର ସମସ୍ତଙ୍କ ଠାରୁ (ଉଦ୍ଭିଦ ସମାଜ, ପ୍ରାଣୀ ସମାଜ) ଶ୍ରେଷ୍ଠତର, ମହତ୍ତର, ତା'ହେଲେ ସେ କାହିଁକି ଯୁଦ୍ଧ ଭିଆଏ। ଫଳରେ ଅକାରଣ ଅସଂଖ୍ୟ ଜୀବନ ତଥା ଅପରିମିତ ସମ୍ପତ୍ତି ନଷ୍ଟ ହୁଏ ? କାହିଁକି ମଣିଷ ଆପଣାର ଜୀବନକାଳ ଅଳ୍ପ ଓ ଅନିଶ୍ଚିତ ଜାଣି ସୁଦ୍ଧା ତାହାକୁ ବଦଖର୍ଚ୍ଚ କରି ବରବାଦ୍ କରିଦିଏ ? କାହିଁକି ସେ ସଂସାର ରାସ୍ତାରେ ଫୁଲଟିଏ ହୋଇ ଫୁଟିବାକୁ ପ୍ରାର୍ଥନା ନ କରି କଣ୍ଟାଟିଏ ହୋଇ ପଡ଼ିରହି ପଥିକର ପାଦରେ ଫୁଟି ଯିବାକୁ କାମନା କରେ ? କାହିଁକି ସେ ଅନ୍ୟ ଆଖିରୁ ଲୁହ ପୋଛିବାର ସାତ୍ତ୍ୱିକତାରେ ଶିହରି ଉଠିବା ପରିବର୍ତ୍ତେ ତା' ଜୀବନର ରାହୁ ହୋଇ ତା' ଆଖିରୁ ଦୁଃଖ ଓ ଯନ୍ତ୍ରଣାର ଅଶ୍ରୁପାତ କରାଏ ? ମୋଟ ଉପରେ ଈଶ୍ୱରଙ୍କ ଡାଞ୍ଚାରେ ଗଢ଼ାଯାଇଥିବା ମଣିଷ କାହିଁକି ସଇତାନର କ୍ରୀତଦାସ ପାଲଟି ତା' ଦିବ୍ୟ ପିତାଙ୍କର ଅଦିବ୍ୟ ସନ୍ତାନ ପାଲଟିଯାଏ ? କାହିଁକି ?

ଏହିପରି କାହିଁକିର ମର୍ମଭେଦୀ ଆହ୍ୱାନରେ ସେଦିନ ବିଶିଷ୍ଟ ଗ୍ରୀକ୍ ଦାର୍ଶନିକ ଡାଇଓଜିନୀଜ ନିଶ୍ଚିତ ବିଚଳିତ ହୋଇଥିଲେ। ଫଳରେ ସେ ଅସଲ ମଣିଷ ଖୋଜିବାକୁ ବାହାରି ପଡ଼ିଥିଲେ ଏଥେନ୍‌ସର ରାଜରାସ୍ତାରେ ଏକ ଜଳନ୍ତା ଲଣ୍ଠନ ଧରି। ତାହା ପୁଣି ଦିନ ଦ୍ୱିପ୍ରହରେ। ତାଙ୍କର ଏପରି ଅସାଧାରଣ କର୍ମକାଣ୍ଡ ଯୁଗଯୁଗ ଧରି ମାନବଜାତି ପାଇଁ ଏକ ଆଧ୍ୟାତ୍ମିକ ଆହ୍ୱାନ ହୋଇ ରହିଆସିଛି। ସତରେ ସେ କେଉଁ ପ୍ରକାର ମଣିଷର ଅନ୍ୱେଷଣ କରୁଥିଲେ ଏବଂ ଏଥେନ୍ସର ରାଜରାସ୍ତାରେ ଚାଲିଯାଉଥିବା ମଣିଷମାନଙ୍କ ମୁହଁରେ ଲଣ୍ଠନ ପକାଇ ଦେଖିବାକୁ ଚାହୁଁଥିଲେ ଆକୃତିରେ ମଣିଷ ସତରେ ମଣିଷ ତ ? ଏହି ମହାନ୍ ଦାର୍ଶନିକଙ୍କ ଜୀବନୀ ନ ଜାଣିଲେ ଦିନ ଦିପ୍ରହରେ ଜଳନ୍ତା ଲଣ୍ଠନ ଧରି ରାଜରାସ୍ତାରେ ଖୋଜିଥିବା (ଏବଂ ବୋଧେ ନ ପାଇ ନିରାଶାରେ ଦୀର୍ଘଶ୍ୱାସ ପକାଇଥିବା) ଆବେଗିକ ଆଲୋଡ଼ନକାରୀ ଏକର୍ମକାଣ୍ଡର ସର୍ବକାଳୀନ



ବ୍ୟଞ୍ଜନାଟିକୁ ଧରି ହେବ ନାହିଁ କି ଧାରଣ କରିହେବ ନାହିଁ। ବିଶ୍ୱବିଜୟୀ ଆଲେକଜାଣ୍ଡାର (ଖ୍ରୀ.ପୂ. ୩୫୬ -୩୨୩) ଓ ମହାନ୍ ଦାର୍ଶନିକ ସକ୍ରେଟିସ୍ (ଖ୍ରୀ.ପୂ. ୪୬୯ - ଖ୍ରୀ.ପୂ.୩୯୯) ଙ୍କ ସମସାମୟିକ ଡାଇଓଜିନୀଜ ( ଯାହାଙ୍କ ପୂରାନାମ ଡାଇଓଜିନୀଜ ଲେରଟିୟସ - ଖ୍ରୀ.ପୂ.୪୧୨ - ଖ୍ରୀ.ପୂ. ୩୨୩) ହେଉଛନ୍ତି ଅନ୍ୟ ଜଣେ ବିଶିଷ୍ଟ ଗ୍ରୀକ୍ ଦାର୍ଶନିକ - ଯେ ନିଜକୁ ''କସ୍‌ମୋପଲିଟାନ୍'' ଅର୍ଥାତ୍ ବିଶ୍ୱ ନାଗରିକ ବୋଲି ଘୋଷଣା କରିଥିଲେ। 'ସିନିକ୍' ବାଦର ପ୍ରଚାରକ ଓ ପ୍ରସାରକ ଏହି ନିଆରା ମଣିଷ ଥିଲେ ଜଣେ ଧନୀ ମହାଜନ। ବହୁ ବ୍ୟକ୍ତିଙ୍କୁ କରଜ ଦେଇ ଦେଇ ପରିଶେଷରେ ଦେବାଳିଆ ପାଲଟିଗଲେ। ତେଣୁ ସେ ଭିକ୍ଷାବୃତ୍ତି ଅବଲମ୍ବନ କଲେ। ତା'ପରେ ସେ ଘର ଦ୍ୱାର ଛାଡ଼ି ସିନିକବାଦର ପ୍ରତିଷ୍ଠାତା ଆଣ୍ଟିସ୍ଥିନୀଜ - (ଖ୍ରୀ.ପୂ. ୪୪୫ - ଖ୍ରୀପୂ. ୩୬୫)ଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ। ଗୁରୁଙ୍କୁ ପ୍ରଥମେ ସାକ୍ଷାତ୍ କଲାବେଳେ ଗୁରୁ ତାଙ୍କୁ ପଳାଇଯିବାକୁ କହିଥିଲେ କିନ୍ତୁ ଡାଇଓଜିନୀଜ ତାହା ନ ମାନିବାରୁ ସେ ତାଙ୍କୁ ଏକ ବାଡ଼ିରେ ପିଟିଥିଲେ। ତଥାପି ଅବିଚଳିତ ରହିଥିଲେ ଡାଇଓଜିନୀଜ କାରଣ ''He wanted wisdom and saw that Antisthenes had it to give''-ବର୍ଟ୍ରାଣ୍ଡ ରସେଲ। ''ସୁଖଦୁଃଖ ପ୍ରତି ସମ୍ପୂର୍ଣ୍ଣ ଅନାସକ୍ତ ରହିବାକୁ ତଥା କଠୋର ଜୀବନ ଯାପନକୁ ଆଦର୍ଶ ମନେକରୁଥିବାରୁ ସେ ଗୋଟିଏ କୁଣ୍ଡ ମଧ୍ୟରେ ବାସ କରୁଥିଲେ'' - ଶରତ ମହାନ୍ତି।

ଲୋକମତକୁ ବେଖାତିର କରି ସିନିକମାନେ ସମାଜବିରୋଧୀ ହେବାକୁ ଚେଷ୍ଟା କରୁଥିଲେ। ଡାଇଓଜିନୀଜ ଏକ କୁକୁରପରି ବଞ୍ଚିବାକୁ ଚାହିଁଲେ। ସେଥିପାଇଁ ତାଙ୍କୁ 'ସିନକ' କୁହାଗଲା ଯାହାର ଅର୍ଥ CANINE- କୁକୁର ସମ୍ବନ୍ଧୀୟ। ସମସ୍ତ ପ୍ରଚଳିତ ସାମାଜିକ ପ୍ରଥା (ତାହା ଧର୍ମ, ସାମାଜିକ ବ୍ୟବହାର, ପୋଷାକ, ଖାଦ୍ୟ, ଶାଳୀନତା)କୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ରସେଲଙ୍କ ଭାଷାରେ ''He lived like an Indian Fakir, by begging'' କେବଳ ମାନବଜାତି ସହ ନୁହେଁ, ପଶୁମାନଙ୍କ ସହ ସେ ଭ୍ରାତୃତ୍ୱରେ ଥିଲେ ବିଶ୍ୱାସୀ। ନୈତିକ ଉତ୍କୃଷ୍ଟତା (VIRTUE) ପ୍ରତି ତାଙ୍କର ଥିଲା ପ୍ରବଳ ଉତ୍ସାହ। ଏହାକୁ ସେ ପାର୍ଥିବ ସମ୍ପଦଠାରୁ ଯଥେଷ୍ଟ ଉଚ୍ଚ ବୋଲି ବିବେଚନା କରୁଥିଲେ। କାମନାରୁ ମୁକ୍ତ ହୋଇ ସେ ସାଧୁତା ଓ ନୈତିକ ଉତ୍କୃଷ୍ଟତା ଅନ୍ୱେଷୀ ଥିଲେ। ଭାଗ୍ୟଦେବାକୁ ଥିବା କୌଣସି ବସ୍ତୁ (ପଦାର୍ଥ) ପ୍ରତି ବୀତସ୍ପୃହ ହେବାକୁ ସେ କହୁଥିଲେ। ଫଳରେ ବ୍ୟକ୍ତି ଭୟମୁକ୍ତ ହୋଇପାରିବ। ସଭ୍ୟତା ସୃଷ୍ଟ ସକଳ ସୁବିଧା ସେ ବର୍ଜନ କରିଥିଲେ। ସେଇଥିପାଇଁ ସେ ପ୍ରମିଥିଅସ୍‌ଙ୍କ ଦଣ୍ଡକୁ ଯଥାର୍ଥ ବୋଲି ବିଚାରିଥିଲେ। ତାଙ୍କ ମତରେ ପ୍ରମିଥିଅସ୍ ମଣିଷ ପାଇଁ ସେହିସବୁ କଳା ଆଣିଥିଲା ଯାହା ଆଧୁନିକ ଜୀବନରେ ଜଟିଳତା ଓ କୃତ୍ରିମତା ସୃଷ୍ଟି କରିଥିଲା।

ଏହି ଋଷି ପ୍ରତିମ ବ୍ୟକ୍ତି ଥିଲେ ବିଜ୍ଞ ଏବଂ ବଞ୍ଚୁଥିଲେ ଏକ ସରଳ ଜୀବନ ଯାହା ନୈତିକତା ଉପରେ ଥିଲା ପ୍ରତିଷ୍ଠିତ। ନିଜକୁ 'ମୁଁ କୁକୁର' ବୋଲି ବିପୁଳ ଆନନ୍ଦରେ ଘୋଷଣା କରୁଥିବା ଏହି ଦାର୍ଶନିକଙ୍କର ଖ୍ୟାତି ତତ୍କାଳୀନ ଆଲେକ୍‌ଜାଣ୍ଡାରଙ୍କ ଖ୍ୟାତି ସମକକ୍ଷ ଥିଲା। ଏ ଉଭୟ ମହାନାୟକଙ୍କର ଥରେ ଭେଟ ହୋଇଗଲା, ଥିବୀଜ୍ ନଗରର ଏକ ସ୍ଥାନରେ। ଦାର୍ଶନିକ ମହୋଦୟ ଖରା ପୋଉଁଥାନ୍ତି। ତାଙ୍କ ପାଖରେ ପହଞ୍ଚିଗଲେ ମହାପରାକ୍ରମୀ ଆଲେକଜାଣ୍ଡାର ଏବଂ ପରିଚୟ ଦେଲେ ଯେ ସେ ସମ୍ରାଟ ଆଲେକ୍‌ଜାଣ୍ଡାର। ଦାର୍ଶନିକ ଉତ୍ତର ଦେଲେ ସେ ହେଉଛନ୍ତି 'କୁକୁର ଡାଇଓଜିନୀଜ। 'ଆପଣ ଯାହାଇଚ୍ଛା ତାହା ମୋତେ ମାଗନ୍ତୁ' - କହିଲେ ଆଲେକ୍‌ଜାଣ୍ଡାର। ମୋ ଉପରେ ଆପଣଙ୍କ ଛାଇ ପଡୁଛି, ଦୟାକରି ଟିକିଏ ଘୁଞ୍ଚିବେ କି ? ଏହି ମାଗୁଣି ଥିଲା ଦାର୍ଶନିକଙ୍କର। ମୁଗ୍ଧ ହୋଇ ଆଲେକଜାଣ୍ଡାର କହିଥିଲେ, 'ଯଦି ମୁଁ ଆଲେକଜାଣ୍ଡାର ହୋଇ ନ ଥାନ୍ତି, ତେବେ ଡାଇଓଜିନୀଜ ହୁଅନ୍ତି'। (ଏକାଦିନେ ଉଭୟଙ୍କର ମୃତ୍ୟୁ ହୋଇଥିଲା)। ଡାଇଓଜିନୀଜଙ୍କ ଉଚ୍ଚାରଣ ଓ ଆଚରଣ ଅକ୍ଷୁଣ୍ଣ ଥିଲା। ବାସ୍ତବିକ ସେ ଥିଲେ ଜଣେ ସଂଯମୀ ତପସ୍ୱୀ ଯେ ସଂସାରର ମଙ୍ଗଳ ପାର୍ଥିବ ସୁଖ ସମ୍ପଦରେ ନାହିଁ ଅଛି ନୈତିକତାରେ ଓ ସାଧୁତାରେ ବୋଲି କହୁଥିଲେ।

ଏପରି ନିଆରା ଦାର୍ଶନିକ ଏଥେନ୍ସର ରାଜରାସ୍ତାରେ ଦିନ ଦିପ୍ରହରେ ଏକ ଜଳୁଥିବା ଲଣ୍ଠନ ଧରି ଖୋଜିଥିବା ମଣିଷ (ଯାହା ତାଙ୍କ ମନ ଓ ହୃଦୟର ମଣିଷ- ଅର୍ଥାତ୍ ପ୍ରକୃତ ମଣିଷ) ହେଉଛି କାମନା ବାସନା ଶୂନ୍ୟ ସତ୍‌ପୁରୁଷ। ସେ ଆମର ଗାନ୍ଧୀ, ଗୋପବନ୍ଧୁ, ସ୍ୱାମୀ ବିବେକାନନ୍ଦ କି ସେଣ୍ଟ ଫ୍ରାନ୍ସିସ ଅଫ୍ ଆସମ ହୋଇପାରନ୍ତି। ତାଙ୍କର ସେହି ଅମ୍ଳିକ ଅନ୍ୱେଷଣର ଚିରନ୍ତନ ବାର୍ତ୍ତା ଆମ ଭିତରକୁ ପଶନ୍ତାନି ? ଫଳରେ ଆମେ 'ହଲୋମ୍ୟାନ' (ଫମ୍ପା ମଣିଷ) ନ ହୋଇ ହୁଅନ୍ତେ 'ହୋଲିମ୍ୟାନ'' (ପବିତ୍ର ମଣିଷ), ଯେ ପୃଥିବୀମାତାଙ୍କର ଯଥାର୍ଥ ସନ୍ତାନ ହୁଅନ୍ତେ।

ଭଦ୍ରକ
ମୋ: ୮୦୧୮୦୮୭୮୩୧

# ପାରିବାରିକ ଉତ୍ତରଦାୟିତ୍ୱ



ଡ. ଭାରତ ଭୂଷଣ ରଥ

ମାନବର ଅତ୍ୟଧିକ ମାଦକ ଦ୍ରବ୍ୟ ସେବନ ଏବଂ ଅମାନବୀୟ ଚାରିତ୍ରିକ ସ୍ଖଳନ ସମାଜର ମେରୁଦଣ୍ଡକୁ ଭାଙ୍ଗିବାକୁ ବସିଛି। କିଛି ପରିବାରରେ ଏହା ଆଭିଜାତ୍ୟର ରୂପ ନେଇସାରିଛି। ଆଉ କିଛି ପରିବାରରେ ଜ୍ୟେଷ୍ଠମାନଙ୍କର କନିଷ୍ଠଙ୍କୁ ଆକଟ କରିବାରେ ସାମର୍ଥ୍ୟ ନାହିଁ। ଏହାକୁ ରୋକିବ କିଏ ? ଯଦି ରୋକା ନ ଯାଏ ତେବେ ଏ ଦେଶର କ'ଣ ଅବସ୍ଥା ହେବ ?

ଭାରତୀୟମାନେ ମୋଗଲ, ଇଂରେଜ ତଥା ବିଭିନ୍ନ ଏକଚ୍ଛତ୍ରବାଦୀ ଶାସକଙ୍କ ଦ୍ୱାରା ଶାସିତ ହୋଇଛନ୍ତି। ସମୟ କ୍ରମେ ସେହି ଶାସକମାନଙ୍କର କୁସଂସ୍କାର ପ୍ରଭାବରେ ଭାରତୀୟ ପ୍ରଭାବିତ ହୋଇଛନ୍ତି। ଏହି କୁସଂସ୍କାର ସାମାଜିକ ବ୍ୟାଧିର ରୂପ ନେଇସାରିଛି। ଭାରତୀୟମାନେ ବିଶୃଙ୍ଖଳିତ ପରମ୍ପରାରେ ପରିଚାଳିତ ହେବା ଦ୍ୱାରା ପାରିବାରିକ ଅଶାନ୍ତି, ଅସମୟରେ ମୃତ୍ୟୁ ଏବଂ ମାନବ ଭିତରେ ଭେଦଭାବ ସୃଷ୍ଟି ହୋଇଛି। କିଏ ରୋକିବ ଏ ସବୁ ବିଶୃଙ୍ଖଳାକୁ। କାରଣ ସମାଜର ଶୃଙ୍ଖଳା ସେତେବେଳେ ରକ୍ଷା ହୁଏ ଯେତେବେଳେ ମାନବର ନୈତିକ ଜ୍ଞାନ ରୁହେ। ନୈତିକ ଜ୍ଞାନ ଆହରଣ ପାଇଁ ତିନୋଟି ପ୍ରମୁଖ ମାର୍ଗ ଅଛି। ପ୍ରଥମତଃ ନିଜ ଘରେ ଜ୍ୟେଷ୍ଠମାନଙ୍କଠାରୁ କନିଷ୍ଠମାନେ ନୈତିକ ମୂଲ୍ୟବୋଧ ଶିକ୍ଷା କରନ୍ତି। କିନ୍ତୁ ବର୍ତ୍ତମାନ ଅନେକ ଘରେ ମୁରବିଙ୍କୁ କନିଷ୍ଠମାନେ ସମ୍ମାନ ଦେଉନାହାନ୍ତି। ଅନେକ କ୍ଷେତ୍ରରେ ମୁରବିମାନଙ୍କର ନୈତିକତା ହ୍ରାସ ହୋଇଛି। ବିଭାଜନକାରୀ ରାଜନୀତି, ଅନ୍ୟାୟ ମାର୍ଗରେ ଧନ ଅର୍ଜନ, ନିଶାଦ୍ରବ୍ୟ ସେବନ ଏବଂ ଚାରିତ୍ରିକ ସ୍ଖଳନରେ ଯଦି ଘରର ମୁରବିମାନେ ପୌରୋହିତ୍ୟ କରିବେ ତେବେ ଶିଶୁ କ'ଣ ବା ଶିକ୍ଷା କରିବେ। ନୈତିକତାଶିକ୍ଷାର ଦ୍ୱିତୀୟ ମାର୍ଗ ହେଉଛି ସମାଜର ପ୍ରତିଷ୍ଠିତ ବ୍ୟକ୍ତିଙ୍କଠାରୁ ଶିକ୍ଷା ଗ୍ରହଣ। କିନ୍ତୁ ସମାଜର ଅନେକ ବିଶିଷ୍ଟ ବ୍ୟକ୍ତି ଯଦ୍ୟପି ନିଜନିଜ କର୍ମ କ୍ଷେତ୍ରରେ ବିଶିଷ୍ଟ କିନ୍ତୁ ନୈତିକତା ହ୍ରାସ ତାଙ୍କର ବ୍ୟକ୍ତିଗତ ଜୀବନର କାଳିମା ହୋଇଛି। ବିଶେଷତଃ ଯୁବସମାଜ ସଂଗୀତ, ନୃତ୍ୟ ଏବଂ ଚଳଚ୍ଚିତ୍ର ଜଗତର ବିଶିଷ୍ଟ କଳାକାରମାନଙ୍କର ଅନୁଗାମୀ ହେଉଛନ୍ତି। ସେହି ବିଶିଷ୍ଟ କଳାକାରମାନେ ଯଦି ଶୃଙ୍ଖଳିତ ଜୀବନ ଅତିବାହିତ କରନ୍ତେ ତେବେ ଦେଶର ଯୁବସମାଜ ଖୁବ୍ ସଂଯତ ହୋଇପାରନ୍ତେ। ଏଇ କିଛି ବର୍ଷର ବ୍ୟବଧାନରେ ଓଡ଼ିଶାରେ ଅନେକ ବିଶିଷ୍ଟ କଳାକାରଙ୍କର ନିଶାସେବନଜନିତ ଅକାଳ ମୃତ୍ୟୁ, ବମ୍ବେର ଫିଲ୍ମ ଜଗତରେ ନାଁ କମେଇଥିବା ବରିଷ୍ଠ କଳାକାରମାନଙ୍କର ନିଶାଦ୍ରବ୍ୟ କାରବାରରେ ସମ୍ପୃକ୍ତି ତଥା ଚାରିତ୍ରିକ ସ୍ଖଳନ ସୂଚେଇଦେଉଛି ସମାଜ ଉପରେ ଏହା କେତେ କୁପ୍ରଭାବ ପକାଇଛି। ଯେଉଁ କିଛି ଉତ୍ତମ କଳାକାର ନିଜ କଳା ସହିତ ସମାଜ ମଙ୍ଗଳ ପାଇଁ ପ୍ରୟାସ କରନ୍ତି ସେମାନେ ହାତଗଣତି ମାତ୍ର। ଶାସ୍ତ୍ର କୁହେ ମହାଜନ ଯେନ ଗତଃ ସ ପନ୍ଥା। ଅର୍ଥାତ୍ ମହାନ ବ୍ୟକ୍ତିମାନେ ଯେଉଁ ସୁନ୍ଦର ରାସ୍ତାରେ ଯାଇଛନ୍ତି ତାହା ହିଁ ପରବର୍ତ୍ତୀ ପିଢ଼ିର ମାର୍ଗ ହେଉ। କିନ୍ତୁ ଆଜିର ସମାଜରେ ମହାଜନଙ୍କୁ ଚିହ୍ନିବା କଷ୍ଟକର। ତେଣୁ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ସମାଜ ସଂସ୍କାରର ଶିକ୍ଷା ଗ୍ରହଣ କରିବା ସଫଳ ହେଉନାହିଁ।

ସମାଜ ସଂସ୍କାରର ତୃତୀୟ ମାର୍ଗ ହେଉଛି ନୈତିକ ଜ୍ଞାନ ଆଧାରିତ ପୁସ୍ତକ। ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକରେ ଯଦି ନୈତିକ ଆଧାରିତ ଶିକ୍ଷା ଦିଆଯାଏ ତେବେ ତାହା ସେମାନଙ୍କ ଜୀବନକୁ ଶୃଙ୍ଖଳିତ କରେ। ତେଣୁ ପୂର୍ବରୁ ପଞ୍ଚତନ୍ତ୍ର ଏବଂ ହିତୋପଦେଶ ପ୍ରଭୃତି କଥା ମାଧ୍ୟମରେ କୋମଳମତି ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷା ଦିଆଯାଉଥିଲା। ବଣଜଙ୍ଗଲର କଥା ପାଠ୍ୟପୁସ୍ତକରେ ରହିବା ଦ୍ୱାରା ପିଲାମାନେ ଅରଣ୍ୟ ଏବଂ ପରିବେଶ ସୁରକ୍ଷା ଦିଗରେ ସଚେତନ ହେଉଥିଲେ। ବିଭିନ୍ନ ବିଶ୍ୱମଙ୍ଗଳ ପ୍ରାର୍ଥନା ଦ୍ୱାରା ପିଲାମାନେ ବିଶ୍ୱକୁ ସମାନ ଦୃଷ୍ଟିରେ ଦେଖୁଥିଲେ। ବେଦରେ ବର୍ଣ୍ଣିତ ଅଗ୍ନି, ବାୟୁ, ଜଳ, ପର୍ବତ, ବୃକ୍ଷଲତା ପ୍ରଭୃତି ପ୍ରାକୃତିକ ସମ୍ପଦର ସମ୍ମାନ ମନ୍ତ୍ର ମାଧ୍ୟମରେ ଶିକ୍ଷା ଦିଆଯାଉଥିଲା, ଯଦ୍ୱାରା ମାନବ ପ୍ରକୃତିକୁ ନଷ୍ଟ କରିବନାହିଁ। ରାମାୟଣର ସମାଜ ସଂସ୍କାର, ମହାଭାରତର ଶାନ୍ତି ପ୍ରତିଷ୍ଠା, ଉପନିଷଦର ଯମ ନଚିକେତା ସଂବାଦ ପ୍ରଭୃତି ମାନବକୁ ସତ୍ ମାର୍ଗ ପ୍ରଦର୍ଶିତ କରୁଥିଲା। ଆଜି କିନ୍ତୁ ଏ ସବୁକୁ ଧର୍ମ ଗ୍ରନ୍ଥର ରୂପ ଦେଇ ପାଠ୍ୟକ୍ରମରୁ ଦୂରେଇ ରଖାଗଲା। ଭାରତ ଏକ ସର୍ବଧର୍ମ ସମନ୍ୱୟର ରାଷ୍ଟ୍ର ହେଲା। ଏଠି ସମାଜ ସଂସ୍କାର ଦିଆଯାଉଥିବା ଗ୍ରନ୍ଥଗୁଡ଼ିକ ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମରେ ବାରଣ କରାଗଲା। ଆଜିର ପିଲା କେବଳ ପାଠ ବ୍ୟତୀତ କୌଣସି ସଂସ୍କାରମୂଳକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଲା ନାହିଁ। ତେଣୁ ତୃତୀୟ ମାର୍ଗଟି ବନ୍ଦ ହୋଇଗଲା।

ବର୍ତ୍ତମାନ ବିଚାର କରିବା ଏ ତିନୋଟି ଯାକ ରାସ୍ତା ବନ୍ଦ ହୋଇଯିବାର ଫଳାଫଳ। ବର୍ତ୍ତମାନ ଭାରତରେ କ୍ୱଚିତ୍ ପରିବାରରେ ସଂସ୍କାର ନାମକ ଶବ୍ଦ ସାକାର ରୂପ ନେଉଛି। ପ୍ରତି ପରିବାର ଆଜି ନିଜ ପିଲାମାନଙ୍କର ଭବିଷ୍ୟତକୁ ନେଇ ଅନ୍ଧକାର ଭିତରେ ରହିଛି। ପରିବାରରେ ନୂତନ ପ୍ରଥା ସ୍ଥାନ ପାଇଛି, ପିଲାମାନେ ଦଶ ବାରବର୍ଷର ହୋଇଗଲେ ବାପା ମା'ଙ୍କ ମୁହଁରେ ଜବାବ ଦେଉଛନ୍ତି। ସେମାନେ ନିଜକୁ ସ୍ୱତନ୍ତ୍ର ମନେକରୁଛନ୍ତି। ମୋବାଇଲରୁ ଭଲ ତଥ୍ୟ ବଦଳରେ ଖରାପ ତଥ୍ୟ ଶୁଣିବା ଏବଂ ଦେଖିବା ପାଇଁ ବାପା ମା'ଙ୍କଠାରୁ ଆରମ୍ଭ କରି ପିଲାମାନଙ୍କ ପର୍ଯ୍ୟନ୍ତ ପ୍ରତିଯୋଗିତା। ଯୋଗ, ଧ୍ୟାନ, ସକାଳସଂଧ୍ୟାରେ ଠାକୁର ପୂଜା, ଗୁରୁଜନଙ୍କୁ ମୁଣ୍ଡିଆ ମାରିବା ଇତ୍ୟାଦି ସଂସ୍କାର ସମ୍ପୂର୍ଣ୍ଣ ବିଲୀନ। ଘରୋଇ ଖାଦ୍ୟ ପ୍ରତିବଦଳରେ ନାନା ପ୍ରକାର ହାନିକାରକ ଖାଦ୍ୟ। ବସ୍ତ୍ର ପରିଧାନରେ ମାନବର ବିକୃତ ମାନସିକତା। ଏଭଳି ଅନେକ ସାମାଜିକ ବିଶୃଙ୍ଖଳା ପ୍ରତି ଘରେ ରୂପନେଇଛି। ଏ ସବୁ ବର୍ତ୍ତମାନ ନିୟନ୍ତ୍ରଣ ବାହାରେ। ଏଭଳି ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ସଜାଗ ହେବାର ଆବଶ୍ୟକତା ରହିଛି। ପ୍ରତି ପରିବାରରୁ ପିଲାମାନଙ୍କୁ ସଂସ୍କାର ଦିଆ ନ ଗଲେ କେହି ମଧ୍ୟ ଶାନ୍ତିରେ ରହିପାରିବେ ନାହିଁ। ଏଥିପାଇଁ ନିଜେ ସତର୍କ ରହିବା ସହିତ ସନ୍ତାନସନ୍ତତିଙ୍କୁ ନୈତିକ ଜ୍ଞାନ ଦେବା ଅନିବାର୍ଯ୍ୟ। ଧର୍ମଗ୍ରନ୍ଥଗୁଡ଼ିକର ଶିକ୍ଷଣୀୟ ତତ୍ତ୍ୱ ପିଲାଙ୍କୁ ବାଲ୍ୟକାଳରୁ ଜଣେଇବା ଜ୍ୟେଷ୍ଠଙ୍କ କର୍ତ୍ତବ୍ୟ ହେଉ। ପ୍ରତି ଶିକ୍ଷାନୁଷ୍ଠାନ ସଜାଗ ହେବାର, ପ୍ରତିଷ୍ଠିତ ବ୍ୟକ୍ତିଙ୍କର ସମାଜ ପ୍ରତି କର୍ତ୍ତବ୍ୟବୋଧ ଜାଗ୍ରତ ହେବାର ସମୟ ଆସିଛି। ଏବେ ବି ଯଦି ସମାଜକୁ ସଂସ୍କାରଠାରୁ ଦୂରେଇ ରଖିବା ତେବେ ସେ ସମୟ ବେଶି ଦିନ ନାହିଁ ଯେତେବେଳେ କାଳ ସମସ୍ତଙ୍କୁ ଗ୍ରାସ କରିଦେବ।



ଉପ ନିର୍ଦ୍ଦେଶକ, ଦୂର ଶିକ୍ଷା ନିର୍ଦ୍ଦେଶାଳୟ
ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି,
ମୋ: ୮୮୯୭୪୨୬୨୪୩

## ଏଇ ଭାରତରେ

ଆଜାଦ୍ ପଢ଼ିବା ଲାଗି ୭ଟି ସ୍କୁଲ ପରିବର୍ତ୍ତନ କରିଥିଲେ। ସ୍କୁଲ ପାସ୍ କରିବା ପରେ କଲେଜ ଶିକ୍ଷା ଶେଷକରି ସେ ବକ୍ସିଂରେ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିଲେ। ହେଲେ ଦୁର୍ଭାଗ୍ୟବଶତଃ ସେ ଆହତ ହେବା ପରେ ସେଥିରୁ ଓହରି ଆସିଥିଲେ। ଏହି ସମୟରେ ତାଙ୍କ ପିଲାଦିନର ଶିକ୍ଷାପ୍ରାପ୍ତିର ସଂଘର୍ଷପୂର୍ଣ୍ଣ ସମୟ ସ୍ମରଣକୁ ଆସିଥିଲା ଓ ସେ ପିଲାଙ୍କ ପାଇଁ ଫରେଷ୍ଟ ସ୍କୁଲ ଖୋଲିଥିଲେ। ଆଜାଦୱାଡି ନାମକ ଏହି ଫରେଷ୍ଟ ସ୍କୁଲ ସେ ଉଦୟପୁରରେ ଖୋଲିଛନ୍ତି। ଆଜାଦୱାଡିର ଅର୍ଥ ହେଉଛି 'ସ୍ୱାଧୀନତାର ଉପତ୍ୟକା'। ସ୍କୁଲ ପରିଚାଳନାରେ ଆଜାଦ୍‌ଙ୍କ ସ୍ତ୍ରୀ ଇମ୍‌ଲୀ ସାହାଯ୍ୟ କରୁଛନ୍ତି। ଏହି ସ୍କୁଲର ବିଶେଷତ୍ୱ ହେଉଛି ଏଠାରେ ଶ୍ରେଣୀଗୃହ ନାହିଁ। ଏହା ଏକ ଉଦ୍ୟାନରେ ଚାଲୁଛି। ପିଲାମାନେ ଏହି ସ୍କୁଲରେ ପାରମ୍ପରିକ ଶିକ୍ଷା ସହ ବୃତ୍ତିଗତ କୌଶଳ ଶିକ୍ଷା କରୁଛନ୍ତି। କାହାଣୀ, ସଙ୍ଗୀତ ମାଧ୍ୟମରେ ସେମାନଙ୍କୁ ପଢ଼ାଯାଉଛି। ଗାଁ ଲୋକଙ୍କ ସହ ମିଶି ପିଲାମାନେ କଳା, ସଂସ୍କୃତି ଓ ଚାଲିଚଳନ ତଥା ବୃକ୍ଷରୋପଣ ବିଷୟରେ ଜାଣୁଛନ୍ତି। ନିଜ ଖାଦ୍ୟ ଉତ୍ପାଦନ କରିବା, ପେଣ୍ଟିଂ, ରୋଷେଇ ଓ ବିଭିନ୍ନ କଳା ସମ୍ପର୍କରେ ସେମାନେ ଶିଖୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ଜାନୁଆରୀ ୧୯୭୭

- ଆନ୍ତର୍ଜାତିକ ସବ୍‌ସ୍କ୍ରାଇବର ଡାଏଲିଂ ବ୍ୟବସ୍ଥା ଅନୁଯାୟୀ ନୂଆଦିଲ୍ଲୀ-ଲଣ୍ଡନ ମଧ୍ୟରେ ଟେଲିଫୋନ ସଂଯୋଗ ପ୍ରତିଷ୍ଠା କରାଯାଇଛି।
- ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ବି.ପି. କୋଇରାଲା ଭାରତରେ ୮ ବର୍ଷ ଆଶ୍ରୟ ନେଇ ନିଜ ଦେଶକୁ ଫେରିବା ପରେ ଜାତୀୟତା ବିରୋଧୀ ଅଭିଯୋଗରେ ଗିରଫ।
- କାନାଡାରୁ ପାକିସ୍ତାନକୁ ଜାହାଜ ଯୋଗେ ଆଣବିକ ସରଞ୍ଜାମ ଯୋଗାଣକୁ କାନାଡ଼ା ସରକାର ବନ୍ଦ କରିଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ପୁମୁଲ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରତି ସରକାର ବିମୁଖ

ମହାଶୟ,

ପୁରୀ ଜିଲା ଦୁଗ୍ଧ ସମବାୟ ସଂଘ (ପୁମୁଲ) ସାରା ଓଡ଼ିଶାରେ ଓମ୍‌ଫେଡ୍‌ର ୨ୟ ସର୍ବବୃହତ୍ ସଂସ୍ଥା ଥିଲା। ୧୯୮୦ରୁ ୨୦୧୪ ମସିହା ପର୍ଯ୍ୟନ୍ତ ୨୫ ହଜାରରୁ ଊର୍ଦ୍ଧ୍ୱ ଗୋପାଳକଙ୍କୁ ନେଇ ଦୈନିକ ୧ ଲକ୍ଷ ଲିଟର ପର୍ଯ୍ୟନ୍ତ ଦୁଗ୍ଧ କ୍ରୟ ବିକ୍ରୟ କରୁଥିଲା। କିନ୍ତୁ ପରିତାପର ବିଷୟ, ଓମ୍‌ଫେଡ୍‌ର କୁପରିଚାଳନା ଯୋଗୁ ଏବେ ଏହି ସଂସ୍ଥା ବାର୍ଷିକ ୨୦ କୋଟି ଟଙ୍କା ଆର୍ଥିକ କ୍ଷତି ସହୁଛି। ୩୫ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ, ଗ୍ରାଚ୍ୟୁଇଟି ବ୍ୟତୀତ ବର୍ତ୍ତମାନର କାର୍ଯ୍ୟରତ ୬୨ କର୍ମଚାରୀଙ୍କ ଦରମା, ଇପିଏଫ୍ ସଂସ୍ଥା ଦେଇ ନ ପାରିବାରୁ ସମସ୍ତ କର୍ମଚାରୀ ଦୟନୀୟ ଭାବେ କାଳାତିପାତ କରୁଛନ୍ତି। ଏହି ସମସ୍ୟାର ସମାଧାନ ନିମିତ୍ତ କର୍ମଚାରୀମାନେ ବାରମ୍ବାର ଆନ୍ଦୋଳନ କରିଥିଲେ ବି ଫଳ ଶୂନ। ଏତଦ୍‌ବ୍ୟତୀତ କୋର୍ଟରେ ବିଚାରାଧୀନ ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ମାମଲା ବାବଦକୁ ସଂସ୍ଥା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି। ଏଥିପ୍ରତି ବିଭାଗୀୟ ମନ୍ତ୍ରୀ ଏବଂ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସମସ୍ୟାର ସମାଧାନ ନିମିତ୍ତ ପୁମୁଲର କର୍ମଚାରୀ ନିବେଦନ କରୁଛନ୍ତି।

-ଶରତ କୁମାର ପ୍ରଧାନ, ଅବସରପ୍ରାପ୍ତ ପୁମୁଲ କର୍ମଚାରୀ, ପିପିଲି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଧାନକ୍ଷେତ ଡାକେ ମୋତେ
ହାତଠାରି ଅବା ସତେ-
କାମ ତୋର ନୀରବରେ ଦେଖିବା
ଆଜି ଖାଲି ବସି ଛବି ଲେଖିବା ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବୁର୍ଲା ପୋଲିସ ବିରୋଧରେ ଏସ୍‌ପିଙ୍କ ଦ୍ୱାରସ୍ଥ ମହିଳା

■ମହତାବ ନଗର ମହିଳାଙ୍କ ଅଭିଯୋଗ
■ଥାନା ଅଧିକାରୀଙ୍କ ଅସ୍ୱୀକାର

ସମ୍ବଲପୁର,୨୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅଧିକାରୀଙ୍କ ବିରୋଧରେ ଶୁକ୍ରବାର ବୁର୍ଲା ମହତାବ ନଗରର ମହିଳାମାନେ ସମ୍ବଲପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଗତ ଗୁରୁବାର ବୁର୍ଲା ଥାନା ଅନ୍ତର୍ଗତ ମହତାବ ନଗର ଏବଂ ବିଷ୍ଣୁ ପଡାର କେତେଜଣ ଯୁବକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା । ଏହି ଘଟଣା ନେଇ ବୁର୍ଲା ପୋଲିସ ମହତାବ ନଗରର କେତେଜଣ ଯୁବକଙ୍କୁ ଥାନାରେ ଅଟକ ରଖିଥିଲା। ତେବେ ଏହି ଘଟଣା ବିଷୟରେ ଜାଣିବା ପାଇଁ ମହତାବ ନଗରର ମହିଳାମାନେ ବୁର୍ଲା ଥାନାକୁ ଯାଇଥିବାବେଳେ ଥାନା ଅଧିକାରୀଙ୍କ ସମେତ କେତେଜଣ ପୋଲିସ କର୍ମଚାରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏନେଇ ଶୁକ୍ରବାର ମହିଳାମାନଙ୍କ ସମେତ ବହୁ ପଦାଧିକାରୀ ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଜନସାଧାରଣଙ୍କ ସୁରକ୍ଷା ପାଇଁ ରହିଥିବା ବେଳେ ବୁର୍ଲା ପୋଲିସ ଜନସାଧାରଣଙ୍କ ଅସମ୍ମାନ ପ୍ରଦର୍ଶନ କରିବା ଦ୍ୱାରା ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରୁ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। କୌଣସି ଦୋଷୀକୁ ଧରି ଦଣ୍ଡ ଦେବାର ପୋଲିସର ଅଧିକାର ରହିଛି। ତେବେ ତା'ର ପରିବାର ପ୍ରତି ଅସମ୍ମାନ କରିବାର ଅଧିକାର ପୋଲିସକୁ କିଏ ଦେଲା ବୋଲି ମହିଳାମାନେ ପ୍ରଶ୍ନ କରିଛନ୍ତି। ବୁର୍ଲା ମହତାବ ନଗର ମହିଳାମାନେ ଅଭିଯୋଗ କରିଛନ୍ତି ଯେ, ଯଦି ଏସ୍‌ପି ତଦନ୍ତ କରି ବୁର୍ଲା ଥାନା ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବେ ତେବେ ଆଗାମୀ ଦିନରେ ଆଇଜି ଏବଂ ମାନବ ଅଧିକାର କମିଶନଙ୍କୁ ମଧ୍ୟ ଏହି ଘଟଣା ନେଇ ଅଭିଯୋଗ କରାଯିବ। ତେବେ ଏନେଇ ବୁର୍ଲା ଥାନା ଅଧିକାରୀ ସୌମ୍ୟକାନ୍ତ ବଲିଆର ସିଂହଙ୍କୁ ପଚାରିବାରୁ ସେ କହିଛନ୍ତି, ବୁର୍ଲା ଥାନା ଅନ୍ତର୍ଗତ ମହତାବ ନଗର ଏବଂ ବିଷ୍ଣୁ ମନ୍ଦିର ପଡା ମଧ୍ୟରେ ପାରମ୍ପରିକ ଶତ୍ରୁତା ରହିଛି। ଉଭୟ ପଡା ମଧ୍ୟରେ ପରସ୍ପର ଆକ୍ରମଣ ହେଉଥିବା ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗଣ୍ଡଗୋଳକୁ ରୋକିବା ପାଇଁ ବଳପ୍ରୟୋଗ କରାଯାଇଥିଲା। ଏପରିକି କିଛି ଯୁବକଙ୍କୁ ଥାନାକୁ ଅଣାଯାଇ ପଚରା ଉଚୁରା କରାଯାଇଥିଲା। ହତ୍ୟା ଘଟଣାରେ ଜେଲରେ ଥିବା ଗୁଲୁ ବନଛୋରଙ୍କ ବାପା ଶୁଶିଲ ବନଛୋର ମହିଳାମାନଙ୍କୁ ଆଣି ନିଜ ପଟିଆରା ଦେଖାଇବାକୁ ଚେଷ୍ଟା କରିଥିଲେ। ଶୁକ୍ରବାର ମଧ୍ୟ ଶୁଶିଲ ବନଛୋର ମହିଳାମାନଙ୍କୁ ଏସ୍‌ପିଙ୍କ ପାଖକୁ ନେଇ ପୋଲିସ ଉପରେ ଚାପ ପ୍ରୟୋଗ କରିବାକୁ ଚେଷ୍ଟା କରିଛନ୍ତି। ତେବେ ଏନେଇ ଗୁରୁବାର ଏକ ମାମଲା (ନଂ.୧/୨୦୨୬) ରୁଜୁ କରାଯାଇ ତଦନ୍ତ କରାଯାଉଛି। ପୋଲିସ କୌଣସି ଚାପରେ ଆସି କାମ କରିବ ନାହିଁ ବୋଲି ପାଲଟା ବୁର୍ଲା ଥାନା ଅଧିକାରୀ କହିଛନ୍ତି। କାହାକୁ କିଛି ଅସମ୍ମାନ କରାଯାଇନାହିଁ। ପୋଲିସ ତାର କାମ କରିଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଲିଆର ସିଂହ କହିଛନ୍ତି।



ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ବୁର୍ଲାର ମହିଳାମାନେ।

# କପା ବୋଝେଇ ଗାଡ଼ି ଓଲଟିଲା

ଲାଠୋର,୨୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ସାନଗୁର୍ଜିଭଟା ଗ୍ରାମ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ କପା ବୋଝେଇ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ନୂଆପଡ଼ା ଜିଲା ଲଖନା ପଟରୁ ଉକ୍ତ ଗାଡ଼ି(ନଂ.ଓଡି୨୬ଏ-୫୩୦୨)ରେ କପା ବୋଝେଇ ହୋଇ ଲାଠୋର ଅଭିମୁଖେ ଆସୁଥିଲା। ହେଲେ ଚାଳକ ଭାରସାମ୍ୟ ହରାଇବା ଫଳରେ ଗାଡ଼ି ଓଲଟି ପଡ଼ିଥିଲା। ଏଥିରେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମାଲିକ ତୁରନ୍ତ ଗାଡିକୁ ଦୁର୍ଘଟଣା ସ୍ଥାନରୁ ଉଠେଇ ନେଇଛନ୍ତି । ଲାଠୋର କପା ମିଲ୍‌କୁ କପା ବୋଝେଇ ହୋଇ ଆସୁଥିବା ଅନେକ ଗାଡ଼ିର ଫିଟ୍‌ନେସ୍ ନ ଥିବା ଚର୍ଚ୍ଚା ହେଉଛି । ଏଦିଗରେ ପୋଲିସ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



# ସମ୍ବଲପୁରୀ ସଂସ୍କୃତିର ଝଲକ ଦେଖିବେ କଳାକାର

ସମ୍ବଲପୁର,୨୧(ଭବାନୀ ଶଙ୍କର ଭୋଇ)

ଆସନ୍ତା ୪ ତାରିଖରୁ ଅଇଁଠାପାଲି ସ୍ଥିତ ବୀର୍ସା ମୁଣ୍ଡା ମଇଦାନ (ପିଏଚଡ଼ି ପଡିଆ)ରେ ହେବାକୁଥିବା ୨୮ତମ ଲୋକ ମହୋତ୍ସବ ପାଇଁ ଶୁକ୍ରବାର ରହଣୀ ଉପସମିତିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପସମିତିର ଆବାହକ ମହେଶ ପଟେଲଙ୍କ ଅଧ୍ୟକ୍ଷତାରେ ଅତିଥି କଳାକାରଙ୍କୁ କିଭଳି ଆତିଥ୍ୟ ପ୍ରଦାନ କରାଯିବ ସେ ନେଇ ରହଣୀ ଉପସମିତର କାର୍ଯ୍ୟକ୍ରମ ଖସଡା ଉପସମିତିର ସଦସ୍ୟଙ୍କ ଆଗରେ ଉପସ୍ଥାପନା କରାଯାଇଥିଲା। ଏହାସହ ଦାୟିତ୍ୱର ସଠିକ ସମ୍ପାଦନ ପାଇଁ ସଦସ୍ୟଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ଚଳିତବର୍ଷ ମଧ୍ୟ କାଇଁଶିର ରୋଡ ସ୍ଥିତ ସ୍ୱୟଂ ସିଦ୍ଧା କର୍ମଜୀବୀ ମହିଳା ହଷ୍ଟେଲ ସହ ଅନ୍ୱେଷା ଛାତ୍ରାବାସରେ କଳାକାରଙ୍କ ରହଣୀର ବ୍ୟବସ୍ଥା କରାଯାଇଛି । ତେଣୁ ସେଠାରେ ବ୍ଲକ, ରାଜ୍ୟ ତଥା ଜାତୀୟ ସ୍ତରୀୟ କଳାକାରଙ୍କ ରହଣୀ ପାଇଁ ସମସ୍ତ ପ୍ରକାର ସୁବିଧା ପ୍ରତି କିଭଳି ଧ୍ୟାନ ଦିଆଯିବ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ରହଣୀ ସ୍ଥଳରେ ପରିସ୍କାର ପରିଚ୍ଛନ୍ନତା, ସଠିକ ସମୟରେ ଖାଦ୍ୟ ଏବଂ ପାନୀୟ ଜଳର ବ୍ୟବସ୍ଥା ସହ କଳାକାରଙ୍କ ସୁରକ୍ଷା କିପରି ସୁଚାରୁ ଭାବେ ଏବଂ ନିୟନ୍ତ୍ରିତ ଆକାରରେ ସମ୍ପନ୍ନ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। କଳାକାର ମାନେ ସମ୍ବଲପୁରକୁ ନିଜର ଅଞ୍ଚଳର କଳା ପ୍ରଦର୍ଶନ ପାଇଁ ଅତିଥିଭାବେ ଆସୁଥିବାରୁ ଉଭୟ ରହଣୀ ସ୍ଥାନକୁ ସମ୍ବଲପୁରୀ ସଂସ୍କୃତିର ଝଲକ ଦେଖାଇବାକୁ ଚେଷ୍ଟା କରାଯିବ ବୋଲି ଉପସମିତି ଆବାହକ କହିଛନ୍ତି । ରହଣୀ ସ୍ଥଳରେ ସେଲଫୀ ପଏଣ୍ଟ, ପଶ୍ଚିମ ଓଡିଶାର ଜନ ଜୀବନ ସହ ଜଡିତ ସାମଗ୍ରୀ ଗୁଡିକ ପ୍ରଦର୍ଶନ କରାଯିବ। ଏହାସହ ସମ୍ବଲପୁରୀ କଳା ସଂସ୍କୃତିକୁ ନେଇ କଟାଉଟ ଗୁଡିକ ଲଗାଯିବାର ବ୍ୟବସ୍ଥା କରାଯିବ। ସମ୍ବଲପୁରୀ ପଂଚବାଦ୍ୟ ଏବଂ ନୃତ୍ୟ ବିଷୟରେ କଟାଉଟ ମାଧ୍ୟମରେ ପ୍ରଦର୍ଶନ କରାଯିବ। ଯାହାଦ୍ୱାରା ଏଠାକୁ ଆସୁଥିବା କଳାକାର ମାନେ ସମ୍ବଲପୁର ଅଞ୍ଚଳର କଳା ସଂସ୍କୃତିକୁ ନିଜ ହୃଦୟରେ ସାଇତି କରି ନେଇ ପାରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ଅଧିକାରୀ ବିକାଶ ରଞ୍ଜନ ଶବର, ଅଫିସିଆଲ ସହଯୋଗୀ ରାଜେଶ କୁମାର ଭୋଇ, ଉପଦେଷ୍ଟା ଭୋଳା ଶଙ୍କର ମହତ୍ତମ ଏବଂ ରହଣୀ ଉପସମିତର ସହ ଆବାହକ ଅଶ୍ୱିନୀ ମାଝୀ, ସଦସ୍ୟା ସଦସ୍ୟ ପୁଷ୍ପାଞ୍ଜଳି ଦାସ, ରାଜଶ୍ରୀ ରାଉଲ, ଜସ୍ମିତା ବେହେରା, ଦିଲେଶ୍ୱରୀ କ୍ଷେତୀ, ତନୟା ରଞ୍ଜନ ପାଣିଗ୍ରାହୀ, ଶରତ କୁମାର ନାୟକ, ମନୋଜ କୁମାର ପ୍ରଧାନ, ଅଭିଳାଷ ଦୋରା, ବିବେକ ବହିଦାର, ରାଜିବ ମେହେର, କାହ୍ନା ହରିପାଲ, କେଶବ ତାଣ୍ଡୀ, ବିଶାଳ ବେହେରା, ମୁକେଶ ମାଝୀ, ଅନୁଜ ଜେନା, ରଞ୍ଜିତ ସାହୁ, ହିମାଂଶୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଶେଷରେ ଉପସମିତିର ସହ ଆବାହକ ଡେଭିଡ କୁମ୍ଭାର ଧନ୍ୟବାଦ ଅପଣ କରିଥିଲେ ।



ଲୋକ ମହୋତ୍ସବର ରହଣି ଉପସମିତିର ବୈଠକରେ ଉପସ୍ଥିତ ସଦସ୍ୟ।

**ଲୋକ ମହୋତ୍ସବ ରହଣି ଉପସମିତିର ପ୍ରସ୍ତୁତି ବୈଠକ**

# ହାତୀପଲ ଭାଙ୍ଗିଲେ ୧୯ ଘର

କଣ୍ଟାବାଞ୍ଜି,୨୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବନାଞ୍ଚଳ ଅଧୀନ ମାଗୁର ଜଙ୍ଗଲ ଗ୍ରାମର ଫଲସାପଡ଼ାଠାରେ ଗୁରୁବାର ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ପ୍ରାୟ ୩୦ ଟିକିଆ ହାତୀପଲ ଉକ୍ତ ଗ୍ରାମରେ ପଶି ୧୯ଟି ଘର ଭାଙ୍ଗି ଦେଇଛନ୍ତି। ଏପରି କି ବସ୍ତିରେ ଥିବା ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଦେବା ସହ ଧାନ ଫସଲ ଏବଂ କଦଳି କିଆରିକୁ ନଷ୍ଟ କରିଦେଇଥିବା ଦେଖିବାକୁ ମିଳିଛି। ମାଗୁର ଜଙ୍ଗଲ ଗ୍ରାମର ବୈକୁଣ୍ଠ ମାଝୀ, ତ୍ରିଲୋଚନ ମାଝୀ, ଜଲନ୍ଧର ମାଝୀ, ବୈଶାଖୁ ମାଝୀ, କୁନ୍ତି ମାଝୀ, ହଜାରୁ ମାଝୀ, ନରେନ୍ଦ୍ର ମାଝୀ, ରକ୍ଷା ମାଝୀ, ଗଣ୍ଡାରାମ ବିସି, ହରେକୃଷ୍ଣ ମାଝୀ, କ୍ଷୀରେଶ୍ୱର ମାଝୀ, ଚୈତନ୍ୟ ମାଝୀ, ମହାରଥା ଧରୁଆ, ଦେବେନ୍ଦ୍ର ଧରୁଆ, ଟୁନୁ ମାଝୀ, ବିନୋଦ ମାଝୀ, ଗୋକୁଲ ମାଝୀ, କୈବଲ୍ୟ ମାଝୀ ଓ ଖଗେଶ୍ୱର ମାଝୀଙ୍କ ଘର ହାତୀପଲ ଭାଙ୍ଗି ଦେଇଛନ୍ତି। ଖବରପାଇ ଶୁକ୍ରବାର ଫରେଷ୍ଟର ସାଗରିକା ସେଠଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଛି। ଏ ସମ୍ପର୍କରେ ଫରେଷ୍ଟର ସେଠ କହିଛନ୍ତି, କ୍ଷତିପୂରଣ ପ୍ରଦାନ ପାଇଁ ସରକାରୀ ସ୍ତରରେ କ୍ଷତିଗ୍ରସ୍ତ ଲୋକଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ସୂଚନାଯୋଗ୍ୟ, ଦୀର୍ଘଦିନ ହେଲା ଏହି ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ଏଥିଯୋଗୁ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ତୁରନ୍ତ ହାତୀ ଦାଉରୁ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ଅଞ୍ଚଳବାସୀ ବନବିଭାଗ ନିକଟରେ ଦାବି କରିଛନ୍ତି।



ହାତୀପଲ ଭାଙ୍ଗି ଦେଇଥିବା ଘର।

# ବସ୍ ଚାଳକଙ୍କୁ ଗାଳିଗୁଲଜ, ୨ କୋର୍ଟ ଚାଲାଣ

ଖପ୍ରାଖୋଲ,୨୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ ଝାଙ୍କରପାଲି ଗ୍ରାମ ନିକଟରେ ମୁଖ୍ୟମନ୍ତ୍ରୀ ବସ୍‌କୁଅଟକାଇ ଚାଳକଙ୍କୁଗାଳିଗୁଲଜ କରିବା ଅଭିଯୋଗରେ ଖପ୍ରାଖୋଲ ପୋଲିସ ୨ ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାଙ୍କରପାଲି ଗ୍ରାମର ପ୍ରକାଶ ବରିହା (୨୮) ଓ ଦେବରାଜ ବରିହା(୪୮)। ବୁଧବାର ସନ୍ଧ୍ୟାରେ ବସ୍‌ଟି ଖପ୍ରାଖୋଲକୁ ଆସୁଥିବାବେଳେ ଅଭିଯୁକ୍ତ ଦୁଇଭାଇ ତାହାକୁ ରାସ୍ତାରେ ଅଟକାଇ ଚାଳକଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ବସ୍ କଣ୍ଡକ୍ଟର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧/୨୬) ରୁଜୁ କରିଥିଲା।

# ରାଉରକେଲାରୁ ସ୍ୱର୍ଣ୍ଣଧନୁଷ ଶୋଭାଯାତ୍ରା ଆରମ୍ଭ

## ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିବା ଲକ୍ଷ୍ୟ



ପଞ୍ଚଧାତୁରେ ନିର୍ମିତ ସ୍ୱର୍ଣ୍ଣ ଧନୁଷ।

ରାଉରକେଲା,୨୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ପ୍ରସିଦ୍ଧ ହନୁମାନ ବାଟିକାରୁ ଅଯୋଧ୍ୟାସ୍ଥିତ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମନ୍ଦିର ଅଭିମୁଖେ ଏକ ପଞ୍ଚଧାତୁ ଖଚିତ ଦିବ୍ୟ ସ୍ୱର୍ଣ୍ଣଧନୁଷ ଶୋଭାଯାତ୍ରା ଶୁକ୍ରବାର ଆରମ୍ଭ ହୋଇଛି। ଏହି ଶୋଭାଯାତ୍ରା ରାଉରକେଲାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୨ତାରିଖରେ ଅଯୋଧ୍ୟାରେ ପହଞ୍ଚିବ। ସମଗ୍ର ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିବା ଏବଂ ବିବିଧତା ମଧ୍ୟରେ ଏକତାର ବାର୍ତ୍ତା ଦେବା ଏହି ଶୋଭାଯାତ୍ରାର ଉଦ୍ଦେଶ୍ୟ। ଆଜିର ଏହି ସମାରୋହରେ ରାଉରକେଲା ସନାତନ ଜାଗରଣ ମଞ୍ଚର ଅଧ୍ୟକ୍ଷ ସନ୍ତୋଷ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ମୁଖ୍ୟଅତିଥି, ବରିଷ୍ଠ ସନ୍ଥ କାଳୀଦାସ ମହାରାଜ, ସନାତନ ଜାଗରଣ ମଞ୍ଚର ରାଷ୍ଟ୍ରୀୟ ମହାମନ୍ତ୍ରୀ ଦୁଷ୍ମନ୍ତ ଗୌତମ, ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ, ହନୁମାନ ବାଟିକା ଚାରିଟେବୁଲ ଟ୍ରଷ୍ଟ ସମ୍ପାଦକ ଶୁଭ ପଟ୍ଟନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପରେ ସ୍ୱର୍ଣ୍ଣ ଧନୁଷ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରା ଅପରାହ୍ନ ୧ଟାରୁ ସନ୍ଧ୍ୟା ୭ଟା ଯାଏଁ ଚାଲିଥିଲା। ଏହି ଶୋଭାଯାତ୍ରା ସୁନ୍ଦରଗଡ, ଝାରସୁଗୁଡା, ରେଙ୍ଗାଲି, ସମ୍ବଲପୁର, ଦେବଗଡ, ବୌଦ୍ଧ, ସୋନପୁର, ବରଗଡ, ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡା, ପାରଳାଖେମୁଣ୍ଡି, ବ୍ରହ୍ମପୁର, ଫୁଲବାଣୀ, ନୟାଗଡ, ଘସିପୁରା, କେନ୍ଦୁଝର, ଜଶିପୁର, ବାରିପଦା, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ପାରାଦ୍ୱୀପ, ଜଗତସିଂହପୁର, କଟକ, ଭୁବନେଶ୍ୱର ଆଦି ସ୍ଥାନ ଦେଇ ୧୯ତାରିଖ ସକାଳ ୯ଟାରେ ଶ୍ରୀ ଜଗନ୍ନାଥ ଧାମ ପୁରୀରେ ପହଞ୍ଚିବ। ପୁଣି ସେଠାରୁ ଶୋଭାଯାତ୍ରା ବାହାରି ୨୨ ତାରିଖରେ ଅଯୋଧ୍ୟାସ୍ଥିତ ଶ୍ରୀରାମଚନ୍ଦ୍ରଙ୍କ ମନ୍ଦିରରେ ସମ୍ପନ୍ନ ହେବ। ସୂଚନାଯୋଗ୍ୟ, ଏହି ପଞ୍ଚଧାତୁ ଖଚିତ ସ୍ୱର୍ଣ୍ଣ ଧନୁଷ ୮ଫୁଟ ଲମ୍ବ ଓ ୩ଫୁଟ ଉଚ୍ଚତା ବିଶିଷ୍ଟ ଥିବାବେଳେ ଓଜନ ୨୮୬ କେଜି ରହିଛି। ତାମିଲନାଡୁସ୍ଥିତ କାଞ୍ଚିପୁରମର ୩୦ଜଣ କାରିଗରଙ୍କ ଦ୍ୱାରା ଏହି ଦିବ୍ୟ ଧନୁ ନିର୍ମାଣ ହୋଇଥିବାବେଳେ ୮ମାସ ସମୟ ଲାଗିଥିଲା। ଧନୁରେ ୯୮୬ଗ୍ରାମ ସୁନା ଓ ୨.୫କେଜି ରୁପା ବ୍ୟବହାର କରାଯିବା ସହ ଜିଙ୍କ, ଲୁହା ଏବଂ ଆଲୁମିନିୟମ ମଧ୍ୟ ମିଶ୍ରିତ ହୋଇଛି।


**BHOUMIK DEVTA VAASTU CONSULTANTS & CIVIL ENGINEERS**

Experts with 25 years experience of Vaasatu Application for Design & Remedies of Residential Villas and Flats, Shops, Industries & Commercial Buildings. We Provide Satwik Remedies without any Demolition.
Email : info@bhoumikvaastu.com
Website : www.bhoumikvaastu.com

**MANOJ KADAM**
**+91 8320159531 / +91 7506497649**


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ସିଗ୍‌ନାଲ ଓ ଟେଲିକମ୍ ଇଞ୍ଜିନିୟର (ସିଓ)/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୨.୦୦ ଘଟିକାରେ ଖୋଲାଯିବ: **ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଓଟି-ଟିଏଲ୍‌ବିଆଇ-ଏସ୍‌ଏଲ୍‌ବିପି-କେଜିପି-୨୫-୨୬**, **ତାରିଖ:** ୦୧.୦୧.୨୦୨୬; **କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର ମଣ୍ଡଳରେ ଟିଏଲ୍‌ବିଆଇକୁ ଏସ୍‌ଏଲ୍‌ବିପି ଦ୍ୱାରା ବଦଳାଇବା; **ଟେଣ୍ଡର ମୂଲ୍ୟ:** ₹୨,୫୫,୭୨,୭୭୪.୦୦; **ଇଏମ୍‌ଡି:** ₹୨,୭୭,୯୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ; **ଖୋଲାଯିବା ତାରିଖ:** ୨୮/୦୧/୨୦୨୬; **ସମାପ୍ତି ଅବଧି:** ୧୨ ମାସ; **ଦାଖଲ ତାରିଖ:** ତା୨୮/୦୧/୨୦୨୬ରିଖ ୧୨ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଓ ବର୍ଣ୍ଣନା ତଥା ବିନିର୍ଦ୍ଦିଷ୍ଟତା ଓ ଅନ୍‌ଲାଇନରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **(PR-1023)**

**असैनिक शल्य चिकित्सक सह मुख्य चिकित्सा पदाधिकारी का कार्यालय, धनबाद**
दूरभाष:–9431711098(M) ई–मेल:–cs.dhanbad@gmail.com

**सूचना**

सदर अस्पताल, धनबाद एवं सभी सामुदायिक स्वास्थ्य केन्द्र धनबाद जिलान्तर्गत हेतु पारमेडिकल एवं अन्य कर्मियों की आपूर्ति हेतु दिनांक– 27.12.2025 को दैनिक समाचार पत्र में प्रकाशित ई–निविदा सूचना जिसका P.R. 369469 (HealthMed Edu and Family Welfare) 25-26(D) था इस संबंध में सूचित करना है कि इस से संबंधित सभी कार्रवाई www.jharkhandtenders.gov.in पर देखा एवं उसी के माध्यम से भाग लिया जा सकता है।

Sd/-
सिविल सर्जन,
धनबाद

**PR 369874 Health Med Edu and Family Welfare(25-26)#D**

**REQUIREMENT OF BUILDINGS FOR 2 ODISHA BN NCC, BERHAMPUR**

2 Odisha BN NCC, Berhampur requires building/house for the following purpose:

| Sl. No. | Purpose | Period | Plinth Area including Parking (Approx.) in Sq.ft. |
|---|---|---|---|
| 1. | PI Staff Accommodation of 2 (O) BN, 10 (O) Bn, 3 (O) Med Coy & 1(O) Naval Unit NCC, Berhampur | 03 years w.e.f. 01.03.2026 | 15759.02 Sq.ft. |

The building preferably be surrounded by boundary wall. The same should be in well condition, maintained properly and also hygienic from sanitation point of view. The building should be connected by road and in suitable location at Berhampur, Dist.: Ganjam. All electric and plumbing fittings should be in good working condition. Adequate water supply is also required with a separate electric meter. The property should have well parking space. The property should be free from any litigation/dispute. The interested property owners will submit their property details with valid ownership documents in the following address within 20 days from the date of publication of the advertisement.

**The Defence Estates Officer**
**Govt. of India, Ministry of Defence**
**163, Prachi Enclave, Chandrasekharpur, Bhubaneswar, Odisha - 751016**
**Tele: 0674-2747631, 345, E-mail: deobhub-stats@nic.in**

**OFFICE OF THE CHIEF ENGINEER, MEGA LIFT, BHUBANESWAR**
Plot No. A-8/2, Bhoinagar, Bhubaneswar, Odisha, PIN - 751022
E-Mail: cemlpwr.od@gmail.com

**Government of Odisha "e" Procurement Notice**
**Bid Identification No. 06ML/2025-26**

No. A-1211: The Chief Engineer, Mega lift on behalf of the Governor of Odisha invites online tender through "E" Procurement for the work as detailed in the Annexure to this bid notice.

**ANNEXURE TO BID NOTICE**

| | |
|---|---|
| Name of the Work | Appointment of Proof Engineering Consultant (PEC) for implementation of mega Lift Projects in Cluster No. XXVI |
| Cost of Tender Paper | Rs.10,000/- |
| EMD/Bid Security | Rs.1,35,000/- |
| Mode of Payment of Tender Paper Cost & EMD | Online |
| Period of Completion | 36 (Thirty Six) Calendar Months |
| Availability of Bid document for sale and receipt through Online | From Dt.07.01.2026, 10.00 A.M. to Dt.27.01.2026 upto 5.00 P.M. |
| Last date/time of receipt of bid in the portal | 27.01.2026 (5.00 P.M.) |
| Date of Pre-bid Conference | 16.01.2026, 11.00 A.M. |
| Date of opening of Techno-Commercial Bid through Online | On Dt.31.01.2026 at 11.00 A.M. in the Office of the Chief Engineer, Mega Lift |
| Class of Contractor | The bidder should be registered under the Companies Act. 1956 |
| Digital Signature Certificate of Bidder | The bidder must possess compatible Digital Signature Certificate (DSC). |
| The detail tender call notice can also be seen in the DOWR Website **https:/dowr.odisha.gov.in** | |
| Name & Address of the OIT | Chief Engineer, Mega Lift Plot No. A-8/2, Bhoi Nagar, Bhubaneswar - 751022, Ph. No.: 0674-2567252 Email ID: **cemlpwr.od@gmail.com** |
| Further details can be seen from the e-Procurement market place. **https://tendersodisha.gov.in.** | |

**OIPR-32504/11/0053/2526** **Sd./- Chief Engineer, Mega Lift, Bhubaneswar**

**ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ**
(ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ, ଭାରତ ସରକାର)
ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ପାଖ), ଭୁବନେଶ୍ୱର-୭୫୧୦୦୧ (ଓଡ଼ିଶା)
ଇମେଲ୍: dirbhubaneswar@iwai.gov.in ଏବଂ iwainw5@gmail.com
ୱେବ୍‌ସାଇଟ୍: www.iwai.gov.in ଏବଂ https://eprocure.gov.in/eprocure/app

**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**

ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍‌ଆର୍/୩/(୧୦୬)/ଏମ୍‌ଭିବିଏଚ୍/୨୦୨୧-୨୨

ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ଆର୍ଥିକବର୍ଷ ୨୦୨୫-୨୬ ଅବଧିରେ ଆର୍‌ଓ-ଆର୍‌ଓ ଜଳପୋତ ଏମ୍‌ଭି ଭୂପେନ ହଜାରିକାର "ଡ୍ରାଏ ଡକ୍ ମରାମତି କାର୍ଯ୍ୟ" ଲାଗି ଅଭିଜ୍ଞ, ପ୍ରତିଷ୍ଠିତ ମ୍ୟାନ୍‌ପାୱାର ସପ୍ଲାଏ ଏଜେନ୍ସିଠାରୁ ଅନ୍‌ଲାଇନ୍ ବିଡ୍/ ଟେଣ୍ଡର ଆହ୍ୱାନ କରୁଛି । ବିବରଣୀ ତଥା ଟେଣ୍ଡର ଦସ୍ତାବିଜ ତା୦୧।୦୧।୨୦୨୬ରିଖରୁ ତା୨୭।୦୧।୨୦୨୬ରିଖ ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ www.iwai.nic.in ଏବଂ ସିପିପିପି ପୋର୍ଟାଲ https://eprocure.gov.in/eprocure/appରୁ ଡାଉନଲୋଡ୍ କରାଯାଇପାରିବ । ଅନ୍‌ଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି ତା୨୭।୦୧।୨୦୨୬ରିଖ ୧୫.୩୦ ଘଟିକା ଏବଂ ଟେଣ୍ଡର ଖୋଲାଯିବା ତାରିଖ ହେଉଛି ତା୨୮।୦୧।୨୦୨୬ରିଖ ୧୫.୩୦ ଘଟିକା । ଅନ୍‌ଲାଇନ୍ ବିଡ୍ ଦାଖଲ https://eprocure.gov.in/eprocure/app

**(ନିର୍ଦ୍ଦେଶକ)**

**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER:** NIT No: TPCODL/2025-26/NIT/14

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/ 1000007621 | Architectural and Engineering Consultancy Services for Construction of Residential Training Centre Project at Bhubaneswar |
| 2 | TPCODL/P&S/2025-26/ 1000007689 | One Year Rate Contract for supply of 11KV,33KV Metering cubicle |
| 3 | TPCODL/P&S/2025-26/1000007753 | SITC of 150 TB Storage at TPCODL |
| 4 | TPCODL/CCG/2025-26/1000007767 | SITC of Two Socket Servers under TPCODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. It is suggested to track aforesaid website for said NIT details.

**कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमण्डल, चतरा।**

**ई–अल्पकालीन् निविदा आमंत्रण सूचना**

**ई–अल्पकालीन निविदा संख्या–05/2025-26/RWD/CHATRA दिनांक–31.12.2025**

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा द्वारा जिला खनिज फाउण्डेशन ट्रस्ट (DMFT) मद अन्तर्गत् निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टिफिकेशन संख्या/ पैकेज संख्या | प्रखण्ड | पंचायत /ग्राम | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | कॉल सं. |
|---|---|---|---|---|---|---|---|---|
| 1 | RWD/CHATRA /10/ 2025-26 | टण्डवा | बचरा उत्तरी / बचरा | Construction of PCC Road from Panchwati Pul to Bachra Basti End via Bachra Basti Mandir | 33044200.00 | तीन करोड़ तीस लाख चौआलीस हजार दो सौ मात्र | 15 माह | प्रथम |

2. वेबसाईट में निविदा प्रकाशन की तिथि :– **05.01.2026**
3. ई–निविदा प्राप्ति की अंतिम तिथि एवं समय :– **19.01.2026 अपराह्न 5.00 बजे तक।**
4. ई–निविदा खोलने की तिथि एवं समय :– **21.01.2026 अपराह्न 3.30 बजे।**
5. ई–निविदा आमंत्रित करनेवाले पदाधिकारी का नाम एवं पता :– **कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा, द्वितीय तल, विकास भवन, चतरा।**
6. ई–निविदा प्रकोष्ठ का दूरभाष संख्या :– 06541–296208
7. यदि बिड्डर/निविदादाता का कोई कार्य अधोहस्ताक्षरी के कार्यालय अथवा किसी भी अन्य विभाग में पिछले 06 (छः) माह से अधिक लंबित पाया जाता है तो उसकी निविदा को प्राथमिकता नहीं दी जायेगी।
8. किसी भी परिस्थिति में बिड्डर/निविदादाता के तकनीकी बिड खुलने/स्वीकृत होने के उपरान्त् ई–निविदा से वापस होने पर बिड्डर/निविदादाता के विरूद्ध SBD के नियमानुसार कार्रवाई की जायेगी।

विस्तृत जानकारी के लिए वेबसाईट **www.jharkhandtenders.gov.in** में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, चतरा।

**PR.NO.369869 Rural Work Department(25-26):D**

**Government of Odisha, e-Procurement Notice**
**INVITATION FOR BIDS (IFB)**
**Bid Identification No. C.C.E. Dkl. (R&B) 14/2025-26**
**Email Id: sedklpwd@gmail.com**

**Letter No. 2689** **Dt.30.12.2025**

No. B-918: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for building works as detailed below:

1. Name of the work : Building work
2. No. of Works : 01 (One) No.
3. Estimated Cost : Rs.2.99 Crore (as given in Column No. 03 of Table)
4. Cost of Tender Paper : Rs.10,000.00
5. Class of Contractor : 'B' Class, & 'A' Class (as given in Column No. 07 of Table)
6. Period of Completion of Work : 09 (Nine) Calendar Months (as given in Column No. 08 of Table)
7. Date and time of availability of bid document in the website : From Dt.06.01.2026 to 5.00 P.M. of Dt.20.01.2026
8. Date of Opening of Bid : Dt.21.01.2026 at 11.00 A.M.


The bidders have to participate in ONLINE bidding only. Further details can be seen from the e-Procurement portal: **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Chief Construction Engineer**
**OIPR-34132/11/0052/2526** **Dhenkanal (R&B) Circle, Dhenkanal**



ୟୁକ୍ରେନ୍‌ର ଖର୍‌କିଭ୍‌ରେ ଶୁକ୍ରବାର ରୁଷିଆର କ୍ଷେପଣାସ୍ତ୍ର ମାଡ଼ରେ ଜଳୁଥିବା ଏକ ଗାଡ଼ିକୁ ଜରୁରୀ ସେବା କର୍ମଚାରୀମାନେ ଲିଭାଉଛନ୍ତି।

# ୧ ଡଲାର= ୯୦.୨୦ ଟଙ୍କା




ମୁମ୍ବାଇ,୨।୧(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଶୁକ୍ରବାର ୯୦ ତଳକୁ ଖସିଛି। ଟଙ୍କା ୨୨ ପଇସା ହ୍ରାସ ପାଇ ୧ ଡଲାର ମୂଲ୍ୟ ୯୦.୨୦ ଟଙ୍କା ହୋଇଛି। ମାକ୍ରୋ ଅର୍ଥନୀତି ତଥ୍ୟକୁ ନେଇ ଅସନ୍ତୋଷ ଏବଂ ବିଦେଶ ବଜାରରେ ଆମେରିକୀୟ ମୁଦ୍ରା ସୁଦୃଢ଼ ହେଉଥିବାରୁ ଟଙ୍କାର ଅବମୂଲ୍ୟାୟନ ଦେଖାଦେଇଛି। ଫରେକ୍ସ ଟ୍ରେଡରମାନଙ୍କ କହିବା ଅନୁଯାୟୀ, ଭାରତୀୟ ଷ୍ଟକ୍ ବଜାରରୁ ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର ଜାରି ରଖିଥିବାବେଳେ ଆମଦାନିକାରୀଙ୍କଠାରୁ ଡଲାର ଚାହିଦା ବଢୁଥିବାରୁ ନିବେଶକମାନଙ୍କ ମନୋଭାବ ଅଧିକ ଦୁର୍ବଳ ହୋଇଛି। ଅଶୋଧିତ ତୈଳ ମୂଲ୍ୟ ହ୍ରାସ ସହ ଦେଶର ଶେୟାର ବଜାରରେ ନିମ୍ନ ଗତି ଦେଖାଦେଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ହସ୍ତକ୍ଷେପ କଲେ ଟଙ୍କା ମୂଲ୍ୟ ଅଧିକ କମିବାରୁ ରୋକାଯାଇପାରିବ ବୋଲି କୁହାଯାଉଛି।

ଇଣ୍ଟରବ୍ୟାଙ୍କ୍ ଫରେନ୍ ଏକ୍ସଚେଞ୍ଜରେ ଶୁକ୍ରବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୯.୯୫ରୁ ଆରମ୍ଭ ହୋଇ ଇଣ୍ଟ୍ରାଡେ'ରେ ସର୍ବନିମ୍ନ ୯୦.୨୫ରେ ପହଞ୍ଚିଥିଲା। ଦିବସ ମଧ୍ୟରେ ଟଙ୍କାର ସର୍ବାଧିକ ମୂଲ୍ୟ ୮୯.୯୨ ରହିଥିଲା। ତେବେ କାରବାର ଶେଷରେ ଟଙ୍କା ମୂଲ୍ୟ ପୂର୍ବଦିନର କ୍ଲୋଜିଂ ସମୟ ମୂଲ୍ୟଠାରୁ ୨୨ ପଇସା ହ୍ରାସ ପାଇ ୯୦.୨୦ରେ ବନ୍ଦ ରହିଥିଲା। ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୯.୯୮ ଥିଲା।

## ରାଜସ୍ଥାନରୁ ୧୫୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍ ଜବତ

### ତଦନ୍ତରେ ସାମିଲ ହେଲା ଏନ୍‌ଆଇଏ

ଜୟପୁର,୨।୧

ରାଜସ୍ଥାନର ଟୋଙ୍କ ଜିଲାରୁ ବୁଧବାର ୧୫୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍ ଜବତ ହେବା ପରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ତଦନ୍ତରେ ସାମିଲ ହୋଇଛି। ଏହି ଜବତ ପରେ ଟୋଙ୍କ ଏବଂ ଜୟପୁର ସମେତ ଦିଲ୍ଲୀରେ ସୁରକ୍ଷା ବାହିନୀକୁ ହାଇଆଲର୍ଟରେ ରଖାଯାଇଛି। ଏନ୍‌ଆଇଏ ଟିମ୍ ଟୋଙ୍କରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଜେରା କରିବା ସହ ସେମାନଙ୍କ ଆପରାଧିକ ପୃଷ୍ଠଭୂମି, ଆନ୍ତଃଜିଲା ବା ଆନ୍ତଃରାଜ୍ୟ ସମ୍ପୃକ୍ତି ନେଇ ଅନୁଧ୍ୟାନ କରୁଛି। ଏତେ ପରିମାଣରେ ଆମୋନିୟମ୍ ନାଇଟ୍ରେଟ୍ ପରିବହନ ପଛର ଉଦ୍ଦେଶ୍ୟ ଉପରେ ତଦନ୍ତକୁ ଜୋର୍ ଦିଆଯାଇଛି। ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ମଧ୍ୟ ଅଭିଯୁକ୍ତମାନଙ୍କୁ ଜେରା କରିଛି। ସେମାନେ ଅନ୍ୟ ସହର କିମ୍ବା ବ୍ୟକ୍ତିବିଶେଷଙ୍କୁ ପୂର୍ବରୁ ଆମୋନିୟମ୍ ନାଇଟ୍ରେଟ୍ ଯୋଗାଣ କରିଥିଲେ କି ନାହିଁ ଏବଂ ଟୋଙ୍କକୁ କାହିଁକି ଲକ୍ଷ୍ୟସ୍ଥଳ ବାଛିଲେ, ତାହାର ମଧ୍ୟ ତଦନ୍ତ ହେଉଛି।


# ଇନ୍ଦୋର ପାଣିରେ ବ୍ୟାକ୍ଟେରିଆ

### ମୃତ୍ୟୁ ସଂଖ୍ୟା ୧୦ କୁ ବୃଦ୍ଧି

ନୂଆଦିଲ୍ଲୀ,୨।୧

ମଧ୍ୟପ୍ରଦେଶର ଇନ୍ଦୋର ଅନ୍ତର୍ଗତ ଭଗୀରଥପୁରା ଅଞ୍ଚଳରେ ଦୂଷିତ ପାଣିରୁ ଡାଇରିଆ ବ୍ୟାପି ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୧,୪୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ, ଭଗୀରଥପୁରାରେ ଝାଡ଼ାବାନ୍ତିରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ସ୍ଥାନୀୟ ସୂଚନା ଅନୁଯାୟୀ ମୃତ୍ୟୁସଂଖ୍ୟା ୧୦ ବୋଲି ଇନ୍ଦୋର ମେୟର ପୁଷ୍ୟାମିତ୍ର ଭାର୍ଗବ କହିଛନ୍ତି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବା ସହ ଇନ୍ଦୋର ଅତିରିକ୍ତ କମିଶନର ଏବଂ ଡ୍ୟୁଟିରେ ଥିବା ଭାରପ୍ରାପ୍ତ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଭଗୀରଥପୁରା ଫାଣ୍ଡି ନିକଟରେ ଥିବା ପାନୀୟ ଜଳ ଯୋଗାଣର ମୁଖ୍ୟ ପାଇପ୍ ଲାଇନ୍ ଏପରି ସ୍ଥାନରେ ଛିଦ୍ର ହୋଇଛି, ଯେଉଁଠି ଏକ ପାଇଖାନା ନିର୍ମାଣ ହୋଇଛି। ଏହି ଲିକ୍ ଯୋଗୁ ପାନୀୟ ଜଳ ଦୂଷିତ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ୬ ମାସର ଶିଶୁ ଅସୁସ୍ଥ ହେବା ସହ ପ୍ରାଣ ହରାଇଛି। ସହରର ବିଭିନ୍ନ ହସ୍ପିଟାଲରେ ଝାଡ଼ାବାନ୍ତି ଓ ଜ୍ୱରରେ ଆକ୍ରାନ୍ତ ରୋଗୀ ଭର୍ତ୍ତି ହୋଇଛନ୍ତି। ଦୂଷିତ ଜଳ ଯୋଗୁ ଡାଇରିଆ ବ୍ୟାପିଥିବା ଲାବରେଟୋରି ପରୀକ୍ଷାରୁ ସ୍ପଷ୍ଟ ହୋଇଛି। ଇନ୍ଦୋର ମେଡିକାଲ କଲେଜ ପ୍ରସ୍ତୁତ କରିଥିବା ରିପୋର୍ଟ ଅନୁଯାୟୀ, ଭଗୀରଥପୁରାରୁ ସଂଗୃହୀତ ପାନୀୟ ଜଳ ଦୂଷିତ ହୋଇଛି ଓ ଏଥିରେ ବ୍ୟାକ୍ଟେରିଆ ରହିଥିବା ଇନ୍ଦୋର ମୁଖ୍ୟ ମେଡିକାଲ ଅଫିସର ଡ. ମାଧବ ପ୍ରସାଦ ହାସନି କହିଛନ୍ତି।



ପାନୀୟ ଜଳ ଯୋଗାଣ ପାଇପ୍ ଫାଟି ପାଣି ଦୂଷିତ ହେଉଛି।

### ବିଶୁଦ୍ଧ ଜଳ, ସ୍ୱଚ୍ଛ ବାୟୁ ଯୋଗାଇବାରେ କେନ୍ଦ୍ର ଅକ୍ଷମ: କଂଗ୍ରେସ

ଇନ୍ଦୋରରେ ଦୂଷିତ ପାଣି ପିଇ ୧୦ ଜଣଙ୍କ ଜୀବନ ଯିବା ଘଟଣାରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଳଜୀବନ ମିଶନର ପ୍ରଚାର ଚଳାଇଥିବାବେଳେ ଦୂଷିତ ଜଳଜନିତ ମୃତ୍ୟୁକୁ ନେଇ ନୀରବ ରହିଛନ୍ତି। ମୋଦି ସରକାର ଏବଂ ଭାଜପା ଦେଶବାସୀଙ୍କୁ ସ୍ୱଚ୍ଛ ଜଳ କିମ୍ବା ସ୍ୱଚ୍ଛ ବାୟୁ ଯୋଗାଇବାରେ ବିଫଳ ହୋଇଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣରେ ଇନ୍ଦୋର କ୍ରମାଗତ ଭାବେ ଅଷ୍ଟମ ଥର ପାଇଁ ଦେଶର ସବୁଠୁ ସ୍ୱଚ୍ଛ ସହରର ମାନ୍ୟତା ପାଇଆସିଥିବାବେଳେ ସେଠାରେ ଦୂଷିତ ପାଣି ପିଇ ଲୋକଙ୍କ ମୃତ୍ୟୁ ଘଟିବା ଲଜ୍ଜାଜନକ। ଭାଜପାର ଅକ୍ଷମତା ଯୋଗୁ ଲୋକେ ବିଶୁଦ୍ଧ ଜଳରୁ ବଞ୍ଚିତ ହୋଇଥିବା ଖାର୍ଗେ Xରେ ଲେଖିଛନ୍ତି।

## ବର୍ଷ ଶେଷ ସୁଦ୍ଧା ମାନବବିହୀନ ଗଗନୟାନ ମିଶନ

ନୂଆଦିଲ୍ଲୀ,୨।୧(ପି.ଟି.)

ନୂଆବର୍ଷରେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) କେତେକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ସଫଳ ଯାତ୍ରା ପରେ ଭାରତ ମହାକାଶକୁ ମାନବ ପଠାଇବା ଦିଗରେ ପ୍ରଥମ ପଦକ୍ଷେପ ନେବାକୁ ଯାଉଛି। ଚଳିତବର୍ଷ ଶେଷ ଭାଗରେ ମାନବବିହୀନ ଗଗନୟାନ ମହାକାଶକୁ ପ୍ରେରଣ କରାଯିବ। ଏଥିସହିତ ମହାକାଶ କ୍ଷେତ୍ରରେ ଘରୋଇ ସଂସ୍ଥା ସ୍କାଏରୁଟ୍ ଏରୋସ୍ପେସ୍ ଏବଂ ଅଗ୍ନିକୁଳ କସ୍‌ମସ୍ ସ୍ୱଦେଶୀ ନିର୍ମିତ ରକେଟ ବିକ୍ରମ-୧ ଏବଂ ଅଗ୍ନିବାଣ ସହାୟତାରେ ଚଳିତବର୍ଷ ସାଟେଲାଇଟ୍ ଲଞ୍ଚ୍ କରିବାକୁ ଯାଉଛନ୍ତି। ସେହିପରି ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ ଏବଂ ଲାର୍ସେନ ଆଣ୍ଡ ଟୁବ୍ରୋ ଦ୍ୱାରା ନିର୍ମିତ ପୋଲାର ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ (ପିଏସ୍‌ଏଲ୍‌ଭି) ଚଳିତବର୍ଷ ଲଞ୍ଚ୍ ହେବ।

## ବୈବାହିକ ବିବାଦରେ ସ୍ୱାମୀଙ୍କ ଆର୍ଥିକ ପ୍ରାଧାନ୍ୟ ନିଷ୍ଠୁରତା ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୧(ପି.ଟି.)

ବୈବାହିକ ସମ୍ପର୍କ ଖରାପ ହେବା ପରେ ଅଲଗା ରହୁଥିବା ସ୍ତ୍ରୀଙ୍କ ଠାରୁ ସ୍ୱାମୀଙ୍କ ଆର୍ଥିକ ପ୍ରାଧାନ୍ୟ ନିଷ୍ଠୁରତା ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବ୍ୟକ୍ତିଗତ ପ୍ରତିଶୋଧ ନେବା ପାଇଁ ଆପରାଧିକ ମାମଲା ପ୍ରବେଶ ଦ୍ୱାର ନୁହେଁ ବୋଲି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି। ନିଷ୍ଠୁରତା ଏବଂ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ଅଲଗା ରହୁଥିବା ସ୍ତ୍ରୀ ସ୍ୱାମୀଙ୍କ ବିରୋଧରେ ଦାଏର କରିଥିବା ଆପରାଧିକ ମାମଲାକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

## ଯୌନ ନିର୍ଯାତନାରୁ କଲେଜ ଛାତ୍ରୀଙ୍କ ମୃତ୍ୟୁ

### ପ୍ରଫେସରଙ୍କ ସମେତ ୪ ଜଣଙ୍କ ନାମରେ ମାମଲା

ଧର୍ମଶାଳା,୨।୧

ହିମାଚଳପ୍ରଦେଶର ଧର୍ମଶାଳାରେ ଥିବା ଏକ କଲେଜର ଦ୍ୱିତୀୟ ବର୍ଷର ଛାତ୍ରୀଙ୍କୁ ର୍‍ୟାଗିଂ ଏବଂ ଯୌନ ନିର୍ଯାତନା ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ କଲେଜର ଜଣେ ପ୍ରଫେସର ଏବଂ ୩ ଜଣ ଛାତ୍ରୀଙ୍କ ନାମରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ଛାତ୍ରୀ ଜଣକ ମୃତ୍ୟୁ ପୂର୍ବରୁ ତାଙ୍କ ପ୍ରତି ହୋଇଥିବା ନିର୍ଯାତନାର କାହାଣୀକୁ ମୋବାଇଲ୍ ଭିଡିଓରେ ରେକର୍ଡ କରିଥିଲେ। ପ୍ରଫେସର ଜଣକ କିପରି ଅନୁଚିତ ଢଙ୍ଗରେ ତାଙ୍କୁ ସ୍ପର୍ଶ କରୁଥିଲେ ଏବଂ ମାନସିକ ଓ ଯୌନ ନିର୍ଯାତନା ଦେଉଥିଲେ, ତାହା ଉକ୍ତ ଭିଡିଓରେ ଉଲ୍ଲେଖ ରହିଛି। ଧର୍ମଶାଳା ସରକାରୀ ଡିଗ୍ରୀ କଲେଜର ଉକ୍ତ ଛାତ୍ରୀଙ୍କ ବାପା ଗତ ସେପ୍ଟେମ୍ବର ୧୮ରେ ପୋଲିସରେ କରିଥିବା ଅଭିଯୋଗ ଅନୁଯାୟୀ, ହର୍ଷିତା, ଅକ୍ରିତି ଏବଂ କୋମୋଲିକା ନାମ୍ନୀ ୩ ଛାତ୍ରୀ ତାଙ୍କ ଝିଅଙ୍କୁ ମାଡ଼ ମାରିବା ସହ ନିଷ୍ଠୁର ର୍‍ୟାଗିଂ କରୁଥିଲେ। ତାଙ୍କୁ ନୀରବ ରହିବା ପାଇଁ ସେମାନେ ଧମକ ଦେଉଥିଲେ। ଉକ୍ତ ଅଭିଯୋଗରେ କଲେଜ ପ୍ରଫେସର ଅଶୋକ କୁମାରଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ପ୍ରଫେସରଙ୍କ ଅସଦାଚରଣ ଏବଂ ମାନସିକ ନିର୍ଯାତନା ଯୋଗୁ ଝିଅ ଅତ୍ୟଧିକ ଚାପରେ ରହୁଥିଲେ। ଏହି କାରଣରୁ ତାଙ୍କ ସ୍ୱାସ୍ଥ୍ୟ ବିଗିଡିବାକୁ ଲାଗିଥିଲା ବୋଲି ତାଙ୍କ ବାପା ଦର୍ଶାଇଥିଲେ। ଡିସେମ୍ବର ୨୬ରେ ମୃତ୍ୟୁ ଘଟିବା ପୂର୍ବରୁ ସେ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଝିଅ ମୃତ୍ୟୁକୁ ନେଇ ସେମାନେ ଭାଙ୍ଗିପଡ଼ିଥିବାରୁ ଅଭିଯୋଗ ଦାଖଲ କରିପାରି ନ ଥିଲେ ବୋଲି କହିଛନ୍ତି। ଝିଅ ମୋବାଇଲ ଫୋନ୍‌ରୁ ଭିଡିଓ ମିଳିବା ପରେ ସେମାନେ ଥାନାରେ ଏତଲା ଦେବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି।

## ବିଚ୍ଛିନ୍ନତାବାଦୀଙ୍କ କ୍ୟାମ୍ପ୍‌ରେ ସାଉଦିର ଏୟାରଷ୍ଟ୍ରାଇକ୍: ୭ ମୃତ

ଦୁବାଇ,୨।୧

ପୂର୍ବ ୟେମେନ୍‌ରେ ଥିବା ବିଚ୍ଛିନ୍ନତାବାଦୀଙ୍କ ଶିବିର ଉପରେ ସାଉଦି ଆରବ ନେତୃତ୍ୱରେ ଶୁକ୍ରବାର ମିଳିତ ଏୟାରଷ୍ଟ୍ରାଇକ୍ କରାଯାଇଛି। ଏଥିରେ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ସମର୍ଥିତ ବିଚ୍ଛିନ୍ନତାବାଦୀମାନଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା। ହାଦ୍ରାମାଉଟ୍ ପ୍ରଦେଶ ଅଲ୍-ଖାସାସ୍ ଅଞ୍ଚଳରେ ଥିବା ଏକ ଆତଙ୍କବାଦୀ କ୍ୟାମ୍ପ୍ ଉପରେ ବୋମାବାଡ଼ ହୋଇଥିବା ସଦର୍ନ ଟ୍ରାନ୍‌ଜିଶନାଲ କାଉନ୍‌ସିଲ୍ ମୁଖ୍ୟ ମହମ୍ମଦ ଅବଦୁଲ ମଲିକ କହିଛନ୍ତି। କିଛିଦିନ ହେଲା ସାଉଦି ଆରବ ଏବଂ ୟୁଏଇ ମଧ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ଏହି ଏୟାରଷ୍ଟ୍ରାଇକ୍



ହୋଇଛି। ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଦକ୍ଷିଣ ୟେମେନ୍‌ର ବନ୍ଦର ସହର ମୁକଲ୍ଲାରେ ସାଉଦି ବୋମାମାଡ଼ କରିଥିଲା। ୟୁଏଇର ଫୁଜାଇରାହରୁ ଅସ୍ତ୍ର ଭର୍ତ୍ତି ୨ଟି ଜାହାଜ ପହଞ୍ଚିବା ପରେ ଏହି ଆକ୍ରମଣ ହୋଇଥିଲା।

# ସୁସ୍ଥ ଯୁବ ଭାରତୀୟଙ୍କ ହଠାତ୍ ମୃତ୍ୟୁ ଚିନ୍ତାଜନକ

ନୂଆଦିଲ୍ଲୀ,୨।୧

ଭାରତରେ ସୁସ୍ଥ ଯୁବବର୍ଗଙ୍କ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଅଧିକାଂଶ ୩୦ ବର୍ଷ ବୟସ ବର୍ଗର ଯୁବତୀଯୁବକଙ୍କ ମୃତ୍ୟୁ ପଛରେ ହାର୍ଟ ବ୍ଲକେଜ୍ ଏବଂ ଗୁରୁତର ରୋଗ ଲକ୍ଷଣକୁ ଏଡ଼ାଇଯିବା ମୁଖ୍ୟ କାରଣ ବୋଲି ଏମ୍ସର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଯୁବବର୍ଗ ହଠାତ୍ ମୂର୍ଚ୍ଛାଯାଇ ପ୍ରାଣ ହରାଇବା ଭାରତର ଅନ୍ୟତମ ସବୁଠୁ ଚିନ୍ତାଜନକ ଚିକିତ୍ସା ବାସ୍ତବିକତା। ଏଭଳି ମୃତ୍ୟୁ କୌଣସି ପ୍ରାକ୍ ସୂଚନା, ନିଦାନ କିମ୍ବା ସ୍ପଷ୍ଟ ରୋଗ ନ ଥାଇ ଆସୁଛି। ବୟସ, ସୁସ୍ଥତା ଏବଂ ସାମାଜିକ, ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ଏହା ଏକ ବଡ଼ ଜନସ୍ୱାସ୍ଥ୍ୟଜନିତ ଉଦ୍‌ବେଗ ବୋଲି ଡାକ୍ତରମାନେ କହିଛନ୍ତି। କୋଭିଡ୍



ମହାମାରୀ ନିୟନ୍ତ୍ରଣକୁ ଆସିବା ପରେ ଗତ ୨ ବର୍ଷରେ ଅନେକ ସମୟରେ ଲୋକେ ମୂର୍ଚ୍ଛାଯାଇ ହଠାତ୍ ପ୍ରାଣ ହରାଉଥିବା ଘଟଣାମାନ ସାମ୍ନାକୁ ଆସୁଛି। ସୋସିଆଲ ମିଡିଆରେ ଏଭଳି କେତେକ ଭିଡିଓ ଭାଇରାଲ ହୋଇଛି, କେଉଁଠି ବିବାହ ଉତ୍ସବରେ ନାଚୁଥିବା ବେଳେ, ବ୍ୟାଡମିଣ୍ଟନ କୋର୍ଟରେ ଖେଳୁଥବାବେଳେ, ବନ୍ଧୁଙ୍କ ସହ ଚାଲୁଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ତଳେ ପଡ଼ିଯାଉଥିବା ଦେଖାଯାଉଛି। ଏଭଳି ଭିଡିଓଗୁଡ଼ିକ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ବଢ଼ାଇଛି। ଏହି ସମସ୍ତ ବ୍ୟକ୍ତି ଯୁବକ ଏବଂ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ହଠାତ୍ ମୃତ୍ୟୁ ମୁଖରେ ପଡ଼ିବା ପଛରେ ହୃଦ୍‌ଘାତ ମୁଖ୍ୟ କାରଣ ବୋଲି କୁହାଯାଉଛି।

ଦିଲ୍ଲୀ ଏମ୍ସର ଏକ ଅଧ୍ୟୟନ ଚଳିତ ମାସରେ ଇଣ୍ଡିଆନ୍ ଜର୍ନାଲ ଅଫ୍ ମେଡିକାଲ ରିସର୍ଚ୍ଚରେ ପ୍ରକାଶ ପାଇଛି, ଯେଉଁଥିରେ ଠିକ୍ ଏହି ଘଟଣାର ପରୀକ୍ଷା ପାଇଁ ଉଦ୍ୟମ ହୋଇଛି। ଇଣ୍ଡିଆନଖ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ପ୍ରକଳ୍ପର ଅଂଶବିଶେଷ ଭାବେ ହଠାତ୍ ମୃତ୍ୟୁର କାରଣ ଖୋଜିବା ଏହି ଅଧ୍ୟୟନର ଲକ୍ଷ୍ୟ। ସମସ୍ତ ଶବ ବ୍ୟବଚ୍ଛେଦ ମଧ୍ୟରୁ ୧୮୦ଟି ମାମଲାରେ ହଠାତ୍ ମୃତ୍ୟୁ ହୋଇଥିବାର କଠୋର ମାନଦଣ୍ଡ ୮.୧% ପୂରଣ କରିଛି। ୧୦୩ଟି ମୃତ୍ୟୁ ମଧ୍ୟରୁ ୫୭.୨ ପ୍ରତିଶତ ୧୮ରୁ ୪୫ ବର୍ଷ ବୟସବର୍ଗର ଲୋକଙ୍କଠାରେ ଘଟିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱାସ୍ଥ୍ୟବାନ୍। ଘରେ ଥିବାବେଳେ, ଚାଲୁଥିବାବେଳେ କିମ୍ବା ଶୋଇଥିବା ଅବସ୍ଥାରେ ସେମାନଙ୍କର ମୃତ୍ୟୁ ଘଟିଛି।

## ୨୪ ଗୁଣା ବଢ଼ିଲା ପାରିଶ୍ରମିକ

ମୁମ୍ବାଇ

ଆଜିକାଲିର ଯୁବପିଢ଼ିଙ୍କ ହୃଦୟ ଜିଣିଥିବା ଭର୍ସାଟାଇଲ ଅଭିନେତ୍ରୀଙ୍କ ମଧ୍ୟରୁ ତୃପ୍ତି ଡିମ୍‌ରୀ ଅନ୍ୟତମ। ଚଳଚ୍ଚିତ୍ର 'ଲୈଲା ମଜ୍‌ନୁ'ରୁ ଚର୍ଚ୍ଚାକୁ ଆସିଥିଲେ ସେ। ଅଭିନୟଜଗତରେ ତାଙ୍କର ସାତ ବର୍ଷ ବିତିଲାଣି। ଇତିମଧ୍ୟରେ ସେ ବିଭିନ୍ନ ଚରିତ୍ରରେ ଅଭିନୟ କରି ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ସପୋର୍ଟିଂ ଅଭିନେତ୍ରୀରୁ ମୁଖ୍ୟ ନାୟିକା ହେବାର ଯାତ୍ରା ତାଙ୍କର ଅତ୍ୟନ୍ତ ପ୍ରେରଣାଦାୟକ।

ଆଗାମୀ ଦିନରେ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଚଳଚ୍ଚିତ୍ର 'ସ୍ପିରିଟ'ରେ ପ୍ରଭାସଙ୍କ ନାୟିକା ଭାବେ ନଜର ଆସିବେ ତୃପ୍ତି। ଏଥିଲାଗି ସେ ମୋଟା ଅଙ୍କର ପାରିଶ୍ରମିକ ନେଉଛନ୍ତି। କହିବାକୁ ଗଲେ ୭ ବର୍ଷରେ ତାଙ୍କର ପାରିଶ୍ରମିକ ୨୪ ଗୁଣା ବଢ଼ିଛି। ଚଳଚ୍ଚିତ୍ର 'ମମ୍'ରୁ କ୍ୟାରିୟର ଆରମ୍ଭ କରିଥିବା ତୃପ୍ତି 'ଲୈଲା ମଜନୁ' ପାଇଁ ପ୍ରାୟ ୨୫ ଲକ୍ଷ ଟଙ୍କା ନେଇଥିଲେ। ଏହି ଫିଲ୍ମ ପରେ ତାଙ୍କୁ ବେଶ୍ ପ୍ରଶଂସା ମିଳିଥିଲା। ନିକଟରେ 'ସ୍ପିରିଟ୍'ର ଏକ ଆକର୍ଷଣୀୟ ପୋଷ୍ଟର୍ ରିଲିଜ ପରେ ଅଭିନେତ୍ରୀ ଏବଂ ଅଭିନେତାଙ୍କ ପାରିଶ୍ରମିକ ବିଷୟ ସାମ୍ନାକୁ ଆସିଛି। ତେବେ ତୃପ୍ତି ଏଥିପାଇଁ ୪ରୁ ୬ କୋଟି ପାରିଶ୍ରମିକ ନେଉଥିବା ସ୍ପଷ୍ଟ ହୋଇଛି। କହିବାକୁ ଗଲେ, 'ଆନିମଲ' ଚଳଚ୍ଚିତ୍ର ପରେ ତୃପ୍ତିଙ୍କ ଷ୍ଟାର୍ ଭାଲ୍ୟୁ ବୃଦ୍ଧି ପାଇଛି। ତୃପ୍ତିଙ୍କ ଏହି ଯାତ୍ରା ପ୍ରମାଣ କରୁଛି ଯେ କଠିନ ପରିଶ୍ରମ ଓ ପ୍ରତିଭା ସବୁ ବାଧା ଦୂର କରିଦିଏ। ଆଗକୁ ତାଙ୍କର ଅନେକ ବଡ଼ ପ୍ରୋଜେକ୍ଟ ରହିଛି, ଯାହା ତାଙ୍କୁ ଆହୁରି ଆଗକୁ ନେବ ବୋଲି ପ୍ରଶଂସକ ମହଲରେ ଚର୍ଚ୍ଚା ଚାଲିଛି।




ତୃପ୍ତି ଡିମ୍‌ରୀ

# ନରେନ୍ଦ୍ର କୋହଲୀ: ପୁରାଣ ଓ ଇତିହାସର ନବ ବ୍ୟାଖ୍ୟାତା

**ଭାରତ-ଭାରତୀ**

**ପଞ୍ଚାନନ ଅଗ୍ରୱାଲ**



ନରେନ୍ଦ୍ର କୋହଲୀ ହିନ୍ଦୀ ଭାଷାର ପ୍ରଖ୍ୟାତ ଲେଖକ। ଗଳ୍ପ, ଉପନ୍ୟାସ, ନାଟକ ଓ ବ୍ୟଙ୍ଗ ସାହିତ୍ୟ ରଚନାରେ ସମଭାବରେ ସ୍ୱଚ୍ଛନ୍ଦ ଓ ସଫଳ। ସର୍ଜନାତ୍ମକ ସାହିତ୍ୟ ସୃଷ୍ଟିରେ ସେ ମୌଳିକ। ମନୋଭାବନାରେ ଆଧୁନିକ, ଅଥଚ ପାଶ୍ଚାତ୍ୟ ସାହିତ୍ୟର ଅନୁକରଣରେ ଅନାଗ୍ରହୀ। ଭାରତୀୟତାର ଉତ୍ସ ତାଙ୍କର ଧ୍ୟେୟ; କିନ୍ତୁ ପନ୍ଥାରେ ଅଭିନବ। ଯଶସ୍ୱୀ ଏଇ ଲେଖକଙ୍କର ଜନ୍ମ ୬ ଜାନୁଆରୀ ୧୯୪୦ରେ ଅବିଭକ୍ତ ସିଆଲ୍‌କୋଟ୍‌ରେ (ଏବେ ପାକିସ୍ତାନ) ଓ ପରଲୋକ ୧୭ ଏପ୍ରିଲ ୨୦୨୧ରେ ନୂଆଦିଲ୍ଲୀରେ। କୋହଲୀଙ୍କ ଜନ୍ମ ଦିନକୁ ହିନ୍ଦୀ ସାହିତ୍ୟରେ 'ଲେଖକ ଦିବସ' ଭାବେ ପାଳନ କରାଯାଏ।

୧୯୬୦ରେ କୋହଲୀଙ୍କ କାହାଣୀମାନ ପ୍ରକାଶ ପାଇବା ଆରମ୍ଭ ହୁଏ, ଯେଉଁଥିରେ ରେଖାଙ୍କିତ ଥାଏ ସାଧାରଣ ପରିବାରର ଚିତ୍ର ଓ ଘଟଣାକ୍ରମ ମାଧ୍ୟମରେ ସମାଜର ବିଡ଼ମ୍ବନା। ସାମାଜିକ ଓ ରାଜନୈତିକ ଜୀବନର ଅମାନବୀୟତା, କ୍ରୂରତା ତଥା ତର୍କଶୂନ୍ୟତାର ଜଟିଳ ରୂପାୟନ ଘଟେ ତାଙ୍କ ଲେଖାରେ। ୧୯୬୫ ପାଖାପାଖି ସମୟରେ ସେ ବ୍ୟଙ୍ଗ ଲେଖିବା ଆରମ୍ଭ କରନ୍ତି। ତାଙ୍କ ପ୍ରୟୋଗଶୀଳତା, ବିବିଧତା ତଥା ପ୍ରଖରତା ହିନ୍ଦୀ ବ୍ୟଙ୍ଗ ସାହିତ୍ୟରେ ପ୍ରାୟତଃ ବିରଳ। ରାମ କଥାକୁ ନେଇ ଚାରିଖଣ୍ଡରେ ପ୍ରକାଶିତ ତାଙ୍କର ୧୮୦୦ ପୃଷ୍ଠାର ବୃହଦାକାୟ ଉପନ୍ୟାସ ସମ୍ପୂର୍ଣ୍ଣ ରାମ କଥାକୁ ନେଇ ଭାରତୀୟ ଭାଷାରେ ଲେଖାଯାଇଥିବା ଏହା ପ୍ରଥମ ଉପନ୍ୟାସ। ଏହାର ଆଧାରଭୂତ ସାମଗ୍ରୀ ଭାରତର ସାଂସ୍କୃତିକ ପରମ୍ପରାରୁ ଆନୀତ। ତେଣୁ ଏଥିରେ ନିହିତ ଜୀବନର ଉଦାତ୍ତ ମୂଲ୍ୟବୋଧର ଚିତ୍ରଣ ଓ ମନୁଷ୍ୟର ମହାନତା। କୋହଲୀଙ୍କର ଏ ଉପନ୍ୟାସ ପଢ଼ି ହିନ୍ଦୀର ପାଠକେ ତନ୍ଦ୍ରା କାଟି ଚେଇଁ ଉଠିଛନ୍ତି। ପାଠକମାନଙ୍କୁ ମିଳିଛି ତାଙ୍କ ଅନୁତ୍ତରିତ ପ୍ରଶ୍ନଗୁଡ଼ିକର ଉତ୍ତର, ହୋଇଛି ଶଙ୍କାସମୂହର ସମାଧାନ।

କୋହଲୀଙ୍କ ଉପନ୍ୟାସ 'ଅଭିଜ୍ଞାନ' କୃଷ୍ଣକଥାକୁ ନେଇ ରଚିତ। ବିଷୟ ରାଜନୈତିକ। ନିର୍ଦ୍ଧନ ଆଉ ଅକିଞ୍ଚନ ସୁଦାମାଙ୍କୁ ସାମର୍ଥ୍ୟବାନ୍ ଶ୍ରୀକୃଷ୍ଣ ସାର୍ବଜନିକ ରୂପରେ ଆପଣା ମିତ୍ର ଭାବେ ସ୍ୱୀକାର କରିଛନ୍ତି। ତେଣୁ ସାମାଜିକ, ବ୍ୟାବସାୟିକ ଆଉ ରାଜନୈତିକ କ୍ଷେତ୍ରରେ ସୁଦାମାଙ୍କର ଆଦର ବୃଦ୍ଧିପାଇଛି। ଏହି କୃତିର ମେରୁଦଣ୍ଡ ଭଗବଦ୍ ଗୀତାର କର୍ମସିଦ୍ଧାନ୍ତ। କୃତିଟିରେ ନା ପରଲୋକ ଅଛି, ନା ସ୍ୱର୍ଗ, ନା ନର୍କ। କର୍ମ ସିଦ୍ଧାନ୍ତକୁ ଜ୍ଞାନ ଓ ବୁଦ୍ଧି ଆଧାରରେ ବୈଜ୍ଞାନିକ ସିଦ୍ଧାନ୍ତ ଅନୁରୂପ ବ୍ୟାଖ୍ୟା କରାଯାଇଛି। ମହାଭାରତ କଥା ଆଧାରରେ ପରିକଳ୍ପିତ ତାଙ୍କ ଉପନ୍ୟାସ, 'ମହାସମର'। ଏଥିରେ ଭାରତୀୟ ଦର୍ଶନ, ଚିନ୍ତନ ଓ ବ୍ୟବହାର ମୂର୍ତ୍ତିମନ୍ତ। ଉପନ୍ୟାସରେ ଜୀବନର ବିଶାଳତା ଅତ୍ୟନ୍ତ ମୌଳିକ ଢଙ୍ଗରେ ପ୍ରସ୍ତୁତ। ଜୀବନର ବାସ୍ତବ ରୂପ ସହିତ ସମ୍ବନ୍ଧିତ ପ୍ରଶ୍ନଗୁଡ଼ିକର ସମାଧାନ ତାଙ୍କ ଅନୁଭୂତି ତଥା ତର୍କ ଆଧାରରେ ପ୍ରସ୍ତୁତ। ଯୁଧିଷ୍ଠିର, କୃଷ୍ଣ, କୁନ୍ତୀ, ଦ୍ରୌପଦୀ, ବଳରାମ, ଅର୍ଜୁନ, ଭୀମ ତଥା କର୍ଣ୍ଣ ଆଦି ଚରିତ୍ର ଅତ୍ୟନ୍ତ ନବୀନ ରୂପରେ ପ୍ରତିଭାତ।

କୋହଲୀଙ୍କର ଆଉ ଏକ ଉପନ୍ୟାସ, ଯାହା ପାଠକମାନଙ୍କୁ ଚକିତ କରେ; ତାହା ହେଉଛି 'ତୋଡ଼ୋ କାରା ତୋଡ଼ୋ'। ଏହି ଶୀର୍ଷକ ରବୀନ୍ଦ୍ରନାଥ ଠାକୁରଙ୍କ ଗୀତର ଗୋଟିଏ ପଂକ୍ତିର ଅନୁବାଦ, ଉପନ୍ୟାସର ସମ୍ବନ୍ଧ କିନ୍ତୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ସହିତ। ଏଠାରେ ନାୟକଙ୍କ ବ୍ୟକ୍ତିତ୍ୱ ଆଉ ଚିନ୍ତନକୁ ପ୍ରାଧାନ୍ୟ ଦିଆଯାଇଛି। ସ୍ୱାମୀ ବିବେକାନନ୍ଦଙ୍କର ଜୀବନ ସଂସାରର ବନ୍ଧନ ତଥା ସୀମାଗୁଡ଼ିକର ଅତିକ୍ରମଣ ପ୍ରତି ଉନ୍ମୁଖ; ବନ୍ଧନ ପ୍ରକୃତିର ହେଉ କି ସମାଜର ହେଉ, ରାଜନୀତିର ହେଉ କି ଧର୍ମର ହେଉ। କୋହଲୀଙ୍କ ଭାଷାରେ: "ବିବେକାନନ୍ଦଙ୍କ ବ୍ୟକ୍ତିତ୍ୱର ଆକର୍ଷଣ ଆକର୍ଷଣ ନୁହେଁ ଯାଦୁ...। ତାଙ୍କ ନିକଟକୁ ଯାଇ ସମ୍ମୋହିତ ନ ହୋଇ କେହି ରହିପାରନ୍ତି ନାହିଁ, ଯୁବକମନ ଉତ୍ସାହରେ ପାଗଳ ହୋଇଉଠେ, ଏପରି ଗୁଣ ନାହିଁ, ଯାହା ସ୍ୱାମୀଜୀଙ୍କ ଠାରେ ନଥାଏ। ମାନବୀୟ ବିକାଶର ସାକ୍ଷାତ୍ ମୂର୍ତ୍ତି ସେ, ଭାରତର ଆତ୍ମା ସହ ଏକାକାର।"

କୋହଲୀଙ୍କ ପ୍ରମୁଖ ରଚନା ମଧ୍ୟରେ- ପ୍ରେମ ଚାନ୍ଦ କେ ସାହିତ୍ୟ ସିଦ୍ଧାନ୍ତ (ପ୍ରବନ୍ଧ, ୧୯୬୬), କୁଛ୍ ପ୍ରସିଦ୍ଧ କହାନୀୟାଁ କା ବିଷୟ ମେଁ (ସମୀକ୍ଷା, ୧୯୯୬), ନିଚଲେ ଫ୍ଲାଟ ମେଁ (କାହାଣୀ, ୧୯୮୪), ନରେନ୍ଦ୍ର କୋହଲୀ କି କହାନୀୟାଁ (୧୯୮୪), କିସେ ଜଗାଉଁ (୧୯୬୬), ମହାସମର-୧୯୯୭, ନରେନ୍ଦ୍ର କୋହଲୀ ନେ କହା (ଆତ୍ମକଥା), ଏକ ଔର ଲାଲ ତିକୋଣ (ବ୍ୟଙ୍ଗ)-୧୯୭୦, ୨୦୦୦, ପୁନରାରମ୍ଭ (ଉପନ୍ୟାସ)-୧୯୭୨, ୧୯୯୪, ଆତଙ୍କ (ଉପନ୍ୟାସ-୧୯୭୨), ପାଞ୍ଚ ଏବସଡ଼ ଉପନ୍ୟାସ (ବ୍ୟଙ୍ଗ ୧୯୭୨, ୧୯୯୪) ଆଶ୍ରିତୋଁ କା ବିଦ୍ରୋହ, ଜଗାନେ କା ଅପରାଧ, ସାଧ ସହ ଗୟା ଦୁଃଖ, ମେରା ଅପନା ସଂସାର, ଶଂବୁକ କି ହତ୍ୟା, ଦୀକ୍ଷା, ଅବସର, ପ୍ରେମଚାନ୍, ଜଙ୍ଗଲ କି କହାନୀ ଓ ମେରେ ଶ୍ରେଷ୍ଠ ବ୍ୟଙ୍ଗ ରଚନାଯେଁ ଅନ୍ତର୍ଭୁକ୍ତ।

ହିନ୍ଦୀ ସାହିତ୍ୟକୁ ସ୍ମରଣୀୟ ଅବଦାନ ପାଇଁ ୧୯୭୫ରେ ତାଙ୍କୁ ମିଳେ 'ରାଜ୍ୟ ସାହିତ୍ୟ ପୁରସ୍କାର'; ୧୯୭୭-୭୮ରେ ଉତ୍ତର ପ୍ରଦେଶ ହିନ୍ଦୀ ସଂସ୍ଥାନ ପୁରସ୍କାର, (ମେରା ଅପନା ସଂସାର), ୧୯୭୮ରେ ଆଲାହାବାଦ ନାଟ୍ୟ ସଂଘ ପୁରସ୍କାର (ଶଂବୁକ କି ହତ୍ୟା), ୧୯୭୯-୮୦ରେ ଉତ୍ତର ପ୍ରଦେଶ ହିନ୍ଦୀ ସଂସ୍ଥାନ ପୁରସ୍କାର (ସଂଘର୍ଷ କି ଔର), ୧୯୮୫ରେ ସାହିତ୍ୟ ସମ୍ମାନ (ସମଗ୍ର ସାହିତ୍ୟ), ହିନ୍ଦୀ ଏକାଡେମୀ ଦିଲ୍ଲୀ, ୧୯୯୫-୯୬ରେ ଶାଲାକା ସମ୍ମାନ, ୧୯୯୮ରେ ସାହିତ୍ୟ ଭୂଷଣ ସମ୍ମାନ, ୨୦୦୪ରେ ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟ ସମ୍ମାନ, ୨୦୧୨ରେ ବ୍ୟାସ ସମ୍ମାନ ଓ ୨୦୧୭ରେ ପଦ୍ମ ଭୂଷଣ ସମ୍ମାନ।

୨୦୦୦ ମସିହା ଜାନୁଆରୀରେ ଏହି ମହାନ୍ ଲେଖକଙ୍କୁ ସାକ୍ଷାତ୍ କରିବାର ସୁଯୋଗ ପାଇଥିଲି ତତ୍କାଳୀନ ଗୃହମନ୍ତ୍ରୀ ଲାଲକୃଷ୍ଣ ଆଡ୍‌ଭାନୀଙ୍କ ବାସଭବନରେ, ପାଞ୍ଚଜନ୍ୟ ନଚିକେତା ପୁରସ୍କାର ଉତ୍ସବରେ ଯୋଗ ଦେବା ପାଇଁ ଦିଲ୍ଲୀ ଯାଇଥିବା ଅବକାଶରେ। ସେତେବେଳେ ଉତ୍ତର ପ୍ରଦେଶର ମନ୍ତ୍ରୀ ରମେଶ ପଖରିୱାଲ ଆମକୁ ଗାଡ଼ିରେ ବସାଇ ଆଡ୍‌ଭାନୀଙ୍କ ଘରକୁ ନେଇ ଯାଇଥିଲେ। ନରେନ୍ଦ୍ର କୋହଲୀ ଜୀ ମୋତେ ଓଡ଼ିଶାର ମହାବାତ୍ୟା କ୍ଷୟକ୍ଷତି ସମ୍ବନ୍ଧରେ ଦୁଃଖ ପ୍ରକାଶ କରି ବହୁ ସମୟ କଥା ହୋଇଥିଲେ। ରାମ ସାହିତ୍ୟ ଉପରେ ମୁଁ କିଛି ଲେଖା ବିଷୟରେ ଚର୍ଚ୍ଚା କରିଥିଲି। ପାଖରେ ଥିଲେ ଅର୍ଗାନାଇଜର ପତ୍ରିକାର ପ୍ରତିଷ୍ଠାତା, ସମ୍ପାଦକ କେ.ଆର୍. ମାଲକାନୀ ଓ ପାଞ୍ଚଜନ୍ୟ ସମ୍ପାଦକ ବନ୍ଧୁ ତରୁଣ ବିଜୟ। ୧୭ ଅପ୍ରେଲ ୨୦୨୧ରେ ଦିଲ୍ଲୀଠାରେ କରୋନା ସଂକ୍ରମଣରେ ତାଙ୍କ ବିୟୋଗ ହୋଇଥିଲା। ସାହିତ୍ୟରେ ପୌରାଣିକ ଓ ଐତିହାସିକ ଚରିତ୍ରର ଜୀବନ୍ତ ଚିତ୍ରଣ ପାଇଁ ସବୁବେଳେ ସ୍ମୃତିରେ ରହିବେ ଏହି ମହାନୁଭବୀ ଲେଖକ।


- ରାଧିକା ଟାୱାର, ଟଙ୍କପାଣି ରୋଡ଼, ଭୁବନେଶ୍ୱର

ମୋ: ୯୭୭୭୭୪୦୭୧




## ପୁସ୍ତକ ପରିଚୟ

### ଗୁଣୁଗୁଣୁ ସୂର୍ଯ୍ୟାଣୁ




**କବି:** ସୂର୍ଯ୍ୟ ମିଶ୍ର
**ପ୍ରକାଶକ:** ସୃଜନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୧୯/-

ମୋଟ ୪୭ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। ବେଶ୍ କେତେକ କବିତାରେ ଉହ୍ୟ ଆତ୍ମ-ବ୍ୟଙ୍ଗ। ଯଥା: ୧."ଗୋଟିଏ ସାରାଂଶହୀନ ଶିକ୍ଷାକ୍ଷେତ୍ର ପାରହୋଇ/ ମୁଁ ପାଲଟିଲି ତଥାକଥିତ ଭଦ୍ରଲୋକ/ ପେଟପାଟଣାରେ ପଶିଲି ଦପ୍ତରରେ/ ହେଲି ବ୍ୟବସ୍ଥାର ବାବଦୂକ, ପ୍ରତିଷ୍ଠାର ପ୍ରଚାରକ/ ମିଛକୁ ସତ, ପ୍ରହେଳିକାକୁ କହିଲି ଶାଶ୍ୱତ।" (ଆତ୍ମନେପଦୀ, ପୃ:୬୯)। ୨. "ଖବରକାଗଜରେ ବାହାରିଥାଏ/ ମୋତେ ନେଇ ସ୍ମୃତିଲେଖ/ ସେଥିରେ ଭରି ଯାଇଥାଏ/ ପୁରୁଣା ବହି ଓ ପତ୍ରପତ୍ରିକାରୁ/ ନକଲ ହୋଇଥିବା ମୋର ଯାବତୀୟ କୃତିତ୍ୱ।" (ତିଥି, ପୃ:୭୧)। ଚଉପାଶର ଦୃଶ୍ୟମାନ ଜଗତକୁ ତାଙ୍କ କବିତା ନିଘା ରଖେ। ଖଣ୍ଡିଏ ପଥର, ଅପନ୍ତରାର ଶୃଙ୍ଖଳା ଗଛତଳେ। ବୋଳା ମେଞ୍ଚାଏ ସିନ୍ଦୂର ଆଉ ଲମ୍ବମାନ ଶୃଙ୍ଖଳା ପତ୍ରର ଗୋଟେ ମାଳ- ଏହି ବର୍ଣ୍ଣନା ସହିତ କବିଙ୍କ ଆଖିରୁ ଖସିଯାଏନାହିଁ ପାଖାପାଖି 'ଉଡ଼ିଯାଉଥିବା ଯୋଡ଼େ ଖଳିଦାନା' (ତିଥି)। ସ୍ୱପ୍ନ ଓ ସ୍ମୃତି ମିଶି ରହନ୍ତି କବିଙ୍କ 'ଶବ୍ଦ'ରେ, ପ୍ରତ୍ୟୟର ପ୍ରଖରତା ଘେନି। ଚିତ୍ରେଇ କଥା କହିବାରେ ଦକ୍ଷ ନ ହେଲେ କ'ଣ କଳ୍ପିହୁଏ- 'ଓସାରିଆ ବାରଣ୍ଡାକୁ ଓଲେଇ ଦେଇଥିଲା ଜହ୍ନ ଆଲୁଅ', 'ଅସରନ୍ତି ଜହ୍ନଳିଆ ରାତି' (ଜୟା), 'ପ୍ରତି ନଈ/ ଜଣେ ଠାକୁରାଣୀ' (ନଈ- ଠାକୁରାଣୀ), 'ରାତିରେ ଗ୍ରାମରକ୍ଷୀ ବୁଲାଇବା ପରି/ ବସିଥାଏ ଭାରିଯା'(ଗରିବ), 'ସକାଳକୁ ଆକାଶରେ ତରାମାନେ ଦୁଶନ୍ତି/ ଅରୁଆ ଚାଉଳ ପରି' (ଗରିବ) ଭଳି ଧାଡ଼ିମାନ। ସୁଦାମ ସୋଇଁଙ୍କ ପରି କାମୁକ ଚରିତ୍ରକୁ ଅବିକଳ ଗଢ଼ିପାରନ୍ତି ସୂର୍ଯ୍ୟ ବିନା ପକ୍ଷପାତରେ! ଶାଳଗ୍ରାମ, ସାନ୍ଧ୍ୟଭ୍ରମଣରେ ଗୋପବନ୍ଧୁ, ଇସାବେଲା, ଅସ୍ତିତ୍ୱ, ଶତ୍ରୁ ବୋଲି କେହି ନାହିଁ, ଜୀବନ ସରିବାଯାଏଁ, ନିରୁଦ୍ଦିଷ୍ଟ, ଆଡ଼ବାୟାଣୀ ଓ ଗୁଣୁଗୁଣୁ ସୂର୍ଯ୍ୟାଣୁ ପରି କବିତା ସାମ୍ପ୍ରତିକ କାଳଖଣ୍ଡରେ ବିରଳ। ରମାକାନ୍ତ ସାମନ୍ତରାୟ ଆଙ୍କିଥିବା ପ୍ରଚ୍ଛଦ ଓ ଭିତିରି ଚିତ୍ର ବହିରେ ପାଠକଙ୍କ ଉପୁରି।


### ସୁବ୍ରତ ଏବେ କେଉଁଠି




**ଗାଳ୍ପିକ:** ବିଜୟ ନାୟକ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/-

ମୋଟ ୨୧ଟି ଗଳ୍ପ ଆଲୋଚ୍ୟ ଗଳ୍ପ ସଂକଳନରେ ସ୍ଥାନିତ। ପ୍ରତ୍ୟେକଟି ଗଳ୍ପ ଏକୁ ଆରେକ ବଳି। ଗଳ୍ପଗୁଡ଼ିକ ପଢ଼ିଲେ ପାଠକର ମନେହୁଏ ଯେପରି ତା' ଆଖି ସାମ୍ନାରେ ଘଟଣା ଘଟୁଛି। ପାଠକଙ୍କୁ ଭାଗୀଦାରି କରି ଗଳ୍ପ ଲେଖିବା କ୍ୱଚିତ୍ ଗାଳ୍ପିକଙ୍କ ନସିବ୍‌ରେ ବାଗ୍‌ଦେବୀ ଲେଖିଥା'ନ୍ତି। ବହିର ପ୍ରଥମ ଗଳ୍ପ 'ଅଗଣା'ରେ ଆମ୍ବଗଛ ଓ ମାଙ୍କଡ଼ର ବର୍ଣ୍ଣନା ସାଙ୍ଗକୁ ଯେଉଁ ଗଭୀର ଜୀବନ ଦର୍ଶନର ପୁଟ ଲେଖକ ଦିଅନ୍ତି, ତାହା ଗଳ୍ପଟି ପଢ଼ି ସାରିବାର ଅନେକ ଦିନଯାଏ ପାସୋର ଯାଏ ନାହିଁ। ରମାଙ୍କୁ କହୁଛନ୍ତି ବିରୂପାକ୍ଷ- "ଏ ପୃଥିବୀଯାକର ସବୁ ଫୁଲଫଳ ଉପରେ କ'ଣ ଖାଲି ମଣିଷର ଏକାଧିକାର? ମଣିଷ ପୃଥିବୀର ମାଲିକ ନୁହେଁ, ଜାଣିଛ ତ ରମା? ପ୍ରକୃତିର ସଂପଦରେ ସମସ୍ତଙ୍କର ଭାଗ, ସେ ବାଘ ଭାଲୁ ହୁଅନ୍ତୁ କି ହୁଅନ୍ତୁ କୀଟପତଙ୍ଗ?" (ପୃ:୬)। ଗଭୀର କଥା କହୁକହୁ ଅଭିବ୍ୟକ୍ତିର ଚଟୁଳତା ବିଜୟଙ୍କ ଗଳ୍ପକୁ ସର୍ବତ୍ର ଗତିଦିଏ। ଯଥା: "ହାଓଡ଼ାରୁ ଆସୁଥିବା ଗାଡ଼ିକୁ ଅପେକ୍ଷା। ଆସିବେ ଗାନ୍ଧୀ-ମହାତ୍ମା। ଅଭିଶପ୍ତା ଅହଲ୍ୟା ପରି ପାଷାଣୀ ପାଲଟିଥିଲା ଓଡ଼ିଶା ମୁଲକ। ତାରିବେ ବାରବେନିପୁର ସାର ମୋହନଫୁଁସ।" ('ଗାନ୍ଧୀବଟ', ପୃ:୧୦୨)। ଅତୀତ ଓ ସମକାଳ ତାଙ୍କ ଗଳ୍ପରେ ସମନ୍ୱିତ ହୋଇ ଭବିଷ୍ୟତର ଇନ୍ଦ୍ରଧନୁ ଆଙ୍କିବସନ୍ତି। 'ଉହାଡ଼' ଏହିପରି ଏକ ଗଳ୍ପ- ଯହିଁରେ ମଜ୍ଜି ରହିଥାଏ ଇତିହାସ। ଗାନ୍ଧୀ, ବାଞ୍ଛାନିଧି ଓ ନୀଳମଣି (ରାଉତରାୟ)ଙ୍କ ସ୍ମୃତି ଉଜାଗର ହୋଇଉଠେ ଏଠି ଅକ୍ଳେଶରେ। ବିଜୟଙ୍କ କଥାର ଚଟାଣ ତଳେ ବହିଯାଉଥାଏ କବିତାର ଝରଝର ନଈ। ଯଥା: "ଗାଁ ଦାଣ୍ଡରେ ଗାଡ଼ି ପହଞ୍ଚିଲା ବେଳକୁ ନଈକୂଳ ଆଡୁ ଧୀରେ ମାଡ଼ିମାଡ଼ି ଆସୁଥିଲା କଅଁଳ ଅନ୍ଧାର। ଚଢ଼େଇମାନଙ୍କ ଘରବାହୁଡ଼ା କିଚିରିମିଚିରି ଦାଣ୍ଡଘାଟକୁ କରିଥିଲା ସଂଗୀତମୁଖର। ତାଙ୍କ ସମ୍ଭ୍ରାନ୍ତ ମାଟିଘରର ତାଳଗଛ ପ୍ରାୟ ମଥାନ ଯେମିତି ସଞ୍ଜ ଆକାଶକୁ ଛୁଇଁବାର ଆସ୍ପର୍ଦ୍ଧାରେ ମଗ୍ନ। ଆକାଶରୁ ଝରିପଡୁଥିବା ବିନ୍ଦୁବିନ୍ଦୁ ଦାଣ୍ଡଧୂଳିକୁ ଅବିରରେ ପରିଣତ କରିଥିଲା ଅବା!" (ଧୂଳିଫୁଲର ମହକ, ପୃ:୧୧୯-୧୨୦)। ବହିଟି ପାଠିକାପାଠକଙ୍କ ଅନ୍ତରରେ ଯେଉଁ ଗାର କାଟିବ, ତାହା ଅଲିଭା ରହିବ କାଳାନ୍ତରକୁ।

## କାଳକାଳକୁ



**"ଜହ୍ନରାତି କେବଳ ଉଜ୍ଜ୍ୱଳ ତାରାଙ୍କୁ ହିଁ ଦେଖାଏ।"**
**- ଜେ.ଆର୍.ଆର୍. ଟୋଲକିଏନ୍**

**ଜେ.ଆର୍.ଆର୍. ଟୋଲକିଏନ୍‌ଙ୍କ** ଜନ୍ମ ଇଂଲଣ୍ଡରେ ୩ ଜାନୁଆରୀ ୧୮୯୨ରେ ଓ ପରଲୋକ ୨ ସେପ୍ଟେମ୍ବର ୧୯୭୩ରେ। ସେ ସୁବିଖ୍ୟାତ କଳ୍ପ-ସାହିତ୍ୟର ଲେଖକ, ଅନୁବାଦକ ଓ ସାହିତ୍ୟ-ସମୀକ୍ଷକ। ତାଙ୍କର ପ୍ରଖ୍ୟାତ ରଚନାଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ "The Hobbit" (୧୯୩୭) ଓ "The Lord of the Rings" (୧୯୫୪)। ବୃତ୍ତିରେ ସେ ଇଂଲିଶ୍ ଭାଷା-ସାହିତ୍ୟର ପ୍ରଫେସର। ବିଖ୍ୟାତ ଲେଖକ ସି.ଏସ୍. ଲୁଇସ୍‌ଙ୍କର ସେ ଥିଲେ ଘନିଷ୍ଠ ବନ୍ଧୁ। ମୃତ୍ୟୁପରେ ତାଙ୍କର ଅପ୍ରକାଶିତ ପାଣ୍ଡୁଲିପି ଓ ଟିପ୍ପଣୀ ଆଧାରରେ ତାଙ୍କ ପୁଅଙ୍କ ଦ୍ୱାରା ପ୍ରସ୍ତୁତ କେତେକ ପୁସ୍ତକ ପ୍ରକାଶ ପାଇଛି। ସେ କହନ୍ତି: "ଯେଉଁ କାମ ଏଯାଏଁ ଆରମ୍ଭ ହୋଇନି, ସରିବାକୁ ବେଶୀ ସମୟ ନେବ" ଓ କହନ୍ତି: "ନିରାଶ ହୁଅନାହିଁ, ଗଳିମୋଡ଼ରେ ତମକୁ ଅପେକ୍ଷା କରିଥାଇପାରେ ନିଷ୍କ୍ରମଣର ରାସ୍ତାଟିଏ।"

## କବିତା

### ଧ୍ୱଂସ

**ଶତପଥୀ ରୋଜାଲିନ ବେହେରା**

ଧୂଆଁ ଉଠୁ ନ ଉଠୁ
ସକାଳର ସାଉଁଳାପଣରେ
ଏଠି ଧ୍ୱଂସ ହେଉଥାଏ ଆଖିରୁ ନିଦ,
ଭାଙ୍ଗୁଥାଏ ଗଲାରାତିର ସ୍ୱପ୍ନ
ପିଠିଏ ଖରାରେ ଧ୍ୱଂସ ହେଉଥାଏ
ଭାଗ୍ୟରୁ ଭାଗେ ଭାଗେ,
ଖସୁଥାଏ କାନ୍ଧରୁ କସରତ, ଦେହରୁ ଦମ୍ଭ
ଧ୍ୱଂସ ପରେ ଧୂଳିଉଡ଼ା ରାସ୍ତାରେ
ଜୀବନ ଭେଟୁଥାଏ
ବସନ୍ତରେ ବୈରାଗ୍ୟକୁ,
ସକାଳରେ ସୂର୍ଯ୍ୟାସ୍ତକୁ।

ଧ୍ୱଂସକୁ ଅଟକାଇବାକୁ ଯେବେ
ଅଣ୍ଟା ଭିଡ଼ନ୍ତି ଛଅ ଋତୁ
ନିଆଁଲାଗେ ଶ୍ରାବଣର ସାବନା ଛାତିରେ,
ବୈଶାଖର ବିରହ ରାତିରେ,
ନିଆଁଲାଗେ ପ୍ରେମରୁ ପ୍ରତାରଣା ଯାଏଁ,
ଫୁଲରୁ ଫରୁଆ ଯାଏଁ,
କୁହୁଳା ପଡ଼େ କରଛଡ଼ା କରମରେ
ଜଉମୁଦା ଜୀବନରେ।

ଅବଶ୍ୟ କେବେ କେମିତି
ଅସରାଏ ଅସରାଏ ମେଘ
ଧୋଇନିଏ ପାଦତଳୁ ପାଉଁଶ,
ଛାତି ତଳୁ ଅବସୋସ,
ତଥାପି ମନଟା ମରୁଭୂମି ପାଲଟେ
ଧ୍ୱଂସର ଧୂ ଧୂ ଖରାବେଳେ,
ଝାଇଁମାରି ଝାଉଁଳିଯାଏ ଜୀବନ...।

- ଚାନ୍ଦିନୀ ଚୌକ, କଟକ
ମୋ: ୭୩୭୭୯୩୧୩୮୦

### ଏକତାରା

**କୃଷ୍ଣା ମିଶ୍ର**

ଏକା ଏକତାରା, ବାଜେ ରାତିସାରା
କହେ କାହାଣୀ କାହାର କୋହଭରା
କେବେ ଭାବର ଭେଳାରେ ଭାସୁ ଭାସୁ
ତା'ର ସୁର ହୋଇଯାଏ ଛନ୍ଦହରା!

ବର୍ଷା ଭିଜାଏ ରାତିସାରା
ଉଦାସ ଆକାଶ ଚନ୍ଦ୍ରହରା,
ବଜ୍ର ବିଜୁଳି ବଳୟ ଡେଇଁ
ଖସିଆସେ ଏକ ଲଞ୍ଜାତାରା!

ଜଣେ ଲଞ୍ଜାତାରା, ଜଣେ ଏକତାରା
କିଏ ହଜିଯିବ ଶୂନ୍ୟ ଆକାଶରେ,
ଯିଏ ଗଜଲ ଗାଇବ ରାତିସାରା,
ସିଏ ଏକତାରା, ଆହା ଏକତାରା!

ମୋ: ୯୮୫୩୩୭୫୭୩୪

### ସିନ୍ଦୂର

**ନିର୍ମଳ ଚନ୍ଦ୍ର ଶୂରଦେଓ**

ସିନ୍ଦୂର!
ଏକ ପବିତ୍ର ବନ୍ଧନ
ବର୍ତ୍ତମାନ ଓ ଭବିଷ୍ୟତର;
ଏକ ସ୍ୱରଲିପି, ହୃଦୟ ଓ ମନର।

ସିନ୍ଦୂର!
ଏକ ଦର୍ପଣ ଆତ୍ମବିଶ୍ୱାସର
ବନ୍ଧନରେ ବନ୍ଧା ଏକ ଆତ୍ମଲିପି
ଆତ୍ମପ୍ରତ୍ୟୟ ଓ ଇଜ୍ଜତର
ଏକ ପ୍ରସ୍ଫୁଟିତ ଫୁଲ।

ସିନ୍ଦୂର!
ଦେଖାଯାଉ ନଥିବା ହୃଦୟର
ସଫେଦ ଆତ୍ମପ୍ରକାଶ
ବିଶ୍ୱାସ ଓ ସ୍ନେହର ମଧୁର ଲେପ।

ସିନ୍ଦୂର!
ନାଲି ରଙ୍ଗର ଜଳୁଥିବା ଦୀପ
ନିଜ ଉତ୍ତାପକୁ
ନିଜେ ରଖି ଅନ୍ୟକୁ ଶୀତଳତା
ଦେବାର ପ୍ରତିଶ୍ରୁତି।

ମୋ: ୯୯୩୮୩୦୯୬୫

### ଗୀତି-କବିତା

### ତୁମ ଘର ତୁମ ଗାଁ

**ପୀୟୂଷ ପଟ୍ଟନାୟକ**

କୁହୁଡ଼ି ତ ଏଠି ଧୂଆଁଳିଆ ଦିଶେ କାଶତଣ୍ଡୀର ପଠା
ପର୍ଣ୍ଣବୀଥିରେ କାକର ଲେଖୁଛି ହେମାଳ ମନର କଥା
କାକର ଆଖିରେ ସ୍ୱପ୍ନ ଦେଖାଇ ସଜଳ ଇନ୍ଦ୍ରଧନୁ
ସକାଳ ତ ଆଜି ପତ୍ର ଲେଖୁଛି ଅରୁଣ ରଙ୍ଗ ମନୁ।

ସକାଳର ଖରା ନିଃସର୍ଗ ଭରା ଛୁଇଁଛି ଆମ୍ରବନ
ଚପଳ ଛଇଳ କୋକିଳକଣ୍ଠ ପରଶେ ମଧୁର ସ୍ୱନ
ଘାସର ଗାଲିଚା ଫୁଲର ବଗିଚା ସୂର୍ଯ୍ୟକୁ ଦେଖେ ଫେରି
ଅଳସ ଦେହରେ ସ୍ନିଗ୍ଧ ଆଲୋକ ବର୍ଣ୍ଣର ଆଶାବରୀ।

ନଦୀର ଜଳ ତ ଉଷ୍ମ ହେଲାଣି ତରଙ୍ଗ ଗାଏ ଗୀତ
ନାଆରୁ ଶୁଭୁଛି ବସନ୍ତ ରାଗ ନାଉରୀ ବସୁଛି ମିତ
ତୁମ ଗାଁ ପାଖ ଧାନ କିଆରିର ହଳଦୀ ବର୍ଣ୍ଣ ଶୋଭା
ହଳଦୀବସନ୍ତ ଆଖିରେ ଆଖିଏ ନବ ଦିଗନ୍ତ ଆଭା।

ପାଖ ଚାଳଘରୁ ଧୂଆଁର ପଟଳ ଆକାଶେ ଲୋଟଣି ମାରେ
ଗ୍ରାମ୍ୟ ବଧୂର ସ୍ୱପ୍ନ ଅଧୀର ମନର ଓଢ଼ଣି ତଳେ
ଅପେକ୍ଷା କରେ କାଳେ କି ଆସିବ ପ୍ରିୟର ଦରଦୀ ଚିଠି
ଆଗାମୀ ଲଗ୍ନ ମଧୁରେ ମଗ୍ନ ଫେରନ୍ତା ଦିନ ତିଥି।

ନିଦ କି ତୁମର ଭାଙ୍ଗିବ ନାହିଁ ଏତେ କି ଗହନ ନିଦ!
ପଡୁନି କି କାନେ ଉଦାସୀ ମନର ତରଳ ଭାଷାର ଶବ୍ଦ।

ମୋ: ୭୫୦୬୧୮୯୦୩୦

## ଶେଷ ଡାକ

**କ୍ଷୁଦ୍ରଗଳ୍ପ**

**ଭବାନୀ ଶଙ୍କର ଦାଶ**

ଶେଷ ଡାକରେ ବୋଧେ ତା' ନିଦ ଭାଙ୍ଗିଗଲା। ଜୀବନରେ ଶେଷ ଡାକ ବୋଲି କିଛି ନ ଥାଏ। ଶେଷ ଡାକ ପରେ ପୁଣି ଆଉକିଛି ରହିଥାଏ ବାକି। ଡାକିବା ପାଇଁକି। ହୁଏତ ଡାକି ହୁଏନା। ଶେଷ ଟୋପାକ ଲୁହ ପରି କଥାଗୁଡ଼ାକ ଟଳମଳ ହୁଅନ୍ତି ଅଜାଡ଼ି ହୋଇଯିବା ପାଇଁ। ଢାଳି ହୋଇଯିବା ପାଇଁ। ମାତ୍ର ସେମିତି କିଛି ହେଲାନି। ରାତିରେ ନିଦରେ ଶୋଇଥିବା ସୁସ୍ଥ ଲୋକଟା ଜୋର୍‌ରେ ଗୋଟେ ଡାକ ମାରିଲା। ସକାଳୁ ଆଉ ଉଠିଲା ନାହିଁ। ରାତିଏ ନିଦ ଭିତରେ ତମାମ ଜୀବନ ଓ ଜୀବନଜାତ କଥା, ବ୍ୟଥା ଓ ଲୁହ ସବୁ ଚାପି ହୋଇ ନୀରବିଗଲେ ସବୁଦିନ ପାଇଁ। ପାଖ ଶେଯରୁ ଶୁଭୁଥିଲା କ୍ୟାନ୍‌ସରର ଶେଷ ପର୍ଯ୍ୟାୟରେ ଥିବା ବାପର ଯନ୍ତ୍ରଣାକାତର ଚିତ୍କାର। ନିଦରୁ ଉଠି ମୃତ ମାଆକୁ ନିଦରୁ ଉଠେଇବାର ନିଷ୍ଫଳ ପ୍ରୟାସ କରୁଥିବା ଚାରିପାଞ୍ଚ ବର୍ଷର ଝିଅର ଅଝଟ କାନ୍ଦଣା ରାତିର ଛାତିକୁ ଚିରି ଦେଉଥିଲା। ଅଥଚ ରାତିରୁ ବନ୍ଦ ଥିବା କବାଟ ଆଉ ଖୋଲୁ ନଥିଲା।

ସେତେବେଳକୁ ଖରା ଟାଣ ହେଲାଣି। ଫାଳିକିଆ ଆଜ୍‌ବେଷ୍ଟସ ଘର। ଝରକା ନଥିଲା। ବୋଉ ତ ଯେତେ ଡାକିଲେ ବି ଉଠୁନଥିଲା। ବାପା ବି ସକ୍ଷମ ନଥିଲେ ଉଠି କବାଟ ଖୋଲିବା ପାଇଁ। ଝିଅର ହାତ ପାଇବ ନାହିଁ କବାଟର ହୁକ ଖୋଲିବାକୁ। ବାପର ଯନ୍ତ୍ରଣାକ୍ତ କରୁଣ ଚାହାଣିରୁ ଝିଅ ବୁଝିପାରୁଥିଲା ମାଆକୁ ଡାକିବା ପାଇଁ। ଯେତେ ଡାକିଲେ ବି ମାଆ ଶୁଣୁ ନ ଥିଲା। କବାଟ ଖୋଲା ନହେଲେ ନଚଳେ। କୌଣସିମତେ ମାଆ ବାନ୍ଧି ରଖିଥିବା ଲୁଗାପୁଟୁଳାଟାକୁ ଟାଣି ଟାଣି କବାଟ ପାଖକୁ ନେଇଗଲା। ତା' ଉପରେ ଛିଡ଼ା ହୋଇ ବହୁ କଷ୍ଟରେ କବାଟ ଖୋଲି ଦେଲା। କବାଟ ଖୋଲୁଖୋଲୁ ମାଛିଗୁଡ଼ାକ ଘରେ ପଶିଗଲେ। ବାପା ଶେଯରେ ଝାଡ଼ା କରିଦେଇଥିଲେ ବୋଉ ସବୁଦିନେ ପୋଛିଦିଏ। ଆଜି ତ ବୋଉ ଉଠୁନି। ବାପାଙ୍କ ଝାଡ଼ା ପୋଛିବ କିଏ? ମଝିରେ ମଝିରେ ବାପାଙ୍କ ବିକଟାଳ ଚିତ୍କାର ଶୁଣି ଝିଅଟା ଡରିଯାଇ ଜୋର୍‌ରେ କାନ୍ଦିଉଠେ। ତା'ପରେ କାନ୍ଦ ବନ୍ଦ କରି ବାପ ମୁହଁକୁ ଚାହୁଁଥାଏ।

ଭୋକରେ ପେଟ ଜଳିଲାଣି। କାଲିଠୁ କିଛି ଖାଇନି। ଘରେ କିଛିନାହିଁ ଖାଇବାକୁ। ବୋଉ ତ ଉଠୁନି। ବାପାଙ୍କ ଚିତ୍କାର କ୍ରମେ ଅସ୍ପଷ୍ଟ ହୋଇଆସିଲା। ଦ୍ୱାରବନ୍ଧ ଉପରେ ଛୋଟ ଝିଅଟା ବସି ଶୂନ୍ୟକୁ ଅନେଇଥିଲା। କେହି ଆସିବାର ନାହିଁ। ଅଲରା ଚୁଟିକୁ କୁଣ୍ଡେଇ କୁଣ୍ଡେଇ ପାଖ ନଳକୂଅ ପାଖକୁ ଗଲା। ମୁହଁ ଲଗାଇ ମୁନ୍ଦେ ପାଣି ପିଇଦେଲା। ଏତିକିବେଳେ ବାପା ଡାକମାରିଲେ ଜୋର୍‌ରେ। ଆସି ଦେଖିଲା ବାପା ଶୋଇପଡ଼ିଛନ୍ତି। ହଲ୍‌ଚଲ୍ ନାହିଁ। ଏପଟେ ବୋଉ, ସେପଟେ ବାପା। ମଝିରେ ଯାଇ ଝିଅଟା ଶୋଇପଡ଼ିଲା। ଗନ୍ଧରେ ଘରଟା ଭରି ରହିଥିଲା। ସେଥିପ୍ରତି ତା'ର ଭ୍ରୂକ୍ଷେପ ନଥିଲା। ଏମିତି ଗନ୍ଧ ଭିତରେ ବଞ୍ଚିବା ସିଏ ଶିଖିଗଲାଣି।

ପାଖ ଗାଁରୁ କେତେଜଣ ଆସି ଡାକିଲେ। ଝିଅଟା ବାହାରକୁ ଗଲା। ସେମାନେ ତାକୁ ଖାଇବାକୁ ଦେଲେ। ଖାଇସାରି ମାଗିଲା ବାପା ବୋଉ ପାଇଁ। କହିଲା ସେମାନେ ଶୋଇଛନ୍ତି ଉଠିଲେ ଖାଇବେ। ଜଣେ କିଏ ତା' ଛିଣ୍ଡା ପୁରୁଣା ଜାମାପେଣ୍ଟ ବଦଳେଇ ନୂଆ ପିନ୍ଧେଇ ଦେଲେ। ତା' ମନ ଖୁସି। ଆସିଥିବା ଲୋକମାନେ ତା' ବାପା ବୋଉକୁ ଶେଯ ସହ ଗୁଡ଼ାଇ ବାନ୍ଧିଦେଲେ। ଝିଅ କିଛି ବୁଝିପାରୁ ନଥାଏ। ତାଙ୍କୁ ନେଇ ସାମ୍ନାରେ ଥିବା ମଶାଣିରେ ପୋଡ଼ିଦେଲେ। ପୋଡ଼ିଗଲାବେଳେ ଝିଅଟା ଉଚ୍ଚ ସ୍ୱରରେ କାନ୍ଦିଉଠିଲା। ତାକୁ ଭୁଲେଇବା ପାଇଁ କିଛି ଚକୋଲେଟ ଧରେଇ ଦିଆଗଲା। ସିଏ ଖାଇଲା। ଖାଇଲାବେଳେ କାନ୍ଦୁ ନ ଥିଲା। ମାତ୍ର ଖାଇସାରିବା ପରେ ଅତି କରୁଣ କଣ୍ଠରେ ବୋଉ... ବୋଉ... ଡାକି କାନ୍ଦୁଥିଲା।



ଏକାଳୟରେ ସେ ଜୁଇକୁ ଚାହିଁ ମୋ' ବୋଉ କାହିଁ ବୋଲି ପଚାରି ଚାଲିଥିଲା। ଶ୍ରାବଣର ବର୍ଷା ପରି ଆଖିରୁ ତା'ର ଲୁହ ଝରିପଡୁଥିଲା। ଲୋକମାନେ ତାକୁ ତା' ଘରକୁ ନ ନେଇ ନେଇଗଲେ ଶ୍ମଶାନ ଆରପଟେ ଥିବା ଅନାଥାଶ୍ରମକୁ।

ଆଜକୁ ଦୁଇମାସ ହେଲାଣି। ତା' ମନକୁ ଭୁଲେଇବା ପାଇଁ ସକଳ ଚେଷ୍ଟା ବ୍ୟର୍ଥ। ସେଦିନଠୁ ଆଜିଯାଏ ସଞ୍ଜ ହେଲେ ଝିଅଟା ବାହାରକୁ ବାହାରିଯାଇ ତା' ଘରଆଡ଼କୁ ଚାହେଁ। ଅନ୍ଧାରକୁ ଚାହିଁ ଡାକମାରେ ବୋଉଲୋ... ହେ ବୋଉ...। ତା' ଡାକ କେବଳ ଶୂନ୍ୟରେ ପ୍ରତିଧ୍ୱନି ତୋଳେ ସିନା, ବୋଉର ଉତ୍ତର ମିଳେନାହିଁ। କିନ୍ତୁ ସେମିତି ଡାକିବାରୁ ଆଜି ବି ସେ ବିରତ ନୁହେଁ। ଦିନେ ସମସ୍ତଙ୍କ ଆଖିରେ ଧୂଳି ଦେଇ ଝିଅଟା ଅନ୍ଧାର ଭିତରେ କୁଆଡ଼େ ହଜିଗଲା। ଯେତେ ଖୋଜିଲେ ବି ମିଳିଲାନି। ସକାଳୁ ଲୋକମାନେ ତାକୁ ତା' ଘର ଭିତରେ ଶୋଇଥିବା ଅବସ୍ଥାରେ ପାଇଲେ। ତା' ପାଟିରୁ ଫେଣ ବାହାରି ଶୁଖିଯାଇଥିଲା।

ମୋ: ୮୯୧୭୬୨୪୩୮

ଜନ୍ମଦିନର ଶୁଭେଚ୍ଛା

ନାମ: ..........................
ବୟସ: ..........................
ଜନ୍ମ ତାରିଖ: ..........................


ସୁବ୍ରତ୍ନ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କଳିଙ୍ଗନଗର ଗୁଳିକାଣ୍ଡକୁ ୨୦ ବର୍ଷ ପୂରିଲା

**ଯାଜପୁର/କଳିଙ୍ଗନଗର(ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ),୨।୧**

ଯାଜପୁର ଜିଲ୍ଲା କଳିଙ୍ଗନଗର କାରଖାନା ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ ବିରୋଧରେ ୨୦୦୬ ଜାନୁଆରୀ ୨ରେ ଆନ୍ଦୋଳନ ବେଳେ ପୋଲିସ ଚଳାଇଥିଲା ଗୁଳି। ଏଥିରେ ୧୩ ଜଣ ଆଦିବାସୀଙ୍କ ଜୀବନ ଯାଇଥିଲା। ଏହାପରେ ଜିଲାବାସୀ ଶିଳ୍ପାୟନ ପାଇଁ ଜମି ଅଧିଗ୍ରହଣକୁ ସାଦରେ ଗ୍ରହଣ କରିନେବାରୁ ସମ୍ପ୍ରତି କଳିଙ୍ଗନଗର ଦେଶର ଏକ ପ୍ରମୁଖ ଶିଳ୍ପ କାରଖାନାର ଅଞ୍ଚଳ ଭାବରେ ପ୍ରତିଷ୍ଠା ଲାଭ କରିଛି। କିନ୍ତୁ ଶିଳ୍ପାୟନ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୬ରେ ପ୍ରଣିତ ପୁନର୍ବାସ ଥଇଥାନ ନୀତିରେ ୧୮ ବର୍ଷ ହେଉଥିବା ଯୁବତୀଯୁବକଙ୍କୁ ସ୍ୱତନ୍ତ୍ର ପରିବାର ମାନ୍ୟତା ଦାବି ପୂରଣ ହୋଇପାରୁନାହିଁ। ଏଥିପାଇଁ ପ୍ରାୟ ୨୦୦୦ ବିସ୍ଥାପିତ ପରିବାର ସିଧାସଳଖ ପ୍ରଭାବିତ ହେଉଛନ୍ତି। ଏହିକ୍ରମରେ ଗୁଳିକାଣ୍ଡ ଘଟଣାକୁ ୨୦ ବର୍ଷ ପୂରିଯାଇଥିଲେ ହେଁ ଆଦିବାସୀଙ୍କ ବଳିଦାନର ଫଳ ବିସ୍ଥାପିତଙ୍କ ଉତ୍ତରାଧିକାରୀମାନଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି ବୋଲି ମତପ୍ରକାଶ ପାଇଛି।




**ସ୍ମୃତିସଭା, ଉତ୍ତରାଧିକାରୀଙ୍କ ନିଯୁକ୍ତି ଦାବି**

ଶହୀଦ ଆଦିବାସୀଙ୍କୁ ମନେରଖିବା ପାଇଁ ପ୍ରତ୍ୟେକ ବର୍ଷ ଜାନୁଆରୀ ୨କୁ ଶହୀଦ ଦିବସ ଭାବେ ବିସ୍ଥାପନ ଜନମଞ୍ଚ ପାଳନ କରୁଛି। ଶୁକ୍ରବାର ସକାଳୁ ଗୁଳିକାଣ୍ଡସ୍ଥଳ ଚମ୍ପାକୋଇଲି ଠାରେ ଆଦିବାସୀ ମହିଳା ଓ ପୁରୁଷମାନେ ପାରମ୍ପରିକ ବେଶ ପୋଷାକରେ ପହଞ୍ଚିଥିଲେ। ସେଠାରେ ପୂଜାକାର୍ଯ୍ୟ ଶେଷ କରି ଏକ ବିଶାଳ ପଦ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା ବାରଗଡ଼ିଆ ଗାଁ, ଡୁବୁରୀ ଛକ, ଟାଟା କାରଖାନା ଫାଟକ ଦେଇ ବୀରଭୂମି ଆମ୍ବଗାଡ଼ିଆଠାରେ ପହଞ୍ଚିଥିଲା। ସେଠାରେ ଥିବା ସ୍ମୃତିସ୍ତମ୍ଭ ନିକଟରେ ପୂଜାକାର୍ଯ୍ୟ ସମ୍ପନ୍ନ ହେଇଥିଲା। ଏହି ଅବସରରେ ମଞ୍ଚର ସଭାପତି ଅମର ସିଂ ବାନରାଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ ହୋଇଥିଲା। ସମ୍ପାଦକ ରବୀନ୍ଦ୍ର ଜାରିକାଙ୍କ ପରିଚାଳନାରେ କାର୍ଯ୍ୟକାରୀ ସଭାପତି ସନିଆ ତିରିଆ, ବିସ୍ଥାପିତ ଉନ୍ନୟନ ପରିଷଦ ସମ୍ପାଦକ ବୀରେନ୍ଦ୍ର ଜାମୁଦା, ସଭାପତି ତ୍ରିଲୋଚନ ମହାନ୍ତ, ଜନମଞ୍ଚ ନେତ୍ରୀ ସିନି ସଏ, ସ୍ୱର୍ଣ୍ଣଲତା ବାନରା, ସାଧୁ ତିଉ, ଗୋବରଘାଟି ସମିତି ସଭ୍ୟା ରୀନା ହାଇବ୍ରୁ, ବାବୁଲି ହାଇବ୍ରୁ, ଲକ୍ଷ୍ମଣ ଜାମୁଦା, ସିପିଆଇଏମ୍ଏଲ୍ ନେତା ଭାଲେନ୍ଦ୍ର ଷଡ଼ଙ୍ଗୀ, ସିପିଆଇଏମ୍ଏଲ୍ ୱେଷ୍ଟ ବେଙ୍ଗଲ ନେତା ମାନସ ସରକାର, ଲୋକ ଶିକ୍ଷକ, ଲେଲିନ ମହାନ୍ତି, ଅବଧୂତ ୱାଲୀ, ପ୍ରହ୍ଲାଦ ପୃଷ୍ଟି, ଗିଲ୍ ଗାଗେଇ ପ୍ରମୁଖ ଯୋଗଦେଇ ବିସ୍ଥାପିତମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

ଶିଳ୍ପାୟନ କାରଣରୁ ଶତାଧିକ ପରିବାର ଘରଡ଼ିହ ଭିଟାମାଟି ଛାଡ଼ି ବିସ୍ଥାପିତ ହୋଇଛନ୍ତି। ୨୦ ବର୍ଷ ତଳର ବିସ୍ଥାପନ ନୀତିକୁ ବିରୋଧ କରି ଏହାର ସଂଶୋଧନ ଆଉ ପ୍ରଣୟନ କରିବାକୁ ଦାବି ହେଉଥିଲେ ହେଁ କେହି କିଛି ଶୁଣୁନାହାନ୍ତି। ନିଯୁକ୍ତି ଓ ଥଇଥାନ ସୁବିଧା ପାଇବା ପାଇଁ ବିସ୍ଥାପିତ ଓ ବିସ୍ଥାପନ ଅପେକ୍ଷାରେ ଥିବା ଲୋକେ ଏବେ ବି ସଂଗ୍ରାମ କରି ଚାଲିଥିବାବେଳେ ଏହି ସମସ୍ୟାର ସମାଧାନ ଦିଗରେ ସରକାର ତଥା ପ୍ରଶାସନ କୌଣସି ତତ୍ପରତା ପ୍ରକାଶ କରିବା କଥା ତାହା ହେଉନାହିଁ। ଫଳସ୍ୱରୂପ ଅର୍ଥନୈତିକ ଅବରୋଧ, ଅନଶନ, ରାଲି, ଆନ୍ଦୋଳନ ଆଦି ଲାଗି ରହିଛି। ଆଗକୁ ପୁଣି କଳିଙ୍ଗନଗରରେ ୩୫ଟି ଛୋଟବଡ଼ ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବ ରହିଥିବାରୁ ପ୍ରଶାସନର ତତ୍ପରତା ବଢ଼ିଛି, କିନ୍ତୁ ବିସ୍ଥାପନଙ୍କ ଦାବି ଉପରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଏହି ପ୍ରକ୍ରିୟାରେ ବିସ୍ଥାପନ ନିୟମ-୨୦୦୬କୁ ପରିବର୍ତ୍ତନ କରାଯାଉ ନ ଥିବାରୁ କେତେକ ପରିବାରରେ କଳହ, ଅଶାନ୍ତି ଏବଂ ଭାଇ-ଭାଇ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବା ଆଶଙ୍କା ରହୁଛି। କିନ୍ତୁ ଏମାନଙ୍କ ଦାବିକୁ ନେଇ ରାଜ୍ୟ ସରକାର ଅଗ୍ରାହ୍ୟ କରି ଦେଉଥିବାର ସୂଚନା ମିଳିଛି। ଯଦି ସରକାର ଏହାକୁ ମଞ୍ଜୁର ନ କରନ୍ତି ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କଳିଙ୍ଗନଗର ବିସ୍ଥାପିତ ବିରୋଧୀ ଜନମଞ୍ଚ ପକ୍ଷରୁ ବିଜୟ କୁମାର ଦାସ ଚେତାବନୀ ଦେଇଛନ୍ତି।

# ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କ ପରଲୋକ

**ନୀଳଗିରି,୨।୧(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀରୁ ଦୁଇ ଥର ବିଧାୟକ ହୋଇଥିବା ପୂର୍ବତନ କଂଗ୍ରେସ ବିଧାୟକ ଅକ୍ଷୟ ଆଚାର୍ଯ୍ୟ(୭୮)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। କିଛି ମାସ ହେବ ସେ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରୁ ସଂକଟାପନ୍ନ ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଜୟନ୍ତୀ ଆଚାର୍ଯ୍ୟ, ପୁଅ ଦିବ୍ୟଜ୍ୟୋତି, ଝିଅ କ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଅକ୍ଷୟ ନୀଳଗିରି ଆସନରୁ ୧୯୮୦-୮୫ ଏବଂ ୧୯୯୫-୨୦୦୦ ଯାଏ ଦୁଇ ଥର ବିଧାୟକ ହୋଇଥିଲେ। ନୀଳଗିରି ନିର୍ବାଚନମଣ୍ଡଳୀର ବିକାଶ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ରହିଛି। ଶୁକ୍ରବାର ନୀଳଗିରିସ୍ଥିତ କାହାଲିଆ ବାସଭବନରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସୁକାନ୍ତ କୁମାର ନାୟକ ଓ ସୁଦର୍ଶନ ଜେନା, ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, କଂଗ୍ରେସ ଯୁବନେତା ଆଶିଷ ପଟ୍ଟନାୟକ, ସମର ଦାସ, ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରମୁଖ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।



**ଦକ୍ଷ ରାଜନେତା, ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ**

ସେ ଜଣେ ଦକ୍ଷ ରାଜନେତା ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ନୂଆ ଓ ଉନ୍ନତ ନୀଳଗିରି ଗଢ଼ିବା ସ୍ୱପ୍ନ ଦେଖିଥିଲେ ଅକ୍ଷୟ ନନା। ହାତିଆଗଣ୍ଡ ପୋଲଠୁ ଆରମ୍ଭ କରି ନୀଳଗିରି ବସ୍‌ଷ୍ଟାଣ୍ଡ ତାଙ୍କ ସମୟରେ ହୋଇଥିଲା। ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନୀଳଗିରି କଂଗ୍ରେସ ଭବନକୁ ଅଣାଯିବା ପରେ କଂଗ୍ରେସ ଦଳର ସଂଜୀବ ଗିରି, ଯୁବନେତା ତପନ ରାଉତ, ନିଶିତ କୁମାର ବାରିକ, ତୁଷାରକାନ୍ତି ତପସ୍ୱୀ, ତରୁଣ ଦାସ, ନିରଞ୍ଜନ ବେହେରା, କୃଷ୍ଣଗୋପାଳ ପଣ୍ଡା, ଅମିତ ଦାସ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ରାଜ, ଅନାଦି ରାଉତଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶେଷରେ କାହାଲିଆ ଗ୍ରାମ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ଦିବ୍ୟଜ୍ୟୋତି ମୁଖାଗ୍ନି ଦେଇଥିଲେ।

# ଆଦିବାସୀଙ୍କ ଜମି ଉପରେ ସରକାରଙ୍କ ଲୋଲୁପ ଦୃଷ୍ଟି: କଂଗ୍ରେସ

**ଭୁବନେଶ୍ୱର,୨।୧(ସୁନିତ୍ ମିଶ୍ର)**

ଯାଜପୁର ଜିଲ୍ଲା ବଡ଼ଚଣା ଅନ୍ତର୍ଗତ ପ୍ରସିଦ୍ଧ ବୌଦ୍ଧ ପର୍ଯ୍ୟଟନସ୍ଥଳୀ ଉଦୟଗିରିଠାରେ ବୌଦ୍ଧ ସମ୍ମିଳନୀ ଉପଲକ୍ଷେ ମହିପଡ଼ା ପାହାଡ଼ ଅଞ୍ଚଳରେ ଅସ୍ଥାୟୀ ଶିବିର ତିଆରି କରିବାକୁ ସେଠାରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟଙ୍କ ଘର ବୁଲଡୋଜର ଦ୍ୱାରା ଭଙ୍ଗାଯାଇଛି। ଏହି ଘଟଣାକୁ ବିରୋଧ କରି କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ଯଶୋବନ୍ତ ସିଂ ଲାଗୁରି କହିଥିଲେ, ଗତ କିଛିମାସ ହେଲାଣି ଭାଜପା ସରକାର ଆଦିବାସୀଙ୍କ ଜମି ଉପରେ ଲୋଲୁପଦୃଷ୍ଟି ପକାଇଛନ୍ତି। ରାଜଗାଙ୍ଗପୁର ଏୟାରଷ୍ଟ୍ରିପ, ସୁନ୍ଦରଗଡ଼ ଲାଞ୍ଜିବେର୍ଣ୍ଣା ଜମି ଅଧିଗ୍ରହଣ, କେନ୍ଦୁଝରରେ ପୋସ୍କୋ, କିଳପଡ଼ାରେ ଷ୍ଟାରଲାଇଟ ପାଇଁ ଆଦିବାସୀଙ୍କ ଜମି ଅଧିଗ୍ରହଣ ବେନିୟମ ଭିତ୍ତିରେ ସରକାର କରୁଛନ୍ତି। ଏବେ ଯାଜପୁର ଜିଲାର ଉଦୟଗିରିଠାରେ ହେବାକୁ ଥିବା ବୌଦ୍ଧ ସମ୍ମିଳନୀ ପାଇଁ ମହିପଡ଼ା ଗ୍ରାମାଞ୍ଚଳରେ ପ୍ରଶାସନ ଆଦିବାସୀଙ୍କ ଘରଗୁଡ଼ିକ ସହିତ ଗଛ କାଟିଛନ୍ତି। ଯଦି ସମ୍ମିଳନୀର ଅସ୍ଥାୟୀ ଶିବିର ପାଇଁ ଜମି ଦରକାର ଥିଲା, ଅନ୍ୟ ସ୍ଥାନରେ ମଧ୍ୟ ସରକାରୀ ଜମି ରହିଛି; ସେଠାରେ ସରକାର କରନ୍ତୁ। କିନ୍ତୁ ଆଦିବାସୀ ବିରୋଧୀ ସରକାର ଆଦିବାସୀଙ୍କ ଘର ଭାଙ୍ଗି ଶିବିର ସ୍ଥାପନ କରିବା କେତେ ନ୍ୟାୟସଙ୍ଗତ ବିଚାର କରନ୍ତୁ। ସ୍ଥାନୀୟ ବିନା ନୋଟିସରେ ସେମାନଙ୍କ ଘର ଭାଙ୍ଗି ଦିଆଗଲା। କିନ୍ତୁ ନିରୀହ ଗରିବ ଆଦିବାସୀ କେଉଁଠି ରହିବେ ସେ ନେଇ ସରକାର ଚିନ୍ତା କରୁନାହାନ୍ତି ବୋଲି ଲାଗୁରି କହିଛନ୍ତି। ଏହି ଅବସରରେ କଂଗ୍ରେସ ନେତା ପ୍ରଶାନ୍ତ ଶେଖର ଦେଓ ଉପସ୍ଥିତ ଥିଲେ।

# ବରପୁତ୍ରମାନଙ୍କୁ ସମ୍ମାନ ଦେବା ଆମର ନୈତିକ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୧(ସୁନିତ୍ ମିଶ୍ର)**

ଡ. ହରେକୃଷ୍ଣ ମହତାବ ତାଙ୍କ ଜୀବନକାଳ ମଧ୍ୟରେ ସ୍ୱାଧୀନତା ଆନ୍ଦୋଳନ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶାରେ ହୋଇଥିବା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେଥିପାଇଁ ଆନ୍ଦୋଳନ ପଛରେ ମହତାବଙ୍କ ଦୃଢ଼ ପ୍ରେରଣା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଆୟୋଜିତ ମହତାବଙ୍କ ଶ୍ରାଦ୍ଧବାର୍ଷିକୀ ତଥା ୩୯ତମ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହତାବଙ୍କ ମହାପ୍ରୟାଣ ଦିବସରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଦିବସ ପାଳନ କରିଥିବା ଏକ ଅପୂର୍ବ ସଂଯୋଗ। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଦେଶର ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ମହତାବଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଭୁବନେଶ୍ୱର ମଧ୍ୟବର୍ତ୍ତୀ ଅଞ୍ଚଳରେ ମହତାବଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସହିତ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରବର୍ଗଙ୍କ ପାଇଁ ଗୁରୁତ୍ୱ ଯୋଜନା ପ୍ରକ୍ରିୟାରେ ରହିଛି। ଏହା ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବ। ବରପୁତ୍ରମାନଙ୍କୁ ସମ୍ମାନ ଦେବା ହେଉଛି ଆମର ନୈତିକ ଦାୟିତ୍ୱ ବୋଲି ସେ କହିଛନ୍ତି।



ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ରାଜ୍ୟର ସମସ୍ତ ସ୍ୱାଧୀନତା ସଂଗ୍ରାମୀ ତଥା ଜରୁରିକାଳୀନ ପରିସ୍ଥିତିରେ ଲଢ଼େଇ କରିଥିବା ସଂଗ୍ରାମୀମାନଙ୍କୁ ଯଥୋଚିତ ସମ୍ମାନ ଦେଉଛନ୍ତି। ରାଜ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପେନସନ ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କା କରାଯାଇଛି। ସେମାନଙ୍କ ଅନ୍ତେ ତାଙ୍କ ପତ୍ନୀ ଓ ଅବିବାହିତା ଝିଅ ମଧ୍ୟ ଏହି ସୁବିଧା ପାଇବେ। ସେହିପରି ଅଣକେନ୍ଦ୍ରୀ ସ୍ୱାଧୀନତା ସଂଗ୍ରାମୀଙ୍କ ମାସିକ ପେନସନ ୯ ହଜାର ଟଙ୍କାରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। କେନ୍ଦ୍ର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପ୍ରଦାନ କରାଯାଉଥିବା ଭତ୍ତା ଭାବେ ମାସିକ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିସହିତ ଜରୁରିକାଳୀନ ପରିସ୍ଥିତି ସମୟରେ ମିଶା ଆଇନରେ ଗିରଫ ହୋଇଥିବା ୧୫୨ ଜଣ ଲୋକତନ୍ତ୍ର ସେନାନୀଙ୍କ ପାଇଁ ମଧ୍ୟ ମାସିକ ୨୦ ହଜାର ଟଙ୍କାର ପେନସନ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଅଧିକ ଲୋକତନ୍ତ୍ର ସେନାନୀଙ୍କୁ ପେନସନ ଦିଆଯିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ଆଉ ଏକ ସଂଗ୍ରାମର ଆବଶ୍ୟକତା ଅଛି। ତାହା ହେଉଛି ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସଂଗ୍ରାମ। ଏଥିରେ ସମସ୍ତେ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଓଡ଼ିଶାରେ ଯଦି ଡକ୍ଟର ମହତାବ ଜନ୍ମ ନେଇ ନ ଥାନ୍ତେ, ତେବେ ଓଡ଼ିଶା ପ୍ରଦେଶର ଆମେ ଯେଉଁ ମାନଚିତ୍ର ପାଇଛୁ, ତାହା ଦେଖିବାକୁ ମିଳି ନ ଥାଆନ୍ତା। ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି, ଏ ମାଟିରେ ଶହ ଶହ ସ୍ୱାଧୀନତା ସଂଗ୍ରାମୀ ଦେଶ ମାତୃକାର ସ୍ୱାଧୀନତା ପାଇଁ ଲହୁ ଓ ଲହୁ ଢାଳି ଆମକୁ ମୁକ୍ତିର ସ୍ୱାଦ ଚଖାଇଛନ୍ତି। କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି, ପୂର୍ବରୁ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ଦିବସ ନିର୍ଦ୍ଧାରିତ ହୋଇ ନ ଥିଲା। ୧୯୮୭ରୁ ଏହି ଦିବସକୁ ସ୍ୱାଧୀନତା ସଂଗ୍ରାମୀ ଦିବସ ପାଳନ କରିବା ପାଇଁ ସ୍ଥିର କରାଯାଇଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଓଡ଼ିଶା ଭାରତ ବର୍ଷର ପ୍ରଥମ ରାଜ୍ୟ ଭାବେ ପରିଣତ କରିବାକୁ ଯେଉଁ କେତେଜଣ କାମ କରୁଥିଲେ, ସେମାନଙ୍କ ମଧ୍ୟରେ ମହତାବ ଅନ୍ୟତମ।

# ଏଟିଏମ୍ ତାଡ଼ି ନେଇଗଲେ ଦୁର୍ବୃତ୍ତ



ଦୁର୍ବୃତ୍ତ ଛାଡ଼ି ଯାଇଥିବା ଅଟୋ ଓ ଭଙ୍ଗା ଏଟିଏମ୍।

**ବିଞ୍ଝାରପୁର,୨।୧(ରାମକୃଷ୍ଣ ଦାସ)**

**୫ ଲକ୍ଷ ୭୫ ହଜାର ଲୁଟ୍**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଧୀନ ଯାଜପୁର-ଏହପୁର ମୁଖ୍ୟ ରାସ୍ତାର ମଙ୍ଗଳା ଛକରେ ଥିବା ଏସ୍‌ବିଆଇର ଏଟିଏମ୍‌କୁ ଗୁରୁବାର ରାତିରେ ଦୁର୍ବୃତ୍ତ ତାଡ଼ି ନେଇଛନ୍ତି। ଏହି ଘଟଣା ଶୁକ୍ରବାର ସକାଳୁ ଜଣାପଡ଼ିବା ପରେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝୀ, ବିଞ୍ଝାରପୁର ଥାନାଧିକାରୀ ରାଜେଶ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତରେ ସାଇଣ୍ଟିଫିକ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ସାମିଲ ହୋଇଥିଲେ। ସିସିଟିଭି ଫୁଟେଜରେ ଦେଖାଯାଇଛି ଯେ, ଦୁର୍ବୃତ୍ତ ଏଟିଏମ୍ ତାଡ଼ିବା ପାଇଁ ଏକ ଚାଲା ଅଟୋ ସାହାଯ୍ୟରେ ତାହାକୁ ନେଇ ଜଙ୍ଗଲକୁ ନେଇ ସେଠାରେ ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି। ଏହାପରେ ସେଠାରେ ଭଙ୍ଗାଯାଇଥିବା ଏଟିଏମ୍ ଓ ଚାଲା ଅଟୋକୁ ଛାଡ଼ି ଫେରାର ହୋଇଯାଇଛନ୍ତି। ଏଟିଏମ୍‌ରେ ୫ଲକ୍ଷ ୭୫ ହଜାର ୫୦୦ ଟଙ୍କା ଥିଲା ବୋଲି ବ୍ୟାଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଦୁର୍ବୃତ୍ତଙ୍କ ସୁରାକ ମିଳି ପାରିନାହିଁ।

# ନାଳରେ ପଡ଼ି ହାତୀ ମୃତ

**ଚିଲିକାଗଡ଼,୨।୧(ଶରତ ମିଶ୍ର):** ବଲାଙ୍ଗିର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ବିଜେପୁର ପଞ୍ଚାୟତର ଲିମପଡ଼ା ନାଳରେ ପଡ଼ି ଶୁକ୍ରବାର ଏକ ମାଈହାତୀର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଟିଟିଲାଗଡ଼ ବନାଞ୍ଚଳରେ ବାର୍ଦ୍ଧ ମାସ ହେଲା ହାତୀପଲ ବିଚରଣ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ ଏକ ମାଈହାତୀ ଅସୁସ୍ଥ ହୋଇ ଲିମପଡ଼ା ନାଳପାଣିରେ ପଡ଼ିଯିବାରୁ ତା'ର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଟିଟିଲାଗଡ଼ ରେଞ୍ଜର, ବଲାଙ୍ଗିର ଏସିଏଫ୍ ଏବଂ ଡିଏଫଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶନିବାର ମୃତ ହାତୀର ବ୍ୟବଚ୍ଛେଦ କରାଯିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ ଜଣାପଡ଼ିଛି।



# ଟ୍ରକ୍‌ରେ ପିଟିହେଲା ବାଇକ୍: ୨ ଭାଇଙ୍କ ମୃତ୍ୟୁ

**ଭବାନୀପାଟଣା,୨।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କଳମ ଗାଁରୁ ଶୁକ୍ରବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଗାଁ ମଣ୍ଡି ପାଖରେ ଅଟକି ରହିଥିବା ଏକ ଟ୍ରକ୍ ପଛରେ ପିଟିହୋଇ ବାଇକରେ ଆସୁଥିବା ୨ ଭାଇଙ୍କ ମୃତ୍ୟୁ ହୋଇଛି। ମୃତ ୨ ଭାଇ ହେଲେ ଚକଧର ଶବର (୪୨) ଓ ବୈକୁଣ୍ଠ ଶବର (୩୮)। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନରେ ୨ ଭାଇ ଏକ ବାଇକରେ ନିଜ ଘରକୁ ଆସୁଥିବାବେଳେ ବାଟରେ ଅଟକିଥିବା ଏକ ଟ୍ରକ୍ ପଛରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମୃତ୍ୟୁ ଘଟିଛି। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସଠାରୁ ସୂଚନା ମିଳିଛି।

Classified Everyday
0674-2580101, 9692975378




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




All types of physiotherapy and massage. Contact: 9556924059/ 7656969134. D-3013

Professional body massage & steam-bath. Please contact TRUPTI SPA CENTER, PH.- 9861550765. D-3012

AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated- 03.11.2025, I, Biswambar Malik, Address: At- Panasaganda, P.O.- Barha Damodarpur, P.S.- Rajkanika, Dist.- Kendrapara, PIN- 755016, Odisha declare that I have changed my daughter's name from Priyanshu Priyadarsini Malik to Priyanshi Priyadarsini Malik. Henceforth, she shall be known as Priyanshi Priyadarsini Malik for all future purposes.
Biswambar Malik D-3014

By virtue of an affidavit sworn before the Executive Magistrate, Attabira, No.- 627, Dtd.- 31.12.25, I, Kartika Miri, R/o.- Tangarpali, P.O.- B.Khamunda, P.S./Tah- Attabira, Dist.- Bargarh, Odisha- 768038 declare that I have changed the name of my son from Gopinatha Miri to Shashi Miri. Henceforth, he shall be known as Shashi Miri for all puposes.
Kartika Miri D-3015

I, Prashvitaben Pravinbhai Patel, W/o.- Jay Kumar Patel, Resident of At- Mahatab Road New Colony, P.O.- Buxi Bazar, P.S.- Badambadi, Dist.- Cuttack- 753001, Odisha declare by this affidavit No. 12, dated- 01.01.2026, that now onwords I shall be known as Prasvi Patel for all future purposes. D-3017

By virtue of an affidavit dtd.- 23.12.2025 sworn before Executive Magistrate, Chandabali, I, Jnyana Ranjan Sahoo, S/o.- Maheswar Sahoo, Vill.- Nayahat, P.O.- Gopalpur, P.S.- Chandabali, Dist.- Bhadrak, Odisha, PIN- 756133 declare that I have changed my name from Gyana Ranjan Sahu to Jnyana Ranjan Sahoo. Henceforth, I shall be known as Jnyana Ranjan Sahoo for all purposes. D-3016

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ବ୍ୟକ୍ତି/ସଂସ୍ଥାଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଧରଣୀଧର ସାହୁ
କଡ଼ିପୁରସାହି, ଢେଙ୍କାନାଳ
ଶୋକସନ୍ତପ୍ତ ପରିବାରବର୍ଗ
ଧ-3009

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସରଳା ଖଟୁଆ
ଖଣ୍ଡପଡ଼ା, ତିଗିରିଆ, କଟକ
ଶୋକସନ୍ତପ୍ତ ପରିବାରବର୍ଗ
ଧ-3010

ଏକାଦଶାହ ଉପଲକ୍ଷେ

ଶିଶିର କୁମାର ଦାସ
ଗୁମ୍ଫା, ଆଳି, କେନ୍ଦ୍ରାପଡ଼ା
ଶୋକସନ୍ତପ୍ତ ପରିବାରବର୍ଗ
ଧ-3011

**କବି ରିଙ୍କୁ ମେହେରଙ୍କୁ ଉଦୟରାଗ ସମ୍ମାନ**

ଲାଠୋର,(ଭୁବନେଶ୍ୱର ବାରିକ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଲାଠୋର ଗ୍ରାମର କବି ରିଙ୍କୁ ମେହେରଙ୍କୁ ଉଦୟରାଗ ସମ୍ମାନରେ ସମ୍ମାନିତ କରାଯାଇଛି। ସେ କବିତା ଲେଖିବାରେ ସିଦ୍ଧହସ୍ତ। ୨୦୨୫ ଡିସେମ୍ବର ୨୮ରେ ଓଡ଼ିଶାର ଏକ ଅଗ୍ରଣୀ ପ୍ରକାଶନ ସଂସ୍ଥା ଟାଇମ୍‌ପାସ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ କବି ମେହେରଙ୍କୁ ସମ୍ମାନିତ କରାଯାଇଛି। ପୂର୍ବରୁ ଆୟୋଜନ ହୋଇଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳ ହୋଇଥିବା ପ୍ରତିଯୋଗୀମାନଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା। ଏଥିରେ ରିଙ୍କୁଙ୍କୁ କବିତା ପାଇଁ ସମ୍ମାନିତ କରାଯାଇଛି।

# ମାଗଣାରେ ୩୨ରୁ ଊର୍ଦ୍ଧ୍ୱ ପ୍ରକାର ପରୀକ୍ଷା କରାଯିବ: ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ

**ବଲାଙ୍ଗୀର,୨।୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ଏବଂ ହସ୍ପିଟାଲ ପରିସରରେ ଶୁକ୍ରବାର ଅପରାହ୍ନରେ 'ନିଦାନ' କେନ୍ଦ୍ର (ସେବା) ଉଦ୍‌ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଏହି ନିଦାନ କେନ୍ଦ୍ରରେ ମାଗଣାରେ ୩୨ରୁ ଊର୍ଦ୍ଧ୍ୱ ପ୍ରକାରର ବିଭିନ୍ନ ରକ୍ତ ଓ ପାଥୋଲୋଜିକାଲ ପରୀକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯିବ। ପୂର୍ବରୁ କେବଳ ଏଲୋପ୍ୟାଥିକ ହସ୍ପିଟାଲଗୁଡ଼ିକରେ ନିଦାନ ସେବା କାର୍ଯ୍ୟକାରୀ କରାଯାଉଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ରାଜ୍ୟର ଆୟୁର୍ବେଦିକ କଲେଜ ଏବଂ ହସ୍ପିଟାଲଗୁଡ଼ିକରେ ନିଦାନ ସେବାକୁ କାର୍ଯ୍ୟକାରୀ କରାଯାଇଛି। ଲୋକମାନେ ଏବେ ମାଗଣାରେ ଆୟୁର୍ବେଦିକ ହସ୍ପିଟାଲରୁ ମଧ୍ୟ ରକ୍ତ ଏବଂ ଗୁରୁତ୍ୱପୂର୍ଣ୍ଣ ପାଥୋଲିଜିକାଲ ରିପୋର୍ଟ ପାଇପାରିବେ। ଏହାଦ୍ୱାରା ଚିକିତ୍ସା ସେବା ଆହୁରି ପ୍ରଭାବଶାଳୀ ହେବ। ସରକାର ସବୁବେଳେ ସମସ୍ତ ଡାକ୍ତର, ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଉନ୍ନତି କଥା ଚିନ୍ତା କରୁଛନ୍ତି। ସେମାନଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ତେବେ ସେମାନେ ହେଳା ନ କରି ଲୋକଙ୍କୁ ସେବା ଯୋଗାଇବା ଦିଗରେ ଗୁରୁତ୍ୱ ଦିଅନ୍ତୁ ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ଆସନ୍ତା ଫେବୃୟାରୀ ପ୍ରଥମ ସପ୍ତାହରେ ଏହି କଲେଜର ସୁବର୍ଣ୍ଣ ଜୟନ୍ତୀ ପାଇଁ ଆଲୁମ୍‌ନି ଆସୋସିଏଶନ ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରିତ କରିଥିବାରୁ ସେଦିଗରେ ଆଲୁମ୍‌ନି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ ଆୟୁର୍ବେଦିକ କଲେଜ ଅଧକ୍ଷ ପ୍ରଫେସର ଡା. ମନୋଜ କୁମାର ସାହୁ, ଡା. ସୀମାଦ୍ରୀ ଭୂଷଣ ନାୟକ, ପ୍ରଫେସର ସରିତା ମହନ୍ତ, ପ୍ରଫେସର ଶିବବ୍ରତ ବେହେରା, ଡା. ବୁଦ୍ଧଦେବ ମିଶ୍ର, ଡା. ଅମ୍ବୁଜ କୁମାର ବିଶ୍ୱାଳ, ଆଲୁମ୍‌ନି ଆସୋସିଏଶନ ସଭାପତି ଡା. ବାସୁଦେବ ପତି, ଡା. ବିପିନ ବିହାରୀ ମିଶ୍ର, ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, କଲେଜର ପିଜି ଏବଂ ସ୍ନାତକ ଶ୍ରେଣୀ ଡାକ୍ତରୀ ଛାତ୍ରୀଛାତ୍ର, ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ନିଦାନ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

**ନିଦାନ କେନ୍ଦ୍ର ଉଦ୍‌ଘାଟିତ**

## ଉଠାଜଳସେଚନ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ ବିଳମ୍ବ ଅଭିଯୋଗ


ଉଠାଜଳସେଚନ ପ୍ରକଳ୍ପ ନିକଟରେ ଚାଷୀ।

**ଲୋଇସିଂହା,୨।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଯୋଗୀସର୍ଡା ଗ୍ରାମର ଚାଷୀ ଅରବିନ୍ଦ ମିଶ୍ର। ତାଙ୍କ ଚାଷଜମିରେ ଉଠାଜଳସେଚନ ବିଭାଗ ପକ୍ଷରୁ ଏକ ବୋରିଂ ଖୋଳାଯିବା ସହିତ ପାଣି ଲେଭୁଲ ପରୀକ୍ଷଣ କରାଯାଇଛି। ଇତିମଧ୍ୟରେ ୯ ମାସ ବିତିଯାଇଥିଲେ ସୁଦ୍ଧା ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗୀକରଣ କରାଯାଇନାହିଁ। ବିଭାଗୀୟ ଅବହେଳାରୁ ସମ୍ପୃକ୍ତ ଚାଷୀ ଖରିଫ ଚାଷ ଅମଳ ପରେ ରବି ଚାଷ କରିବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି।

ବାଦୀବାହାଲ ପଞ୍ଚାୟତ ଅଧୀନ ଭାଲୁପାଲି ମୌଜାରେ ଅରବିନ୍ଦଙ୍କର ୫ ଏକର ଚାଷଜମି ରହିଛି । ଉଠାଜଳସେଚନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପରେ ୨୦୨୦-୨୧ ଆର୍ଥିକ ବର୍ଷରେ ଅରବିନ୍ଦଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ୪ ଜଣ ଚାଷୀ ବୋରିଂ ଖୋଳିବା ପାଇଁ ଆବେଦନ କରି ଆବଶ୍ୟକ ଟଙ୍କା ପଇଠ କରିଥିଲେ। ଆବେଦନର ୪ ବର୍ଷ ପରେ ୨୦୨୫ ମାର୍ଚ୍ଚ ୨୨ରେ ଅରବିନ୍ଦଙ୍କ ଜମିରେ ବୋରିଂ ଖନନ କରାଯାଇଥିଲା।

**ରବିଚାଷ ପାଇଁ ଅନିଶ୍ଚିତତାରେ ଚାଷୀ**

ଏହାର ଗୋଟିଏ ସପ୍ତାହ ଅର୍ଥାତ୍ ମାର୍ଚ୍ଚ ୩୧ରେ ପ୍ରକଳ୍ପର ପାଣି ପରୀକ୍ଷଣ କରାଯାଇଥିଲା। ସେତେବେଳେ ପରୀକ୍ଷଣ ସଫଳ ହୋଇଥିଲା। ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ଅରବିନ୍ଦ ବିଭାଗୀୟ ଅଧିକାରୀଙ୍କୁ ଅନେକଥର ଭେଟି ଅବଗତ କରିଛନ୍ତି। ହେଲେ ଏପର୍ଯ୍ୟନ୍ତ ତାଙ୍କ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗୀକରଣ ହୋଇପାରିନାହିଁ। ରବି ଚାଷ ପାଇଁ ଚାଷୀ ପ୍ରସ୍ତୁତ ହେଲେଣି। ହେଲେ ଅରବିନ୍ଦଙ୍କ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗୀକରଣ କରାଯାଇ ନ ଥିବାରୁ ସେ ରବି ଚାଷ ପାଇଁ ଅନିଶ୍ଚିତତାରେ ରହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଭାବଗ୍ରାହୀ ନାଏକ କହିଛନ୍ତି, ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଅରବିନ୍ଦଙ୍କ ଦ୍ୱିତୀୟ ପର୍ଯ୍ୟାରେ ବୋରିଂ ଖୋଳାଯାଇଥିଲା। ଏଷ୍ଟିମେଟ୍ ମାଗିଛି, ଦେଲା ପରେ ତାଙ୍କ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ନାଏକ କହିଛନ୍ତି।

**ସଂକ୍ଷେପରେ**

## ବୁଢ଼ାଦେଓ ମହୋତ୍ସବ ଉଦ୍‌ଯାପିତ



**ଲୋଇସିଂହା,୨।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ନଅଗାଁ (ଖ) ଗ୍ରାମର ବାର୍ଷିକ ବୁଢ଼ାଦେଓ ଯାତ୍ରା ଅବସରରେ ୨ ଦିନ ଧରି ଚାଲିଥିବା ବୁଢ଼ାଦେଓ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପଲ୍ଲୀ ଆଲୋକ ପାଠାଗାର, ବୁଢ଼ାଦେଓ ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଅନୁଷ୍ଠିତ ଏହି ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି ଓ ଅଧିକାରୀ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପେକ୍ଷୀରେ ବିଭିନ୍ନ କ୍ଷେତ୍ର ଉଲ୍ଲେଖନୀୟ ଅବଦାନ ଥିବା ସୁନିତା ସାହୁ, ଅଙ୍ଗନୱାଡ଼ି କର୍ମୀ ରଶ୍ମିରେଖା ସାହୁ, ଆଡେଂଗୁଗୁରି ଷ୍ଟବେରି ଚାଷୀ ବୀରେନ ଭୋଇ, ନଅଗାଁ(ଖ)ର ଅବସରପ୍ରାପ୍ତ ଖେଳ ଶିକ୍ଷକ ସୀତାରାମ ପଧାନ, ପୁରାତନ ବାଜା କଳାକାର ଘାସି ହରପାଳ, କୀର୍ତ୍ତନ ମହାନନ୍ଦ, ଆଦିବାସୀ ସଙ୍ଗଠନରୁ ଗୋବିନ୍ଦ କୁଅଁରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଟିମ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗ୍ରାମର କୁନି କଳାକାରମାନଙ୍କୁ ନେଇ ତପସ୍ୱିନୀ କାବ୍ୟ ଓ ପାଣ୍ଡେସରା ମହକ କିଶୋରୀ ସଙ୍ଗଠନ ତରଫରୁ ବାଲ୍ୟ ବିବାହ ଆଧାରିତ ଡ୍ରାମା ପରିବେଷଣ କରାଯାଇଥିଲା। ପଲ୍ଲୀ ଆଲୋକ ପାଠାଗାର ସମ୍ପାଦକ ପ୍ରଶାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଗ୍ରାମୀଣ ଜୀବନକୁ କଳା, ସଂସ୍କୃତି ଋଦ୍ଧିମନ୍ତ କରେ'

**ବଲାଙ୍ଗୀର,୨।୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ୍ ଅନ୍ତର୍ଗତ ଭାଲେରଠାରେ ୧୦୬ତମ ଧନୁଯାତ୍ରା ଜାରି ରହିଛି। ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ କହିଛନ୍ତି, ଗ୍ରାମୀଣ ଜୀବନକୁ କଳା ଏବଂ ସଂସ୍କୃତି ଋଦ୍ଧିମନ୍ତ କରେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସୂଚନା ଦେଇ ଏକ ପ୍ରଗତିଶୀଳ ଓଡ଼ିଶା ଗଠନରେ ଜନସହଯୋଗ ଲୋଡ଼ିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପୁଇଁନ୍ତଲା ବିଡିଓ ଅମରେନ୍ଦ୍ର ସ୍ୱାଇଁ ଓ ତହସିଲଦାର ମଞ୍ଚାସୀନ ଥିଲେ। ମଞ୍ଚରେ ଭାଲେର ଧନୁଯାତ୍ରା କମିଟି ସଭାପତି ରାଜକିଶୋର ନାଏକ, ଉପସଭାପତି ଭାଗିରଥି ସେଠ୍, ସମ୍ପାଦକ ସୁମନ୍ତ ନାଏକ, ସହସମ୍ପାଦକ ମନ ରାଉତ, କୋଷାଧ୍ୟକ୍ଷ ସୁବଳ ନାଏକ, ସରପଞ୍ଚ ପ୍ରଦୀପ ନନ୍ଦ, କମିଟି ଉପଦେଷ୍ଟା ବିଦ୍ୟୁଶେଖର ନନ୍ଦ, ଜୟକୃଷ୍ଣ ନାଏକ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଓ ଅନ୍ୟମାନେ।

**ଭାଲେର ଧନୁଯାତ୍ରା**

ଶୁକ୍ରବାର ଧନୁଯାତ୍ରାରେ ନାବକେଳି ଅନୁଷ୍ଠିତ ହୋଇଥିଲା। ଭାଲେର ବନ୍ଧ ପାଲଟିଥିଲା ଯମୁନା ନଦୀ। କୃଷ୍ଣ ଭୂମିକାରେ ସନ୍ତୋଷ ଦାସ ଓ ବିଦ୍ୟାନସ ନାଏକ, ରାଧା ଭୂମିକାରେ ଗ୍ଲୋରି ନାଏକ, ଦୂତି ଭୂମିକାରେ ଲଭ୍‌ଲି ଦାସ, କାଳୀୟ ଭୂମିକାରେ ସରୋଜ ପଟେଲ, ଗୋପୀ ଭୂମିକାରେ ଗୋପାଳ, ସାଇନା ବାରିକ, ରିଭା, ଅନନ୍ୟା, ଅର୍ପିତା, ମୀରା, ନିମିସା, ରୋଜି, ଟିଙ୍କୁ, ଅର୍ପଣ, ଲକ୍ଷ୍ମୀକାନ୍ତ ଓ ଅନ୍ୟମାନେ ଚମତ୍କାର ଅଭିନୟ କରିଥିଲେ। ବାଦ୍ୟଯନ୍ତ୍ରରେ ଜୟନ୍ତ ଦାସ, ସୁବିନ୍ଦ୍ର ପଟେଲ, ବାଳକୃଷ୍ଣ ପଟେଲ ସହାୟତା କରିଥିଲେ। ଏହି ଧନୁଯାତ୍ରାକୁ ପୁଇଁନ୍ତଲା ବ୍ଲକ୍ ଅଧ୍ୟକ୍ଷ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

## ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବ, ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ପାଟଣାଗଡ଼,୨।୧(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନ୍‌ଏସିସ୍ଥିତ ହରିଶଙ୍କର ସମ୍ମିଳନୀ ସଦନଠାରେ ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବ ଓ ସାଧାରଣତନ୍ତ୍ର ଦିବସ ସୁଚାରୁରୂପେ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ଼ ଉପଜିଲାପାଳ ସୁନୀଲ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନ୍‌ଏସି ଅଧ୍ୟକ୍ଷା ମାନସୀ ବିଶ୍ୱାଳ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମେହେର, ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ବିଡିଓ ସୁମନ ମିଞ୍ଜ, ଅତିରିକ୍ତ ତହସିଲଦାର ଅର୍ଜୁନ ମାଝୀଙ୍କ ସମେତ ଲୋକ ମହୋତ୍ସବ କମିଟି ସଭ୍ୟାସଭ୍ୟ, ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ, ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ସଭାପତି, ସମ୍ପାଦକ, ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ କମିଟିର ସଭ୍ୟାସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଧନୁଯାତ୍ରାରେ ଅଘଟଣ: ରାମଦୋଳିରୁ ପଡ଼ି ଯୁବକ ମୃତ

**ଲୋଇସିଂହା,୨।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଝାରମୁଣ୍ଡା ଆଞ୍ଚଳିକ ଧନୁଯାତ୍ରାର ଉଦ୍‌ଯାପାନୀ ସନ୍ଧ୍ୟାରେ ରାମଦୋଳିରୁ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲୋଇସିଂହା ବ୍ଲକ୍ ସରଗାଡ଼ ଗ୍ରାମର ମିଳନ ସାହୁ(୨୪)। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗୁରୁବାର ଗ୍ରାମ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୬) ରୁଜୁ ହୋଇଛି। ସ୍ଥାନୀୟ ପୋଲିସ ଓ ଆୟୋଜକ କମିଟିର ଅବେହଳାରୁ ମିଳନଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ସ୍ଥାନୀୟ ସମିତି ସଭ୍ୟ ବୀରେନ୍ଦ୍ର ସାହୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଅବହେଳା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ବଲାଙ୍ଗୀର ଏସ୍‌ପିଙ୍କୁ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ମିଳନ ଓ ତାଙ୍କର କେତେକ ସାଙ୍ଗ ଝାରମୁଣ୍ଡା ଧନୁଯାତ୍ରା ଦେଖିବାକୁ ଆସି ରାମଦୋଳିରେ ବସିଥିଲେ। ରାତି ପ୍ରାୟ ୧୦ଟାରେ ମିଳନ ଦୋଳିରୁ ଖସି ଗୁରୁତର ହୋଇଥିଲେ । ହେଲେ ଦୋଳି ମାଲିକ କିମ୍ବା ଯାତ୍ରା ଆୟୋଜକ କମିଟି ପକ୍ଷରୁ ତାଙ୍କୁ ଉଦ୍ଧାର ପାଇଁ ବ୍ୟବସ୍ଥା କରାଯାଇ ନ ଥିଲା । ଯାତ୍ରା ଆୟୋଜକ କମିଟି ଆମ୍ବୁଲାନ୍ସ ଆସୁଛି କହି ପ୍ରାୟ ୫୦ ମିନିଟ୍ ସମୟ ଗଡାଇ ଦେଇଥିଲେ। ଶେଷରେ ସାଥୀରେ ଆସିଥିବା ସାଙ୍ଗମାନେ ମିଳନଙ୍କୁ ବାଇକ୍‌ରେ ସରଗାଡ ଗ୍ରାମକୁ ଆଣି ବଲାଙ୍ଗୀର ମେଡିକାଲକୁ ନେଇଥିଲେ। ସେଠାରେ ମିଳନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଯାତ୍ରାବେଳେ ଆୟୋଜକ କମିଟି ତରଫରୁ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଯାଇ ନ ଥିବାରୁ ମିଳନଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଅଘଟଣ ପରେ ଆୟୋଜକ କମିଟି ସଦସ୍ୟ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ଆଇଆଇସି ସିପୋରା ସରାୟ ଲୁଗୁନ କହିଛନ୍ତି, ଦୋଳି ମାଲିକ ଏବଂ ଯାତ୍ରା ପଡିଆ ଠିକା ନେଇଥିବା ମାଲିକ ମୃତକଙ୍କ ପରିବାରକୁ ଭେଟି ୩ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆୟୋଜକ କମିଟି ପକ୍ଷରୁ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଯିବା କଥା, ହେଲେ ତାହା ହୋଇ ନ ଥିଲା। ଅପରପକ୍ଷେ ଉପଜିଲାପାଳ ଆଲୋକ ପଟେଲ କହିଛନ୍ତି, ଧନୁଯାତ୍ରା ପାଇଁ ଅନୁମତି ଥିବାବେଳେ ଦୋଳି ପାଇଁ ଅନୁମତି ନ ଥିଲା। ପୋଲିସ ପାଟ୍ରୋଲିଂ ସତ୍ତ୍ୱେ କିପରି ଦୋଳି ଚାଲିଥିଲା ତାହା ପ୍ରଶାସନିକ ତଦନ୍ତ ସାପେକ୍ଷ।

ପ୍ରକାଶ ଥାଉକି କିଶୋର ଚନ୍ଦ୍ର ସାହୁଙ୍କ ଏକମାତ୍ର ପୁଅ ମିଳନ। କିଶୋର ଜଣେ କିଡ୍‌ନୀ ରୋଗୀ। ମିଳନ ଡ୍ରାଇଭିଂ କରି ପରିବାର ପ୍ରତିପୋଷଣ ସହ ବାପାଙ୍କ ଚିକିତ୍ସା କରାଉଥିଲେ। ମିଳନଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଅସହାୟ ହୋଇ ପଡିଛନ୍ତି। ସାଢେ ୩ ଲକ୍ଷ ଆର୍ଥିକ ସହାୟତା ଦେଇ ଘଟଣାକୁ ଚପାଇବା ଉଦ୍ୟମକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


ମିଳନ ସାହୁ।

**ଆୟୋଜକ କମିଟିର ଅବହେଳା ଅଭିଯୋଗ**

## ପୌଷ ପୂର୍ଣ୍ଣିମା ଦିନକୁ ଛୁଟି ଘୋଷଣା କରାଯାଉ

**ପାଟଣାଗଡ଼,୨।୧(ସଚ୍ଚିଦାନନ୍ଦ ମହାକୁର)**

ପଶ୍ଚିମ ଓଡ଼ିଶାରେ ଦୀର୍ଘବର୍ଷ ହେବ ପାଳନ ହୋଇଆସୁଥିବା କୃଷିଭିତ୍ତିକ ପର୍ବ ପୌଷ ପୂର୍ଣ୍ଣିମା ଦିନକୁ ଛୁଟି ଘୋଷଣା ପାଇଁ କୋଶଳ ମୁକ୍ତି ମୋର୍ଚ୍ଚା ଦାବି କରିଛି। ଏନେଇ କୋଶଳ ମୁକ୍ତି ମୋର୍ଚ୍ଚାର ଉପଖଣ୍ଡ ସଭାପତି ଗିରିରାଜ ଭୋଇଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଶୁକ୍ରବାର ପାଟଣାଗଡ଼ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି। ପଶ୍ଚିମ ଓଡ଼ିଶାର ଚାଷୀମାନେ ଫସଲ ଅମଳ କରିସାରିବା ପରେ ଖୁସିରେ ହଳିଆ ଓ ତାଙ୍କ ପାଖରେ ଦିନ ମଜୁରିଆ ଭାବେ କାମ କରୁଥିବା ଲୋକଙ୍କୁ ଦେଇଥାନ୍ତି। ପ୍ରତ୍ୟେକ ଘରେ ଲୋକମାନେ ସୁସ୍ୱାଦ ବ୍ୟଞ୍ଜନ ପ୍ରସ୍ତୁତ କରି ଏକାଠି ବସି ଖାଇବା ସହ ଭିନ୍ନ ଢ଼ଙ୍ଗରେ ପର୍ବ ପାଳନ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଜାନୁଆରୀ ୩ ତାରିଖ ଶନିବାର ସରକାର ସରକାରୀ ଛୁଟି ଘୋଷଣା କରିବା କଥା। କିନ୍ତୁ ତାହା ଘୋଷଣା ହୋଇନାହିଁ।
















# କଳା, ସଂସ୍କୃତି ସୁବର୍ଣ୍ଣପୁର ମାଟିର ପରିଚୟ



ଦଣ୍ଡ କଳାକାର ରାଜେଶ ହାତିଙ୍କୁ ପଏଁରୀ ସମ୍ମାନ ପ୍ରଦାନ କରାଯାଉଛି।



ବଲାଙ୍ଗୀର ଦୁଲଦୁଲି କଳା ପରିଷଦର କଳାକାରମାନେ ଘୁଡ୍‌କା ନୃତ୍ୟ ପରିବେଷଣ କରୁଛନ୍ତି।

**ସୋନପୁର,୨।୧(ମୃତ୍ୟୁଞ୍ଜୟ ଶତପଥୀ)**

ମନ୍ଦିର ମାଳିନୀ ସୁବର୍ଣ୍ଣପୁର ଜିଲାର କଳା ସଂସ୍କୃତି ଅତି ମହାନ। ଏହି ମାଟିରେ ରହିଛି ବିଶ୍ୱ ବନ୍ଦିତ ସନ୍ଥ କବି ଭୀମଭୋଇଙ୍କ ପବିତ୍ର ସମାଧି ପୀଠ। ଜଗତରନାଥ ଜଗନ୍ନାଥ ୧୪୪ ବର୍ଷ ଧରି ଏଠାରେ ନିଜକୁ ଆତ୍ମଗୋପାନ କରିଥିଲେ। ପାଟଶାଢୀ ପ୍ରସ୍ତୁତିରେ ଜିଲାର ବୁଣାକାରଙ୍କ ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ରହିଛି। ସୁବର୍ଣ୍ଣପୁର ସହର ସୁରେଶ୍ୱରୀ ମନ୍ଦିର ସମ୍ମୁଖରେ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ୨୬ତମ ପଏଁରୀ ତିହାର-୨୦୨୬ର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଅକ୍ଷୟ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଜିଲାର ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ସ୍ୱତନ୍ତ୍ର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବର୍ଣ୍ଣପୁର ପୌରାଧକ୍ଷା ତାମସି ତାମସ୍ୱିତା ନାୟକ, ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଉପଦେଷ୍ଟା ଅଭିମନ୍ୟୁ କୁଶଳ, ଗଦାଧର ବାରିକ୍ ଓ ଶ୍ରୀବତ୍ସ ମଲ୍ଲିକ ଯୋଗଦେଇ ଜିଲାରେ ଲୁଚି ଯାଉଥିବା ପାରମ୍ପରିକ ଲୋକକଳାର

### ପଏଁରୀ ରୌପ୍ୟ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା

ବିକାଶରେ ପଏଁରୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପଏଁରୀର ସଭାପତି ଲଡୁକିଶୋର ମଲ୍ଲିକ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଚୌଧୁରୀ ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଦଣ୍ଡ କଳାକାର ବୀରମହାରାଜପୁର ବ୍ଲକ ମାଣିକ୍‌ପୁର ଗ୍ରାମର ରାଜେଶ ହାତିଙ୍କୁ ପଏଁରୀ ଲୋକ ନୃତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ସୋନପୁର ପଏଁରୀ ଅନୁଷ୍ଠାନର କଳାକାରମାନେ ଜାମୁଡାଲି ନୃତ୍ୟ, ବଲାଙ୍ଗୀର ଦୁଲଦୁଲି କଳା ପରିଷଦର ଘୁଡକା ନୃତ୍ୟ, ନୟାଗଡର ଏସ୍‌ସିଏମଏସ୍ କଳା ପରିଷଦର ପଶୁମୁଖା ନୃତ୍ୟ ଓ ବିନିକା ମା' ମାହେଶ୍ୱରୀ ସାଂସ୍କୃତିକ ପରିଷଦର କଳାକାରମାନେ ନଚନିଆଁ ଲୋକନୃତ୍ୟ ପରିବେଷଣ କରିଥିଲେ। ପଏଁରୀ ଅନୁଷ୍ଠାନର ଉପସଭାପତି ପ୍ରଫୁଲ୍ଲ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ। ଅପରାହ୍ନରେ କଣ୍ଠଶିଳ୍ପୀ ନୁର ବେଗମ, ନବୀନ କୁଅଁର, ବ୍ରହ୍ମା କୁମ୍ଭାର, ପଦ୍ମଲୋଚନ ସାହୁ, ମଧୁରାମ ସୁନା ଓ ଶାନ୍ତନୁ ସୁନା ପାରମ୍ପରିକ ଲୋକ ସଙ୍ଗୀତ ପରିବେଷଣ କରିଥିଲେ। କଳା, ସଂସ୍କୃତି ଅନୁଷ୍ଠାନ ପଏଁରୀ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଏହି ରୌପ୍ୟ ଜୟନ୍ତୀ ସମାରୋହ ଆୟୋଜନ ହୋଇଛି। ସୁଶାନ୍ତ ସାହୁ, ସନ୍ତୋଷ ପାତ୍ରୀ, ପୃଥ୍ୱୀରାଜ ବାଗ, ଅମିତ ସାହୁ, ରାମ ମେହେର ଓ ରୋଶନ ସାହୁ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

## ବେଟି ବଚାଓ ବେଟି ପଢ଼ାଓ କର୍ମଶାଳା

**ଡୁଙ୍ଗୁରିପାଲି,୨।୧(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମିଶନ ଶକ୍ତି ସଭାଗୃହ ଠାରେ ଶୁକ୍ରବାର ବ୍ଲକସ୍ତରୀୟ ବେଟି ବଚାଓ ବେଟି ପଢାଓ ଆର୍ଥିକ ସାକ୍ଷରତା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏଡିଓ ମହେଶ୍ୱର ପଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ବିଆଇର କୁନାଲ ମହାନ୍ତି, ଆଇନଜୀବି ତପନ ଝୁଆଡ଼ି ଯୋଗଦେଇ ଆର୍ଥିକ ସାକ୍ଷରତା, ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ଅଧିକାର ବିଷୟ ଉପରେ ବୁଝାଇଥିଲେ। କର୍ମଶାଳାରେ ସିଡିପିଓ ମୌସୁମୀ ମାଇତି ଅଧ୍ୟକ୍ଷତା କରିଥିଲେ। ନାରୀର ମହନୀୟତା, ଆବଶ୍ୟକତା, ନାରୀ ଅମୂଲ୍ୟ, ଅସାଧାରଣ ବୋଲି ସିଡିପିଓ କହିଥିଲେ। ନାରୀଙ୍କୁ ସୁରକ୍ଷା ଓ ସମ୍ମାନ ଦିଆଯିବା, କନ୍ୟାଭ୍ରୂଣ ହତ୍ୟା ନ କରି କନ୍ୟା ସନ୍ତାନକୁ ବଞ୍ଚିବାର ଅଧିକାର ଦେବା ସହିତ ବାଲ୍ୟ ବିବାହକୁ ପ୍ରତିରୋଧ କରିବା, ନାରୀ ନିର୍ଯାତନାକୁ ପ୍ରତିରୋଧ କରିବା ଉପରେ କର୍ମଶାଳାରେ ବୁଝାଇଥିଲେ। କର୍ମଶାଳାରେ ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସଭା କାର୍ଯ୍ୟ ପରିଚାଳନା ସୁପରଭାଇଜର ସୀତା ମେହେର କରିଥିଲେ। ଏହି ଅବସରରେ କିଶୋରୀ ପ୍ରଜ୍ଞା ବେରିହା ରଶ୍ମିତା ମେହେର, ବାସନ୍ତୀ ତାଣ୍ଡିଆଙ୍କୁ ଅଙ୍କିକା ଚାମ୍ପିୟନ ଭାବେ ୧୦୦୦ ଟଙ୍କା ଲେଖାଏଁ ଅର୍ଥ ରାଶି ସହ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। କର୍ମଶାଳାରେ ଅଙ୍ଗନୱାଡ଼ି କର୍ମୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ପ୍ରମିଳା ମିଶ୍ର, ପୁଷ୍ପାଞ୍ଜଳୀ ସୁନା, ତିଳୋତମା ବରିହା, ସୁରଞ୍ଜନା ସାହୁ, କଳାବତୀ ସାହୁ, ବିଳାସିନୀ ଧରୁଆ, ଇଳାବତୀ ଭୋଇ, ସଞ୍ଜିତା ବେହେରା, ସୋନାଲି ମେହେରଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମିଶନ ଶକ୍ତି ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ସଞ୍ଜୀବ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।



ବେଟି ବଚାଓ ବେଟି ପଢାଓ ଆର୍ଥିକ ସାକ୍ଷରତା ଉପରେ କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ କ୍ରୀଡାବିତଙ୍କ ସ୍ୱର୍ଣ୍ଣ ପଦକ

**ବୀରମହାରାଜପୁର,୨।୧(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଏହେସାସ ଟାଏକୋଣ୍ଡୋ ଏକାଡେମୀର ଖେଳାଳି ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ପାଇଛନ୍ତି। ପଞ୍ଜାବ ଅମ୍ରିତସରଠାରେ ଅନୁଷ୍ଠିତ ଓପନ ନାଶନାଲ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଏହି ସଫଳତା ପାଇଛନ୍ତି ଅନୁଷ୍ଠାନର ନିହାରିକା ପୁର୍ତ୍ତି। କୋଚ ଅଶ୍ୱେଷ ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅମୃତସର ଗତ୍ରକରି ସେଠାରେ ୫୧ କେଜିରୁ କମ ବର୍ଗରେ ଭାଗନେଇ ସେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ନିହାରିକାଙ୍କ ସଫଳତା ପରେ ରାଜ୍ୟ ଟାଏକୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ, ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘର ସଭାପତି ରବୀନ୍ଦ୍ର ହୋତା, ସମ୍ପାଦକ ଏହେସାସ ହୋତା, ଆଇନ ପରାମର୍ଶଦାତା ଶେଷଦେବ ବାରିକ ଶୁଭେଚ୍ଛା ଜଣାଇଛନ୍ତି।

## ଅଷ୍ଟପ୍ରହରୀ ନାମଯଜ୍ଞରେ ସଂକୀର୍ତ୍ତନ ବୈଠକି

### ଚୈତନ୍ୟ ଜନ୍ମ ଓ ସନ୍ନ୍ୟାସ ଉପରେ ହେଲା ସଂକୀର୍ତ୍ତନ

**ବୀରମହାରାଜପୁର,୨।୧(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକ ପଞ୍ଚମହଲା ପଞ୍ଚାୟତ କପସିରା ଠାରେ ନବବର୍ଷ ଅବସରରେ ଅଷ୍ଟ ପ୍ରହରୀ ନାମଯଜ୍ଞ ରାଧାକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ନଗର କୀର୍ତ୍ତନ ଓ ବଧୂଭାଣ୍ଡ ଭାଙ୍ଗିବା ପରେ ଅଷ୍ଟ ପ୍ରହରୀ ନାମଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତା ଭାବରେ ନନ୍ଦ କିଶୋର ମିଶ୍ର ଓ ତାଙ୍କ ସ୍ତ୍ରୀ ସୌଦାମିନି ମିଶ୍ର କାର୍ଯ୍ୟ ନିର୍ବାହ କରିଥିଲେ। ପୂଜକ ଭାବରେ ପଣ୍ଡିତ କାଉନ୍ୟ ପୂଜାରୀ କାର୍ଯ୍ୟନିର୍ବାହ କରିଥିଲେ। ଏହି ନାମଯଜ୍ଞରେ ୧୦ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ପଶ୍ଚିମ ଓଡ଼ିଶାର ଦୁଇଟି ପ୍ରମୁଖ ସର୍କିଜନ୍ୟ ଦଳ ଉଲୁଣ୍ଡା ବ୍ଲକ ହରିୟଣା ପାଲି ଗାଆଁର ବିଶିଷ୍ଟ ଗାୟକ ଗୁରୁ ଶଶିକାନ୍ତ ପ୍ରଧାନ ଓ ବାୟକ ଗୁରୁ ରାମ ଚନ୍ଦ୍ର କଲତା ଓ ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳର କାଏସିପାଲିର ଗାୟକ ଗୁରୁ ନନ୍ଦି କିଶୋର ପ୍ରଧାନ ଓ ବାୟକ ଗୁରୁ ଶୁକ ଦେବ ବାରିକ ସର୍କିଜନ୍ୟ କରିଥିଲେ। ଏହି ସଂକୀର୍ତ୍ତନ ବୈଠକି ଦେଖିବାକୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ କପସିରା ଗ୍ରାମର ବରିଷ୍ଠ କଳାକାର ଆନନ୍ଦ ଚନ୍ଦ୍ର ପଣ୍ଡା, ସାରଦା ପୂଜାରୀ, ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଲକ୍ଷ୍ମେଶ୍ୱର ମିଶ୍ର, ଦେବଦତ୍ତ ପୂଜାରୀ, ପ୍ରକାଶ ପଣ୍ଡା, ଗଣେଶ ପୂଜାରୀ, ପ୍ରମୋଦ ପୂଜାରୀ, ଦୁଲ ପାତ୍ର, ଶରତ ଗରିଆ, ଚିରଞ୍ଜିବୀ ନାଏକ, ଗୋପିନାଥ ବନଛୁର, ମାନସ ମଲ୍ଲିକଙ୍କ ସମେତ ଗ୍ରାମବାସୀ ତଥା ଗଣେଶ ପୂଜା କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ବୈଠକରେ ସହସ୍ରାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ।

# ଟ୍ରାଫିକ୍ ନିୟମ ମାନିଲେ ଦୁର୍ଘଟଣା କମିବ



ଜିଲାପାଳ ଓ ଏସ୍‌ପି ସଚେତନତା ରାଲିର ଶୁଭାରମ୍ଭ କରୁଛନ୍ତି।

**ସୋନପୁର,୨।୧(ମୃତ୍ୟୁଞ୍ଜୟ ଶତପଥୀ)**

- ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ
- ସୁବର୍ଣ୍ଣପୁରରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ

ଜାନୁଆରୀ ୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯିବ। ଏହି ଅବସରରେ ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଠାରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ରାଲିକୁ ଜିଲାପାଳ ଡ. ନୃପରାଜ ସାହୁ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଯୁବକମାନେ ଓ ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ଭେକ୍ଟରସେପ୍ଟର ଭ୍ୟାନ୍ ସହାୟତାରେ ସଚେତନତା ଶୋଭାଯାତ୍ରାରେ ସୁବର୍ଣ୍ଣପୁର ସହର ପରିକ୍ରମା କରିଥିଲେ। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଲିଫ୍‌ଲେଟ୍ ବଣ୍ଟନ କରାଯାଇ ଗାଡି ଚଳାଇବା ସମୟରେ ହେଲମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର, ନିଶା ସେବନ ଅବସ୍ଥାରେ ଗାଡ଼ି ଚାଳନା ନ କରିବା ଏବଂ ଟ୍ରାଫିକ୍ ନିୟମ ମାନି ଗାଡି ଚଳାଇବା ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇଥିଲା। ଜିଲାର ବିଭିନ୍ନ ସ୍ଥାନରେ ସଡକ ସୁରକ୍ଷା ସଚେତନତା ସହିତ ପୋଲିସ ସହାୟତାରେ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକ୍ରମ ଜାରି ରହିବ। ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀ ଓ ମଦ୍ୟପାନ କରି ଗାଡି ଚାଳନା କରୁଥିବା ଚାଳକଙ୍କୁ ଦଣ୍ଡିତ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଟ୍ରାଫିକ୍ ନିୟମ ଅନୁଯାୟୀ ଗାଡି ଚଳାଇ ଦୁର୍ଘଟଣା ହାର କମ୍ କରିବାରେ ସହଯୋଗ କରିବା ନିମନ୍ତେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ସେହିପରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଡକ ସୁରକ୍ଷା ସମ୍ପର୍କିତ କୁଇଜ୍, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଚଳିତ ମାସରେ ସୋନପୁର ଓ ବୀରମହାରାଜପୁରରେ ମାଗଣା ଚକ୍ଷୁ ପରୀକ୍ଷା ଓ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍‌ପି ନାରାୟଣ ନାୟକ, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା, ସୋନପୁର ଆଇଆଇସି ତାପସ କୁମାର ଭୋଇ, ମୋଟରଯାନ ନିରୀକ୍ଷକ ଅଜିତ କୁମାର ନାୟକ, କନିଷ୍ଠ ମୋଟର ଯାନ ନିରୀକ୍ଷକ ଦେବବ୍ରତ ପଣ୍ଡା, ଟ୍ରାଫିକ୍ ସବ୍ ଇନିସପେକ୍ଟର ପୂଜା ଭେଷ୍ଣା ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ବଦଳି ପାଇଁ ବିଇଓଙ୍କରେ ଦାବିପତ୍ର

**ଡୁଙ୍ଗୁରିପାଲି,୨।୧(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସ୍ଥିତ ବେବୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ପାଠ ପଢିବା ସମୟରେ ବିଶୃଙ୍ଖଳା କରୁଥିବା ନେଇ ଗ୍ରାମର ଶତାଧିକ ଅଭିଭାବିକା, ଅଭିଭାବକ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଗଣେଶ କିଷାନଙ୍କ ନିକଟରେ ଅଭିଯୋଗ କରି ବଦଳି ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଶିକ୍ଷକ ଜଣକ ଦୀର୍ଘ ୨୦/୨୫ ବର୍ଷ ହେବ ସ୍କୁଲରେ ରହିଛନ୍ତି। ଯାହା ଫଳରେ ମନମୁଖୀ ସ୍କୁଲକୁ ଆସୁଛନ୍ତି। ଶିକ୍ଷକଙ୍କୁ ଅନ୍ୟତ୍ର ଶୀଘ୍ର ବଦଳି କରିବା ପାଇଁ ଅଭିଭାବିକା, ଅଭିଭାବକ ଦାବି କରିଛନ୍ତି। ନ ହେଲେ ଗ୍ରାମବାସୀ ଆନ୍ଦୋଳନ ପନ୍ଥା ନେବେ ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି। ଦାବିପତ୍ର ଦେବା ସମୟରେ କ୍ଷୀର ସୁନା, ଅମୃତା ସୁନା, ଉଗ୍ରସେନ ତାଣ୍ଡି, ବବି କୁମ୍ଭାର, ରଙ୍ଗ କୁମ୍ଭାର, ଅଣାକର ସୁନା, ଭୀମ ତାଣ୍ଡି, କ୍ଷୀରବତୀ ତାଣ୍ଡି, ସତ୍ୟନାରାୟଣ ତାଣ୍ଡି, ସରିତା ସୁନା, ଦୀନବନ୍ଧୁ କୁମ୍ଭାର, ଦେବାନନ୍ଦ ତାଣ୍ଡି, ଚମରା ସୁନା, ଉପାସୀ କୁମ୍ଭାର, ପ୍ରଦୀପ ସୁନା କେତା ତାଣ୍ଡି, ପ୍ରଦୀପ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଏ ବାବଦରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନଙ୍କୁ ପଚାରିବାରୁ ସେ କହିଥିଲେ, ଅଭିଯୋଗକୁ ଗ୍ରହଣ କରି ସମ୍ପୃକ୍ତ ଶିକ୍ଷକଙ୍କୁ ବିଗଶିରା ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି।















# ପାଣ୍ଠି ଆସିନି, ପ୍ରସ୍ତୁତ ହୋଇପାରୁନି ଡିପିଆର୍

**ପର୍ଯ୍ୟଟନସ୍ଥଳୀ ବିକାଶରେ ମନ୍ଥରତା**

ରାଉରକେଲା, ୨।୧ (ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ଖଣିଖାଦାନ, କଳକାରଖାନା ପାଇଁ ଯେତିକି ପ୍ରସିଦ୍ଧ ମନୋରମ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ପାଇଁ ମଧ୍ୟ ସେତିକି ଖ୍ୟାତି ଲାଭ କରିଛି। ଏହି ଜିଲାରେ ଖଣ୍ଡାଧାର, ମନ୍ଦିରା ଡ୍ୟାମ, ବେଦବ୍ୟାସ ଧାମ, ବୈଷ୍ଣୋଦେବୀ, ପିତାମହଲ ଡ୍ୟାମ୍ ଆଦି ରହିଛି। ଏହି ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ସ୍ଥାନୀୟ ଲୋକଙ୍କ ସମେତ ପଡୋଶୀ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗରୁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। କୋଟି କୋଟି ଟଙ୍କା ରାଜସ୍ୱ ମଧ୍ୟ ଆଦାୟ ହୋଇଥାଏ। ହେଲେ ପାଣ୍ଠି ଅଭାବ ଯୋଗୁ ଜିଲାର ବହୁ କିଛି ପର୍ଯ୍ୟଟନସ୍ଥଳୀର ବିକାଶ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ପ୍ରକୃତିପ୍ରେମୀମାନେ ଏଠାକୁ ଆକର୍ଷିତ ହୋଇ ଆସୁଛନ୍ତି। ହେଲେ ଏଠାରେ ଆବଶ୍ୟକତା ଅନୁଯାୟୀ ବିକାଶ ହେଉ ନ ଥିବା ଯୋଗୁ ସେମାନଙ୍କୁ ସୁବିଧା ମିଳୁନାହିଁ। ଏଭଳି ପରିସ୍ଥିତି ଜାରି ରହିଲେ ଆଗାମୀ ଦିନରେ ଜିଲାକୁ ପର୍ଯ୍ୟଟକ ସଂଖ୍ୟା ହ୍ରାସ ପାଇବ ଓ ରାଜସ୍ୱ କମିବ ବୋଲି ଆକଳନ କରାଯାଉଛି। ଜିଲାର ଉକ୍ତ ସ୍ଥାନଗୁଡ଼ିକର ବିକାଶ ପାଇଁ ଗତ ନଭେମ୍ବର ମାସରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପର୍ଯ୍ୟଟନ ବିଭାଗକୁ ପ୍ରସ୍ତାବ ଦେଇଥିଲେ। ୩୩ଟି ପର୍ଯ୍ୟଟନସ୍ଥଳୀକୁ ପ୍ରାଥମିକତା ଦିଆଯାଇଥିବା ବେଳେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଉକ୍ତ ଏ ନେଇ ସମ୍ପୂର୍ଣ୍ଣ ତଥ୍ୟ ମଗାଯାଇଥିଲା। ଏହାସତ୍ତ୍ୱେ ଏହି ସ୍ଥାନଗୁଡିକର ଆଖିଦୃଶିଆ ବିକାଶ ହୋଇପାରିନାହିଁ। ଅପରପକ୍ଷେ, ୨୦୨୬ ଆରମ୍ଭରେ କିଛି ପାଣ୍ଠି ଆସିଥିବା ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ରହିଛି ଜିଲାର ୧୩ଟି ପର୍ଯ୍ୟଟନସ୍ଥଳୀ। ହେଲେ ପ୍ରକୃତପକ୍ଷେ ମାତ୍ର ୩ଟିର ବିକାଶ କାମ ଆଗେଇଛି। ଉଷାକୋଠି ଶିବ ମନ୍ଦିର, ମୁଖ୍ୟ ମହାଦେବ ମନ୍ଦିର, କର୍ଲାଘାଟି ମନ୍ଦିର, ସିଗ୍ରାମୁଣ୍ଡା ମନ୍ଦିର, ସମଲେଇ ମନ୍ଦିର କ୍ୟାମ୍ପସ, ସୁନ୍ଦରଗଡ଼ ମାଦ୍ରୀକାଲୋ ଭବନ, ଇବ୍ ନଦୀ ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ, ଅଙ୍ଗରାପାହାଡା ସୌନ୍ଦର୍ଯ୍ୟକରଣ, ବାଲିଶଙ୍କରା ବ୍ଲକର କାହ୍ନାକୁଣ୍ଡ, ଅଶୋକ ଝରଣ, ଦର୍ଜଂ, କଲେଇପୋଷ କଟା, ଗୁରୁଣ୍ଡିଆର ବାଦଲଗିରି ଜଳପ୍ରପାତ, ବିଶ୍ରା ବ୍ଲକର ଅକ୍ଷୟଶିଳା ଜଳପ୍ରପାତ, ଆମ୍‌କୋସିମ୍‌କୋ ସମେତ ୨୭ଟି ସ୍ଥାନର ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ଯାଇଛି। ସେହି କ୍ରମରେ ଜିଲା ପର୍ଯ୍ୟଟନ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ୨୭ଟି ପର୍ଯ୍ୟଟନସ୍ଥଳୀ ବିକାଶ ପାଇଁ ପ୍ରାୟ ୫୯ କୋଟି ଟଙ୍କା ଅନୁମୋଦିତ ବଜେଟ ପ୍ରସ୍ତାବ ରଖାଯାଇଛି। ଖଣ୍ଡାଧାର ପାଇଁ ୨୦୨୪ରେ ୯୯ ଲକ୍ଷ ଟଙ୍କା ଆସିଥିବା ବେଳେ ୨୦୨୬ରେ ପୁଣି ୪୦ଲକ୍ଷ ଟଙ୍କା ପାଣ୍ଠି ଆସିଛି। ଅନୁରୂପ ଭାବେ ଆହୁରି ୧୦ଟି ପର୍ଯ୍ୟଟନସ୍ଥଳୀର ଡିପିଆର ପ୍ରସ୍ତୁତ ହୋଇପାରିନାହିଁ। ପାଣ୍ଠିଆସିବା ପରେ ଉକ୍ତ ଡିପିଆର୍ କାର୍ଯ୍ୟ ସମ୍ପନ୍ନ ହେବ।

ଏ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ଅଧିକାରୀ ନିରଞ୍ଜନ ମହାପାତ୍ରଙ୍କୁ ପଚରାଯିବାରୁ ସେ କହିଲେ, ପ୍ରାୟ ୨ ବର୍ଷ ତଳେ ଖଣ୍ଡାଧାର ପାଇଁ ଆସିଥିବା ପାଣ୍ଠି ସହ ବର୍ତ୍ତମାନ ଅତିରିକ୍ତ ୪୦ଲକ୍ଷ ପାଣ୍ଠି ବିଭାଗକୁ ଆସିଛି। ଯାହାକି ଏକ ଖୁସିର ଖବର। ପୂର୍ବରୁ ୨୭ଟି ପର୍ଯ୍ୟଟନସ୍ଥଳୀର ଡିପିଆର ଯାଇଥିଲା। ବର୍ତ୍ତମାନ ୨୫ଟିର ଯାଇଛି। ସେହିପରି ସୁନ୍ଦରଗଡ଼ର ୧୦ଟି ସ୍ଥାନର ଡିପିଆର୍ ବାକି ରହିଛି। ପର୍ଯ୍ୟଟନସ୍ଥଳୀର ବିକାଶ ହେଲେ ପ୍ରଶାସନ କୋଟି କୋଟି ଟଙ୍କା ରାଜସ୍ୱ ପାଇବ। ତେଣୁ ଏହି ଅଞ୍ଚଳଗୁଡ଼ିକର ପୂର୍ଣ୍ଣ ବିକାଶ ପାଇଁ ପ୍ରସ୍ତାବ ପଠାଯାଇଛି ଓ ପର୍ଯ୍ୟାୟକ୍ରମେ ଏହାର ବିକାଶ କାର୍ଯ୍ୟ ହେଉଛି ବୋଲି ମହାପାତ୍ର କହିଥିଲେ।


ପର୍ଯ୍ୟଟନସ୍ଥଳୀ ଅକ୍ଷୟଶିଳା ଜଳପ୍ରପାତ।

ଦୁର୍ଘଟଣାରେ ନାବାଳକ ମୃତ୍ୟୁ ମାମଲା

## ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର

ରାଉରକେଲା, ୨।୧ (ସଙ୍ଗୀତା ଜେନା)

ନବ ବର୍ଷ ପାଇଁ ୩ ଜଣ ସାଙ୍ଗ ଗୋଟିଏ ବାଇକ୍‌ରେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରୁ ରାଉରକେଲା ବୁଲିବାକୁ ଆସିଥିବାବେଳେ ବାଲୁଘାଟ ଛକରେ ଏକ କୁକୁର ସମ୍ମୁଖକୁ ଚାଲିଆସିବା ଯୋଗୁ ପଛରେ ବସିଥିବା ଯୁବକ ଗାଡିରୁ ଡେଇଁ ପଡିଥିଲେ। ଫଳରେ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ତାଙ୍କ ମୁଣ୍ଡ ଫିଟି ହୋଇଥିଲା। ତାଙ୍କୁ ତୁରନ୍ତ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତକ ହେଲେ ବଡଗାଁ ଅଞ୍ଚଳର ଶୟନ ମହାନ୍ତି (୧୭)। ଗୁରୁବାର ରାତିରେ ଯୁବକଙ୍କ ମୃତଦେହ ମର୍ଗ ହାଉସରେ ରଖାଯାଇଥିଲା। ଶୁକ୍ରବାର ସକାଳେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧/୨୬) ରୁଜୁ କରିଛି। ଅପରପକ୍ଷେ, ଉକ୍ତ ବାଇକରେ ଥିବା ଅନ୍ୟ ୨ ଯୁବକ ଆଶିଷ ଟେଟେ (୧୯) ଓ ରବିନ୍ଦ୍ର ମହତୋ(୧୭) ଅଳ୍ପକେ ବର୍ତ୍ତିଯାଇଛନ୍ତି।

# ସର୍ବାଧିକ ନିୟର-ମିସ୍ ମାମଲା ରିପୋର୍ଟ କରିଥିବା ବିଭାଗ ପୁରସ୍କୃତ


ନିର୍ଦ୍ଦେଶକ ଆଲୋକ ବର୍ମା ପୁରସ୍କାର ପ୍ରଦାନ କରୁଛନ୍ତି।

ରାଉରକେଲା, ୨।୧ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଯେଉଁ ବିଭାଗଗୁଡିକ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସିକ ଅର୍ଥାତ୍ ୨୦୨୫ ଅକ୍ଟୋବରରୁ ଡିସେମ୍ବର ମାସ ମଧ୍ୟରେ ସର୍ବାଧିକ ସଂଖ୍ୟକ ନିୟର-ମିସ୍ ମାମଲା ରିପୋର୍ଟ କରିଛନ୍ତି, ସେମାନଙ୍କୁ ଶୁକ୍ରବାର ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ ସୁରକ୍ଷା ସମୀକ୍ଷା ବୈଠକରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ପୁରସ୍କୃତ କରିଛନ୍ତି। ଏହି ଅବସରରେ ଖଣି ବିକାଶ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. ଆର୍. ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍.ପି ସିଂହ, ଅର୍ଥ ବିଭାଗର ସିଜିଏମ ଇନଚାର୍ଜ ରାଜେଶ ଦାସଗୁପ୍ତାଙ୍କ ସମେତ ବହୁ ସିଜିଏମ୍ ଏବଂ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସୁରକ୍ଷା କ୍ଷେତ୍ରରେ ନିୟର-ମିସ୍ ମାମଲାଗୁଡିକୁ ରିପୋର୍ଟ କରିବା ଏକ ଅଗ୍ରଣୀ ସୁରକ୍ଷା ମାପଦଣ୍ଡ ଅଟେ। ମୋଟ ୫୬୯ଟି ମାମଲା ରିପୋର୍ଟ କରିଥିବାରୁ ଷ୍ଟିଲ ମେଲ୍ଟିଙ୍ଗ ଶପ୍-୧ ବିଭାଗ ପ୍ରଥମ ପୁରସ୍କାର ହାସଲ କରିଛି। ଏହି ଅବସରରେ ଉକ୍ତ ବିଭାଗର ସିଜିଏମ୍ ସୁନୀଲ କାର୍ଥା ଏବଂ ତାଙ୍କ ଦଳ ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ମୋଟ ୨୭୩ଟି ମାମଲା ରିପୋର୍ଟ କରିଥିବାରୁ ହଟ୍ ଷ୍ଟ୍ରିପ୍ ମିଲ-୨ ବିଭାଗ ଦ୍ୱିତୀୟ ସ୍ଥାନ ହାସଲ କରି ପୁରସ୍କାର ଲାଭ କରିଛନ୍ତି। ଏଥିପାଇଁ ଏଚ୍‌ଏସ୍‌ଏମ୍ ଏବଂ ଆନୁଷଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର ଏବଂ ତାଙ୍କ ଦଳକୁ ସମ୍ମାନୀତ କରାଯାଇଥିଲା। ନୂତନ ପ୍ଲେଟ ମିଲ ୧୮୮ଟି ମାମଲାର ରିପୋର୍ଟ କରିବା ସହିତ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ଏନ୍‌ପିଏମ୍,ଏସ୍‌ପିପି ଏବଂ ଡିଜିଟାଇଜେଶନ ବିଭାଗର ସିଜିଏମ ଆର. କେ. ମୁଦୁଲି ତାଙ୍କ ଦଳ ସହିତ ପୁରସ୍କାର ଗ୍ରହଣ କରିଥିଲେ। ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖନୀୟ, ୨୦୨୫ରେ ମୋଟ ୪୬୬୧ଟି ନିୟର-ମିସ୍ ମାମଲା ରିପୋର୍ଟ ହୋଇଥିଲା, ଯାହାକି ୨୦୨୪ରେ ରିପୋର୍ଟ ହୋଇଥିବା ୧୬୯୧ ମାମଲା ଅପେକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଅଟେ।

## ପୋଖରୀରେ ବୁଡ଼ି ନାବାଳକ ମୃତ

**କୁତ୍ରା, ୨।୧ (ଦେବାଶିଷ ସାହୁ) :** କୁତ୍ରା ବ୍ଲକ ଅନ୍ତର୍ଗତ ନୂଆଗାଁରେ ଗୁରୁବାର ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମହେସ ବାସରାଙ୍କ ଏକମାତ୍ର ପୁଅ ରୋହନ ବାସରା (୪)। ଏନେଇ କୁତ୍ରା ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ରୋହନ ନିଜ ମାମୁଁ ଘରେ ରହୁଥିଲେ। ଗୁରୁବାର ସାଙ୍ଗମାନଙ୍କ ସହ ଘର ନିକଟ ପୋଖରୀକୁ ଶୌଚ ପାଇଁ ଯାଇ ଆଉ ଫେରି ନ ଥିଲେ। ମାମୁଁ ଘର ଲୋକେ ବହୁ ଖୋଜାଖୋଜି ପରେ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ପୋଖରୀରୁ ମୃତଦେହ ଜବତ କରି କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବାଲିଘାଟରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**ବନ୍ଧମୁଣ୍ଡା, ୨।୧ (ସୁବ୍ରତ ଦେ):** ବନ୍ଧମୁଣ୍ଡା ଥାନା ଅଧୀନ ଜବାଘାଟ ଗାଁସ୍ଥିତ ବାଲିଘାଟ ନିକଟରୁ ଶୁକ୍ରବାର ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତ ବ୍ୟକ୍ତିଙ୍କ ବୟସ ଆନୁମାନିକ ୪୫ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ସକାଳେ ସ୍ଥାନୀୟ ଲୋକେ କୋଏଲ ନଦୀରେ ଗାଧୋଇବାକୁ ଯାଇଥିବା ବେଳେ ବାଲି ଉପରେ ମୃତଦେହ ପଡ଼ିଥିବା ଦେଖି ବନ୍ଧମୁଣ୍ଡା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ରାଉରକେଲା ସରକାରୀ ହସ୍ପିଟାଲର ମର୍ଗ ହାଉସକୁ ପଠାଇ ଦେଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଖବର ଲେଖାହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରି ନାହିଁ।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ

ସୁନ୍ଦରଗଡ଼, ୨।୧ (ଜୟନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ଜିଲା ଓକିଲ ସଂଘର ବରିଷ୍ଠ ସଦସ୍ୟ ତଥା ଜଣାଶୁଣା ଓକିଲ ସୌରଭ ବାରିକଙ୍କ ଶୁକ୍ରବାର ସକାଳେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଜିଲା ଓକିଲ ସଂଘ ସଭାପତି ଧର୍ମେଶ ପଟେଲଙ୍କ ସଭାପତିତ୍ୱରେ ସଂଘ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

# ୪ରୁ ଲୋକ ନାଟକ ମହୋତ୍ସବ

ରାଉରକେଲା, ୨।୧ (ସଙ୍ଗୀତା ଜେନା)

ଚଳିତ ବର୍ଷ କଲଚରାଲ ଏକାଡେମୀ ପକ୍ଷରୁ ୩୮ତମ ଲୋକନାଟକ ମହୋତ୍ସବ ଆସନ୍ତା ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ସିଭିକ୍ ସେଣ୍ଟରଠାରେ ହେବାକୁ ଯାଉଛି। ଏ ନେଇ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସେକ୍ଟର-୫ କଲଚରାଲ ଏକାଡେମୀ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏକାଡେମୀର ପୂର୍ବତନ ସଭାପତି ଡ. ପ୍ରଭାତ ମଲ୍ଲିକ, ସଭାପତି ପଶୁପତିନାଥ ଚାଟାର୍ଜୀ, ଅକ୍ଷୟ ସାମଲ ଓ ଚାରୁକଳା ବିଦ୍ୟାଳୟର ସମ୍ପାଦକ ବିଜୟ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ନାଟକ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ରାଉରକେଲା ଉତ୍କଳୀ ସାଂସ୍କୃତିକ ଶିଳ୍ପୀଙ୍କ ପକ୍ଷରୁ ନାଟକ 'କମ୍ପାନୀ ସରକାର' ପ୍ରଦର୍ଶନ କରାଯିବ। ଦ୍ୱିତୀୟ ସନ୍ଧ୍ୟାରେ ପରିଚୟ ରାଉରକେଲା ପକ୍ଷରୁ ନାଟକ 'ହୁଲ୍', ୩ୟ ସନ୍ଧ୍ୟାରେ ଯାଜପୁର ମଙ୍ଗଳପୁର କଳାବିକାଶ କେନ୍ଦ୍ର ପକ୍ଷରୁ 'ରଣ କୁହୁଡ଼ି', ୪ର୍ଥ ସନ୍ଧ୍ୟାରେ ବେଲପାହାଡ଼ ମିରର ଥିଏଟରର 'ଭୋକର ରଙ୍ଗ ଅନେକ', ୫ମ ସନ୍ଧ୍ୟାରେ ଭୁବନେଶ୍ୱର ନୂଆ ପରିଚୟ ପକ୍ଷରୁ 'ନୂଆ ସକାଳର ଅପେକ୍ଷାରେ', ୬ଷ୍ଠ ସନ୍ଧ୍ୟାରେ ଖରିଆର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ 'ସୁଆଦ୍ ସୁଆଦ୍ ବୋଲି ଖାଇଲି କେନ୍ଦୁ' ଆଦି ପ୍ରଦର୍ଶନ କରାଯିବ। ୧୦ତାରିଖରେ ରଙ୍ଗକର୍ମୀଙ୍କ ଦ୍ୱାରା ପ୍ରଦର୍ଶନୀମୂଳକ ନାଟକ 'ମାସୁଲ୍' ପରିବେଷଣ ସହ ଉଦ୍‌ଯାପନୀ ଉତ୍ସବ ଓ ପୁରସ୍କାର ବିତରଣ କରାଯିବ। ଏକାଡେମୀ ସଦସ୍ୟ ଗୋକୁଳାନନ୍ଦ ଦାଶ, ବଳରାମ ରାଉଳ, ଅକ୍ଷୟ ପଣ୍ଡା, ଆଲୋକ ବୋଷ ପ୍ରମୁଖ ସହଯୋଗ କରିଥିଲେ।


ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ସୌନ୍ଦର୍ଯ୍ୟ ହରାଉଛି ସ୍ମାର୍ଟସିଟି ପାର୍କ

**ରକ୍ଷଣାବେକ୍ଷଣ ଅଭାବ**

ରାଉରକେଲା, ୨।୧ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ମୋଟ୍ ୧୧୪ଟି ପାର୍କ ରହିଥିବା ବେଳେ ସେଥିମଧ୍ୟରୁ ୮ଟି ସ୍ମାର୍ଟସିଟି ଓ ୧୦୬ଟି ପାର୍କ ଆର୍‌ଏମ୍‌ସି ଦ୍ୱାରା ନିର୍ମିତ ହୋଇଛି। ଏହି ପାର୍କଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଆର୍‌ଏମ୍‌ସି ହାତରେ ନ୍ୟସ୍ତ ରହିଛି। ମାତ୍ର ପରିତାପର ବିଷୟ ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ପାର୍କ ଅବସ୍ଥା ଶୋଚନୀୟ ହୋଇପଡିଛି। ଅଧିକାଂଶ ପାର୍କ କାମଚଳା ପାଚେରି ଆଢୁଆଳରେ କେବଳ ସଜ୍ଜିତ ହୋଇ ରହିଛି। ଏସବୁ ପାର୍କରେ ସହରବାସୀଙ୍କ ପାଇଁ ଲାଗିଥିବା ବ୍ୟାୟାମ ସରଞ୍ଜାମରେ ସ୍ଥାନୀୟ ଲୋକେ ଲୁଗାପଟା ଶୁଖାଉଥିବାବେଳେ ପାର୍କ ପରିସର ଅଳିଆ ଆବର୍ଜନା ଓ ଗୋରୁଗାଈଙ୍କ ମଳମୂତ୍ର, ଲଟାବୁଦାରେ ପରିବେଷ୍ଟିତ ହୋଇରହିଛି। ପୂର୍ବରୁ ଏହି ପାର୍କଗୁଡିକର ରକ୍ଷଣାବେକ୍ଷଣ କାମ ଏସ୍‌ଏଚ୍‌ଜି ମହିଳାମାନଙ୍କ ଦ୍ୱାରା କରାଯାଉଥିଲା। ମାତ୍ର ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଉଚିତ ପାରିଶ୍ରମିକ ନ ମିଳିବା ଯୋଗୁ ଅଧିକାଂଶ ଏସ୍‌ଏଚ୍‌ଜି ଏହି କାମରୁ ଓହରିଗଲେ। ମାତ୍ର କିଛି ଏସ୍‌ଏଚ୍‌ଜି ପାର୍କ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ବେଳେ ସେମାନେ ଠିକ୍ ଭାବେ ପାର୍କଗୁଡିକର ରକ୍ଷଣାବେକ୍ଷଣ କରୁ ନ ଥିବା ଅଭିଯୋଗ ହେଉଛି। ବର୍ତ୍ତମାନ କେଉଁ ପାର୍କରେ ଲାଇଟ୍ ଜଳୁନାହିଁ ତ ଆଉ କେଉଁଠି ଶୌଚାଳୟ ଅଛି ମାତ୍ର ତାର ଉପଯୋଗ ହୋଇନାହିଁ। ଏ ନେଇ ସହରବାସୀ ବାରମ୍ବାର ଆର୍‌ଏମ୍‌ସିର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହେଉଛି। ଅନ୍ୟପଟେ ପାର୍କଗୁଡିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ପ୍ଲାଷ୍ଟିକ ପାଇପ୍, ଗଛ ଲଗାଇବାକୁ କୁଣ୍ଡ ଆଦି ବ୍ୟବସ୍ଥା ଥିବାବେଳେ ଏସବୁର ବ୍ୟବହାର ମଧ୍ୟ ହେଉନାହିଁ। ପାର୍କଗୁଡିକରେ ଏସବୁ ଅବ୍ୟବସ୍ଥା ବିଶେଷ କରି ନିଶାଖୋରମାନଙ୍କୁ ସୁହାଉଛି। ଏ ନେଇ ଆର୍‌ଏମ୍‌ସି ଆୟୁକ୍ତ ଦୀନା ଦସ୍ତଗୀରଙ୍କୁ ପଚାରିବାରୁ ସେ କହିଲେ, ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ଯେଉଁସବୁ ପାର୍କ ଏଭଳି ଅବସ୍ଥାରେ ରହିଛି ସେସବୁ ପାର୍କର ନିରୀକ୍ଷଣ କରାଯିବା ସହ ରକ୍ଷଣାବେକ୍ଷଣ କାର୍ଯ୍ୟ ଦୃଢ଼ କରାଯିବ ବୋଲି ସେ କହିଥିଲେ।


ପ୍ରଧାନପାଲିସ୍ଥିତ ପାର୍କ ବ୍ୟାୟାମ ସରଞ୍ଜାମରେ ଲୁଗାପଟା ଶୁଖୁଛି।















# ଦର୍ଶକଙ୍କୁ ବିମୋହିତ କଲା ଲାବଣୀ, କୋଲି ନୃତ୍ୟ

- ଦୁଲଦୁଲି ମଞ୍ଚରେ ସାଂସ୍କୃତିକ ସମାଗମ
- ଜିଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଲୋକକଳାର ମହାକୁମ୍ଭ

ଝାରସୁଗୁଡ଼ା, ୨।୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ମହୋତ୍ସବ ଦୁଲଦୁଲିର ଦ୍ୱିତୀୟ ସନ୍ଧ୍ୟା ସ୍ଥାନୀୟ କଳା ଓ ସଂସ୍କୃତିର ଏକ ଅନନ୍ୟ ସମାଗମ ପାଲଟିଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବେଦାନ୍ତ ଲିମିଟେଡର ସିଇଓସି. ଚନ୍ଦ୍ରୁ, ପୌରପାଳିକା ଅଧ୍ୟକ୍ଷା ରାଣୀ ହାତୀ ଏବଂ କୋଲାବିରା ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ ଏବଂ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଉପସ୍ଥିତ ରହିଥିଲେ। ଏହି ଅବସରରେ ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ'ର ବରିଷ୍ଠ ଉପ-ସଭାପତି ଅଜିତ ସିଂହ ଏବଂ ଝାରସୁଗୁଡ଼ା 'ଅଲ୍ଟ୍ରାଟେକ ସିମେଣ୍ଟ ଲିମିଟେଡ'ର ୟୁନିଟ ହେଡ ପୁରୁଷୋତ୍ତମ ଭେମୁରୀଙ୍କୁ ଉତ୍ସବ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଦିନର ସାଂସ୍କୃତିକ ମଞ୍ଚରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନେ ନିଜର ଚିତ୍ତାକର୍ଷକ କଳା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ବିମଳ ବିଭାରଙ୍କ ନେତୃତ୍ୱରେ 'ମା' ବୈଷ୍ଣବୀ ସାଂସ୍କୃତିକ ଅନୁଷ୍ଠାନ' ଦ୍ୱାରା ସମ୍ବଲପୁରୀ ପଞ୍ଚରାଶି ନୃତ୍ୟରୁ ହୋଇଥିଲା। ଏହାପରେ ରୂପଶ୍ରୀ ମହାପାତ୍ରଙ୍କ ଦ୍ୱାରା ମାହାରୀ ନୃତ୍ୟ ଏବଂ ସତ୍ୟବାନ ମାଝୀଙ୍କ 'ସୁରଭି କଳା ପରିଷଦ' ଦ୍ୱାରା ଘୁଡୁକା ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା। ଭୁବନେଶ୍ୱରର 'ରୁଦ୍ରାକ୍ଷ ଫାଉଣ୍ଡେସନ' ପକ୍ଷରୁ ସପ୍ତମ ମଞ୍ଚନର ଦୃଶ୍ୟ ମଞ୍ଚସ୍ଥ ହୋଇଥିବା ବେଳେ, ମହାରାଷ୍ଟ୍ରରୁ ଆସିଥିବା 'ଅଦ୍ୱୈତ କଳାମଞ୍ଚ ସଂସ୍ଥାନ' ଲାବଣୀ ଓ କୋଲି ନୃତ୍ୟ ମାଧ୍ୟମରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ବାରାଣାସୀର ମୋନୁ ମହାରାଜଙ୍କ ଶିବ ବିବାହ ଏବଂ ଝାରସୁଗୁଡାର 'ଧରଣୀଧର ସଙ୍ଗୀତ ପରିଷଦ'ର ଦୁଲଦୁଲି ନୃତ୍ୟ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲା। ଏଥିସହିତ ହରିୟାଣାରୁ ଆସିଥିବା ମନୋଜ ଜାଲେଙ୍କ 'ଫଗ' ନୃତ୍ୟ, ଗଞ୍ଜାମର ରଣପା ଏବଂ କଳାହାଣ୍ଡିର 'ନୃତ୍ୟ ସାଗର ସାଂସ୍କୃତିକ ଅନୁଷ୍ଠାନ' ଦ୍ୱାରା ଘୁମୁରା ନୃତ୍ୟ ପରିବେଷିତ ହୋଇଥିଲା। ଏହିପରି ଭାବରେ ଦ୍ୱିତୀୟ ଦିନର ସାଂସ୍କୃତିକ ସନ୍ଧ୍ୟା ବିଭିନ୍ନ ରାଜ୍ୟର କଳା ଓ ସଂସ୍କୃତିର ମିଳନସ୍ଥଳ ପାଲଟିଥିଲା। ଅଜିତ ସିଂହ (ଓଡ଼ିଶା ମେଟାଲିକ୍ସ) ଏବଂ ପୁରୁଷୋତ୍ତମ ଭେମୁରୀ (ଅଲ୍ଟ୍ରାଟେକ ସିମେଣ୍ଟ)ଙ୍କୁ ଉତ୍ସବ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହିପରି ଭାବେ 'ଦୁଲଦୁଲି'ର ଦ୍ୱିତୀୟ ସନ୍ଧ୍ୟା ଏକ ସ୍ମରଣୀୟ ମୁହୂର୍ତ୍ତରେ ପରିଣତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣକେଶୀ ବଲିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ଛାତ୍ରୀଛାତ୍ରଙ୍କୁ ହକି କିଟ୍ ବଣ୍ଟନ କଲେ ରାଜସ୍ୱ ମନ୍ତ୍ରୀ



ଛାତ୍ରୀଛାତ୍ରଙ୍କ ଗହଣରେ ମନ୍ତ୍ରୀ।

ଲଖନପୁର, ୨।୧ (ଗୌତମ ସାହୁ)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ପିପ୍ଲିଖା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁରଲୀପାଲିର ଛାତ୍ରୀଛାତ୍ରଙ୍କୁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ହକି କିଟ୍ ବଣ୍ଟନ କରିଛନ୍ତି। ଲଖନପୁର ବ୍ଲକର ୧୧ଖଣ୍ଡ ମୌଜା ପିପ୍ଲିଖା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଏହି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିପ୍ଲିଖା ଉଚ୍ଚ ବିଦ୍ୟାଳୟର ସୁରଜ ରୋହିଦାସ ରାଜ୍ୟସ୍ତର, ଦିଗାମ୍ବର ବେହେରା ଜିଲାସ୍ତର, ବବିତା ଧୁରୁଆ, ନିଖିଲ ବେହେରିଆ ପ୍ରମୁଖ ନିଜ ପ୍ରତିଭା ଯୋଗୁ ବିଦ୍ୟାଳୟର ସମ୍ମାନ ବୃଦ୍ଧି କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଓ ଜିଲା ହକି ଆସୋସିଏଶନ, ଓଡିଶି ବନ୍ଦରପାଲି ସହଯୋଗରେ ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲଖନପୁର ବିଡିଓ ବିନୟ କୁମାର ପଟେଲ, ବିଇଓ ରାଜେନ୍ଦ୍ର ପ୍ରସାଦ ସାହୁ, କନକତୋରା ସରପଞ୍ଚ ସୁଶାନ୍ତ କୁମାର ଚଉନି, ହକି ଆସୋସିଏସନ ପକ୍ଷରୁ ରାଜ୍ୟ ଉପସଭାପତି ଜୀବନ ମହାନ୍ତି, ଜିଲା ହକି କମିଟି ସଦସ୍ୟ ସନାତନ ସାହୁ, ଗୌତି ଲାଟ, ଅଶ୍ୱିନୀ ଲାଟ, ସୋନୁ ରୋଲାଣ୍ଡ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା ଉତ୍ସବ

ଲଖନପୁର, ୨।୧ (ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବିଜାପାଲି ପଞ୍ଚ ଗାଁ ମହିମା ଆଶ୍ରମ ମହିମା ପୁରମଠାରେ ୪୧ତମ ବିଶ୍ୱ ଶାନ୍ତି ବ୍ରହ୍ମ ଯଜ୍ଞ ମହିମା ବାଲ୍ୟ ଲୀଳା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମରେ ଶୁକ୍ରବାର ବ୍ରହ୍ମ ମୁହୂର୍ତ୍ତରେ କଳସଯାତ୍ରା ମହା ସମାରୋହରେ ଆରମ୍ଭ ହୋଇ ଅଖଣ୍ଡ ବଟୀ ପ୍ରଜ୍ୱଳନ ବ୍ରହ୍ମ ଧୂନୀ ସ୍ଥାପନ ଅବଧୂତ ବୀରେନ୍ଦ୍ର କୁମାର ବାବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ରାତ୍ରି ସାରା ପ୍ରଭୁ ନାମ ଭଜନ ସତ୍ସଙ୍ଗ ସହ ୨ଟି ଆଠ ଭଜନ ଗାନ କରାଯାଇଥିଲା। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ହସ୍ତରେ ମହିମା କୁଟୀର ଉଦ୍‌ଘାଟନ ସହ ମହିମା ମଣ୍ଡପଠାରେ ଶରଣ ଦର୍ଶନ ବିଧାନ ହିନ୍ଦୀ ପୁସ୍ତକର ଶୁଭ ଉନ୍ମୋଚନ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏମ୍‌ପି ପ୍ରଦୀପ ପୁରୋହିତ ଓ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଛତିଶଗଡ଼ ରାଜ୍ୟ ସରିଆରୁ ମହିମା ଧର୍ମର ବରିଷ୍ଠ ଗବେଷକ ଭକ୍ତ ତ୍ରିଲୋଚନ ପଟେଲ ହିନ୍ଦୀ ଅନୁବାଦକ ଭକ୍ତ ବିରଞ୍ଚି ସାହୁ ବିଶ୍ୱଶାନ୍ତି ବ୍ରହ୍ମ ଯଜ୍ଞ ମହିମା ବାଲ୍ୟ ଲୀଳା କମିଟିର ସଭାପତି ସନତ କୁମାର ସିଂହ ଆଦି ଅନ୍ୟତମ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ପୁସ୍ତକ ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡାଙ୍କ ସହ ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ, ଛତିଶଗଡ଼ର ରାଇଗଡ଼ ଜିଲାରୁ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ଉପସ୍ଥିତ ଥିଲେ।

# ଦେବଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳିତ

ଦେବଗଡ଼, ୨।୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ଓ ଜିଲା ମହିଳା ଏକତା ମଞ୍ଚ ଆନୁକୂଲ୍ୟରେ ଗୁରୁବାର ୩୩ତମ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଗୋପବନ୍ଧୁ ଛକ (ବାଲକ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ)ନିକଟସ୍ଥ ଅସ୍ଥାୟୀ ମଣ୍ଡପର ଖୋଲା ମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ଦେବଗଡ଼ ଜିଲା ନାଗରିକ କମିଟି ସଭାପତି ସୁଶୀଳ କୁମାର କରଜଦାର, ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ସଭାପତି ରାମଚନ୍ଦ୍ର ମହାପାତ୍ର, ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥୀ, ଜିଲା ବ୍ରାହ୍ମଣ ସମାଜର ସଭାପତି ଅଶୋକ କୁମାର ମିଶ୍ର, ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚର ସଭାପତି ଚୌଧୁରୀ ବେହେରା, ସାମ୍ବାଦିକ ମିତ୍ରଭାନୁ ମହାପାତ୍ର, ବରିଷ୍ଠ ନାଗରିକ ତାରାକାନ୍ତ ମହାପାତ୍ର, ଯୁଧିଷ୍ଠିର ଦାଶ, ଶ୍ରୀମନ୍ତ ସାହୁ, ନିରଞ୍ଜନ ଦ୍ୱିବେଦୀ ସମେତ ଅନ୍ୟମାନେ ଯୋଗଦେଇଥିଲେ। ପ୍ରିତମ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଅଲୋଚନା ସଭାରେ ବହୁ ବକ୍ତା ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ୧୯୯୪ରେ ଅକ୍ଳାନ୍ତ ପରିଶ୍ରମ କରି ଦେବଗଡ଼ ସର୍ବଭିଜନଙ୍କୁ ନେଇ ଏକ ସ୍ୱତନ୍ତ୍ର ଜିଲାର ମାନ୍ୟତା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରଦୀପ୍ତ ଗଙ୍ଗଦେବଙ୍କ ସମେତ ବହୁ ସମ୍ମାନସ୍ପଦ ନେତା ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ଏଥିମାନେ ସ୍ମରଣ କରିଥିଲେ। ଦେବଗଡ଼ ଜିଲା ପ୍ରତିଷ୍ଠା ହେବାର ୩୨ ବର୍ଷ ମଧ୍ୟରେ ଜିଲାର ଯେତିକି ବିକାଶ ହେବା କଥା ତାହା ହୋଇ ନ ଥିବା ବକ୍ତାମାନେ କହିଥିଲେ। ଆଗାମୀ ଦିନରେ ନିର୍ବାଚିତ ଲୋକ ପ୍ରତିନିଧି, ଜିଲା ପ୍ରଶାସନ ଓ ଜିଲାବାସୀ ସକାରାତ୍ମକ ମନୋଭାବ ସହ ମିଳିତ ପ୍ରୟାସ କଲେ ଜିଲାର ସାମୁହିକ ବିକାଶ ହୋଇପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଜଗନ୍ନାଥ ନାୟକଙ୍କ ସଂଯୋଜନାରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଜିଲା ଯୁବ ଏକତା ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ର, ସନ୍ତୋଷ କୁମାର ଦେବତା, ମାନସ କୁମାର ଦ୍ୱିବେଦୀ, ଅହିଂସା ନାୟକ, ଜିଲା ମହିଳା ଏକତା ମଞ୍ଚର ରାଜଶ୍ରୀ ପାତ୍ର, ରଞ୍ଜିତା ସାହୁ, ମିନାକ୍ଷୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଦକ୍ଷତା ବିକାଶ ନିର୍ଦ୍ଦେଶିକାଙ୍କ ଆର୍‌ସେଟି ଗସ୍ତ

ବେଲପାହାଡ଼, ୨।୧ (ସୁଦେସ ପ୍ରଧାନ)

ବେଲପାହାଡ ସ୍ଥିତ ଡିଆଇଏଲ ଏସ୍‌ବିଆଇ ଆରସେଟିକୁ ଶୁକ୍ରବାର ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା ଗସ୍ତ କରି ଗ୍ରାମୀଣ ଯୁବକ ଯୁବତୀମାନଙ୍କୁ ଦିଆଯାଉଥିବା ତାଲିମ ବିଷୟରେ ଅବଗତ ହୋଇଛନ୍ତି। ପଣ୍ଡାଙ୍କ ସହ ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସଙ୍ଗୀତା ମେହେର, ସାମାଜିକ ଓ ଜୀବନ ଜୀବିକା ଓ ଡିଏମ୍‌ଏଫ୍ ଅଧିକାରୀ ତୁଷାର ମହନ୍ତ ଓ ସ୍ନେହ ଗୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଆରସେଟିରେ ତାଲିମ ନେଉଥିବା ଛାତ୍ରୀଙ୍କଠାରୁ ତାଲିମ ସମ୍ପର୍କିତ ତଥ୍ୟ ପଚାରି ବୁଝିଥିଲେ। ଏହି ଅବସରରେ ତାଲିମ କେନ୍ଦ୍ର ନିର୍ଦ୍ଦେଶକ ରାଜ କୁମାର ସାହୁଙ୍କ ସହ ରଜନୀକାନ୍ତ ନାୟକ, ସାଜିତ କୁଜୁର, ଅରୁଣ ପୁରୋହିତ, ମାନସ ରଞ୍ଜନ ବେହେରା, ରଶ୍ମି ରଞ୍ଜନ ମହାନ୍ତି ଓ ସନ୍ଧ୍ୟା ବାଗ ପ୍ରମୁଖ ତାଲିମ କେନ୍ଦ୍ର କର୍ମଚାରୀମାନେ ଉପସ୍ଥିତ ଥିଲେ। ଆଗକୁ କିଭଳି ଗ୍ରାମୀଣ ଯୁବତୀ ଯୁବକମାନଙ୍କୁ ତାଲିମ ପ୍ରଦାନ କରାଯାଇ ପାରିବ ସେ ବାବଦରେ ଆଲୋଚନା କରିଥିଲେ।

# ସରକାରୀ ଯୋଜନାରେ ଉପକୃତ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ

ଝାରସୁଗୁଡ଼ା, ୨।୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ପରିସରରେ ଶୁକ୍ରବାର ବିଭିନ୍ନ ସରକାରୀ ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସହାୟତା ରାଶି, ଜମି ପଟ୍ଟା ଏବଂ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ସମାଜର ଶେଷ ପାହାଚରେ ଥିବା ବ୍ୟକ୍ତିଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବା ଆମର ଲକ୍ଷ୍ୟ। ସେହିପରି ଏମ୍‌ପି ନିଜ ବକ୍ତବ୍ୟରେ କହିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ଝାରସୁଗୁଡ଼ାର ଯୁବପିଢ଼ି ଓ ଶ୍ରମିକ ଶ୍ରେଣୀ ଆଜି ଉପକୃତ ହେଉଛନ୍ତି। ନିଯୁକ୍ତିଠାରୁ ଆରମ୍ଭ କରି ବାସଗୃହ ଯୋଗାଇଦେବା ପର୍ଯ୍ୟନ୍ତ ପ୍ରତିଟି ପ୍ରତିଶ୍ରୁତି ପୂରଣ କରାଯାଉଛି। ସହରାଞ୍ଚଳରେ ବାସହୀନ ପରିବାରଙ୍କୁ ନିଜସ୍ୱ ପକ୍କାଘର ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଅଧୀନରେ ୭୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ଯୋଜନାରେ ପ୍ରତି ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ ୨.୫ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ପ୍ରଦାନ କରାଯାଉଛି। ଜିଲାର ଭୂମିହୀନ ଲୋକଙ୍କୁ ସ୍ଥାୟୀ ଠିକଣା ଦେବା ପାଇଁ ବସୁନ୍ଧରା ଯୋଜନା ଅନୁଯାୟୀ ୧୫୭ ଜଣ ହିତାଧିକାରୀଙ୍କୁ ଭୂମି ପଟ୍ଟା ପ୍ରଦାନ କରାଯାଇଛି। ଏହି ଅଭିଯାନରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବାସଗୃହ ନିର୍ମାଣ ପାଇଁ ୨ ଡେସିମିଲ ଲେଖାଏ ଜମି ଯୋଗାଇ ଦିଆଯାଇଛି। ଶିକ୍ଷା କ୍ଷେତ୍ରରେ ସମାନତା ଆଣିବା ପାଇଁ ସରକାରଙ୍କ ପକ୍ଷରୁ ୧୦ ଜଣ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ମାଗଣା ଲାପଟପ୍ ପ୍ରଦାନ କରାଯାଇଛି, ଯାହା ସେମାନଙ୍କ ଉଜ୍ଜ୍ୱଳ ଓ କ୍ୟାରିୟର ଗଠନରେ ସହାୟକ ହେବ। ଶ୍ରମ ଏବଂ ରାଜ୍ୟ କର୍ମଚାରୀ ବୀମା ବିଭାଗ ପକ୍ଷରୁ ଶ୍ରମିକ କଲ୍ୟାଣ ନିମନ୍ତେ ବ୍ୟାପକ ସହାୟତା ରାଶି ବଣ୍ଟନ କରାଯାଇଛି। ବିବାହ ସହାୟତା ଯୋଜନାରେ ୧୧ ଜଣ ହିତାଧିକାରୀଙ୍କୁ କନ୍ୟା ପିଛା ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଅସଂଗଠିତ କ୍ଷେତ୍ରର ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହେତୁ ସେମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଅନ୍ୟ ୭ ଜଣ ଉତ୍ତରାଧିକାରୀଙ୍କୁ ଜଣ ପିଛା ୩୧.୦୫ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲାର ବେକାର ଯୁବଯୁବତୀଙ୍କୁ ରୋଜଗାରକ୍ଷମ କରିବା ପାଇଁ ଜିଲା ନିୟୋଜନ କାର୍ଯ୍ୟାଳୟ ମାଧ୍ୟମରେ ୧୪ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ ବିଭିନ୍ନ ଘରୋଇ ସଂସ୍ଥାରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ସମାରୋହରେ ଝାରସୁଗୁଡ଼ା ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ତହସିଲଦାର ସବ୍ୟସାଚୀ କୁମାର, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ବେହେରା ଏବଂ ଜିଲା ପ୍ରଶାସନର ବହୁ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଏମ୍‌ପି ଓ ବିଧାୟକ ଜଣେ ଛାତ୍ରଙ୍କୁ ଲାପଟପ ପ୍ରଦାନ କରୁଛନ୍ତି।

# ସ୍ତ୍ରୀ ଆଗରେ ସ୍ୱାମୀଙ୍କ ଆତ୍ମହତ୍ୟା

ବ୍ରଜରାଜନଗର, ୨।୧ (ବିଜୟ ବଡାଡ୍)

ସ୍ଥାନୀୟ ଓରିଏଣ୍ଟ ଥାନା ଅନ୍ତର୍ଗତ କାଳୀନଗର କଲୋନିରେ ଗୁରୁବାର ରାତିରେ ସ୍ତ୍ରୀ ଆଗରେ ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପଵନ ବିଶ୍ୱକର୍ମା (୨୨)। ଘଟଣା ଦିନ ସନ୍ଧ୍ୟାରେ ମୃତକ ଜଣକ ବଜାରରେ ଥିବାବେଳେ ଘରେ ତାଙ୍କ ସ୍ତ୍ରୀ ଏକୁଟିଆ ଥିଲେ। ରାତି ପ୍ରାୟ ସାଢ଼େ ୮ଟାରେ ପଵନ ହଠାତ୍ ଘରେ ପହଞ୍ଚିଥିଲେ। ଘରେ କାହାକୁ କିଛି ନ କହି ଆକ୍ରେଷ୍ଟରେ ଲାଗିଥିବା ଲୁହା ଆଙ୍ଗେଲରେ ରଶି ଲଗାଇ ଝୁଲିପଡ଼ିଥିଲେ। ଓରିଏଣ୍ଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରାଇ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୩/୨୦୨୬ Bhubaneswar, Saturday, January 3/ 2026




# ଆଜିଠୁ ପୁରୁଷ ହକି ଇଣ୍ଡିଆ ଲିଗ୍


ହକି ଇଣ୍ଡିଆ ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା ୮ ଦଳର ଅଧିନାୟକ।

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)** ଚେନ୍ନାଇର ମେୟର ରାଧାକ୍ରିଶନ ହକି ଷ୍ଟାଡିୟମରେ ଶନିବାରଠାରୁ ପୁରୁଷ ହକି ଇଣ୍ଡିଆ ଲିଗ୍ ଆରମ୍ଭ ହେବାକୁ ଯାଉଛି। ତାମିଲନାଡୁ ଡ୍ରାଗନ୍ସ ଓ ହାଇଦ୍ରାବାଦ ତୋଫାନ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ସନ୍ଧ୍ୟା ୭ଟା ୩୦ରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଅନ୍ୟ ୬ ଦଳ ହେଲେ ଦିଲ୍ଲୀ ଏସ୍‌ଜି ପାଇପର୍ସ, ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ, ବେଦାନ୍ତ କଳିଙ୍ଗ ଲାନ୍ସର୍ସ, ରାଞ୍ଚି ରୟାଲ୍ସ, ରର୍ ବେଙ୍ଗଲ ଟାଇଗର୍ସ ଓ ସୁର୍‌ମା ହକି କ୍ଲବ। ପୁନରୁଦ୍ଧାର ହେବାପରେ ଏହା ହେଉଛି ଏଚ୍‌ଆଇଏଲ୍‌ର ଦ୍ୱିତୀୟ ସଂସ୍କରଣ। ଚେନ୍ନାଇରେ ଏହି ଲିଗ୍ ଚଳିତ ମାସ ୩ରୁ ୯ ପର୍ଯ୍ୟନ୍ତ ହେବାପରେ ରାଞ୍ଚିରେ ୧୧ରୁ ୧୬ ପର୍ଯ୍ୟନ୍ତ ଖେଳାଯିବ। ଲିଗ୍‌ର ଶେଷ ପର୍ଯ୍ୟାୟ ଭୁବନେଶ୍ୱରରେ ୧୭ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କଳିଙ୍ଗ ଷ୍ଟାଡିୟମରେ ୯ଟି ଲିଗ୍ ମ୍ୟାଚ ସହ ସମସ୍ତ ନକ୍‌ଆଉଟ ଗେମ୍ ଆୟୋଜନ ହେବ। ଫାଇନାଲ ଜାନୁଆରୀ ୨୬ରେ ଅନୁଷ୍ଠିତ ହେବ। ଅଧିକରୁ ଅଧିକ ହକି ପ୍ରଶଂସକଙ୍କ ସହ ଯୋଡ଼ି ହେବାଲାଗି ଏଚ୍‌ଆଇଏଲ୍‌କୁ ଏଥର ୩ ସହରରେ ଆୟୋଜନ କରାଯାଉଛି। ଗତ ସଂସ୍କରଣରେ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ଚାମ୍ପିୟନ ଓ ହାଇଦ୍ରାବାଦ ତୋଫାନ୍ସ ରନରଅପ୍ ହୋଇଥିଲା।

ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ରାଉଣ୍ଡ ରବିନ ଭିତ୍ତିରେ ଖେଳାଯିବ। ଟପ୍-୪ ଦଳ ନକ୍‌ଆଉଟ ରାଉଣ୍ଡରେ ପ୍ରବେଶ କରିବେ। ଲିଗ୍ ପର୍ଯ୍ୟାୟ ଶେଷରେ ଶୀର୍ଷରେ ଥିବା ଦୁଇ ଦଳ ମଧ୍ୟରେ କ୍ୱାଲିଫାୟର-୧ ଜାନୁଆରୀ ୨୩ରେ ଅନୁଷ୍ଠିତ ହେବ। ଏହାର ବିଜେତା ସିଧାସଳଖ ଫାଇନାଲରେ ପ୍ରବେଶ କରିବ। ୩ ଓ ୪ ନମ୍ବର ସ୍ଥାନ ମଧ୍ୟରେ ଥିବା ଦଳ ମଧ୍ୟରେ ଏଲିମିନେଟର ମଧ୍ୟ ସେହିଦିନ ଖେଳାଯିବ। ଏହାର ବିଜେତା ଓ କ୍ୱାଲିଫାୟର-୧ର ପରାଜିତ ଦଳ ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟର ୨୫ ତାରିଖରେ ଅନୁଷ୍ଠିତ ହେବ। ଦୁଇ କ୍ୱାଲିଫାୟରର ବିଜେତା ମଧ୍ୟରେ ଫାଇନାଲ ୨୬ ତାରିଖରେ ଖେଳାଯିବ। ଏଲିମିନେଟର ଓ କ୍ୱାଲିଫାୟର-୨ର ପରାଜିତ ଦଳ ମଧ୍ୟରେ ୩ୟ ସ୍ଥାନ ପାଇଁ ମ୍ୟାଚ ସେହି ୨୬ ତାରିଖରେ ଅନୁଷ୍ଠିତ ହେବ।


ଲିଗ୍‌ରେ ଭାରତର ଅନେକ ଅଭିଜ୍ଞ ଏବଂ ଯୁବ ଖେଳାଳିଙ୍କୁ ଦେଖିବାକୁ ମିଳିବ। ସେହିପରି ଅନେକ ବିଦେଶୀ ତାରକା ଖେଳାଳି ଆକର୍ଷଣରେ ରହିବେ।

### କେଉଁଠି କେବେ

- ଚେନ୍ନାଇ: ଜାନୁଆରୀ ୩ରୁ ୯
- ରାଞ୍ଚି: ଜାନୁଆରୀ ୧୧ରୁ ୧୬
- ଭୁବନେଶ୍ୱର: ଜାନୁଆରୀ ୧୭ରୁ ୨୬

ଭାରତୀୟ ତାରକା ଖେଳାଳିଙ୍କ ମଧ୍ୟରେ ଅଧିନାୟକ ହରମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ମନପ୍ରୀତ ସିଂ, ରୂପିନ୍ଦର ପାଲ୍ ସିଂ ଏବଂ ଯୁବ ଖେଳାଳିଙ୍କ ମଧ୍ୟରେ ରୋହିତ, ଧୀରଜ ସିଂ, ଅମିର ଅଲୀ, ମନମିତ, ସୁନୀଲ ପି.ଆର., ପ୍ରିନ୍ସଦୀପ ସିଂ ସାମିଲ ଅଛନ୍ତି। ସେହିପରି ବିଦେଶୀ ଖେଳାଳିଙ୍କ ମଧ୍ୟରେ ଟମ୍ ବୁନ୍, ଖ୍ରିଷ୍ଟୋଫର ରୁହର, ଭିନସେଣ୍ଟ ଭାନାଶ୍, ଭିକ୍ଟର ୱେଗ୍‌ନେଜ, ଆର୍ଥର ଭାନ୍ ଡୋରେନ, ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ, ସାମ୍ ୱାର୍ଡ ପ୍ରଭୃତିଙ୍କ ଉପରେ ନଜର ରହିବ।

## ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା କଳିଙ୍ଗ ଲାନ୍ସର୍ସ ଦଳ


ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳ ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)** ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଆଗାମୀ ସଂସ୍କରଣ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଚଳାଇଥିବା ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳର ଖେଳାଳି, ସପୋର୍ଟ ଷ୍ଟାଫ୍ ଓ କର୍ମକର୍ତ୍ତାମାନେ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଖେଳାଳିମାନେ ଚଳିତ ସିଜନ ଲାଗି ସେମାନଙ୍କର ଅଫିସିଆଲ ଜର୍ସି ଉପ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଖେଳାଳି ଓ ଅଫିସିଆଲଙ୍କ ସହ ବେଦାନ୍ତ, ଝାରସୁଗୁଡ଼ାର ସିଇଓ ସି. ଚନ୍ଦୁ ଓ ଆଲୁମିନିୟମ ମାଇନ୍ସର ସିଏଫ୍‌ଓ ଏସ୍. ସୁରେଶ ଉପସ୍ଥିତ ଥିଲେ। ‘‘ଆମକୁ ସମୟ ଦେଇଥିବାରୁ ଏବଂ ଖେଳାଳିଙ୍କୁ ଉତ୍ସାହିତ କରିଥିବାରୁ ଆମେ କନକ ବର୍ଦ୍ଧନ ସିଂଦେଓଙ୍କ ନିକଟରେ କୃତଜ୍ଞ। ଭାରତୀୟ ହକି ଯାତ୍ରାରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛି। ବେଦାନ୍ତ କଳିଙ୍ଗ ଲାନ୍ସର୍ସ ମାଧ୍ୟମରେ ଆମେ ହକିକୁ ସମର୍ଥନ ଲାଗି ପ୍ରତିଶ୍ରୁତିବଦ୍ଧ। ନୂଆ ସିଜନ ଲାଗି ପ୍ରସ୍ତୁତ ହେଉଥିବା ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଆମର ଶୁଭେଚ୍ଛା। ଏହି ଦଳ ରାଜ୍ୟକୁ ଗର୍ବିତ କରିବାନେଇ ଆମେ ଆଶାବାଦୀ’’ ବୋଲି ସିଇଓ ଚନ୍ଦୁ ପ୍ରକାଶ କରିଛନ୍ତି। ଆଗାମୀ ଲିଗ୍‌ରେ କଳିଙ୍ଗ ଲାନ୍ସର୍ସ ଭଲ ପ୍ରଦର୍ଶନ କରିବାନେଇ ମୁଖ୍ୟ କୋଚ୍ ଜେ. ଷ୍ଟାସି ଆଶାପ୍ରକାଶ କରିଛନ୍ତି। ଚେନ୍ନାଇରେ ଲିଗ୍‌ର ପ୍ରଥମ ଚରଣ ଆରମ୍ଭ ହେବାକୁ ଯାଉଥିବାବେଳେ ଆସନ୍ତା ୪ରୁ କଳିଙ୍ଗ ଲାନ୍ସର୍ସର ଅଭିଯାନ ଆରମ୍ଭ ହେବ।


କଳିଙ୍ଗ ଷ୍ଟାଡିୟମରେ ପୁରୁଷ ହକି ଇଣ୍ଡିଆ ଲିଗ୍‌ର ପ୍ରସ୍ତୁତି ତଦାରଖ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

## ବାଂଲାଦେଶରେ କ୍ରିକେଟ ସିରିଜ ଖେଳିବ ଭାରତ

**ଢାକା, ୨।୧ (ପି.ଟି.):** ଭାରତ ଚଳିତବର୍ଷ ସେପ୍ଟେମ୍ବରରେ ବାଂଲାଦେଶରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ କ୍ରିକେଟ ସିରିଜ ଖେଳିବ। ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ତରଫରୁ ଶୁକ୍ରବାର ଘୋଷଣା କରାଯାଇଛି। ବାଂଲାଦେଶରେ ବର୍ତ୍ତମାନ ଅସ୍ଥିରତା ଓ ଅରାଜକତା ଦେଖାଦେଇଛି। ଏହି ପରିସ୍ଥିତିରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ବାଂଲାଦେଶକୁ ଏହାର ଦଳ ପଠାଇବ କି ନା ସେ ସମ୍ପର୍କରେ ତାହା ସ୍ପଷ୍ଟ କରିନାହିଁ। ବିସିବି ତରଫରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି ଯେ, ତିନୋଟି ଦିନିକିଆ ମ୍ୟାଚ ସେପ୍ଟେମ୍ବର ୧, ୨ ଓ ୩ ତାରିଖରେ ଖେଳାଯିବାକୁ ଥିବାବେଳେ ଟି୨୦ ମ୍ୟାଚଗୁଡ଼ିକ ସେପ୍ଟେମ୍ବର ୯, ୧୨ ଓ ୧୩ରେ ଖେଳାଯିବ।

## ଜାତୀୟ ଜୁନିୟର ଫେନ୍‌ସିଂ ୫ରୁ



ପ୍ରତିଯୋଗିତା ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)** କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୩୩ତମ ଜାତୀୟ ଜୁନିୟର (ବାଳିକା/ବାଳକ) ଫେନ୍‌ସିଂ ଚାମ୍ପିୟନଶିପ୍ ଚଳିତ ମାସ ୫ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆ ସହଯୋଗରେ ଓଡ଼ିଶା ରାଜ୍ୟ ଫେନ୍‌ସିଂ ଆସୋସିଏଶନ ଏହି ପ୍ରତିଯୋଗିତାକୁ ଆୟୋଜନ କରିବ। ପ୍ରତିଯୋଗିତା ଲାଗି ୫୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ଶୁକ୍ରବାର ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଦିନ ସକାଳ ୮ଟାରୁ ଅପରାହ୍ନ ୧ଟା ଏବଂ ୩ଟାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାର ସୁପରିଚାଳନାଲାଗି ଏକ ଆୟୋଜକ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ତଥା ପୂର୍ବତନ ଏମ୍‌ପି ଅନଙ୍ଗ ଉଦୟ ସିଂଦେଓ ମୁଖ୍ୟ ପରାମର୍ଶଦାତା, କାର୍ଯ୍ୟକାରୀ ସଭାପତି ହରି ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷ, ଯୁଗ୍ମ ସମ୍ପାଦକ ସୁମିତ କୁମାର ପୁରୋହିତ ସମ୍ପାଦକ ଏବଂ ୧୧ ଜଣ ସଦସ୍ୟ ରହିଛନ୍ତି।

### ଆଜିଠାରୁ ଡାକାର ରାଲି

## ୭ମ ଥର ଭାଗ ନେବେ ଭାରତୀୟ ହରିଥ୍

**ୟାନ୍‌ବୁ, ୨।୧ (ପି.ଟି.):** ବିଶ୍ୱର ସବୁଠାରୁ କଠିନ ମୋଟର ସ୍ପୋର୍ଟ୍ସ ଇଭେଣ୍ଟ ଡାକାର ରାଲିର ୪୮ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା କ୍ରମାଗତ ୬ଥର ପାଇଁ ସାଉଦି ଆରବରେ ଆୟୋଜିତ ହୋଇଛି। ଭାରତର ଅଗ୍ରଣୀ ରାଲି ରେଡ୍-ରାଇଡର ୩୨ବର୍ଷୀୟ କେରଳର ହରିଥ ନୋଆ ୭ମ ଥର ପାଇଁ ଏହି ରେସ୍‌ରେ ଭାଗନେବାକୁ ଯାଉଛନ୍ତି। ହରିଥ ତାଙ୍କ ୭ମ ଡାକାର ରେସ୍‌ରେ ଟିଭିଏସ୍ ଶେର୍‌କୋ ଆର୍‌ଟିଆର୍ ୪୫୦ ବାଇକ୍ ବ୍ୟବହାର କରିବେ।

## ରାମେଶ୍ୱର-ମୁକ୍ତେଶ୍ୱର ଫାଇନାଲ

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)** ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ୍ ଦି ରେଡ୍ ଷ୍ଟାରକୁ ହରାଇ ମୁକ୍ତେଶ୍ୱର ଫାଇନାଲରେ ପ୍ରବେଶ କରିଛି। ମୁକ୍ତେଶ୍ୱର ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କ୍ଲବ ଦି ରେଡ୍ ଷ୍ଟାର ଦଳ ୩୦ ଓଭରରେ ୮ ଉଇକେଟ ହରାଇ ୧୪୯ ରନ କରିଥିଲା। ଦଳ ପକ୍ଷରୁ ଅରବିନ୍ଦ ମୁଦୁଲି ସର୍ବାଧିକ ୩୯ ଓ କ୍ଷୀରୋଦ ଭଞ୍ଜ ୩୬ ରନ କରିଥିଲେ। ବିପକ୍ଷ ଦଳର ଅଭିଷେକ ଓ ଶ୍ଳୋକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ୨୫.୫ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଭୁବନେଶ ସାମଲ ସର୍ବାଧିକ ୪୦ ଓ ଅଂଶୁମାନ ଦାସ ୩୩ ରନ କରିଥିବାବେଳେ ଆୟନ ନାୟକ ୩୩ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ୨୧.୫ ଓଭର ବେଳକୁ ୧୦୮ ରନରେ ୬ ଉଇକେଟ ହରାଇ ସାରିଥିବା ମୁକ୍ତେଶ୍ୱରକୁ ଧୈର୍ଯ୍ୟପୂର୍ଣ୍ଣ ୩୩ ରନର ଇନିଂସ ଖେଳି ଜିତାଇଥିବା ଆୟନ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ଲବ ଉପସଭାପତି ଅଜିତ କୁମାର ବିଶ୍ୱାଳ ପୁରସ୍କାର ପ୍ରଦାନ କରିଥିଲେ।

## ମାରିଜନେ ପୁଣି ମହିଳା ହକି କୋଚ୍



**ନୂଆଦିଲ୍ଲୀ, ୨।୧ (ପି.ଟି.)** ନେଦରଲାଣ୍ଡ୍ସର ଜୋର୍ଡ ମାରିଜନେ ପୁନର୍ବାର ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଭାରତ ଟୋକିଓ ଅଲିମ୍ପିକ ଗେମ୍ସରେ ଐତିହାସିକ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ୫୧ ବର୍ଷୀୟ ମାରିଜନେ ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ ଭାରତୀୟ ମହିଳା ଦଳ ସହିତ ସମ୍ପୃକ୍ତ ଥିଲେ। ମାଟିଆସ୍ ଭିଲା ତାଙ୍କୁ ଆନାଲିଟିକାଲ କୋଚ୍ ଭାବେ ସହାୟତା କରିବେ। ଭିଲା ହେଉଛନ୍ତି ଜଣେ ପୂର୍ବତନ ଆର୍ଜେଣ୍ଟିନା ମିଡ୍‌ଫିଲ୍ଡର। ୧୯୯୭ରେ ସେ ତାଙ୍କର ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସ ଓ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ସେ ତାଙ୍କ ଦେଶରୁ ପ୍ରତିନିଧିତ୍ୱ କରିଥିଲେ। ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ କୋଚିଂ ପେସାରେ ନିଜକୁ ନିୟୋଜିତ କରିଛନ୍ତି। ଭାରତୀୟ ହକି ସେଟ୍‌ଅପ୍‌କୁ ଫେରିବା ପରେ ୱେନ୍ ଲୋମ୍ବାର୍ଡ ବୈଜ୍ଞାନିକ ପରାମର୍ଶଦାତା ଏବଂ ଆଥଲେଟିକ୍ ପ୍ରଦର୍ଶନର ମୁଖ୍ୟଭାବରେ କାର୍ଯ୍ୟ କରିବେ। ତାଙ୍କୁ ବୈଜ୍ଞାନିକ ପରାମର୍ଶଦାତା ଭାବେ ସହାୟତା କରିବେ ରୋଡେଟ୍ ୟିଲା ଓ ସିଆରା ୟିଲା। ମାରିଜନେଙ୍କ କାର୍ଯ୍ୟକାଳ ସମୟରେ ଭାରତ ବିଶ୍ୱ ଟପ୍ ୧୦ ର୍‌ୟାଙ୍କିଂରେ ପ୍ରବେଶ କରିଥିଲା। ମାର୍ଚ୍ଚ ୮ରୁ ୧୪ ତେଲଙ୍ଗାନାର ହାଇଦ୍ରାବାଦଠାରେ ହେବାକୁଥିବା ମହିଳା ବିଶ୍ୱକପ୍ କ୍ୱାଲିଫାୟର୍ସ ମୁଖ୍ୟ କୋଚ୍ ଭାବେ ମାରିଜନେଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ। ମାରିଜନେ ଜାନୁଆରୀ ୧୪ରେ ଭାରତରେ ପହଞ୍ଚିବେ।

## ଓଡ଼ିଶା ଦଳକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)** ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍‌ର ମିକ୍ସଡ ଟିମ୍ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଆନ୍ଧ୍ର ପ୍ରଦେଶ ସ୍ୱର୍ଣ୍ଣ, ଛତିଶଗଡ଼ ରୌପ୍ୟ ଓ ବିହାର ଅନ୍ୟତମ ଦଳଭାବେ ବ୍ରୋଞ୍ଜ ପଦକ ଜିତିଛି। ଉଦ୍‌ଯାପନୀ ଉତ୍ସବରେ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କେଟି ଗ୍ଲୋବାଲ ସ୍କୁଲ ପ୍ରିନ୍ସିପାଲ ରିଙ୍କୁ ଷଡ଼ଙ୍ଗୀ, ଆଇନଜୀବୀ ପ୍ରଶାନ୍ତ ବର୍ମା, ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ଉପସଭାପତି ରମେଶ ଚନ୍ଦ୍ର ଦାସ, ସମ୍ପାଦକ ଏମ୍‌ଡି ଆଜମ, ଆମେଚର ସଫ୍ଟ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ ସିଇଓ ଅନିକେତ ଖୋଦାଧାରା, ସିଓଓ ହସମୁକ ବେଗଡ଼ା, ସ୍ୱତନ୍ତ୍ର ପରାମର୍ଶଦାତା ହରସଙ୍ଗ ଖୋଦାଧାରା, ସାମାଜିକକର୍ମୀ ବସନ୍ଦ କୁମାର ବାଡୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କଠାରୁ ପଦକ ଓ ପୁରସ୍କାର ଗ୍ରହଣ ଅବସରରେ ଓଡ଼ିଶା ସବ୍‌ଜୁନିୟର ସଫ୍ଟ ଟେନିସ ଦଳ।

## ଅଭିଷେକ ରାଉତଙ୍କ ଅବସର

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)** ଓଡ଼ିଶାର ସିନିୟର କ୍ରିକେଟର ଅଭିଷେକ ସନ୍ତୋଷ କୁମାର ରାଉତ କ୍ରିକେଟ୍‌ର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଜଣେ ଅଲ୍‌ରାଉଣ୍ଡରଭାବେ ପରିଚିତ ଅଭିଷେକ ଜଣେ ଡାହାଣହାତୀ ବ୍ୟାଟର ଓ ଲେଗ୍ ବ୍ରେକ୍ ବୋଲର ଥିଲେ। ଘରୋଇ କ୍ରିକେଟରେ ସେ ମହାରାଷ୍ଟ୍ର, ମୁମ୍ବାଇ, ଗୋଆ ଏବଂ ଓଡ଼ିଶା ଆଦି ଏକାଧିକ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ୨୦୦୯ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସେ ରାଜସ୍ଥାନ ରୟାଲ୍ସ ଦଳର ସଦସ୍ୟ ଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ସେ ୨୬ ମ୍ୟାଚରୁ ୧୧୩୧ ରନ ଓ ୨୪ ଉଇକେଟ, ଲିଷ୍ଟ-ଏ କ୍ରିକେଟରେ ୪୭ ମ୍ୟାଚରୁ ୯୧୩ ରନ ଓ ୩୫ ଉଇକେଟ ଏବଂ ଟି୨୦ କ୍ରିକେଟରେ ୬୬ ମ୍ୟାଚରୁ ୭୨୧ ରନ କରିବା ସହ ୨୬ ଉଇକେଟ ନେଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ



ସଦସ୍ୟମାନେ ଅଭିଷେକଙ୍କୁ ଭବିଷ୍ୟତର ଲକ୍ଷ୍ୟପନ୍ଥା ନେଇ ଶୁଭେଚ୍ଛା ଜଣାଇଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ